

ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର
▸ଭିତର ପୃଷ୍ଠାରେ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-197 •BHUBANESWAR •THURSDAY •11 JANUARY 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୯୭ •ଭୁବନେଶ୍ୱର •ଗୁରୁବାର •୧୧ ଜାନୁଆରୀ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦



DSPL-531

5 | ଓଡ଼ିଶା ସରକାର | ମୋ ସ୍କୁଲ

ଆମ ଓଡ଼ିଶା
ନବୀନ ଓଡ଼ିଶା

5

## ୪ର୍ଥ ପର୍ଯ୍ୟାୟରେ ୫ଟି ଜିଲ୍ଲାର

# ୩୮୯ ରୂପାନ୍ତରିତ ହାଇସ୍କୁଲ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

**ଲୋକାର୍ପଣ**

୧୧ ଜାନୁଆରୀ ୨୦୨୪



ଗଞ୍ଜାମ
୧୪୯ ହାଇସ୍କୁଲ



ଝାରସୁଗୁଡ଼ା
୧୧ ହାଇସ୍କୁଲ



ଜଗତସିଂହପୁର
୫୭ ହାଇସ୍କୁଲ



କେନ୍ଦ୍ରାପଡ଼ା
୧୧୨ ହାଇସ୍କୁଲ



ବରଗଡ଼
୬୦ ହାଇସ୍କୁଲ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

OIPR-27045/13/0036/2324

## ନାବାଳିକାଙ୍କୁ ଦୁଷ୍କର୍ମ: ନେପାଳୀ ଧର୍ମଗୁରୁ ଗିରଫ

● ଘରୁ ୨ କୋଟି ଟଙ୍କା ଜବତ



**କାଠମାଣ୍ଡୁ, ୧୦।୧ (ଏଜେନ୍ସି):** ଆଶ୍ରମରେ ନାବାଳିକା ଶିଷ୍ୟା (୧୫) ଙ୍କୁ ଦୁଷ୍କର୍ମ ମାମଲାରେ ଧର୍ମଗୁରୁ ରାମ ବହାଦୁର ବୋମଜନକୁ ନେପାଳ ପୁଲିସ ଗିରଫ କରିଛି। ବୋମଜନର ଭକ୍ତ ତାକୁ ଭଗବାନଙ୍କ ଅବତାର ମାନୁଥିଲେ। ଗିରଫ ସମୟରେ ତା ଘରୁ ୩୦ ନିୟୁତ ନେପାଳୀ ଟଙ୍କା (ପ୍ରାୟ ୨ କୋଟି ଟଙ୍କା) ଜବତ କରାଯାଇଛି। ଏହା ବ୍ୟତୀତ ୧୬ ଦେଶର ମୁଦ୍ରା ମଧ୍ୟ ମିଳିଛି। ରିପୋର୍ଟ ଅନୁଯାୟୀ ଶିଷ୍ୟା ବୋମଜନର ଆଶ୍ରମରେ ରହୁଥିଲେ। ୨୦୧୬ ଅଗଷ୍ଟରେ ସେ ଶିଷ୍ୟାଙ୍କୁ ନିଜ ପ୍ରକୋଷ୍ଠକୁ ଡକାଇ ଜୋର ଜବରଦସ୍ତି ଶାରୀରୀକ ସମ୍ବନ୍ଧ ରଖିଥିଲା। ଏ ବିଷୟରେ କାହାକୁ କହିଲେ ମାରିଦେବ ବୋଲି ଧମକ ଦେଇଥିଲା। ଏହା ପୂର୍ବରୁ ୨୦୧୦ରେ ମଧ୍ୟ ବୋମଜନ ବିରୋଧରେ ମାରପିଟ ମାମଲା ରୁଜୁ ହୋଇଥିଲା।

● ପ୍ରଫେସରଙ୍କ ହାତ କାଟିବା ମାମଲା

## ୧୩ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ



**ତିରୁଅନନ୍ତପୁରମ, ୧୦।୧ (ଏଜେନ୍ସି):** କେରଳର ଏକ ମହାବିଦ୍ୟାଳୟର ପ୍ରଫେସରଙ୍କ ହାତି କାଟିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ସାଭଦକୁ ଏନ୍‌ଆଇଏ ବୁଧବାର ଗିରଫ କରିଛି। ସେ ୧୩ ବର୍ଷରୁ ଅଧିକ ସମୟ ହେଲା ଫେରାର ଥିଲା। ତା ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସାଭଦ ନିଷିଦ୍ଧ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫଆଇ)ର ସଦସ୍ୟ ଥିଲା। ସେ ଆଉ ୬ ଜଣଙ୍କ ସହ ମିଶି ୨୦୧୦ ଜୁଲାଇ ୪ରେ ନ୍ୟୁମେନ ମହାବିଦ୍ୟାଳୟର ପ୍ରଫେସର ଟିଜେ ଯୋସେଫଙ୍କ ଡାହାଣ ହାତ ପାପୁଲି କାଟି ଦେଇଥିଲା। ଏକ ସେମିଷ୍ଟାର ପରୀକ୍ଷା ପାଇଁ ପ୍ରଫେଶର ପ୍ରସ୍ତୁତ କରିଥିବା ପ୍ରଶ୍ନପତ୍ରରେ ପୈଗମ୍ବର ମହମ୍ମଦଙ୍କ ବିରୋଧରେ ବିବାଦୀୟ ବୟାନ ଦେଇଥିଲେ। ଏଥିପାଇଁ ଆକ୍ରମଣକାରୀ ତାଙ୍କୁ ମାରିବାକୁ ଚାହୁଁଥିଲେ।

## ମୃତ୍ୟୁର ବର୍ଷେ ପରେ ମୁଶରଫଙ୍କୁ ମୃତ୍ୟୁଦଣ୍ଡ



**ଇସଲାମାବାଦ, ୧୦।୧ (ଏଜେନ୍ସି):** ପାକିସ୍ତାନରୁ ଏକ ଅଜବ ମାମଲା ଆସିଛି। ମୃତ୍ୟୁର ବର୍ଷେ ପରେ ପାକିସ୍ତାନର ପୂର୍ବତନ ଏକଛତ୍ରଶାସକ ତଥା ରାଷ୍ଟ୍ରପତି ପରଭେଜ ମୁଶରଫଙ୍କୁ ସୁପ୍ରିମକୋର୍ଟ ମୃତ୍ୟୁଦଣ୍ଡ ଦେଇଛନ୍ତି। ୨୦୦୭ର ଦେଶଦ୍ରୋହ ମାମଲାରେ ପାକିସ୍ତାନର ପ୍ରଧାନ ବିଚାରପତି କାଜି ଫୈଜଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ବୁଧବାର ଏହି ରାୟ ଶୁଣାଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଜରୁରୀକାଳୀନ ସ୍ଥିତି ଲଗାଇବାକୁ ନେଇ ସ୍ୱତନ୍ତ୍ର କୋର୍ଟ ୨୦୧୯ରେ ମୁଶରଫଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ୨୦୨୦ ଜାନୁଆରୀରେ ଲାହୋର ହାଇକୋର୍ଟ ଏହାକୁ ଖାରଜ କରି ଦେଇଥିଲେ। ଦଣ୍ଡାଦେଶକୁ ସମ୍ବିଧାନ ବିରୋଧୀ ବୋଲି କହିଥିଲେ। ଏହା ବିରୋଧରେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଦଳ ସୁପ୍ରିମକୋର୍ଟ ଯାଇଥିଲା। ୨୦୦୭ରେ ଜରୁରୀକାଳୀନ ସ୍ଥିତି ଲଗାଇବାକୁ ଅସାମ୍ବିଧାନିକ କୁହାଯାଇଥିଲା। ଗତ ବର୍ଷ ମୁଶରଫଙ୍କ ମୃତ୍ୟୁ ସତ୍ତ୍ୱେ ମାମଲା ଚାଲିଥିଲା। ଏବେ ଏହାର ନିଷ୍ପତ୍ତି ଶୁଣାଯାଇଛି।

● ସେନା ବନାମ୍ ସେନା ମାମଲାରେ ବାଚସ୍ପତିଙ୍କ ରାୟ

# ସିନ୍ଦେ ଗୋଷ୍ଠୀ ପ୍ରକୃତ ଶିବସେନା

**ମୁମ୍ବାଇ ,୧୦।୧(ଏଜେନ୍ସି)**





୨୦୨୨ ଜୁନ୍‌ରେ ଶିବସେନା ଦୁଇ ଫାଳ ହେବା ପରେ ଉଭୟ ଗୋଷ୍ଠୀର ବିଧାୟକମାନଙ୍କ ଆଯାଗ୍ୟତାକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାରେ ଅନ୍ତ ଘଟିଛି। ଦଳ ବିଭାଜନ ହେବାର ପାୟ ଦେଢ ବର୍ଷ ପରେ ମହାରାଷ୍ଟ୍ର ବାଚସ୍ପତି ରାହୁଲ ନରବେକର୍ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ସହିତ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ନେତୃତ୍ୱ ଗୋଷ୍ଠୀ ହିଁ ପ୍ରକୃତ ଶିବସେନା ବୋଲି ବୁଧବାର ରାୟ ଦେଇଛନ୍ତି। ଅନ୍ୟପକ୍ଷରେ ଉଦ୍ଧବ ଗୋଷ୍ଠୀ ନେତୃତ୍ୱ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ସିନ୍ଦେ ଗୋଷ୍ଠୀ ପକ୍ଷରୁ ହୋଇଥିବା ଆବେଦନକୁ ମଧ୍ୟ ବାଚସ୍ପତି ଖାରଜ କରି ଦେଇଛନ୍ତି। ଉଦ୍ଧବଙ୍କ ଗୋଷ୍ଠୀରେ ରହିଥିବା ବିଧାୟକଙ୍କ ଯୋଗ୍ୟତା ବଜାୟ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅର୍ଥାତ୍ ଶିବସେନା ଦୁଇ ଭାଗ ହୋଇଥିଲେ ହେଁ ଉଭୟ ଗୋଷ୍ଠୀରେ ରହିଥିବା ବିଧାୟକଙ୍କ ଯୋଗ୍ୟତା ବଜାୟ ରହିବ ବୋଲି ବାଚସ୍ପତି ସ୍ପଷ୍ଟ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ପ୍ରାୟ ଦେଢ ବର୍ଷ ହେଲା ଦ୍ୱନ୍ଦ୍ୱ ଲାଗି ରହିଥିଲା ବେଳେ ବାଚସ୍ପତିଙ୍କ ନିଷ୍ପତ୍ତି ପ୍ରକାଶ ପାଇବା ପରେ ମହାରାଷ୍ଟ୍ର ରାଜନୀତି ଚଳଚଞ୍ଚଳ ହୋଇପଡ଼ିଛି। ବାଚସ୍ପତିଙ୍କ ଏହି ନିଷ୍ପତ୍ତି ସିନ୍ଦେ ସରକାର ପାଇଁ ଉଲ୍ଲାସ ଆଣିଦେଇଛି ସତ; ହେଲେ ଉଦ୍ଧବ ଗୋଷ୍ଠୀ(ୟୁବିଟି) ପାଇଁ ଶକ୍ତ ଧକ୍କା ହୋଇଛି। ବାଚସ୍ପତିଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଉଦ୍ଧବ ଗୋଷ୍ଠୀ ପୁଣିଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କହିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ଜୁନ ୨୦ ତାରିଖରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ୧୫ ଜଣ ଶିବସେନା ବିଧାୟକ ବିଦ୍ରୋହ କରି ମୂଳ ଦଳ ଠାରୁ ଦୂରେଇ ସୁରଟ ପଳାଇଥିଲେ। ଏହାପର ଦିନ ଏହି ୧୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ମହାରାଷ୍ଟ୍ର ଉପ ବାଚସ୍ପତି ନୋଟିସ୍ ଜାରି କରିଥିଲେ। ତେବେ ଏହାକୁ ଚ୍ୟାଲେଞ୍ଜ କରି ଏହି ବିଧାୟକମାନେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ସେମାନଙ୍କୁ ଅନ୍ତରୀଣ ସୁରକ୍ଷା ଦେଇଥିଲେ। ପରେ ପରେ ଅର୍ଥାତ୍ ୨୦୨୨ ଜୁଲାଇ ୩ ତାରିଖରେ ସିନ୍ଦେ ନେତୃତ୍ୱ ଗୋଷ୍ଠୀକୁ ମହାରାଷ୍ଟ୍ରର ନୂଆ ବାଚସ୍ପତି ସ୍ୱୀକୃତି ଦେଇଥଲା ବେଳେ ଏହାକୁ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ୨୦୨୩ ଫେବୃଆରୀରେ ମୁଖ୍ୟ ନିର୍ବାଚନ ଆୟୋଗ ସିନ୍ଦେ ଗୋଷ୍ଠୀକୁ ସ୍ୱୀକୃତି ଦେଇଥିଲା ବେଳେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ପାଇଁ ଏକ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଥିଲେ। ୨୦୨୩ ମାର୍ଚ୍ଚରେ ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ୨୦୨୩ ମେ 'ରେ ସୁପ୍ରିମକୋର୍ଟ ସିନ୍ଦେ ନେତୃତ୍ୱ ସରକାର ଚାଲିବାକୁ ଅନୁମତି ଦେଇଥିଲା ବେଳେ ଉଦ୍ଧବ ଠାକରେ ନେତୃତ୍ୱ ମହାବିକାଶ ଅଘାଡି ସରକାରଙ୍କୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କହିଥିଲେ। କାରଣ ବିଧାନସଭାରେ ଆସ୍ଥା ଭୋଟ୍ ନ ଲୋଡି ଉଦ୍ଧବ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହାସହିତ ଉଭୟ ଗୋଷ୍ଠୀର ବିଧାୟକମାନଙ୍କ ଅଯୋଗ୍ୟତାକୁ ନେଇ ଉଠିଥିବା ପ୍ରଶ୍ନ ସମ୍ପର୍କରେ ମହାରାଷ୍ଟ୍ର ବାଚସ୍ପତି ହିଁ ନିଷ୍ପତ୍ତି ନେବେ ବୋଲି କହିଥିଲେ। ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ବାଚସ୍ପତି ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ କହିଥିଲେ ହେଁ ବାଚସ୍ପତି ରାହୁଲ ଏଥିପାଇଁ ଆଉ ୧୦ ଦିନ ଅତିରିକ୍ତ ସମୟ ଲୋଡିଥିଲେ। ସେହି ଅନୁସାରେ ବୁଧବାର ସେ ନିଜର ନିଷ୍ପତ୍ତି ଶୁଣାଇଛନ୍ତି।

● ବର୍ତ୍ତିଗଲା ମହାରାଷ୍ଟ୍ର ସରକାର, ଉଦ୍ଧବ ଗୋଷ୍ଠୀକୁ ଝଟ୍‌କା

● ପୁଣି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ୟୁବିଟି

**ମହାରାଷ୍ଟ୍ର ବିଧାନସଭା ମୋଟ ସଦସ୍ୟ ସଂଖ୍ୟା : ୨୮୮**

**୨୦୧୯ ସ୍ଥିତି**

| | |
|---|---|
| ବିଜେପି | ୧୦୬ |
| ଶିବସେନା | ୫୬ |
| ଏନସିପି | ୫୩ |
| କଂଗ୍ରେସ | ୪୪ |
| ଅନ୍ୟ | ୨୯ |

**ବର୍ତ୍ତମାନ ସ୍ଥିତି**

| | |
|---|---|
| ବିଜେପି | ୧୦୬ |
| ଶିବସେନା (ସିନ୍ଦେ) | ୩୯ |
| ଶିବସେନା(ଉଦ୍ଧବ) | ୧୩ |
| ଏନସିପି(ଅଜିତ) | ୪୧ |
| ଏନସିପି(ଶରଦ) | ୧୩ |
| କଂଗ୍ରେସ | ୪୪ |

## ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାକୁ ଅନୁମତି ଦେଲେନି ମଣିପୁର ସରକାର

**ଯେକୌଣସି ସ୍ଥିତିରେ ଯାତ୍ରା ଆରମ୍ଭ ହେବ କହିଲା କଂଗ୍ରେସ**

**ନୂଆଦିଲ୍ଲୀ,୧୦।୧(ଏଜେନ୍ସି):** ଆସନ୍ତା ୧୪ ତାରିଖରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ମଣିପୁରରୁ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆରମ୍ଭ କରିବାକୁ ପ୍ରସ୍ତୁତି ନେଇଛି। ୬୬ ଦିନ ବ୍ୟାପୀ ଏହି ଯାତ୍ରା ପୂର୍ବ ଇମ୍ଫାଲରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦ ତାରିଖରେ ମୁମ୍ବାଇରେ ଶେଷ କରିବାକୁ କାର୍ଯ୍ୟକ୍ରମ ରହିଛି। ହେଲେ ଯାତ୍ରା ଆରମ୍ଭସ୍ଥଳକୁ ନେଇ କଂଗ୍ରେସକୁ ପ୍ରଥମରୁ ହିଁ ଝଟକା ଲାଗିଛି। କାରଣ ମଣିପୁରରେ ଏହି ଯାତ୍ରା କରିବାକୁ ରାଜ୍ୟ ସରକାର ଅନୁମତି ଦେଇ ନାହାନ୍ତି। ଭାରତ ଯୋଡୋ ଯାତ୍ରା ମଣିପୁରରୁ ଆରମ୍ଭ କରିବାକୁ ରାଜ୍ୟ କଂଗ୍ରେସ ମୁଖ୍ୟ କେ ମେଘାଚନ୍ଦ୍ର ସିଂ ମଣିପୁର ସରକାରଙ୍କ ଅନୁମତି ଲୋଡିବା ସହିତ ଗତ ୨ ତାରିଖରେ ଏଥିପାଇଁ ଆବେଦନ କରିଥିଲେ। କିନ୍ତୁ ରାଜ୍ୟ ସରକାର ନିରବ ରହିଥିଲା ବେଳେ ବୁଧବାର ଅନୁମତି ଦେବାକୁ ମନା କରିଦେଇଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ଏହି ଯାତ୍ରା ପାଇଁ ଅନୁମତି ଦେବା ସମ୍ଭବ ନୁହେଁ ବୋଲି ବୀରେନ ସିଂ ସରକାର କହିଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟକୁ ନେଇ କଂଗ୍ରେସ ଭର୍ତ୍ସନା କରିବା ସହିତ ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି କେବଳ ମାନବାଧିକାର ଉଲ୍ଲଙ୍ଘନ ନୁହେଁ, ବରଂ ଗଣତନ୍ତ୍ର ଏବଂ ରାଜନୀତିକ ଅଧିକାରର ହତ୍ୟା ବୋଲି ମେଘାଚନ୍ଦ୍ର କହିଛନ୍ତି।

## ଭୁଟାନରେ ଶେରିଂ ତୋବଗେଙ୍କ ଦଳ ବିଜୟୀ



**ଥିମ୍ପୁ, ୧୦।୧(ଏଜେନ୍ସି):** ଗତକାଲି ଶେଷ ହୋଇଥିବା ଭୁଟାନ ସାଧାରଣ ନିର୍ବାଚନ ଫଳାଫଳ ବୁଧବାର ପ୍ରକାଶ ପାଇଛି।ଏଥିରେ ଶେରିଂ ତୋବଗେଙ୍କ ପାର୍ଟି ପାଖାପାଖି ଦୁଇ ତୃତୀୟାଂଶ ଆସନରେ ବିଜୟୀ ହୋଇ ସଂସଦୀୟ ନିର୍ବାଚନରେ ବହୁମତ ହାସଲ କରିଛି। ଫଳରେ ତୋବଗେ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ ହୋଇଛି। ଏହା ପୂର୍ବରୁ ସେ ୨୦୧୩ ରୁ ୨୦୧୮ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହି ଥିଲେ। ତୋବଗେ ପ୍ରଧାନମନ୍ତ୍ରୀ ହେବା ଭାରତ ପାଇଁ ଖୁସିର ଖବର ବୋଲି କୁହାଯାଉଛି। କାରଣ ତାଙ୍କର ଭାରତ ସହ ପୂର୍ବରୁ ସମ୍ପର୍କ ରହିଛି। ସେ ତାଙ୍କର କଲେଜ ପାଠ୍ୟକ୍ରମ ପଶ୍ଚିମବଙ୍ଗର କାଲିମପୋଙ୍ଗରେ ଶେଷ କରିଥିଲେ। ତୋବଗେଙ୍କ ପ୍ରଚଣ୍ଡ ବିଜୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଶୁଭେଚ୍ଛା ଜଣାଇଛନ୍ତି।ଭାରତ ଲାଗି ଭୁଟାନ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ତୋବଗେ ନେତୃତ୍ୱ ସରକାର ଭାରତ ସହ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ମାତ୍ର ୧୫ ବର୍ଷ ତଳେ ଭୁଟାନରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ କରାଯାଇ ସରକାର ଗଠନ କରାଯାଉଛି। ତେବେ ଏଥର ଭୁଟାନ ସଂସଦର ନ୍ୟାସନାଲ ଆସେମ୍ବ୍ଲିରୁ ମୋଟ ୪୭ଟି ଆସନରୁ ତୋବଗେଙ୍କ ପ୍ୟୁପିଲସ୍ ଡେମୋକ୍ରାଟିକ ପାର୍ଟି (ପିଡିପି)କୁ ୩୦ଟି ଆସନ ମିଳିଛି।

## ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସାମିଲ ହେବେନି ଖଡ଼ଗେ-ସୋନିଆ

**'ଆର୍‌ଏସ୍‌ଏସ୍-ବିଜେପି ପ୍ରାୟୋଜିତ କାର୍ଯ୍ୟକ୍ରମ'**

**ନୂଆଦିଲ୍ଲୀ,୧୦।୧(ଏଜେନ୍ସି)**




ଆସନ୍ତା ୨୨ ତାରିଖରେ ଅଯୋଧାରେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଭବ୍ୟ କାର୍ଯ୍ୟକ୍ରମକୁ ନେଇ ସାରା ଦେଶ ଉଲ୍ଲସିତ ରହିଥିବା ବେଳେ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଚାଲିଛି। କେବଳ ଭାରତ ନୁହେଁ, ଆମେରିକା ,ବ୍ରିଟେନ, ଅଷ୍ଟ୍ରେଲିଆ ଭଳି ବହୁ ବିଦେଶ ରାଷ୍ଟ୍ରରେ ମଧ୍ୟ ଏହି ଶୁଭ ମୁହୂର୍ତ୍ତକୁ ନେଇ ପ୍ରବାସୀ ତଥା ରାମ ଶ୍ରଦ୍ଧାଳୁମାନେ ବହୁ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। କିନ୍ତୁ ଏହି ଭବ୍ୟ ଉତ୍ସବରେ ରାଜନେତାଙ୍କ ଯୋଗଦାନ ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା ବାଦ-ବିବାଦର ଅନ୍ତ ହୋଇ ନାହିଁ। ପ୍ରଥମେ ଏହି ଉତ୍ସବକୁ ରାଜନେତାଙ୍କ ଆମନ୍ତ୍ରଣକୁ ନେଇ ବିବାଦ ତେଜିଥିଲା ବେଳେ ଏଥିରେ କେଉଁ ଦଳର କେଉଁ ନେତା ଯୋଗ ଦେବେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏହି ଉତ୍ସବରେ କଂଗ୍ରେସ ନେତା ସାମିଲ ହେବେ ନାହିଁ ବୋଲି ବୁଧବାର ସ୍ପଷ୍ଟ ହେବା ପରେ ଏହି ଚର୍ଚ୍ଚା ଆହୁରି ପ୍ରଖର ହୋଇଛି। ରାମ ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀ ଏବଂ ବର୍ତ୍ତମାନ ଅଧକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଏବଂ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ଏହି ତିନି କଂଗ୍ରେସ ନେତା ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଆସିବେ ନାହିଁ ବୋଲି ଦଳ ସ୍ପଷ୍ଟ କରିଛି। ଅଯୋଧା ରାମ ମନ୍ଦିର ଉତ୍ସବ କେବଳ ଧାର୍ମିକ ଦୃଷ୍ଟିରେ କରାଯାଉ ନାହିଁ, ବରଂ ଏହା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍‌ଏସ୍) ଏବଂ ବିଜେପିର ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ବୋଲି ଦଳୀୟ ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇ ନାହିଁ। କିନ୍ତୁ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ଏହାର ଏଜେଣ୍ଡା ଚଳାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରୁଛି। ତେଣୁ କଂଗ୍ରେସ ଏହି ଉତ୍ସବରେ ଯୋଗ ଦେବାକୁ ଉଚିତ ମଣୁନାହିଁ ବୋଲି ଜୟରାମ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ସିପିଆଇ(ଏମ) ନେତା ସୀତାରାମ ୟେଚୁରୀ ନିମନ୍ତ୍ରିତ ହୋଇଥିଲେ ମଧ୍ୟ ଏହି ଉତ୍ସବକୁ ଆସିବାକୁ ମନା କରିଦେଇଥିଲେ। ଯାହାକୁ ନେଇ ଜାତୀୟ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ହୋଇଥିଲା। ଏବେ କଂଗ୍ରେସର ନା'କୁ ନେଇ ରାଜନୀତି ଆହୁରି ଜୋରଦାର ହୋଇଛି। କଂଗ୍ରେସ ଏବଂ ବାମପନ୍ଥୀ ଏକକ ମାନସିକତାରେ ପରିଚାଳିତ ବୋଲି କେତେକ ବିଜେପି ନେତା କହିଛନ୍ତି।

### ବିଜେପିର ପ୍ରତିକ୍ରିୟା: କଂଗ୍ରେସ ଚରିତ୍ର କେବେ ବି ବଦଳିବନି

ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଥିବାରୁ ବିଜେପି ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ କରାଯାଇଛି।କଂଗ୍ରେସ ନିମନ୍ତ୍ରଣକୁ ଅସ୍ୱୀକାର କରିବାରୁ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ , କଂଗ୍ରେସର ଚରିତ୍ର କେବେବି ବଦଳିବ ନାହିଁ। ପୂର୍ବରୁ କଂଗ୍ରେସ ଶ୍ରୀରାମଙ୍କ ଅସ୍ତିତ୍ୱକୁ କାଳ୍ପନିକ କହିଥିଲା ବେଳେ ବାରମ୍ବାର ରାମନାମର ସମାଲୋଚନା କରିଆସୁଛି। ତେଣୁ ବର୍ତ୍ତମାନ ଦଳ ନେଇଥିବା ନିଷ୍ପତ୍ତିକୁ ନେଇ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ଏବେ କଂଗ୍ରେସ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ପ୍ରତ୍ୟାଖ୍ୟାନ କରିଛି। କିନ୍ତୁ ଆଗାମୀ ଦିନରେ ଦେଶବାସୀ ଏହି ଦଳକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ଅନୁରାଗ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ କଂଗ୍ରେସ ବିରୋଧରେ ବର୍ଷିବା ସହିତ ଏହି ଦଳର ରାମ ବିରୋଧୀ ଚେହେରାକୁ ଦେଶବାସୀ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି ବୋଲି କହିଛନ୍ତି।

● ଶିଶୁ ହତ୍ୟା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲେ ମହିଳା ସିଇଓ

## ଦେଇଥିଲେ ମାତ୍ରାଧିକ କଫ୍ ସିରପ୍

**ବେଙ୍ଗାଲୁରୁ, ୧୦।୧ (ଏଜେନ୍ସି):** ବେଙ୍ଗାଲୁରୁ ଏଆଇ କମ୍ପାନୀର ପ୍ରତିଷ୍ଠାତା ତଥା ସିଇଓ ସୁଚନା ସେଠ ନିଜ ପୁଅକୁ ହତ୍ୟା କରିବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲେ। ଏହି ଯୋଜନାରେ ସେ ପୁଅକୁ ଧରି ଗୋଆ ଯାଇଥିଲେ ଏବଂ ଗେଷ୍ଟ ହାଉସରେ ହତ୍ୟା କରିଥିଲେ। ସୁଚନା ରହୁଥିବା ପ୍ରକୋଷ୍ଠରୁ ୨ଟି ଖାଲି କଫ ସିରପ ବୋତଲ ଜବତ କରାଯାଇଛି। ମାତ୍ରାଧିକ କଫ ସିରପ୍ ଦେଇ ସେ ପୁଅକୁ ହତ୍ୟା କରିଥିବା ଗୋଆ ପୁଲିସ ଆଶଙ୍କା କରୁଛି। କାରଣ ପୁଅକୁ ଖାସ ହେଉଥିଲା ବୋଲି ମହିଳା କହିଥିଲେ। ଅନ୍ୟପକ୍ଷରେ ଶିଶୁର ବ୍ୟବଚ୍ଛେଦ ରିପୋର୍ଟ ଆସିଯାଇଛି। ଶ୍ୱାସରୁଦ୍ଧ ହୋଇ ଶିଶୁର ମୃତ୍ୟୁ ହୋଇଥିଲା ବୋଲି ଜଣାପଡ଼ିଛି। ଏହି ବ୍ୟବଚ୍ଛେଦ କରିଥିବା କର୍ଣ୍ଣାଟକ ହିରିୟୁର ସରକାରୀ ଡାକ୍ତରଖାନାର ଡାକ୍ତର କୁମାର ନାଇକ କହିଛନ୍ତି ଯେ ତଣ୍ଟି ଚିପି ଶିଶୁକୁ ହତ୍ୟା କରାଯାଇଛି। ତକିଆ କିମ୍ବା ତଉଲିଆ ବ୍ୟବହାର କରି ତଣ୍ଟି ଚିପା ଯାଇଥିବା ଭଳି ଲାଗୁଛି। ହାତରେ ତଣ୍ଟି ଚିପା ଯାଇନାହିଁ। ଶିଶୁର ମୁହଁ ଏବଂ ଛାତି ଫୁଲି ଯାଇଛି। ନାକରୁ ରକ୍ତ ମଧ୍ୟ ବାହାରୁ ଥିଲା। ବ୍ୟବଚ୍ଛେଦର ୩୬ ଘଣ୍ଟା ପୂର୍ବରୁ ଶିଶୁର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ମହିଳା ଛାଡ଼ପତ୍ର ପାଇଁ ନିଜ ସ୍ୱାମୀଙ୍କଠାରୁ ମାସକୁ ୨.୫ ଲକ୍ଷ ଟଙ୍କା ଚାହୁଁଥିଲେ ବୋଲି ଜଣାପଡ଼ିଛି। ସେ ସ୍ୱାମୀ ଭେଙ୍କଟ ରମଣଙ୍କ ବାର୍ଷିକ ଆୟ କୋଟିଏ ଟଙ୍କା ଥିବା ଦାବି କରିଥିଲେ।

## ଆତ୍ମହତ୍ୟା ପାଇଁ ସ୍ୱାମୀଙ୍କୁ ଧମକ ଦେବା ନିଷ୍ଠୁରତା: ହାଇକୋର୍ଟ

**ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି):** ଆତ୍ମହତ୍ୟା ପ୍ରୟାସ କରି ଏହାର ଦୋଷ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଲଗାଇବା ନିଷ୍ଠୁରତା। ଏଭଳି ମାମଲାରେ ପରିବାରକୁ ମିଥ୍ୟା କେସ୍‌ରେ ଫସାଇବାର ଭୟ ରହିଛି। ବାରମ୍ବାର ଆତ୍ମହତ୍ୟା ଧମକ ଦେବା କିମ୍ବା ଆତ୍ମହତ୍ୟା ପ୍ରୟାସ କରିବାକୁ ସୁପ୍ରିମକୋର୍ଟ ମଧ୍ୟ ନିଷ୍ଠୁରତା କହିଛନ୍ତି। ନିଷ୍ଠୁରତା ଆଧାରରେ ସ୍ୱାମୀ କରିଥିବା ଛାଡ଼ପତ୍ର ଆବେଦନକୁ ମଞ୍ଜୁରି ଦେଇ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଏହି ରାୟ ଦେଇଥିଲେ। ପୂର୍ବରୁ ପରିବାର କୋର୍ଟ ମଧ୍ୟ ଛାଡ଼ପତ୍ରକୁ ମଞ୍ଜୁରି ଦେଇଥିଲେ। ତେବେ ପତ୍ନୀ ଏହା ବିରୋଧରେ ହାଇକୋର୍ଟ ଯାଇଥିଲେ। ମାମଲା ଶୁଣାଣି ସମୟରେ ଜଷ୍ଟିସ ସୁରେଶ କୁମାର କୈତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଥିଲେ ଯେ ବିବାହ ସମୟରୁ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେଉଛି। ବିବାହ ପରେ ଉଭୟେ ମାତ୍ର ୧୦ ମାସ ପାଇଁ ଏକାଠି ରହିଛନ୍ତି। ଏହା ପରେ ପତ୍ନୀ ନିଜ ସ୍ୱାମୀ ଏବଂ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ।

# ଅଯୋଧାରେ ପହଞ୍ଚିଲା ୨୪ କ୍ୱିଣ୍ଟାଲର ଘଣ୍ଟି



**ଅଯୋଧା, ୧୦।୧ (ଏଜେନ୍ସି)**

ପ୍ରଭୁ ଶ୍ରୀରାମଙ୍କ ନୂତନ ମନ୍ଦିର ପାଇଁ ଉତ୍ତରପ୍ରଦେଶ ଏଟାରୁ ୨୪ କ୍ୱିଣ୍ଟାଲ ବିରାଟ ଘଣ୍ଟି ଅଯୋଧାରେ ପହଞ୍ଚିଛି। ଅଷ୍ଟଧାତୁରେ ପ୍ରସ୍ତୁତ ଏହି ଘଣ୍ଟିକୁ ଫୁଲରେ ସଜାଇ ରଥରେ ଅଯୋଧା ଅଣାଯାଇଛି। ଏହି ଯାତ୍ରା ଶହ ଶହ ବ୍ୟବସାୟୀ ସାମିଲ ହୋଇଥିଲେ। ଏହାକୁ ବୁଧବାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ପ୍ରଦାନ କରାଯାଇଛି। ଏହି ଘଣ୍ଟିର ଉଚ୍ଚତା ୬ ଫୁଟ ରହିଛି। ଏହାର ଶବ୍ଦ ପ୍ରାୟ ୨ କିମି ପର୍ଯ୍ୟନ୍ତ ଶୁଭିବ। ଏହା ବାଜିଲ ଓମ୍‌କାର ଧ୍ୱନି ସୃଷ୍ଟି ହେବ। ଏହି ଘଣ୍ଟିର ଛାଞ୍ଚ ପ୍ରସ୍ତୁତ କରିବାକୁ ୩ ମାସ ସମୟ ଲାଗିଥିଲା। ୭୫ କାରିଗର ଏହାକୁ ନିର୍ମାଣ କରିଥିଲେ। କିନ୍ତୁ ମାତ୍ର ୨୫ ମିନିଟ ଭିତରେ ଏହା ଉପରେ ରସ ଦେଇ ଶେଷ ସ୍ପର୍ଷ ଦିଆଯାଇଥିଲା। ଏହାକୁ ପ୍ରସ୍ତୁତ କରିବା ପାଇଁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହା ସହିତ ୫୦ କେଜି ଓଜନର ୭ଟି ଘଣ୍ଟିକୁ ଟ୍ରଷ୍ଟକୁ ପ୍ରଦାନ କରାଯାଇଛି। ଏଟା ଜଲେସରର ଏହି ଘଣ୍ଟି ବିଶ୍ୱ ପ୍ରସିଦ୍ଧ।

ବାପା ବିକାଶ ମିତ୍ତଲଙ୍କ ସ୍ମୃତିରେ ବ୍ୟବସାୟୀ ମନୋଜ ମିତ୍ତଲ ଏହି ଘଣ୍ଟିକୁ ପ୍ରସ୍ତୁତ କରିଛନ୍ତି। ତାଙ୍କ ବାପା ତଥା ଜଲେସର ପୌରପାଳିକାର ପୂର୍ବତନ ଅଧକ୍ଷ ରାମ ମନ୍ଦିରକୁ ୨୧ କ୍ୱିଣ୍ଟାଲର ଘଣ୍ଟି ଦାନ କରିବାକୁ ସଙ୍କଳ୍ପ ନେଇଥିଲେ। ସେ ଏବେ ଏହା ପୂରଣ କରିଛନ୍ତି। ଗତ ୮ ତାରିଖରେ ଘଣ୍ଟିକୁ ଧରି ଅଯୋଧା ଅଭିମୁଖେ ଶୋଭାଯାତ୍ରାରେ ବାହାରି ଥିଲେ। ସେ ପ୍ରଥମେ ୨୧ କ୍ୱିଣ୍ଟାଲର ଘଣ୍ଟି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ପରେ ୨୪ କ୍ୱିଣ୍ଟାଲର ବନାଇ ଥିଲେ। ଏହି ଘଣ୍ଟିରେ ନିର୍ମାଣକାରୀ କମ୍ପାନୀ ସାବିତ୍ରୀ ଟ୍ରେଡର୍ସ ଏବଂ ଏହାର ମାଲିକ ପ୍ରଶାନ୍ତ ମିତ୍ତଲ, ମନୋଜ ମିତ୍ତଲ, ଆଦିତ୍ୟ ମିତ୍ତଲଙ୍କ ନାମ ଲେଖା ଯାଇଛି। ଏଭଳି ବଡ଼ ଘଣ୍ଟି ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ।

● ୨ କିଲୋମିଟର ପର୍ଯ୍ୟନ୍ତ ଶୁଭିବ ଶବ୍ଦ

● ୩ ମାସରେ ପ୍ରସ୍ତୁତକଲେ ୭୫ ଶିଳ୍ପୀ

● ବନାଇବାକୁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-197 ♦BHUBANESWAR ♦THURSDAY ♦11 JANUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୯୭ ♦ଭୁବନେଶ୍ୱର ♦ଗୁରୁବାର ♦୧୧ ଜାନୁଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦




ଭାରତୀୟ ହକି ଦଳରେ ଅମିତ୍

▶କ୍ରୀଡ଼ା ପୃଷ୍ଠାରେ






### କେନ୍ଦ୍ରମନ୍ତ୍ରୀଙ୍କୁ ପାଣ୍ଡିଆନଙ୍କ ନମ୍ର ଆହ୍ୱାନ

# ନିର୍ବାଚନ ଇସ୍ତାହାରରେ ବିଏସ୍‌କେୱାଇ ବନ୍ଦ କରିବେ ବୋଲି ଉଲ୍ଲେଖ କରନ୍ତୁ

- ନାମ ଉଲ୍ଲେଖ ନ କରି ଧର୍ମେନ୍ଦ୍ରଙ୍କୁ ନିଶାଣ କଲେ କାର୍ତ୍ତିକ ପାଣ୍ଡିଆନ
- ଗରିବଙ୍କୁ ଉନ୍ନତ ମାଗଣା ଚିକିତ୍ସା ଆପଣଙ୍କ ଦେହରେ କାହିଁକି ଯାଉନାହିଁ
- ବିଏସ୍‌କେୱାଇ ନିନ୍ଦାର ଉପଯୁକ୍ତ ଜବାବ ଦେବେ ଓଡ଼ିଶାବାସୀ
- ଶୋଇଥିବାର ଅଭିନୟ କରୁଥିବା ଲୋକଙ୍କୁ କିଏ ଉଠାଇ ପାରିବ
- ବିଏସ୍‌କେୱାଇ ଦେଇଛି ଗରିବଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବାର ଗ୍ୟାରେଣ୍ଟି



■ **ନୟାଗଡ଼/ ରଣପୁର, ୧୦।୧ (ସମିସ):** ବିଜେଡି ନେତା ତଥା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିଶାଣରେ ପୁଣି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଧାମନଗର ଓ ଅନୁଗୋଳ ଜିଲ୍ଲାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶ୍ନର କାଠଗଡ଼ାରେ ଠିଆ କରିଥିବା ଶ୍ରୀ ପାଣ୍ଡିଆନ ପୁଣିଥରେ ନୟାଗଡ଼ ଜିଲ୍ଲାର ରଣପୁରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ନିଶାଣ କରିଛନ୍ତି। ଯୁଗାନ୍ତକାରୀ ଯୋଜନା ବିଏସ୍‌କେୱାଇ ପ୍ରସଙ୍ଗରେ ଧର୍ମେନ୍ଦ୍ରଙ୍କ ନକରାତ୍ମକ ମନ୍ତବ୍ୟର କଡ଼ା ଜବାବ ରଖିବା ସହ ତାଙ୍କ ଦଳର ନିର୍ବାଚନ ଇସ୍ତାହାରରେ ବିଏସ୍‌କେୱାଇକୁ ବନ୍ଦ କରିଦେବେ ବୋଲି ଲେଖି ଦେଖାନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ।

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ମହତ୍ୱାକାଂକ୍ଷୀ ବିଏସ୍‌କେୱାଇ ଯୋଜନା ସମ୍ପର୍କରେ ଧର୍ମେନ୍ଦ୍ର ସମ୍ବଲପୁରରେ କିଛି ନକରାତ୍ମକ ମନ୍ତବ୍ୟ ଦେଇଥିଲେ। ବିଏସକେୱାଇ ଏକ ପ୍ରହସନ। ବିଏସକେୱାଇ କାର୍ଡ କିଛି କାମରେ ଆସୁନାହିଁ, ଏହାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ଏଭଳି ଯୋଜନା ଓଡ଼ିଶାବାସୀଙ୍କ ପାଇଁ ଦରକାର ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସମାବେଶରେ କହିଥିଲେ। ସମ୍ବଲପୁରରେ ଶ୍ରୀ ପ୍ରଧାନଙ୍କ ଏହି ମନ୍ତବ୍ୟର ଉତ୍ତର ନୟାଗଡ଼ରେ ରଖିବା ସହ ନମ୍ର ଭାବରେ ଖୋଲା ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ। ସେ କହିଛନ୍ତି ଯେ ଯଦି ଏହି ଯୋଜନା ଏତେ ଖରାପ ତେବେ କେନ୍ଦ୍ରମନ୍ତ୍ରୀ ତାଙ୍କ ଦଳ ଆଗାମୀ ନିର୍ବାଚନ ପୂର୍ବରୁ ପ୍ରକାଶ ହେବାକୁ ଥିବା ଦଳୀୟ ନିର୍ବାଚନୀ ଇସ୍ତାହାରରେ ବିଏସକେୱାଇକୁ ବନ୍ଦ କରିବା ଲାଗି ଘୋଷଣା କରନ୍ତୁ। ରାଜ୍ୟରେ ବିଜେପି ସରକାରକୁ ଆସିଲେ ବିଏସକେୱାଇ ଯୋଜନାକୁ ବନ୍ଦ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ନିଜ ଦଳୀୟ ଇସ୍ତାହାରର ପ୍ରଥମ ପଏଣ୍ଟରେ ଲେଖନ୍ତୁ ବୋଲି ଶ୍ରୀ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି।

ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସଞ୍ଜୀବନୀ ପାଲଟିଥିବା ବିଏସ୍‌କେୱାଇ କାଡର୍ ସମ୍ପର୍କରେ ଶ୍ରୀ ପାଣ୍ଡିଆନ ଏହି ଅବସରରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିଏସକେୱାଇ ମାଧ୍ୟମରେ ଗରିବ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଦେଇଛନ୍ତି। ଏହି ଯୋଜନା ଦ୍ୱାରା ବଡ଼ ବଡ଼ ହସ୍ପିଟାଲରେ ଗରିବ ଲୋକଙ୍କୁ ଚିକିତ୍ସା ସୁବିଧା ମିଳୁଛି। ଏହା କାହିଁକି ଆପଣଙ୍କ ଦେହରେ ଯାଉନି ଓ ଆପଣ କାହିଁକି ଏତେ ରାଗୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି କାର୍ତ୍ତିକ ପାଣ୍ଡିଆନ। ଧର୍ମେନ୍ଦ୍ର ▶ପୃଷ୍ଠା-୭

### ଶିକ୍ଷା ସହ ଦକ୍ଷତାବିକାଶକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

# ୫୧୨ ନବପ୍ରତିଭାଙ୍କୁ ନିଯୁକ୍ତି



- ୧୫୮ ସହକାରୀ ପ୍ରଫେସର, ୧୯୪ ସହକାରୀ ଟ୍ରେନିଂ ଅଫିସର, ୧୫୦ କନିଷ୍ଠ ସହାୟକଙ୍କୁ ନିଯୁକ୍ତିପତ୍ର
- ଆଉ ୧୮ ବ୍ଲକରେ ଖୋଲିବ କଳା ଡିଗ୍ରୀ କଲେଜ୍
- ଦିଆଗଲାଣି ୫ ହଜାର ଶିକ୍ଷକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତି

■ **ଭୁବନେଶ୍ୱର, ୧୦।୧ (ସମିସ):** ରାଜ୍ୟ ସରକାର ୫୧୨ ନୂଆ ସହକାରୀ ପ୍ରଫେସର, ସହକାରୀ ଟ୍ରେନିଂ ଅଫିସର, କନିଷ୍ଠ ସହକାରୀ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉଚ୍ଚଶିକ୍ଷା ବିଭାଗରେ ୧୫୮ ଜଣ ସହକାରୀ ପ୍ରଫେସରଙ୍କୁ ନିଯୁକ୍ତି ମିଳିଥିବା ବେଳେ, ୧୯୪ ଜଣ ସହକାରୀ ଟ୍ରେନିଂ ଅଫିସର,୧୫୦ ଜଣ କନିଷ୍ଠ ସହାୟକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ନିଯୁକ୍ତି ଦିଆଯାଇଛି। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ପ୍ରଫେସରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ଏକ ବୃତ୍ତିକୁ ଆପଣାଇବା ଓ ଯୁବପିଢ଼ିଙ୍କୁ ଦକ୍ଷକରି ଗଢ଼ିତୋଳିବା ପାଇଁ ବ୍ରତୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣମାନେ କେବଳ ଶିକ୍ଷକ ନୁହଁନ୍ତି; ରାଜ୍ୟର ବୌଦ୍ଧିକ ଏବଂ ସାମାଜିକ ଅଭିବୃଦ୍ଧିର ପଥ ପ୍ରଦର୍ଶକ। ରାଜ୍ୟକୁ ଜ୍ଞାନକେନ୍ଦ୍ର ଏବଂ ସଶକ୍ତିକରଣ ପାଇଁ ଆପଣମାନେ କାର୍ଯ୍ୟ କରିବେ ବୋଲି ମୋର ଆଶା। ରାଜ୍ୟର ଭବିଷ୍ୟତ ଗଠନରେ ଉଚ୍ଚଶିକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓଡିଶାର ଯୁବକମାନେ ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି। ତେଣୁ ଛାତ୍ରମାନଙ୍କୁ ଉପଯୁକ୍ତ ପାଠ୍ୟକ୍ରମ ଜ୍ଞାନ ସହିତ ସୃଜନଶୀଳତା ଓ ଏକ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ରଖିପାରୁଥିବା ବ୍ୟକ୍ତି ଭାବେ ଗଢ଼ିତୋଳିବାକୁ ନବନିଯୁକ୍ତ ପ୍ରଫେସରମାନଙ୍କୁ ପରାମର୍ଶ ▶ପୃଷ୍ଠା-୭

### ଛାତ୍ରବୃତ୍ତି ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ନର୍ସିଂ ଓ ପାରାମେଡିକାଲ ଛାତ୍ରଛାତ୍ରୀ

# ଉନ୍ନତ ପ୍ରଶିକ୍ଷଣ ନେଇ ସେବା କର: ମୁଖ୍ୟମନ୍ତ୍ରୀ



**ଏକାଗ୍ରତାର ସହ ଲୋକଙ୍କୁ ସେବା ପ୍ରଦାନ କରିବାକୁ '୫-ଟି' ଅଧ୍ୟକ୍ଷଙ୍କ ଆହ୍ୱାନ**

■ **ଭୁବନେଶ୍ୱର,୧୦।୧(ସମିସ):** ନର୍ସିଂ, ଫାର୍ମାସୀ ଓ ଆନୁସଙ୍ଗିକ ମେଡିକାଲ ଛାତ୍ରବୃତ୍ତି ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଛାତ୍ରଛାତ୍ରୀମାନେ କୃତଜ୍ଞତା ଜଣାଇଛନ୍ତି। ୪୦୦ରୁ ଅଧିକ ଛାତ୍ରଛାତ୍ରୀ ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାସହ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ନିରାମୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି। ଭଲ ପାଠ ପଢ଼ିବା ସହ ଉନ୍ନତ ପ୍ରଶିକ୍ଷଣ ନେଇ ଲୋକଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ରୋଗୀ ସେବାରେ ଜୀବନରେ ସାର୍ଥକତା ରହିଥିବା ସେ ପ୍ରକାଶ କରିଛନ୍ତି। '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ▶ପୃଷ୍ଠା-୭

### ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ '୫-ଟି' ଅଧ୍ୟକ୍ଷଙ୍କ ବିକାଶ କାର୍ଯ୍ୟ ସମୀକ୍ଷା

# ୨୦୯୧ କୋଟିର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ

- ୪ ମାସରେ ରଣପୁର ନିର୍ବାଚନମଣ୍ଡଳୀ ପାଇଁ ୮୦ କୋଟି
- ଭଗବତୀ ଓ ଉଗ୍ରତାରା ମନ୍ଦିର ରୂପାନ୍ତରଣର ସମୀକ୍ଷା
- ଭଗବତୀଙ୍କ ମନ୍ଦିର ରୂପାନ୍ତରଣ ପାଇଁ ୩୩ କୋଟି ଟଙ୍କା
- ବାଣପୁର ଓ ରଣପୁରରେ ସାଧାରଣ ଲୋକଙ୍କ ସହ ଆଲୋଚନା
- ପାଣ୍ଡିଆନଙ୍କୁ ପାଇକଙ୍କ ପ୍ରତୀକ- ଖଣ୍ଡା ଓ ଢାଲ ଉପହାର
- ଖୁବ୍‌ଶୀଘ୍ର ଭତ୍ତାଗ୍ରହୀତାଙ୍କୁ ମୁଖ୍ୟମନ୍ତ୍ରୀ ଦେବେ ଖୁସିଖବର



■ **ଭୁବନେଶ୍ୱର, ୧୦।୧ (ସମିସ):** ରୂପାନ୍ତରଣ ପଥରେ ସାରା ଓଡ଼ିଶା ଅଗ୍ରସର ହେଉଥିବା ବେଳେ ରାଜ୍ୟବ୍ୟାପୀ ବ୍ୟାପକ ପରିମାଣରେ ବିକାଶମୂଳକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଜାରି ରହିଛି। ଏହି ପ୍ରରିପେକ୍ଷୀରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନୟାଗଡ ଓ ଖୋର୍ଦ୍ଧା ଗସ୍ତରେ ଯାଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗତ ଜୁଲାଇ ଏବଂ ଅଗଷ୍ଟ ମାସରେ ଉପରୋକ୍ତ ୨ ଜିଲ୍ଲାକୁ '୫-ଟି' ଅଧ୍ୟକ୍ଷ ଗସ୍ତରେ ଆସିଥିବା ବେଳେ ଜନଶୁଣାଣି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କଠାରୁ ଅନେକ ଆପତ୍ତି, ଅଭିଯୋଗ ଏବଂ ଦାବିପତ୍ର ଗ୍ରହଣ କରିଥିଲେ। ଲୋକଙ୍କ ମତାମତ ଆଧାରରେ ଉଭୟ ଜିଲ୍ଲାରେ ପ୍ରାୟ ୨୦୯୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଏହାର ସମୀକ୍ଷା କରି ଧାର୍ଯ୍ୟ ସମୟରେ ପ୍ରକଳ୍ପ ଶେଷ ହେବା ନେଇ ୫-ଟି ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି।

ନୟାଗଡ଼ ରଣପୁରଠାରେ ଆୟୋଜିତ ଏହି ସଭାରେ ରଣପୁର ବିକାଶର ହିସାବ ଦେଇଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ▶ପୃଷ୍ଠା-୭

### 'ସଫଳତା ପାଇଁ କଠିନ ପରିଶ୍ରମର ବିକଳ୍ପ ନାହିଁ'

**'ନୂଆ-ଓ'ରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ**

ଖୋର୍ଦ୍ଧା ଜିଲ୍ଲାରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ନୂଆ-ଓ କାର୍ଯ୍ୟକ୍ରମ କିପରି ଯୁବକ ଯୁବତୀମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରୁଛି ଏବଂ ଶୈକ୍ଷିକ ଉପଲବ୍ଧି ସହ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇପାରିଛି ସେନେଇ ଛାତ୍ରଛାତ୍ରୀମାନେ ୫-ଟି ଅଧ୍ୟକ୍ଷଙ୍କ ସହ ଭାବ ବିନିମୟ କରିଛନ୍ତି। ଏହା ସହ କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ ଏବଂ ସଫଳତା ପାଇବା ଲାଗି କଠିନ ପରିଶ୍ରମ କରିବାକୁ ▶ପୃଷ୍ଠା-୭

### ଲୋକକଥା




ପାଣି ଏବେ ପ୍ରାଣଘାତକ ହେଲାଣି
ପିଉଛୁ ବୋତଲ କିଣି,
ଏମିତି ଜହରଭରା ଏ ପାନୀୟ
ଜୀବନ ନଉଚି ଝୁଣି !
ହେଜ ଏ ତଥ୍ୟ ଜାଣି,
ଶୋଷିଲାକୁ ନିଏ ପ୍ଲାଷ୍ଟିକ୍ କଣିକା
ମରଣ ମୁହଁକୁ ଟାଣି !!

# ୧୭୧୪ କୋଟିର ଶିଳ୍ପନିବେଶ ପ୍ରସ୍ତାବକୁ ଅନୁମୋଦନ

### ୭ ଜିଲ୍ଲାରେ ସୃଷ୍ଟିହେବ ୫୧୩୪ ନିଯୁକ୍ତି ସୁଯୋଗ




■ **ଭୁବନେଶ୍ୱର, ୧୦।୧ (ସମିସ):** ରାଜ୍ୟ ସରକାର ରାଜ୍ୟର ୧୨୭ ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକରେ ୧୭୧୩.୬୫ କୋଟି ଟଙ୍କାର ବିଭିନ୍ନ ଶିଳ୍ପ ପ୍ରକଳ୍ପରେ ପୁଞ୍ଜି ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଫଳରେ ରାଜ୍ୟରେ ଧାତବ ଏବଂ ଆନୁଷଙ୍ଗିକ ଶିଳ୍ପ, ଶକ୍ତି, ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ ଓ ପର୍ଯ୍ୟଟନ ଆଦି କ୍ଷେତ୍ରରେ ଶିଳ୍ପସ୍ଥାପନ ହେବ। ଏହାଦ୍ୱାରା ୭ଟି ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଓ ୫୧୩୪ ଯୁବକଯୁବତୀ ନିଯୁକ୍ତି ପାଇବେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି।

ଯାଜପୁରରେ ନିଓ ଇଣ୍ଡଷ୍ଟ୍ରିଜ୍ ମେଟାଲ୍ ପ୍ରୋସେସିଂ ସଂସ୍ଥା ୭୨ କୋଟି ଟଙ୍କାରେ କାରଖାନା ସ୍ଥାପନ କରିବ ଓ ଏହି ସଂସ୍ଥାରେ ୫୦ ଜଣଙ୍କ ପାଇଁ ନିଯୁକ୍ତିସୁଯୋଗ ସୃଷ୍ଟି ହେବ। ସେହିପରି ଆନନ୍ଦ ଏକ୍ସପୋର୍ଟ ଯାଜପୁରରେ ସ୍ଥାପନ କରିବାକୁ ଥିବା ଶିଳ୍ପରେ ୨୮୨୮ ଜଣଙ୍କୁ ନିଯୁକ୍ତି ମିଳିବ। ସ୍କାଏ ମେଟାଲ ପକ୍ଷରୁ କଳିଙ୍ଗନଗରରେ ମେଟାଲ୍ ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ପ୍ରତିଷ୍ଠା କରାଯିବ। ୧୦୧ କୋଟି ଟଙ୍କାର ପ୍ରକଳ୍ପରେ ୧୦୫ ଜଣଙ୍କୁ ନିଯୁକ୍ତି ମିଳିବ। ରାଜ୍ୟ ପର୍ଯ୍ୟଟନ ଶିଳ୍ପର ସମୃଦ୍ଧି ପାଇଁ ବିଳାସପୂର୍ଣ୍ଣ ରିସର୍ଟ ଓ ହୋଟେଲ୍ ଶିଳ୍ପ ନିମନ୍ତେ ଆଗ୍ରହ ପ୍ରଦର୍ଶନ କରିଥିବା ମହିନ୍ଦ୍ରା ହଲିଡେଜ୍ ଆଣ୍ଡ ରିସର୍ଟ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ବ୍ରହ୍ମପୁରର ବାହୁଡ଼ା ନଦୀ ମୁହାଣ ନିକଟରେ ସୋନାପୁର ବେଳାଭୂମିରେ ଏହି ସଂସ୍ଥା ଏକ ବିଳାସପୂର୍ଣ୍ଣ ରିସର୍ଟ ନିର୍ମାଣ କରିବ। ଏଥିପାଇଁ ସଂସ୍ଥା ୨୨୮.୪୫ କୋଟି ଟଙ୍କା ନିବେଶ କରିବ ଏବଂ ଗଞ୍ଜାମ ଓ ଚିକିଟି ଅଞ୍ଚଳର ୧୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ▶ପୃଷ୍ଠା-୭

# ନାବାଳିକାକୁ ଅପହରଣ ଓ ଗଣଦୁଷ୍କର୍ମ ପରେ ହତ୍ୟା !

### ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ

■ **ସୁନ୍ଦରଗଡ଼, ୧୦।୧ (ସମିସ):** ବଡ଼ଗାଁ ଥାନା ଇତମା ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ, ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଦୁର୍ବୃତ୍ତମାନେ ଉଦ୍ୟମ କରି ବିଫଳ ହୋଇଛନ୍ତି। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସମ୍ପୃକ୍ତ ନାବାଳିକାଙ୍କ ଭାଇଙ୍କ ଅଭିଯୋଗ କ୍ରମେ ପୁଲିସ ଅପହରଣ, ଗଣଦୁଷ୍କର୍ମ ଓ ହତ୍ୟା ମାମଲା ରୁଜୁ କରି ଜଣେ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖି ତନାଘନା ଚଳାଇଛି। ୧୭ ବର୍ଷୀୟା ସମ୍ପୃକ୍ତ ନାବାଳିକା ମଙ୍ଗଳବାର ପୂର୍ବାହ୍ନରେ ଶାଗ ତୋଳିବାକୁ ଯାଉଥିବା କହି ଘରୁ ବାହାରିଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କ ପତ୍ତା ପାଇ ନ ଥିଲେ। ତେବେ ବୁଧବାର ସକାଳେ ଗ୍ରାମ ନିକଟ କୁସୁନା ଶାଳବଣର ଏକ ଚାକୁଣ୍ଡା ଗଛ ମୂଳେ ତାଙ୍କ ଅର୍ଦ୍ଧନଗ୍ନ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ବେକରେ ଏକ ଛିଣ୍ଡା ଚୁନ୍ନି ବନ୍ଧା ହୋଇଥିବା ବେଳେ ଚୁନ୍ନିର ଅନ୍ୟ ପାଶ୍ୱର୍ ଗଛ ଡାଳରେ ବନ୍ଧା ହୋଇଥିଲା। ଅନ୍ୟପଟେ ▶ପୃଷ୍ଠା-୭

## '୫-ଟି'ରେ ୫ ଆମ ବସଷ୍ଟାଣ୍ଡ

# ଅତ୍ୟାଧୁନିକ ସୁବିଧା, ମିଶନ ଶକ୍ତିର ସହଭାଗିତା

**ସମ୍ବଲପୁର, ୧୦।୧(ସମିସ)**

ରାଜ୍ୟ ସରକାର ଗମନାଗମନକୁ ପ୍ରାଥମିକତା ଦେଇ ସବୁଠି ରାସ୍ତା ନିର୍ମାଣ କରୁଛନ୍ତି।




ଜିଲ୍ଲାର ସହରାଞ୍ଚଳ ଓ ବ୍ଲକରେ ଆବଶ୍ୟକ ଅନୁସାରେ ବସ୍‌ଷ୍ଟାଣ୍ଡ ଗୁଡ଼ିକ ନିର୍ମାଣ କରୁଛନ୍ତି। ସମ୍ବଲପୁର ଜିଲ୍ଲାରେ ମଧ ସହର ଭିତରେ ଅଇଁଠାପାଲି ବସ୍‌ଷ୍ଟାଣ୍ଡ ରହିଥିବା ବେଳେ ଏବେ ବ୍ଲକ ଗୁଡ଼ିକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଶେଷ ହୋଇଛି। ଜିଲ୍ଲାରେ ୫-ଟି ଯୋଜନାରେ ୫ ଗୋଟି ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ଯାହା ଲୋକାର୍ପଣ ଅପେକ୍ଷାରେ ରହିଛି। ଚଳିତ ମାସ ଶେଷ ସୁଦ୍ଧା ଏହି ବସ୍‌ଷ୍ଟାଣ୍ଡ ଗୁଡିକ ଲୋକାର୍ପଣ ହୋଇଯିବ ବୋଲି ଆଶା କରାଯାଇଛି। ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରେ ବିଳାସପୂର୍ଣ୍ଣ ସୁବିଧା ପାଇପାରିବେ। ଏଣିକି ଆଉ ରାସ୍ତା କଡ଼ରେ ଯାତ୍ରୀଙ୍କୁ ଛିଡ଼ା ହେବାକୁ ପଡ଼ିବ ନାହିଁ ବୋଲି ମତ ପ୍ରକାଶ ପାଉଛି। ବସ୍‌ଷ୍ଟାଣ୍ଡ ଗୁଡ଼ିକ ପରିଚାଳନାରେ ମିଶନ ଶକ୍ତିର ମହିଳା ମାନଙ୍କ ସହଭାଗିତା ରହିବ। ସେମାନଙ୍କ ପାଇଁ ଦୋକାନ ଗୃହ ରହିଛି। ନିଜ ଉତ୍ପାଦିତ ସାମଗ୍ରୀ ସହିତ କାଫେ, ଜଳଖିଆ ଦୋକାନ କରି ରୋଜଗାର ପାଇପାରିବେ। ଏ ସମସ୍ତ ବସ୍‌ଷ୍ଟାଣ୍ଡ ଅତ୍ୟନ୍ତ ଆଧୁନିକ ଓ ସ୍ମାର୍ଟ ବସ୍‌ଷ୍ଟାଣ୍ଡ। ଏଥିରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସହକାରୀ କର୍ମଚାରୀ ମାନଙ୍କ ପାଇଁ ସସସ୍ତ ପ୍ରକାର ସୁବିଧା ଉପଲବ୍ଧ ଅଛି। ସଡ଼କ ଓ ସଡ଼କ ବ୍ୟବହାରକରୀ ତଥା ଯାତ୍ରୀମାନଙ୍କ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଭଲ ପରିବହନ ବ୍ୟବସ୍ଥା ଏକ ଉନ୍ନତ ଅର୍ଥନୀତି ପାଇଁ ମାର୍ଗ ପରିଷ୍କାର କରିଥାଏ। ବିଭିନ୍ନ ସ୍କୁଲ, କଲେଜ, ମହିଳା ଯାତ୍ରୀମାନଙ୍କ ପାଇଁ ସୁବିଧା ସହଜରେ ଉପଲବ୍ଧ ହୋଇପାରିବ। ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇ ଦେବା ପାଇଁ ଉଦ୍ୟମ କରାଯାଇଛି। ସୂଚନା ଯୋଗ୍ୟଯେ ସମ୍ବଲପୁର ଜିଲ୍ଲାରେ ପ୍ରଥମେ ୭ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା। ହେଲେ ୨ଚିହ୍ନଟ ହୋଇଥିବା ସ୍ଥାନ ଏନ୍‌ଏସି ଓ ମହାନଗର ନିଗମ ଅଧିନରେ ଆସୁଥିବା ଯୋଗୁଁ ସ୍ଥଗିତ ହୋଇଛି। ଯୁଯୁମୁରା, ବାମରା, ଜମନକିରା, ରେଙ୍ଗାଲି, ନାକଟିଦେଉଳ ବ୍ଲକରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ଓଏସ୍‌ଆର୍‌ଟିସି ପକ୍ଷରୁ କାମ କରାଯାଉଥିବା ବେଳେ ପୁଲିସ ହାଇସିଂ ବୋର୍ଡ କାମ କରିଛି। ଗୋଟିଏ ବସ୍‌ଷ୍ଟାଣ୍ଡ ପାଇଁ ପାଖା ପାଖି ୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ଏଥିରେ ପାଚେରୀ ବିଶ୍ରାମ ଗାର, ଶୌଚାଳୟ, କ୍ୟାଣ୍ଟିନ, ମହିଳାଙ୍କ ପାଇଁ ଫିଡିଙ୍ଗ ସେଣ୍ଟର, ଟିକେଟ କାଉଣ୍ଟର, ସାର୍ଭିସିଙ୍ଗ ସେଣ୍ଟର ଭଳି ସୁବିଧା ରହିଛି। ନିର୍ମିତ ହୋଇଥିବା କୋଠା ଗୁଡିକ ଅତି ଉଚ୍ଚକୋଟୀର ଓ ଡିଜାଇନ ହୋଇଛି। ଲୋକାର୍ପଣ ହେଲେ ଶୀଘ୍ର ଆଖପାଖ ଗ୍ରାମର ଲୋକାମାନେ ଉପକୃତ ହୋଇପାରିବେ ବୋଲି ଆଲୋଚନା ହେଉଛି। ଲୋକାର୍ପଣ ହୋଇଗଲେ ମିଶନ ଶକ୍ତି ମହିଳାମାନେ ମଧ ରୋଜଗାର ପାଇ ପାରିବେ। ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳାଙ୍କୁ ଏହି ଭିତରେ ଦୋକାନ ଗୃହ ଆବଣ୍ଟନ କରାଯିବ।

# ରେଢ଼ାଖୋଲ ବନାଞ୍ଚଳରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ପକ୍ଷୀ ଗଣନା ଆରମ୍ଭ

**ରେଢ଼ାଖୋଲ, ୧୦।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଅରବିନ୍ଦ ମହାନ୍ତିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଦ୍ୱାରା ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏଥରେ ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ୬ ଟି ବନାଞ୍ଚଳ ଅଧୀନରେ ୩୬ ଟି ଜଳାଶୟକୁ ଅନ୍ତର୍ଭୁକ୍ତ କରି ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ପକ୍ଷୀ ଗଣନା କାର୍ଯ୍ୟରେ ୩୬ଟି ସ୍ୱତନ୍ତ୍ର ଟିମ୍ ସାମିଲ ରହି ଗଣନା କାର୍ଯ୍ୟରେ ଯୋଗଦାନ କରିଥିଲେ। ଏଥିରେ ଆଗତ ପକ୍ଷୀ ମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ଆଇବର୍, ପୋଚର୍ଡ, ଲେସର୍, ୱିସଲିଙ୍ଗ, ଡ଼କ୍, କମୋରାଣ୍ଡ, ଲାପୱିଙ୍ଗ, ଗେଣ୍ଡଳିଆ, ପୋଚର୍ ଇତ୍ୟାଦି ପକ୍ଷୀ ଜଳାଶୟ ମାନଙ୍କରେ ଉପସ୍ଥିତି ରହିଛନ୍ତି। ପୂର୍ବବର୍ଷ ଏହି ପକ୍ଷୀ ଗଣନା କାର୍ଯ୍ୟରେ ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ସମୁଦାୟ ୪୨ଟି ପ୍ରଜାତିର ପକ୍ଷୀ ୨୩୭୩ ପକ୍ଷୀ ଗଣନା କରାଯାଇଥିଲା। ଚଳିତ ବର୍ଷ ପକ୍ଷୀ ଗଣନା କାର୍ଯ୍ୟରେ ଅଧିକ ପ୍ରଜାତିର ପକ୍ଷୀ ସମେତ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବାର ଆଶା କରାଯାଇଛି ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ପକ୍ଷୀ ଗଣନା କାର୍ଯ୍ୟରେ ରେଢ଼ାଖୋଲ ବନବିଭାଗ ଏସିଏଫ୍ ମାଳତୀ ଲତା ହାଜଦା, ବଡ଼ମାଳ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ ପ୍ରମୁଖ ସମେତ ଅନ୍ୟ ବନ ବିଭାଗ କର୍ମଚାରୀ ମାନେ ସାମିଲ ରହିଥିଲେ।



# ସମସ୍ତ ସ୍କୁଲର ଗୋଟିଏ କକ୍ଷ ବୀର ସୁରେନ୍ଦ୍ରଙ୍କ ନାମରେ ନାମିତ ହେଉ

**ସମ୍ବଲପୁର, ୧୦।୧(ସମିସ):** ଜାତୀୟ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଓ ସବୁ ସ୍କୁଲରେ ଗୋଟିଏ କକ୍ଷକୁ ତାଙ୍କ ନାମରେ ନାମିତ କରିବା ପାଇଁ ପୁଣିଥରେ ଦାବି ଜୋରଧରିଛି। ଏ ନେଇ ସମ୍ବଲପୁରର ବିଭିନ୍ନ ସଂଗଠନକୁ ନେଇ ଗଠିତ ସମ୍ବଲପୁର ସଚେତନ ନାଗରିକ ଅନୁଷ୍ଠାନମାନେ ଆଜି ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁର ସଚେତନ ନାଗରିକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ଯେ ଦେଶର ସ୍ୱାଧୀନତା ସଂଗ୍ରାମକୁ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ। ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ସିପାହୀ ବିଦ୍ରୋହ କରି ଇଂରେଜମାନଙ୍କ ବିରୋଧରେ ଲଢ଼େଇକରି ଦୀର୍ଘ ୩୭ ବର୍ଷ ପର୍ଯ୍ୟନ୍ତ କାରାବରଣ କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ଏଭଳି ବଳିଦାନ ବିଶ୍ୱ ଇତିହାସରେ ବିରଳ। ଏସବୁ ସତ୍ତ୍ୱେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତି ଉଚିତ ସମ୍ମାନ ମିଳିନାହିଁ। ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ଅନ୍ତତଃ ଗୋଟିଏ କକ୍ଷ ତାଙ୍କ ନାମରେ ନାମିତ କରିବା ସହିତ ତାଙ୍କ ଫଟୋଚିତ୍ର ସ୍ଥାନିତ କରାଗଲେ ଛାତ୍ରଛାତ୍ରୀମାନେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ସଂପର୍କରେ ସହଜରେ ଅବଗତ ହୋଇପାରନ୍ତେ। ଏଣୁ ପ୍ରତ୍ୟେକ ବିଦ୍ୟାଳୟରେ ଗୋଟିଏ କକ୍ଷ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ସମର୍ପିତ କରିବା ଏବଂ ତାଙ୍କ ଜୟନ୍ତୀ ସମାରୋହ ପାଳନ ବାଧ୍ୟତାମୂଳକ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି।

## ଗୋଲାମାଲ ନୂଆଁରମ୍ଭେଲାରେ ଜୟ ଜଗନ୍ନାଥ ଅର୍ପଣ ରଥ

**ରେଙ୍ଗାଲି, ୧୦।୧(ସମିସ):** ରେଙ୍ଗାଲି ବ୍ଲକର ରେଙ୍ଗାଲି ଗୋଲାମାଲ ଓ ନୂଆଁରମ୍ଭେଲାର ଜଗନ୍ନାଥ ମନ୍ଦିରରୁ ଜୟ ଜଗନ୍ନାଥ ଅର୍ପଣ ରଥ ଯାତ୍ର ଆରମ୍ଭ ହୋଇଥିଲା। ଗ୍ରାମର ପ୍ରତ୍ୟେକ ଘରୁ ଗୁଟେ ଗୁଆ ଓ ମୁଠେ ଚାଉଳ ପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। କତରବଗା ସରପଞ୍ଚ ନିଳାମ୍ବର ରୋହିଦାସ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଇଂ. ଗାନ୍ଧୀ ବେହେରା, ମୋନିକା ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଡୋଳାମଣି ଖମାରୀ, ଗୋବର୍ଦ୍ଧନ ସାହୁ ପ୍ରମୁଖଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ରହି ପ୍ରଥମେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ, ତା'ପରେ ରଥ ଘର ଘର ବୁଲି ଗୁଟେ ଗୁଆ ଓ ମୁଠେ ଚାଉଳ ସଂଗ୍ରହ କରିଥିଲା। ସେହିପରି ନୂଆଁରମ୍ଭେଲା ଠାରେ ସାଲଡ଼ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦିଆ, ବିନୋଦ ବିହାରି ନନ୍ଦ, ପ୍ରଶାନ୍ତ ପଣ୍ଡା, ପୀତବାସ ତଣ୍ଡକାର, ଅକ୍ଷୟ ମାହାଣା, ଫିରୋଜ ବାଗ ପ୍ରମୁଖଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରଥମେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କରିବା ପରେ ଜୟ ଜଗନ୍ନାଥ ଅର୍ପଣ ରଥ ଗ୍ରାମ ସାରା ବୁଲି ଗୋଟେ ଗୁଆ ଓ ମୁଠେ ଚାଉଳ ସଂଗ୍ରହ କରିଥିଲା।



# ବରିଷ୍ଠ ନାଗରିକଙ୍କ ସାଧାରଣ ବୈଠକ ଓ ବନ୍ଧୁମିଳନ

**କୁଚିଣ୍ଡା, ୧୦।୧(ସମିସ):** ସ୍ଥାନୀୟ ଫରେଷ୍ଟ ପାର୍କ ଠାରେ ବୁଧବାର ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ସାଧାରଣ ପରିଷଦ ବୈଠକ ଓ ବନ୍ଧୁ ମିଳନ ହୋଇଯାଇଛି। ସଙ୍ଘର ସଭାପତି ଓମ୍ ପ୍ରକାଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାରୀ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଫକୀରମୋହନ ବାରିହା, ଧୀରେନ୍ଦ୍ର ମହାନ୍ତି, କିଶୋର ଚନ୍ଦ୍ର ପ୍ରଧାନ, ଅଶୋକ କୁମାର ମହାପାତ୍ର, ଶାନ୍ତନୁ ସାହୁ, ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖଙ୍କ ସହିତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏହାପରେ ବନ୍ଧୁମିଳନ ହୋଇଥିଲା।

# ଜମ୍ବୋ ଫନ୍ କ୍ୟାମ୍ପ ଅନୁଷ୍ଠିତ

**ରେଙ୍ଗାଲି, ୧୦।୧(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଜମ୍ବୋ ଫନ କ୍ୟାମ୍ପ ଅନୁଷ୍ଠିତ ହୋଯାଇଛି। ବିଦ୍ୟାଳୟର ସମ୍ପାଦକ ସରୋଜ ବିଶୋଇଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜମ୍ବୋ ଫନ୍ କ୍ୟାମ୍ପର ନିରଞ୍ଜନ ପଲେଇ, ସୀତାଂଶୁ ଦାସ, ଦିଲ୍ଲୀପ କୁମାର ବ୍ରହ୍ମଚାରୀଙ୍କ ସହଯୋଗରେ ତୃତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ବିଦ୍ୟାଳୟରୁ ୬୪୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅଶୋକ ସାହୁ ଓ ବସନ୍ତ କୁମାର ରାଉତଙ୍କ ସହିତ ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।



# ନାକଟିଦେଉଳ ଓ କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

**ନାକଟିଦେଉଳ, ୧୦।୧(ସମିସ):** ନାକଟିଦେଉଳ ବ୍ଲକ ନାକଟିଦେଉଳ ଓ କିସିଣ୍ଡା ଉଚ୍ଚ ମାଧମିକ ବିଦ୍ୟାଳୟରେ ଆଜି ଠାରୁ ଛାତ୍ରୀ ମାନଙ୍କ ନିମନ୍ତେ ଏକ ଆତ୍ମ ରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜରେ ଦିନକୁ ଦିନ ନାରୀ ମାନଙ୍କ ଉପରେ ଘଟୁଥିବା ଅମାନୁଷିକ ଘଟଣାରୁ ନିଜକୁ କେମିତି ସୁରକ୍ଷା କରିପାରିବେ ସେନେଇ ଏହି ତାଲିମ୍ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ଭାଷଣ ରଖିଥିଲେ। କିସିଣ୍ଡା ଉଚ୍ଚ ମାଧମିକ ବିଦ୍ୟାଳରେ ଆୟୋଜିତ ହୋଇଥିବା ଏହି ଶିବିରକୁ ଅନୁଷ୍ଠାନର ଅଧ୍ୟକ୍ଷ ସୁଶ୍ରୀତା ଭୋଇ ଉଦଘାଟନ କରିଥିଲେ। ଏହି ତାଲିମ୍ ଶିବିରରେ ୫୩ ଜଣ ଛାତ୍ରୀ ତାଲିମ୍ ଗ୍ରହଣ କରୁଥିବା ବେଳେ ପ୍ରଶିକ୍ଷକ ଭାବେ ପ୍ରତିଭା ଡାଙ୍ଗ ଯୋଗଦେଇଛନ୍ତି। ଏହି ଶିବିରକୁ ସଂଯୋଜକ ଅନୀତା ପ୍ରଧାନ ପରିଚାଳନା କରିଥିବା ବେଳେ ଅଧାପକ କୌଶିକ ପ୍ରଧାନଙ୍କ ସହ ଅନୁଷ୍ଠାନର ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ରହିଥିଲେ। ସେହିପରି ନାକଟିଦେଉଳ ଉଚ୍ଚ ମାଧମିକ ବିଦ୍ୟାଳରେ ମଧ ଏହି ଆତ୍ମସୁରକ୍ଷା ତାଲମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ଅଧାପକ ହେମାନନ୍ଦ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆତ୍ମରକ୍ଷା ସମ୍ବନ୍ଧିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ଅଧାପକ ସରୋଜ ଭୁଏ, ଅରୁଣ କୁମାର ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, ବିଶ୍ୱଜିତ୍ ସାହୁ, ଅଧାପିକା ଅଞ୍ଜନା କୁମାରୀ ସାହୁ, ଖେଳ ଶିକ୍ଷକ ଜିତେନ୍ଦ୍ରୀୟ ପ୍ରଧାନ, କାର୍ଯ୍ୟକ୍ରମ ସଂଯୋଜିକା ବିନିତା ମୁର୍ମୁ ଉପସ୍ଥିତ ରହିଥିଲା। ତେବେ ପ୍ରଶିକ୍ଷକ ଭାବେ ବୃନ୍ଦବତୀ ମୁଣ୍ଡା ଯୋଗ ଦେଇଥିବା ବେଳେ ଏଥିରେ ୧୦୦ ଜଣ ଛାତ୍ରୀ ପ୍ରଶୀକ୍ଷଣ ଗ୍ରହଣ କରୁଛନ୍ତି।

# ଭୁଲିଆ ସମାଜର ପଞ୍ଚମ ବାର୍ଷିକ ଉତ୍ସବ

**ସମ୍ବଲପୁର, ୧୦।୧(ସମିସ):** ବେଲାଦୁଲା ଗ୍ରାମରେ ଜିଲ୍ଲା ମେହେର ଭୁଲିଆ ସମାଜ ତରଫରୁ ପଞ୍ଚମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ନିଖିଳ ଓଡ଼ିଶା ମେହେର ଭୁଲିଆ ସମାଜର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁରେନ୍ଦ୍ର ମେହେର, ରାଜ୍ୟ ସଂଯୋଜକ ସୁବାଷ ମେହେର, ସୋନପୁର ସଭାପତି ପ୍ରଫୁଲ୍ଲ ମେହେର ଅତିଥି ରୂପେ ମଞ୍ଚାସୀନ ଥିଲେ। ଉକ୍ତ ସଭାପରେ ପ୍ରତାପ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। କୁନି କଳାକାର ପୂଜା ମେହେର, ଅନୁପମା ମେହେର, ପୁଷ୍ପାଞ୍ଜଳି ମେହେର, ରୂପାଲି ମେହେର ଓ ଲିନା ମେହେର ଅତିଥିଙ୍କ ପାଇଁ ସ୍ୱାଗତ ବନ୍ଦନା କରିଥିଲେ। ଅନୁଗୋଳ ଜିଲ୍ଲା ମେହେର ଭୁଲିଆ ସମାଜର ସଭାପତି ନନ୍ଦୀ କିଶୋର ମେହେର ସଭା ପରିଚାଳନା କରିଥଲେ। ସମ୍ପାଦକ ଯୁଧିଷ୍ଠିର ମେହେର ପୂର୍ବ ବର୍ଷର ବାର୍ଷିକ ବିବରଣୀ ପଠନ କରିବା ସହିତ ସାଙ୍ଗଠନିକ ଭାବେ ଏକତା ହୋଇ ଜାତି ର ଉନ୍ନତି ପାଇଁ କାର୍ଯ୍ୟ କରିବା ବୋଲି କହିଥିଲେ। ଅତିଥି ମାନେ ଜାତି ସମାଜର ଉନ୍ନତି ପାଇଁ ଏକତା ହୋଇ କାର୍ଯ୍ୟ କରିବା ସହିତ ଗଙ୍ଗାଧର ମେହେରଙ୍କ ଜୀବନୀ, ସାହିତ୍ୟ ସୃଜନ ଆଦି ଉପରେ ଆଲୋଚନା କରିଥିଲେ। ନୂତନ ଜିଲ୍ଲା କମିଟି ଗଠନ ହୋଇଥିଲା ଏଥିରେ ସଭାପତି ନନ୍ଦିକିଶୋର୍ ମେହେର, କାର୍ଯ୍ୟକାରୀ ସଭାପତି ପ୍ରତାପ ମେହେର, ଉପ ସଭାପତି ଲକ୍ଷ୍ମଣ ମେହେର, ସମ୍ପାଦକ ଯୁଧିଷ୍ଠିର ମେହେ, ସହ ସଂପାଦକ ଗୁଣନିଧି ମେହେର, କୋଷାଧ୍ୟକ୍ଷ ନରେନ୍ଦ୍ର ମେହେର, ଉପଦେଷ୍ଟା ଓଁକାର ମେହେର, ସଦସ୍ୟ ସୁମନ୍ତ ମେହେର, ବସନ୍ତ ମେହେ, ସୁନିତା ମେହେର, ସରସ୍ୱତୀ ମେହେର, କୌଶିକ ମେହେର, ରାଜୀବ ମେହେର, ସରୋଜ ମେହେର ରହିଛନ୍ତି। ଶେଷରେ ସଭାପତି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



# ମନଇଚ୍ଛା ଚାଲିଛି ଗଛକଟା

**କୁଚିଣ୍ଡା, ୧୦।୧(ସମିସ):** କୁଚିଣ୍ଡା ଏନ୍‌ଏସି ପକ୍ଷରୁ ସବୁଜ ସୁନ୍ଦର ସହର ବୋଲି ପ୍ରଚାର କରାଯାଉଛି। କିନ୍ତୁ ବାସ୍ତବରେ ତା'ର ଓଲଟା କରାଯାଉଛି। ବହୁ ବଡ଼ ବଡ଼ ଗଛ ଗୁଡ଼ିକୁ କାଟି ଦିଆଯାଇଛି। କଳା ପରିଷଦ ପରିସରରେ ଥିବା ପ୍ରକାଣ୍ଡ ପ୍ରକାଣ୍ଡ ଗଛଗୁଡ଼ିକ କଟାଯାଇ ପରିସରକୁ ପଦା କରାଗଲାଣି। ଏ ବାବଦରେ ଜଙ୍ଗଲ ବିଭାଗ ପାଖରେ ଖବର ନାହିଁ। କାହିଁକି ଏପରି ମୂଲ୍ୟବାନ ଗଛ କାଟି ଦିଆଯାଉଛି କାହାରିକି କିଛି କଣାନାହିଁ। ଗତ ବର୍ଷେତଳେ ମନ୍ତ୍ରିମୁଣ୍ଡା ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ହେବ ବୋଲି ପ୍ରାୟ ୨ଏକର ପାଖା ପାଖି ସରକାରୀ ଜମିରେ ଥିବା ପ୍ରକାଣ୍ଡ ପ୍ରକାଣ୍ଡ ଶାଳ ଗଛ, ମହୁଲ ଗଛକୁ ଗଣ୍ଡି କରି କଟାଯାଇଥିଲା ଏବଂ ସେହି ସ୍ଥାନରେ ବହୁଦିନ ଧରି ପଡ଼ିରହିବା ପରେ ସେଠାରୁ କାଠ ଗଣ୍ଡିକୁ କିଏ ନେଲା, କେଉଁଠି ରଖିଲା କିମ୍ବା କେତେ ଟଙ୍କା ବିକ୍ରି କରାଗଲା ତାହାବି କାହାରିକୁ ଜଣା ନାହିଁ। ଏ ନେଇ କୁଚିଣ୍ଡା-ଭୋଜପୁର ରେଞ୍ଜର ଲକ୍ଷ୍ମୀ ନାରାୟଣ ସାହୁଙ୍କୁ ପଚାରିବାରୁ ଗଛ କଟାଯାଇଛି। ଏଥିପାଇଁ ମୋ ସହିତ କଥା ବାର୍ତ୍ତା କରିଥିଲେ ହେଲେ କେଉଁଠିକୁ ଗଛ ନେଲେ ମତେ ଜଣା ନାହିଁ। ଠିକ ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ କଟା ଯାଇଥିବା ଗଛର କଥା ମତେ ଠିକ ଭାବେ ଜଣାନାହିଁ ସେତିକି ବେଳେ ମୁଁ ଦାଇତ୍ୱ ନେଇ ନଥିଲି ବୋଲି ରେଞ୍ଜର ଶ୍ରୀ ସାହୁ ପ୍ରକାଶ କରିଥିଲେ।



## କୁଦୋପାଲି ରକ୍ତତୀର୍ଥ ଉପରେ ହେବ ଗବେଷଣା

# ଦିଲ୍ଲୀରେ ଐତିହାସିକଙ୍କ ବୈଠକ

**ସମ୍ବଲପୁର, ୧୦।୧(ସମିସ)**

ସମ୍ବଲପୁର ସହର ଉପକଣ୍ଠ ରକ୍ତତୀର୍ଥ କୁହାଯାଉଥିବା କୁଦୋପାଲି ଉପରେ ଗବେଷଣା କରାଯିବ। ଏହାସହ ପୁସ୍ତକ ଲେଖାଯିବାର ପକ୍ରିୟା ଆଗେଇଛି। ଦିଲ୍ଲୀ ଶାସ୍ତ୍ରୀ ରୋଡ଼ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟରେ ଉଚ୍ଚସ୍ତାରୀୟ ବୈଠକ ହୋଇଛି। ଓଡ଼ିଶାର ବିଶିଷ୍ଟ ଇତିହାସ ଗବେଷକ ହରିହର ପଣ୍ଡା, ଦୀପକ ପଣ୍ଡା, ଚଣ୍ଡୀ ପ୍ରସାଦ ନନ୍ଦ, ବିଭୂଦତ୍ତ ମିଶ୍ରଙ୍କ ସମେତ ଆଇସିଏଚ୍‌ଆର ଓ ନ୍ୟାସନାଲ ବୁକ ଟ୍ରଷ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। କୁଦୋପାଲି ଇତିହାସ ଉପରେ ରାଜ୍ୟରୁ ଯାଇଥିବା ଟିମ ସୂଚନା ଦେଇଥିଲେ। ପୂର୍ବରୁ ଯାହା ତଥ୍ୟା ପ୍ରମାଣ ରହିଛି ସେନେଇ ବିସ୍ତାର ଭାବେ ଆଲୋଚନା ହୋଇଥିଲା। ଆଇସିଏଚ୍‌ଆର୍ ଓ ଏନବିଟି ଟିମ୍ ଖୁବଶୀଘ୍ର ସମ୍ବଲପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଐତିହାସିକ ଶ୍ରୀ ପଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଇତିହାସରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ଛବିଳ ସାଏଙ୍କ ଭଳି ଅନେକ ମହାପୁରୁଷଙ୍କ ବିଷୟରେ ବିସ୍ତାର ଭାବେ ବର୍ଣ୍ଣନା କରାଯାଇ ନାହିଁ। ବ୍ୟକ୍ତିବିଶେଷ ମାନେ ତାଙ୍କ ବିଷୟରେ ଲେଖିଛନ୍ତି। ଏବେ ଜାତୀୟ ସ୍ତରରେ ସ୍ୱୀକୃତି ମିଳିବା ଆଶା ଦେଖାଦେଇଛି। ପୁସ୍ତକ ଲେଖା ହେଲେ ନିଶ୍ଚିତ ଭାବେ ଦେଶ ବାହାରେ ମଧ ଏହି ସ୍ଥାନର ପ୍ରଚାର ପ୍ରସାର ହୋଇପାରିବ ବୋଲି କହିଥିଲେ। ଡ଼ିସେମ୍ବର ୩୦ ତାରିଖ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୁଦୋପାଲି ଆସିଥିବା ସମୟରେ ଗବେଷଣା କରାଯିବା ନେଇ ଘୋଷଣା କରିଥିଲେ। ଏବେ ପକ୍ରିୟା ଆରମ୍ଭ ହୋଇଛି। ଯାହାକୁ ନେଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି। କୁଦୋପାଲିରେ ୧୮୫୭ ମସିହାରେ ଇଂରେଜଙ୍କ ଗୁଳିରେ ବୀର ଛବିଳ ସାଏ ସମେତ ୫୭ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପ୍ରତିଷ୍ଠା ହେଲା ବହୁ ଦିନ ଠାରୁ ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରା ଐତିହ୍ୟର ପ୍ରଚାରପ୍ରସାର ପାଇଁ କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅଞ୍ଚଳର ବୀରପୁତ୍ରଙ୍କୁ ଉଚିତ୍ ସମ୍ମାନ ଦେବା ଦିଗରେ ବିଭନ୍ନ ସମୟରେ ବିବିଧ କାର୍ଯ୍ୟକ୍ରମ ମାନ କରିଆସିଛି। କେନ୍ଦ୍ରମନ୍ତ୍ରୀଙ୍କ ଆଜିର ନିଷ୍ପତ୍ତି ପଶ୍ଚିମାଞ୍ଚଳ ଏକତା ମଞ୍ଚର ସାଂସ୍କୃତିକ ଐତିହାସିକ ସଂଗ୍ରାମକୁ ଏକ ନୂତନ ଦିଗନ୍ତ ଓ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।



# ଗାଁ ଗାଁରେ ଭାବଭକ୍ତି ଓ ନାମ ସଂକୀର୍ତ୍ତନ ମଧ୍ୟରେ ଅର୍ପଣ ରଥକୁ ସ୍ୱାଗତ

**ନାକଟିଦେଉଳ, ୧୦।୧(ସମିସ):** ପରିକ୍ରମା ପ୍ରକଳ୍ପର ଉନ୍ମୋଚନ ପାଇଁ ନାକଟିଦେଉଳ ବ୍ଲକ ବିଭିନ୍ନ ପଞ୍ଚାୟତର ଗାଁ ଗାଁରେ ଅର୍ପଣ ରଥ ପରିକ୍ରମା କରୁଥିବା ବେଳେ ଗାଁ ଗୁଡିକରେ ନାମ ସଂକୀର୍ତନ ଓ ଭକ୍ତିଭାବ ବିହ୍ୱଳରେ ରଥକୁ ସ୍ୱାଗତ କରାଯାଉଛି। ବ୍ଲକ ର କିସିଣ୍ଡା, ବାଟଗାଁ, ଡଇଁଚା ଆଦି ଅଂଚଳର ଗାଁ ଗୁଡିକରେ ଅର୍ପଣ ରଥ ପରିକ୍ରମା କରୁଛି। ଗାଁ ଗୁଡିକରେ ଏହି ରଥକୁ ସ୍ୱାଗତ କରି ନିଆଯାଉଥିବା ବେଳେ ଗାଁ ଗୁଡିକରେ ଆଧାତ୍ମିକ ଦୃଶ୍ୟମାନ ହେଉଛି। ଘଣ୍ଟଘଣ୍ଟା ହରିବୋଲ ହୁଳହୁଳିରେ ଅର୍ପଣ ରଥକୁ କୁ ପୁଜାର୍ଚ୍ଚନା କରାଯିବା ସହ ଲୋକମାନେ ଖୁସି ଆନନ୍ଦରେ ଗୁଆ ଚାଉଳ ଅର୍ପଣ କରୁଛନ୍ତି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks
Contact
Sd/- Secretary
9438477846/9438160121/9337006245

## ଘୁମସାଗର ନାଳାରେ ପ୍ରଦୂଷିତ ପାଣି ଛାଡିବା ଘଟଣାରେ ଆକ୍ସନ

# ଅମ୍ବିକା ରାଇସ ମିଲ୍ ବନ୍ଦ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡର ନିର୍ଦ୍ଦେଶ

**ବୁର୍ଲା, ୧୦।୧(ସମିସ):** ଖଗସିପାଲିର ଘୁମସାଗର ନାଳାରେ ଅମ୍ବିକା ରାଇସ ମିଲର ପ୍ରଦୂଷିତ ପାଣି ଓ ବର୍ଜ୍ୟବସ୍ତୁ ଛାଡିବା ଘଟଣାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବ୍ୟବସ୍ଥା ଗ୍ରହଣ କରାଯାଇଛି ନା ନାହିଁ ତାହା ନିରୀକ୍ଷଣ କରିଥିଲେ। ଏହି ୩ଜଣିଆ ଟିମ୍‌ରେ ଡିଇଇ ବି ପ୍ରଧାନ, ଏଇଇ ଆରକେ ପଣ୍ଡା, ଏଇଏସଏମ୍ ପ୍ରଧାନ ସାମିଲ ଥିଲେ। ତେବେ ଏହି ନିରୀକ୍ଷଣ ସମୟରେ ବୋଲି ଟିମ୍ କହିଛି। ତେବେ ଇଟିପି ବସାଯାଇଥିବାବେଳେ ତାହା ମଧ୍ୟ କାର୍ଯ୍ୟକ୍ଷମ ନୁହେଁ ବୋଲି ଜଣା ପଡ଼ିଛି। ତେବେ ଟିମ୍ ପ୍ରଦୂଷିତ ପାଣିର ନମୂନା ସଂଗ୍ରହ କରିଥିବାବେଳେ ସେଥିରୁ ସାଂଘାତିକ ତଥ୍ୟ ସାମ୍ନାକୁ



ଜାନୁଆରୀ ୪ତାରିଖରେ 'ସକାଳ' ଖବର କାଗଜରେ ପ୍ରକାଶିତ 'ଘୁମସାଗର କେନାଲରେ ଅମ୍ବିକା ରାଇସ୍ ମିଲର ବର୍ଜ୍ୟବସ୍ତୁ' ଶୀର୍ଷକ ଖବର ଆଧାରରେ ତଦନ୍ତ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ର ବୋର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅମ୍ବିକା ରାଇସ ମିଲକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଡା ଆଭିମୁଖ୍ୟ ଗ୍ରହଣ କରିବା ସହ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ସକାଳରେ ଖବର ପ୍ରକାଶନ ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ବଲପୁର ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ୩ଜଣିଆ ଟିମ୍ ରାଇସ ମିଲ ଗସ୍ତ କରି ପ୍ରଦୂଷିତ ପାଣିର ନମୂନା ସଂଗ୍ରହ କରିଥିଲେ ଏହା ସହ ୱାଟର ଟ୍ରିଟମେଣ୍ଟ ସହ ପ୍ରଦୂଷଣ ରୋକିବା ପାଇଁ ଅତ୍ୟାବଶ୍ୟକ ରାଇସ ମିଲ କାର୍ଯ୍ୟକ୍ଷମ ଥିବା ଟିମ୍ ଜାଣିବାକୁ ପାଇଛି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ କାର୍ଯ୍ୟକାରୀ ହେଉନଥିବା ସାଙ୍ଗକୁ ଏହା ଯଥେଷ୍ଟ ନୁହେଁ ଓ ବ୍ୟବହୃତ ଯନ୍ତ୍ରପାତି କାର୍ଯ୍ୟକ୍ଷମ ହେଉନଥିବା ନିରୀକ୍ଷଣ ସମୟରେ ଟିମ୍ ଜାଣିବାକୁ ପାଇଛି। ଉକ୍ତ ଯାଞ୍ଚ ସମୟରେ ଆଖିକୁ ଦୃଶ୍ୟମାନ ହେଉଥିବା ଭଳିଆ ବାୟୁପ୍ରଦୂଷଣ ହେଉଥିବା ଟିମ୍ ଜାଣିବାକୁ ପାଇଛି। ଏହା ସହିତ କୁଣ୍ଡା ପାଉଁଶ ରାଇସ ମିଲ୍ ବାହାରକୁ ମଧ୍ୟ ଫୋପଡା ଯାଇଥିବାବେଳେ ତାହା ମାଟିରେ ପୋତାଯାଇ ନାହିଁ। ପାଉଁଶ ଖୋଲା ଆକାଶରେ ନ ଉଡିବା ପାଇଁ ଜଳ ସିଞ୍ଚନ ବ୍ୟବସ୍ଥା ମଧ କରାଯାଇ ନଥିବା ଟିମ୍ ଦେଖିବାକୁ ପାଇଁ। ସେହିପରି ରାଇସ ମିଲ ଭିତରେ ପରିମଳ ତଥା ସଫାସୁତରା ସନ୍ତୋଷଜନକ ନୁହେଁ ଆସିଛି। ତେବେ ଟିଏସଏସ ଲିଟର ପିଛା ୧୦୦ ମିଲିଗ୍ରାମ ରହିବା କଥା ହେଲେ ସଂଗୃହିତ ନମୁନାରେ ଟିଏସଏସ ୧୬୨ ରହିଥିବା ଜଣାପଡ଼ିଛି। ସେହିପରି ବିଓଡି ୩୦ ମିଲିଗ୍ରାମ ରହିବା ବଦଳରେ ୩୨୦ ମିଲିଗ୍ରାମ ରହିଛି। ଓଏଲ ଆଣ୍ଡ ଗ୍ରୀସ ୧୦ମିଲିଗ୍ରାମ ବଦଳରେ ୧୫ ମିଲିଗ୍ରାମ ରହିଛି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ନିମୟ ୧୯୭୪ର ୩୩ (ଏ) ଓ ୧୯୮୧ର ୩୧ ( ଏ) ଆଧାରରେ ମିଲକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ମିଳିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ବୋର୍ଡ ପାଖରେ ତଥ୍ୟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛି ବୋର୍ଡ। ଏଥିରେ ଖିଲାପ କଲେ ବିନା ଆଗୁଆ ସୂଚନାରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୂଚାଇ ଦେଇଛି ବୋର୍ଡ।

# ସାମାଜିକ-ଆର୍ଥିକ ଅନଗ୍ରସର ଯୁବତୀଙ୍କୁ ସଶକ୍ତ କରୁଛି ବେଦାନ୍ତ

**ସମ୍ବଲପୁର/ଝାରସୁଗୁଡା, ୧୦।୧(ସମିସ)**

ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଝାରସୁଗୁଡାରେ ପ୍ରୋଜେକ୍ଟ ପଞ୍ଛିର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଥିଲା। ବେଦାନ୍ତର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଯୋଗୁଁ ଏହି ପ୍ରକଳ୍ପ ସଫଳ ହେଉଛି। କର୍ପୋରେଟ୍ ନିଯୁକ୍ତି ଡ୍ରାଇଭ୍ ଯାହା ଧାତୁ, ଖଣି, ତୈଳ ଏବଂ ଗ୍ୟାସ୍ ସ୍ଥିତ ପାନ-ଇଣ୍ଡିଆରେ ବିଭିନ୍ନ ବ୍ୟବସାୟରେ ଅନଗ୍ରସର ପଛୁଆ ସମ୍ପ୍ରଦାୟର ୧୦୦୦ ବାଳିକାଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛି। ସ୍ୱଳ୍ପ ଆୟ ପରିବାରର ବାଳିକାମାନେ, ଯେଉଁମାନେ ଆର୍ଥିକ ଓ ସାମାଜିକ ପ୍ରତିବନ୍ଧକ ସେମାନେ କ୍ୟାରିୟର ଗଢି ପାରିବେ। ତୃତୀୟ ପର୍ଯ୍ୟାୟରେ ୪୫ ଜଣ ଯୁବତୀ ନିଯୁକ୍ତି ପାଇଁ ଚିହ୍ନଟ କରାଯାଇ ଅଫର ପତ୍ର ପ୍ରଦାନ କରାଯାଇଥିଲା ଜିଲ୍ଲା ଶ୍ରମ ଅଧିକାରୀ ସୁନୀତା କିସାନ ଓ ଜିଲ୍ଲା ନିଯୁକ୍ତି ବିନିମୟ ଅଧିକାରୀ ସଂଗୀତା ମେହେରଙ୍କ କାର୍ଯ୍ୟକ୍ରମରେ ଥିବା ବେଳେ ଝାରସୁଗୁଡା ବିଧାୟିକା ଦୀପାଲି ଦାସ, ଜିଲ୍ଲାପାଳ ଅବୋଲି ସୁନୀଲ ନାରାଭାନେ ପ୍ରମୁଖ ଭାର୍ଚୁଆଲ ମୋଡରେ ଯୋଗଦାନ କରିଥିଲେ। ଏପର୍ଯ୍ୟନ୍ତ ୨୦୦ରୁ ଅଧିକ ବାଳିକାଙ୍କୁ ଚୟନ କରାଯାଇଛି, ।ସେମାନଙ୍କର ସ୍ନାତକୋତର ସମାପ୍ତି ପରେ, ଚାକିରି ଅଫରଗୁଡିକ ଆନୁଷ୍ଠାନିକ ହେବାସହିତ ଏହି ଯୁବତିମାନେ ମୂଳ କାର୍ଯ୍ୟରେ ସ୍ନାତକ ପ୍ରଶିକ୍ଷକ ଭାବରେ ବେଦାନ୍ତ କାର୍ଯ୍ୟରେ ଯୋଗଦେବେ। ଏହା ଛତିଶଗଡ଼ର କୋରବା, ଓଡ଼ିଶାର ଲାଞ୍ଜିଗଡ଼ ଓ ସୁନ୍ଦରଗଡ଼ ଥିବା ବେଦାନ୍ତ ଆଲୁମିନିୟମ୍ ଅପରେସନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳିତ ହୋଇଥିଲା। ଏହି ପାଇଁ ସମାନ ସୁଯୋଗ ସୃଷ୍ଟି କରିବାର ମହତ୍ୱକୁ ସ୍ୱୀକାର କରୁଛୁ। ପ୍ରତିଭା, ବିବିଧତା ଏବଂ ସମାନତା ବୃଦ୍ଧି ପାଇଁ ଆମର ପ୍ରତିବଦ୍ଧତା ସହିତ ପ୍ରୋଜେକ୍ଟ ପଂଛି ସମ୍ପୂର୍ଣ୍ଣ ରୂପେ ସଜାଗ ହୋଇଛି। ଭାର୍ଚୁଆଲ ମୋଡରେ ଯୋଗଦେଇ ବିଧାୟିକା ଦାସ କହିଥିଲେଯେ, ମହିଳାମାନେ ଶିଖରରେ ଆଲୁମିନିୟମକୁ ମୋର କୃତଜ୍ଞତା ଜଣାଉଛି। ଯାହା ଯୁବତୀମାନଙ୍କୁ ସେମାନଙ୍କର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରୁଛି। ଏହିପରି ପରିବର୍ତ୍ତନଶୀଳ ପଦକ୍ଷେପ ପାଇଁ ଝାରସୁଗୁଡା ଜିଲ୍ଲା ପ୍ରଶାସନ ସର୍ବଦା ସହାୟତା କରିବ ବୋଲି କହିଥିଲେ। ଯୁବତିମାନଙ୍କ ମଧ୍ୟରୁ ଅଲିଭା




ଅବସରରେ ସିଇଓ ସୁନୀଲ ଗୁପ୍ତା କହିଥିଲେ ପଂଛି ଯୋଜନା ମହିଳା ସଶକ୍ତିକରଣ ପାଇଁ ବେଦାନ୍ତ ଆଲୁମିନିୟମ୍ର ପ୍ରତିବଦ୍ଧତାର ଏକ ଉଦାହରଣ। ଯୁବତୀମାନଙ୍କ ପାଇଁ ଏକ ଉଜ୍ୱଳ ଭବିଷ୍ୟତ ପାଇଁ ପ୍ରତିଜ୍ଞାକରେ ନାହିଁ ଆମକୁ ଘେରି ରହିଥିବା ସମ୍ପ୍ରଦାୟରେ ସକରାତ୍ମକ ପରିବର୍ତ୍ତନକୁ ବିକିରଣ କରିଥାଏ। ସିଏଚଆରଓ ଦିଲୀପ ସିହ୍ନା କହିଥିଲେଯେ, ବେଦାନ୍ତରେ ଆମେ ସମସ୍ତଙ୍କ ପହଞ୍ଚିବା ପାଇଁ ସକ୍ଷମ କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚଶିକ୍ଷା ପାଇଁ ସମର୍ଥ ହୋଇନଥାନ୍ତି। ପ୍ରୋଜେକ୍ଟ ପଂଛି ପରି କାର୍ଯ୍ୟକ୍ରମ ଆଣିଥିବାରୁ ମୁଁ ବେଦାନ୍ତକୁ ପ୍ରଶଂସା କରୁଛି। ବେଦାନ୍ତ ସର୍ବଦା ସେମାନଙ୍କର ସିଏସଆର ପଦକ୍ଷେପରେ ସକ୍ରିୟ ରହିଆସିଛି। ଜିଲ୍ଲାପାଳ ଅବୋଲି ସୁନୀଲ ନାରାଭାନେ କହିଥିଲେଯେ ଏହି ଚମତ୍କାର ପଦକ୍ଷେପ ପାଇଁ ମୁଁ ବେଦାନ୍ତ ପଟେଲ ତାଙ୍କ ଭାବନାକୁ ପ୍ରକାଶ କରି କହିଛନ୍ତି, "ମୋ ମା ମୋତେ ଉଚ୍ଚ ଅଧ୍ୟୟନ କରିବାକୁ ଉତ୍ସାହିତ କରିଥିଲେ କାରଣ ସେ ନିଜେ ଏହା କରିପାରିନଥିଲେ। ଏହି ପଦକ୍ଷେପକୁ ଆଗେଇ ନେଇଥିବାରୁ ଏବଂ ଆମ ପରି ଝିଅମାନଙ୍କୁ ଗୁଣା।କ ଶିକ୍ଷା ଦେବାରେ ସାହାଯ୍ୟ କରିବା ସହିତ ଆମର ଯତ୍ନ ନେବା ପାଇଁ ମୁଁ ବେଦାନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଦେଓଗାଁ ସ୍କୁଲରେ ପ୍ରଧାନଶିକ୍ଷକ ସମୂହଙ୍କ ବୈଠକ

**ମାନେଶ୍ୱର, ୧୦।୧ (ସମିସ):** ମାନେଶ୍ୱର ବ୍ଲକ ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ମାସିକ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଏଥିରେ



ମାନେଶ୍ୱର ବ୍ଲକର ୧୯ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଶିକ୍ଷା ସଂପର୍କିତ ବିଭିନ୍ନ ବିଷୟ ଆଲୋଚନା କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ଭୋଇ ଯୋଗ ଦେଇ ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଗତ ସୃଜନଶୀଳତା ଉତ୍ସବ ସମ୍ବନ୍ଧରେ ସୂଚନା ଦେଇଥିଲେ। ପାଞ୍ଚଫୁଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ, ମହୁଲପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ଦାଶ, ଖଣ୍ଡୁଆଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ରାକ୍ଷୀ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରୁଣା ବଳାରଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଦେଓଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଗରିକା ହୋତା ତତ୍ୱାବଧାନରେ ଏହା ସୁଚାରୁ ରୂପେ ସଂପନ୍ନ ହେଇଥିଲା। ଶିକ୍ଷକ ହିମାଂଶୁ ପାଣିଗ୍ରାହୀ, ପ୍ରଦୀପ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

# ହୋଟେଲରେ ନିମ୍ନ ମାନର ଖାଦ୍ୟ: ଚିକେନ୍‌ରୁ ବାହାରିଲା ପୋକ

**ବୁର୍ଲା, ୧୦।୧ (ସମିସ):** ସମ୍ବଲପୁର ମହାନଗର ନିଗମ ଶିକ୍ଷା ନଗରୀ ବୁର୍ଲାରେ ନିମ୍ନମାନର ଖାଦ୍ୟ ମିଳୁଥିବା ନେଇ ଅଭିଯୋଗ ହୋଇଛି। ଡାକ୍ତର ଦମ୍ପତ୍ତି ଖାଉଥିବା ଚିକେନରେ ପୋକ ବାହାରିଥିଲା। ବୁର୍ଲା ଭିମ୍‌ସାର୍ ମେଡିସିନ୍ ବିଭାଗରେ କାର୍ଯ୍ୟରତ ଡାକ୍ତର ପିସି କାରୁଆ ଏହାକୁ ନେଇ ଅଭିଯୋଗ କରିଥିଲେ। ମିଳିଥିବା ସୂଚନା ମୁତାବକ ଡାକ୍ତର କାରୁଆଙ୍କ ସ୍ତ୍ରୀଙ୍କ ସହ କିର୍ବାଛକ ଏକ ଫାଷ୍ଟଫୁଡ ହୋଟେଲକୁ ଖାଇବାକୁ ଚିକେନ ପାର୍ସଲରେ ମଗାଇଥିଲେ। ତେବେ ପାର୍ସଲ ଘରେ ପହଞ୍ଚିବା ପରେ ପରିବାର ସମସ୍ତେ ଏକାଠି ବସି ଖାଇବା ଆରମ୍ଭ କରିଥିଲେ। କିନ୍ତୁ ଡା. କାରୁଆଙ୍କ ସ୍ତ୍ରୀ ଖାଉଥିବା ଚିକେନ୍ ଦୁର୍ଗନ୍ଧ ହେଉଥିବାରୁ ଚିକେନ୍ କୁ ଭଲଭାବରେ ଦେଖିଥିଲେ। ଚିକେନରେ ପୋକ ସାଲୁବାଲୁ ହୋଇଥିଲା।



ଏହାକୁ ନେଇ ସମ୍ପୃକ୍ତ ଦୋକାନୀଙ୍କୁ ଖାଇବା ସହିତ ଲୋକଙ୍କ ଜୀବନ ସହିତ କାହିଁକି ଏଭଳି ଖେଳୁଛ କହି ଯୁକ୍ତି କରିଥିଲେ। ଘଟଣା ସମ୍ପର୍କରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଓ ବୁର୍ଲା ଥାନା ଅଭିଯୋଗ କରିବେ ବୋଲି ଡାକ୍ତର କାରୁଙ୍କ ପତ୍ନୀ ମମତା ଲେଙ୍କା କହିଛନ୍ତି। ଏହି ବିଷାକ୍ତ ଖାଦ୍ୟ ଖାଇ ଜୀବନ ହାନୀ ହୁଏ। ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି।



### ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ ଆଉ ଚାରି ଦିନ

# ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ପୁଲିସ ପ୍ରଶାସନର ମୁଣ୍ଡବ୍ୟଥା

**ବରଗଡ଼, ୧୦।୧(ସମିସ)**

ଆଉ ଚାରି ଦିନ ପରେ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ଧନୁଯାତ୍ରା ସମୟରେ ବରଗଡ଼ ସହର ମଥୁରା ନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟୁଥିବା ବେଳେ ଯାତ୍ରା ସମୟରେ ସହରରେ ବିପୁଳ ଜନସମାଗମ ଦେଖିବାକୁ ମିଳିଥାଏ। ଏପରି ସ୍ଥିତିରେ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାରିବା ପୁଲିସ ପ୍ରଶାସନର ମୁଣ୍ଡବ୍ୟଥା ସାଜିଛି। ଜାନୁଆରୀ ୧୫ ତାରିଖରୁ ୧୧ ଦିନ ଧରି ଆୟୋଜିତ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ଧନୁଯାତ୍ରା ସମୟରେ ବରଗଡ଼ ହାଟପଡାରେ ମହାରାଜ କଂସ ରାଜଦରବାର, ଲୋକମଣ୍ଡପ ପଡ଼ିଆରେ ରଙ୍ଗମହଲ, ଜର୍ଜ ହାଇସ୍କୁଲ ପଡ଼ିଆ ଏବଂ ଜୀରା ନଦୀ ପଡ଼ିଆରେ ମୀନାବଜାର, ଟ୍ରେଡ ଫେୟାର, ଓରମାସ ସହ ଅସ୍ଥାୟୀ ଦୋକାନ ବଜାର ଲାଗିଥାଏ। ସେହିପରି ମିନି ଷ୍ଟାଡିୟମରେ ବସ୍ତ୍ର ପ୍ରଦର୍ଶନୀ ଆୟୋଜିତ ହେଉଥିବା ବେଳେ ଅମ୍ବାପାଲି ଗୋପପୁର ପାଲଟୁଥିବା ବେଳେ ସେଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଖେଳା ଦୃଶ୍ୟ ଅଭିନୀତ ହୋଇଥାଏ। ତେବେ ଯାତ୍ରା ସମୟରେ ଜିଲ୍ଲା ତଥା ଜିଲ୍ଲା ବାହାରରୁ ଲକ୍ଷାଧିକ ଦର୍ଶକଙ୍କ ସମାଗମ ହେଉଥିବା ବେଳେ ପୁଲିସ ପ୍ରଶାସନ ପାଇଁ ଏତେ ସଂଖ୍ୟକ ଜନସାଧାରଣଙ୍କ ଯାତାୟତ ପାଇଁ ଟ୍ରାଫିକ ସମସ୍ୟା ସୁଚାରୁ ରୂପେ ପରିଚାଳନା କରିବା ଏକ ପ୍ରକାର ଚାଲେଞ୍ଜରେ ପରିଣତ ହୋଇଛି। ବିଶେଷ କରି ହାଟପଦା, ଲୋକମଣ୍ଡପ ପଡ଼ିଆ, ଜର୍ଜ ହାଇସ୍କୁଲ ପଡ଼ିଆ, ମିନି ଷ୍ଟାଡିୟମ, ଜୀରା ନଦୀ ପଡ଼ିଆ ତଥା ଅମ୍ବାପାଲିକୁ ସଂଯୋଗ କରୁଥିବା ରାସ୍ତାରେ ଜନଗହଳି ବେଶ୍ ରହିଥାଏ। ସେହିପରି ସହରର ବହୁ ରାସ୍ତା ଏବେ ଜବରଦଖଲକାରୀଙ୍କ ଯୋଗୁଁ ସଂକୁଚିତ ହୋଇ ପଡ଼ିଥିବା ବେଳେ ସାମାନ୍ୟ ମୋଟର ସାଇକେଲ ଆରୋହୀମାନେ ମଧ୍ୟ ଯାତାୟତରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେହିପରି ବହୁସ୍ଥାନରେ ଅସ୍ଥାୟୀ ଦୋକାନବଜାର ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରିପକାଇଥାଏ। ଟ୍ରାଫିକ ସମସ୍ୟା ଯୋଗୁଁ ଜନସାଧାରଣ ଯାତାୟତ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତି।



ଅପରପକ୍ଷେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ପାଇଁ ପୌର ପ୍ରଶାସନ ଅଣ୍ଟା ଭିଡି ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଆଗଭର ହୋଇଛି। ଏ ନେଇ ବିଗତ ଦିନରେ ମାଇକ ଯୋଗେ ପ୍ରଚାର କରି ସର୍ବସାଧାରଣ ରାସ୍ତାକୁ ଅବରୋଧ କରିଥିବା ଉଠାଦୋକାନୀ ଏବଂ ଠେଲା ଆଦିକୁ ରାସ୍ତାରୁ ହଟିଯିବା ପାଇଁ ମାଇକ ଯୋଗେ ତିନି ଦିନର ନୋଟିସ ଦିଆଯାଇଛି। ବିଶେଷ କରି ଉପ ଜିଲ୍ଲାପାଳଙ୍କ ବାସଭବନ, ଜେଲ ରୋଡ଼, ବସଷ୍ଟାଣ୍ଡ, ଥାନା ଛକ, ହସପିଟାଲ ଛକ, ଗର୍ଲ୍ସ ଛକ, ଡିଏବିଏସ ନଗର ଛକ ସମେତ ବିଭିନ୍ନ ଜନଗହଳିପୂର୍ଣ୍ଣ ଛକରୁ ବେଆଇନ ଅବରୋଧକାରୀଙ୍କୁ ହଟାଯିବା ନେଇ ଚେତାବନୀ ଦିଆଯାଇଛି। ସେ ଯାହା ହେଉନା କାହିଁକି ଯାତ୍ରା ପୂର୍ବରୁ ପୌର ପ୍ରଶାସନ ତରଫରୁ ବିଭିନ୍ନ ରାସ୍ତାରୁ ଅସ୍ଥାୟୀ ଦୋକାନ ବଜାର ହଟାଇବାକୁ ପଦକ୍ଷେପ ନେବା ନେଇ ତତ୍ପରତା ପ୍ରକାଶ କରିଥିବା ବେଳେ ପୁଲିସ ପ୍ରଶାସନ ଧନୁଯାତ୍ରା ସମୟରେ ବିପର୍ଯ୍ୟୟ ଟ୍ରାଫିକ ସୁଧାରିବାରେ କେତେ ଦୂର ସଫଳ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ସ୍ୱାଗତ

**ଭେଡେନ, ୧୦।୧(ସମିସ):** ଭେଡେନ ବ୍ଲକ ଲୁହଖଣ୍ଡି ଗ୍ରାମ ପଞ୍ଚାୟତର ଜାମପାଲି, ଅଏଲାପାଲି ଗ୍ରାମପଞ୍ଚାୟତ ରୁଗୁଡି ବରଗାଁ, କର୍ମୀ ଗୋଠ, ଲାଲୁ ଗୋଠ, ଅଇଁଲାକଣ୍ଟା, ଭେଡେନ ଗ୍ରାମପଞ୍ଚାୟତର କୂତପାଲି, ରେଶମ ଗ୍ରାମପଞ୍ଚାୟତର ସିହେଁପାଲି, ଆଳଖଣ୍ଡହତା ଗ୍ରାମ ପଞ୍ଚାୟତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶହଶହ ମହିଳା ପୁରୁଷଙ୍କ ହରିବୋଲ ହୁଳହୁଳି, ଶଙ୍ଖଧ୍ୱନି, ଜୟ ଜଗନ୍ନାଥ ଧ୍ୱନିରେ ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ପରେ ଭବ୍ୟ କଳସ ଶୋଭାଯାତ୍ରା ସହ ଗାଁ ପରିକ୍ରମା କରିଥିଲା। ଘରକୁ ଘର ବୁଲି ଲୋକମାନେ ଭକ୍ତିର ସହ ଅର୍ପଣ କରୁଥିବା ଚାଉଳ ଓ ଗୁଆକୁ କଳସରେ ସଂଗ୍ରହ କରାଯାଇଥିଲା। ଭେଡେନ ବ୍ଲକର ସମସ୍ତ ଗାଁକୁ ରଥ ବୁଲି ଗୁଆ ଓ ଚାଉଳ ସଂଗ୍ରହ କରୁଛି। ଏଥିରେ ଶତାଧିକ ମହିଳା ପୁରୁଷଙ୍କ ଜନାସମାଗମ ଥିବା ଦେଖିବାକୁ ମିଳିଥିଲା। ଅନୁଷ୍ଠିତ ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମରେ ଭେଡେନ ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ପ୍ରିତେଶ ଦୋରା, ଜିପିଇଓ ପ୍ରସନ୍ନ ବାଗ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ, ବିଜେଡି ବ୍ଲକ ସଭାପତି ହରିଶଙ୍କର ବେହେରା, ସରପଞ୍ଚ ଅକ୍ଷୟ ନାଏକ, ଡମ୍ବରୁଧର ପାଣ୍ଡେ, ମୀରା ମହାକୁର, ସଞ୍ଜୁଲତା ବାରିକ, ରସାନନ୍ଦ ବାଗ, ବ୍ଲକ ଉପାଧ୍ୟକ୍ଷ ଡୋଳାମଣି ଖେତି, ବଳରାମ ଛନ୍ଦ, ଉମାକାନ୍ତ ମହାକୁର, ପଞ୍ଚାୟତ ନିର୍ବାହୀ ଅଧିକାରୀ ତରଣୀସେନ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରେନ୍ଦ୍ର ବେହେରା, ଜୀବିକା ମିଶନର ଅଲି ପଧାନ, ତୀର୍ଥରାଜ ଭୋଇଙ୍କ ସମେତ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।



# କଲ୍ୟାଣମଣ୍ଡପର ଶିଳାନ୍ୟାସ କଲେ ବିଧାୟକ




**ବରଗଡ଼, ୧୦।୧(ସମିସ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଉଲବା ଗ୍ରାମରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ସମିତିସଭ୍ୟ ଜ୍ଞାନ ରଞ୍ଜନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଶଶିକାନ୍ତ ସେଟ୍ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମବାସୀ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କୁ ପାଛୋଟି ନେଇଥିଲେ।

### ରାଜଧାନୀକୁ ସକାଳୁଆ ଟ୍ରେନ୍ ସହ ଅନ୍ୟାନ୍ୟ ଦାବି ନେଇ ଆନ୍ଦୋଳନ ଡାକରା

# ଆଜି ଧାରଣାକୁ ଓହ୍ଲାଇବ ରେଳ ଉପଭୋକ୍ତା ସଂଘ

**ବରଗଡ଼, ୧୦।୧(ସମିସ):** ବଲାଙ୍ଗୀରରୁ ରାଜଧାନୀକୁ ସକାଳୁଆ ଟ୍ରେନ ସହ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଡାକରା ଦେଇଛି ରେଳ ଉପଭୋକ୍ତା ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି। ଏ ନେଇ ବରଗଡ଼ ଏବଂ ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଗୁରୁବାର ଉଭୟ ଷ୍ଟେସନରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛି। ସୂଚନା ଯୋଗ୍ୟ ଯେ ବଲାଙ୍ଗୀରରୁ ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ସହ ବରଗଡ଼ ଦେଇ ନୂଆଦିଲ୍ଲୀକୁ ସିଧାସଳଖ ଟ୍ରେନ୍ ଚଳାଇବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ରେଳବିଭାଗ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବରଗଡ଼ ଓ ବଲାଙ୍ଗୀରର ରେଳ ଉପଭୋକ୍ତା ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ କ୍ଷୋଭ ପ୍ରକାଶ ପାଇବା ସହ ଆସନ୍ତା କାଲି ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଉଭୟ ଷ୍ଟେସନରେ ତିନିଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯିବ ବୋଲି କୁହାଯାଇଛି। ଏହା ସହ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିବା କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମଳ ଯୋଷୀ, ଅଭିଜିତ ପ୍ରତିହାର, ଦେବୀ ପଟ୍ଟନାୟକ ଓ ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



# ବୁଲିଲା ଅର୍ପଣ ରଥ; ଯୋଗଦେଲେ ବିଧାୟିକା

**ଅତାବିରା, ୧୦।୧(ସମିସ):** ବୁଧବାର ପୂର୍ବାହ୍ନ ୧୧ଟାରେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଜାଂଗେଡ଼ ପଞ୍ଚାୟତର ଢେମସା ଗ୍ରାମରେ ଅର୍ପଣ ରଥ ପରିକ୍ରମା କରି ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ରଥ ସହିତ ସଂକୀର୍ତ୍ତନ ମଣ୍ଡଳୀରେ ଲୋକେ ବେଶ ଉତ୍ସାହ ସହ ଘରୁ ଘରୁ ଅର୍ପଣ ସଂଗ୍ରହ କରିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ ତାଳେତାଳେ ଜୟ ଜଗନ୍ନାଥ, ହରିବୋଲ ହୁଳହୁଳିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜାଂଗେଡ଼ ପଞ୍ଚାୟତବାସୀ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।




### ■ ସରକାରୀ କାର୍ଯ୍ୟରେ ଅବହେଳା

# ନିଲମ୍ବିତ ହେଲେ ଅଡଗାଁ ସମବାୟ ସମିତି ସମ୍ପାଦକ

**ବରଗଡ଼, ୧୦।୧(ସମିସ):** ସରକାରୀ କାର୍ଯ୍ୟରେ ଅବହେଳା ଯୋଗୁଁ ଅଡଗାଁ ସମବାୟ ସମିତି ସମ୍ପାଦକ ରାଜକୁମାର ପ୍ରଧାନଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଅଡଗାଁ ପେକ୍ସ ଅଧିନରେ ଥିବା ୧୯୦୩ ଜଣ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୮୯୪ ଜଣ ଚାଷୀଙ୍କ ବୀମା ବାବଦରେ ପ୍ରିମିୟମ ବ୍ୟାଙ୍କରେ ଦାଖଲ ହୋଇଥିଲା। ତେବେ ସମୟ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ଅନ୍ୟ ଚାଷୀମାନଙ୍କ ବୀମା ଦାଖଲ ହୋଇ ନ ଥିଲା ଏବଂ ପ୍ରାୟ ୧୦୦୯ ଚାଷୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଥିଲା। ଯାହାକୁ ନେଇ ଜିଲ୍ଲା ଜମି ନିବନ୍ଧକ ଅଧିକାରୀ (ଡିଆରସିଏସ)ଙ୍କ ଠାରେ ଅଭିଯୋଗ ହେବା ପରେ ଏହାର ତଦନ୍ତ କରି କାର୍ଯ୍ୟରେ ଅବହେଳା ଯୋଗୁଁ ଅଡଗାଁ ପେକ୍ସ ସମ୍ପାଦକ ରାଜକୁମାର ପ୍ରଧାନଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବରଗଡ଼, ୧୦।୧(ସମିସ):** ବରଗଡ଼ ଜିଲ୍ଲାର ଲାଉମୁଣ୍ଡା ଏକ ଉପାନ୍ତ ଅଞ୍ଚଳ ଆଉ ଏଠାରେ ବହୁ ଗରିବ ଶ୍ରେଣୀ ଲୋକ ରହୁଛନ୍ତି। କିଛି ବରିଷ୍ଠ ଲୋକଙ୍କର ମୋତିଆବିନ୍ଦୁ ହୋଇଥିବା ରିଦ୍ଧୀ ଟ୍ରଷ୍ଟର କର୍ମକର୍ତ୍ତା ଜାଣିବାକୁ ପାଇଥିଲେ। ସେମାନେ ତ୍ରିଲୋଚନ ନେତ୍ରାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ଲାଉମୁଣ୍ଡାଠାରେ ଅନୁଷ୍ଠିତ ତୃତୀୟ ଚକ୍ଷୁ ପରୀକ୍ଷା ଶିବିରରେ ୨୧୦ ଜଣଙ୍କ ପରୀକ୍ଷା କରି ତନ୍ମଧ୍ୟରୁ ୮୦ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ରିଦ୍ଧୀ ଟ୍ରଷ୍ଟର ସମସ୍ତ ସଭ୍ୟଙ୍କ ସମେତ ତ୍ରିଲୋଚନ ନେତ୍ରାଳୟର ଡାକ୍ତର ରାଜେଶ କୁମାର ରାଉତଙ୍କ ସମେତ ବହୁ ଷ୍ଟାଫ ଉପସ୍ଥିତ ଥିଲେ।




# କିଶୋରୀମେଳା ଓ ଆତ୍ମସୁରକ୍ଷା ଶିବିର




**ପାଇକମାଲ, ୧୦।୧(ସମିସ):** ପାଇକମାଲ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ କିଶୋରୀ ମେଳା ଓ ଆତ୍ମସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନା ପାଇକମାଲ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ସିଡିପିଓ ଅନିତା ପାଣିଗ୍ରାହୀ ଉଦଘାଟନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁପରଭାଇଜର୍ ସବିତାମଣୀ ନାୟକ ଯୋଗ ଦେଇ ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ, ନାରୀ ହିଂସା ନିୟନ୍ତ୍ରଣ ଓ କିଶୋରୀମାନଙ୍କ ପୁଷ୍ଟିସାଧନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୁକୁରାମୁଣ୍ଡା ଟିଓୟୁପି ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ସୁମିତ୍ରା ପାତ୍ର ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ୧୧୦ ଜଣ ଛାତ୍ର ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସେବକ ସେଠ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରଞ୍ଜିତା ସାହା, ନମିତା ସାହୁ ସହଯୋଗ କରିଥିଲେ। ଶେଷରେ ଅନିମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ଥୁଆପାଲି ଧନୁଯାତ୍ରା ଦଶମ ଦିନ

# ଗୋପପୁରକୁ ଅକ୍ରୁରଙ୍କ ଆଗମନ



**ଥୁଆପାଲି, ୧୦।୧(ସମସ):** ବରଗଡ଼ ଜିଲ୍ଲା ଥୁଆପାଲି ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ଚାଲିଥିବା ଗୁରୁବାର ଦଶମ ଦିନରେ ଗୋପପୁରରେ ଅକ୍ରୁରଙ୍କ ଆଗମନ, ନନ୍ଦରାଜା ଓ ନନ୍ଦରାଣୀଙ୍କୁ ମହାରାଜା କଂସଙ୍କ ଚିଟାଉ ଦେଖାଇ ଧନୁଯାତ୍ରା ମହୋତ୍ସବ ଦେଖାଇ ନେବାକୁ କହିଥିଲେ। ଗୋପପୁରରେ କୃଷ୍ଣ ବଳରାମଙ୍କୁ ବିଦାୟକାଳୀନ ସମୟର ଦୃଶ୍ୟ ଅତ୍ୟନ୍ତ ଚିତାକର୍ଷକ ଥିଲା। ମର୍ମାହତ ହୋଇ ରାଧା, ଗୋପପୁର ଗୋପୀମାନେ ଓ ଗୋପାଳ ବାଳକ, ବାଳିକା ସମଗ୍ର ଗୋପପୁରବାସୀ ବିଦାୟ ନେଇଥିଲେ। ମହାରାଜ କଂସ ଦରବାରରେ ଧନୁଯାତ୍ରା ମହୋତ୍ସବ ମୁଖ୍ୟ ଅନିରୁଦ୍ଧ ସାହୁ ରାଜଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ନିହାର ରଞ୍ଜନ ମହାନନ୍ଦ ଓ ରେମଣ୍ଡା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ଶିବ ନାରାୟଣ ଶତପଥୀ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ଧନୁଯାତ୍ରା ମହୋତ୍ସବ ସଦସ୍ୟ ଧର୍ମରାଜ ଭୂଏ ଓ ଲଳିତ ମେହେର ପୁଷ୍ପମାଲ୍ୟ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କଂସ ମହାରାଜଙ୍କ ରାଜଦରବାରରେ ନର୍ତ୍ତକୀମାନଙ୍କ ନାଚଗୀତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଦର୍ଶକ ଧନୁଯାତ୍ରା ମହୋତ୍ସବ ଉପଭୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ବରଗଡ଼, ୧୦।୧(ସମିସ)**

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣତନ୍ତ୍ର ଦିବସ ପାଳନ ନିମିତ୍ତ ପ୍ରସ୍ତୁତି ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ରାମଧୂନ, ପ୍ରଭାତ ଫେରି, ପ୍ରତିଯୋଗିତା ଆଦିର ସମୟ ଓ ସ୍ଥାନ ନିରୂପଣ କରାଯିବା ସହିତ ପରେଡ ପ୍ରତିଯୋଗିତାକୁ ଆକର୍ଷଣୀୟ କରିବା ପାଇଁ ଅଭ୍ୟାସ ନିମିତ୍ତ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ପରେଡ ପଡ଼ିଆରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହିତ ଜାତୀୟସ୍ତରରେ ପୁରସ୍କୃତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ନିଆଯାଇଛି। ପରେଡ ଓ ସିଭିଲିଆନ ଦଳକୁ ଦୁଇ ଭାଗରେ ଜୁନିଅର ଏବଂ ସିନିଅର ଭାବେ ବିଭକ୍ତ କରି ପ୍ରଦର୍ଶନ କରିବା ପାଇଁ ସିଦ୍ଧାନ୍ତ କରାଯାଇଛି। ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜର ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଗଣତନ୍ତ୍ର ଦିବସ ପାଳନ କରାଯାଉଥିବା ଜର୍ଜ ଉଚ୍ଚବିଦ୍ୟାଳୟ ପଡ଼ିଆରେ ଧନୁଯାତ୍ରା ଚାଲୁଥିବା ହେତୁ ଚଳିତ ବର୍ଷ ଏହା ପଞ୍ଚାୟତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ପାଳନ କରାଯିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ଏହି ସ୍ଥାନ ସହରଠାରୁ ଟିକେ ଦୂରରେ ଥିବାରୁ ଟ୍ରାଫିକ ଏବଂ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ମୀନାଙ୍କୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଏସପି ଶ୍ରୀ ମୀନାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପ୍ରତ୍ୟେକ ମହାବିଦ୍ୟାଳୟର ଅଧ୍ୟକ୍ଷ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ତଥା ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଇ ମିଶନ ସ୍କୁଲର ଚେୟାରମ୍ୟାନ ଯଶବୀର ସିଂ, ରୋଟାରୀ ପବ୍ଲିକ ସ୍କୁଲର ସଞ୍ଜୟ ଶତପଥୀ, ଟାଉନ ହାଇସ୍କୁଲର ଡୋଳାମଣି ସାହୁ, ରେନ୍‌ବୋ ପବ୍ଲିକ ସ୍କୁଲର ସୁଦର୍ଶନ ବାରିକ ଓ ଡୋଳାମଣି ଶତପଥୀ ଆଦିଙ୍କୁ ନେଇ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ କମିଟି ଗଠନ କରାଯାଇଛି।



■ ୫୬ଟି ନୂତନ ଯାନର ଶୁଭାରମ୍ଭ

# ଓଡ୍ରାଫ୍‌କୁ ଆହୁରି ଶକ୍ତିଶାଳୀ କରାଯିବ: ଡିଜିପି



**କଟକ,୧୦।୧(ସମିସ):** ବିଗତ ୨୪ବର୍ଷ ମଧ୍ୟରେ ଓଡ୍ରାଫ୍ ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିଆସିଛି। ବାହାନଗା ରେଳ ଦୁର୍ଘଟଣା ହେଉ କିମ୍ବା ଅନ୍ୟ କୌଣସି ଜରୁରିକାଳୀନ ପରିସ୍ଥିତି ସମୟରେ ଧନଜୀବନ ସୁରକ୍ଷା ପାଇଁ ନିରନ୍ତର ସେବା ଯୋଗାଇଛି। ଆଗାମୀ ଦିନରେ ଅତ୍ୟାଧୁନିକ ଉପକରଣ, ପରିବହନ ଏବଂ ମାନବ ସମ୍ବଳ ଯୋଗାଇଦିଆଯିବା ସହ ଓଡ୍ରାଫ୍‌କୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି। ଡିଜିପି ଶ୍ରୀ ଷଡ଼ଙ୍ଗୀ କଟକସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ୫୬ଟି ନୂତନ ଯାନ ଓଡ୍ରାଫ୍ ଉଦ୍ଦେଶ୍ୟରେ ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି। ଏହି ଯାନ ଦ୍ୱାରା ଜରୁରିକାଳୀନ ପରିସ୍ଥିତି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତା ଉପଯୁକ୍ତ ସେବା ପାଇପାରିବେ। ମନୁଷ୍ୟକୃତ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ନିରନ୍ତର ଶିକ୍ଷା ଏବଂ ନିରନ୍ତର ଅଭ୍ୟାସ ଦ୍ୱାରା ଏହି ବାହିନୀକୁ ସଶକ୍ତ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓଡ୍ରାଫ୍‌ର ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ବିଗତ ଦିନରେ କରାଯାଇଥିବା ବିଭିନ୍ନ ଅପରେସନ ସମ୍ପର୍କରେ ସୂଚନା ଦେଇଥିଲେ। ବାହାନଗା ରେଳ ଦୁର୍ଘଟଣା, ସମ୍ବଲପୁର ବୋରୱେଲରୁ ନବଜାତ ଶିଶୁକୁ ଉଦ୍ଧାର ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ୍ରାଫ୍‌କୁ ପ୍ରଶଂସା କରିଥିବା କଥା ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଲଳିତ ଦାସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି), ଆର୍‌ପି କୋଚେଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ୫୬ଟି ନୂତନ ଯାନ ମଧ୍ୟରେ ୨୦ଟି ବୋଲେରୋ, ୨୦ଟି ବସ୍, ୧୫ଟି ଟ୍ରାକ୍ଟର ଏବଂ ଗୋଟିଏ କାମ୍ପର ଗାଡ଼ି ରହିଛି।

## ପରିକ୍ରମା ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା

# ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ପରିକ୍ରମା ପ୍ରକଳ୍ପ

**ପୁରୀ,୧୦।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଚାଲିଛି ଭବ୍ୟ ଆୟୋଜନ। ଦେଶର ପ୍ରମୁଖ ମନ୍ଦିରର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବେ। ଏଥିପାଇଁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ସୁରେଶ ଚନ୍ଦ୍ର ମହାପାତ୍ର ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ବୁଲି ଦେଖିବା ସହ ଏହାର ସମୀକ୍ଷା କରିଛନ୍ତି। ଏଥିସହ ନିର୍ମାଣାଧୀନ ଶ୍ରୀଦାଣ୍ଡ ଓ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର(ଜେବିପିସି) ଏବଂ ଶ୍ରୀସେତୁ ବୁଲି ଦେଖିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ମହାପାତ୍ର ପ୍ରଥମେ ମନ୍ଦିର ଚତୁଃପାର୍ଶ୍ୱ ବୁଲି ପରିକ୍ରମା ପ୍ରକଳ୍ପର ବାସ୍ତବ ସ୍ଥିତି କ'ଣ ତାହା ଅନୁଧ୍ୟାନ କରିଥିଲେ। ଆସନ୍ତା ୧୭ ତାରିଖରେ ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଥିବାରୁ ସବୁ ଜିନିଷ ତଦାରଖ କରିଥିଲେ। ଏତଦ୍‌ବ୍ୟତୀତ ନିର୍ମାଣାଧୀନ ଶ୍ରୀଦାଣ୍ଡ ବୁଲି ଦେଖିବା ସହ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର ଏବଂ ଶ୍ରୀସେତୁ ମଧ୍ୟ ଦେଖିଥିଲେ। ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହ ସେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ବୁଲିଥିଲେ। ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସବୁ ପ୍ରକଳ୍ପର ସମୀକ୍ଷା କରିଥିଲେ ଶ୍ରୀ ମହାପାତ୍ର।



ଲୋକାର୍ପଣରେ ଦେଶର ପ୍ରମୁଖ ଦେବପୀଠର ମୁଖ୍ୟ, ସାଧୁସନ୍ଥ, ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଉଥିବାରୁ ସବୁ କାମ ଯେପରି ଶୃଙ୍ଖଳିତ ହେବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଯଜ୍ଞସ୍ଥଳ, ଶ୍ରୀମନ୍ଦିର ଚାରିଦ୍ୱାରରେ ହେବାକୁ ଥିବା ବେଦ ପାଠ, ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ସମୀକ୍ଷା ପରେ ପ୍ରତିକ୍ରିୟା ଦେଇ ସେ କହିଥିଲେ ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଏକ ଡ୍ରିମ ପ୍ରୋଜେକ୍ଟ। ଏହା ସମଗ୍ର ଦେଶରେ ଏକ ବିରଳ ପ୍ରକଳ୍ପ। ଏହାକୁ ନିର୍ମାଣ କରିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଏବେ ଏହା ଲୋକାର୍ପଣ ହେବାକୁ ଯାଉଛି। ଆସନ୍ତା ୧୨ ତାରିଖରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ ହେବ। ୧୫ରୁ ତିନିଦିନିଆ ଯଜ୍ଞ ଆରମ୍ଭ ହୋଇ ୧୭ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ। ପରିକ୍ରମା ପ୍ରକଳ୍ପ ଦେଖିବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ଆସିବେ। ସେମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇ ନିଶ୍ଚିତ ଖୁସିହେବେ।

■ ସମଗ୍ର ଦେଶରେ ଏହା ଏକ ବିରଳ ପ୍ରକଳ୍ପ
■ ପରିକ୍ରମା ପ୍ରକଳ୍ପ ନିର୍ମାଣ ବଡ଼ ଚ୍ୟାଲେଞ୍ଜ ଥିଲା
■ ଭୁବନେଶ୍ୱର, ପୁରୀକୁ ଗଡ଼ିବ ଜଗନ୍ନାଥ ବସ୍

ସମୀକ୍ଷା ବୈଠକରେ ପରିଚାଳନା କମିଟି ସେବାୟତ ପ୍ରତିନିଧିଙ୍କ ସହ ସେବାୟତ କଲ୍ୟାଣ ବିଷୟରେ ଆଲୋଚନା ହୋଇଛି। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କେତେକ ସୁବିଧା ପାଇଁ ଅନୁରୋଧ କରିଥିଲେ। ବର୍ତ୍ତମାନ ସେବାୟତଙ୍କ ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। କମ୍ପିଟେଟିଭ୍ ପରୀକ୍ଷା ଲାଗି ସେମାନଙ୍କୁ କିପରି ଭଲ କୋଚିଂ ଦିଆଯିବ ସେ ବ୍ୟବସ୍ଥା କଥା କହିଥିଲେ। ସେହିପରି ସ୍ୱାସ୍ଥ୍ୟ ବୀମା ୨ ଲକ୍ଷ ଟଙ୍କା ରହିଥିବା ବେଳେ ଏହାକୁ ବୃଦ୍ଧି କରିବାକୁ ଦାବି କରିଆସୁଛନ୍ତି। ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଛୁ। ଖୁବ୍‌ଶୀଘ୍ର ଏ ନେଇ ସମସ୍ତଙ୍କୁ ଜଣାଇ ଦିଆଯିବ ବୋଲି କହିଥିଲେ ଶ୍ରୀ ମହାପାତ୍ର।

ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରାଯାଇଛି ତାହା ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଚାଲୁଛି। ଅନେକ ଜିଲ୍ଲାରେ ଏହା ଆରମ୍ଭ ହୋଇଲାଣି। ପର୍ଯ୍ୟାୟକ୍ରମେ ବ୍ଲକରୁ ଜିଲ୍ଲା ମୁଖ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟରୁ ଜଗନ୍ନାଥ ବସ୍ ଭୁବନେଶ୍ୱର ଏବଂ ପୁରୀକୁ ଚାଲିବ। ପ୍ରାୟ ୬୦ଟି ବସ୍ ଚଳାଚଳ କରିବ। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସିପାରିବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ମହାପାତ୍ର।

## ଅବଶିଷ୍ଟାଂଶ...

### ନିର୍ବାଚନ ଇସ୍ତାହାରରେ...

ପ୍ରଧାନଙ୍କ ଆଡକୁ ଇଙ୍ଗିତ କରି ସେ କହିଛନ୍ତି ଯେ ପ୍ରକୃତ ନିଦରେ ଶୋଇଥିବା ଲୋକଙ୍କୁ ଉଠାଇ ହେବ। ନିଦରେ ଶୋଇଥିବା ଭଳି ଅଭିନୟ କରୁଥିବା ଲୋକଙ୍କୁ ଉଠାଇ ହେବନାହିଁ। ଜନତା ଜୋରରେ କହିଲେ ସେମାନେ ଉଠିବେ। ଲୋକେ ବିଏସକେୱାଇକୁ ନେଇ ଖୁସିରେ ଅଛନ୍ତି। ବିଏସକେୱାଇକୁ ନିନ୍ଦାର ଜବାବ ଓଡ଼ିଶାବାସୀ ଦେବେ ବୋଲି ମଧ୍ୟ ସେ କହିଛନ୍ତି।

ଅପରପକ୍ଷେ ଧର୍ମେନ୍ଦ୍ରଙ୍କୁ କାର୍ତ୍ତିକଙ୍କ ଖୋଲା ଚ୍ୟାଲେଞ୍ଜକୁ ନେଇ ରାଜ୍ୟବ୍ୟାପୀ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି। ବିଏସ୍‌କେୱାଇକୁ ନେଇ ଗାଁରୁ ସହର ଯାଏ ସାଧାରଣ ଲୋକେ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବାର ଗ୍ୟାରେଣ୍ଟି ପାଉଛନ୍ତି। ଲକ୍ଷ ଲକ୍ଷ ରୋଗୀ ଦୂରାରୋଗ୍ୟରୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସିତ ହେଉଥିବା ବେଳେ ପରିବାରର ଆର୍ଥିକ ଦୁରାବସ୍ଥା ଆଉ ପୂର୍ବଭଳି ଏଥିରେ ପ୍ରତିବନ୍ଧକ ସାଜୁନାହିଁ। ଏପରିସ୍ଥଳେ ଧର୍ମେନ୍ଦ୍ରଙ୍କ ବୟାନ ସାଧାରଣରେ ବେଶ୍ ପ୍ରତିକ୍ରିୟା ସୃଷ୍ଟି କରିଛି। ସାଧାରଣ ଲୋକେ ଧର୍ମେନ୍ଦ୍ରଙ୍କ ଏପରି ରାଜନୀତିକୁ କଡ଼ା ସମାଲୋଚନା କରୁଥିବା ବେଳେ ସମାନ ସମୟରେ ୫-ଟି ଅଧ୍ୟକ୍ଷଙ୍କ ଖୋଲା ଆହ୍ୱାନ ଧର୍ମେନ୍ଦ୍ରଙ୍କ ପାଇଁ ଭୀଷଣ ସମସ୍ୟା ସୃଷ୍ଟି କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ୫୧୨ ନବପ୍ରତିଭାଙ୍କୁ...

ଦେଇଥିଲେ। ରାଜ୍ୟ ସରକାର ଉଚ୍ଚଶିକ୍ଷାକୁ ସର୍ବଦା ଗୁରୁତ୍ୱ ଦେଇଥାନ୍ତି। ଏଥିପାଇଁ ଗତ କିଛି ବର୍ଷ ମଧ୍ୟରେ ୫ ହଜାର ଶିକ୍ଷକ ଓ ଅଣଶିକ୍ଷକଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସେହିପରି ରାଜ୍ୟ ସରକାର ରାଜରେ ଉଚ୍ଚଶିକ୍ଷାର ସମାନତା ସୁନିଶ୍ଚିତ କରିବା ଆଉ ୧୮ ବ୍ଲକରେ କଳା ବିଭାଗରେ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗତ କିଛି ବର୍ଷ ମଧ୍ୟରେ ଉଭୟ ସରକାରୀ ଏବଂ ଅଣ-ସରକାରୀ ସହାୟକ ମହାବିଦ୍ୟାଳୟ ପାଇଁ ରେକର୍ଡ ସଂଖ୍ୟକ ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀ (୪୯୪୧) ନିଯୁକ୍ତ ହୋଇଛନ୍ତି। ସରକାରୀ ଭାବେ ଡିଗ୍ରୀ କଲେଜରେ ୫୫୬ ସହକାରୀ ପ୍ରଫେସରଙ୍କୁ ଏହି ସମୟ ମଧ୍ୟରେ ନିଯୁକ୍ତି ଦିଆଯାଇଛି। ସେହିପରି ଶିକ୍ଷକ ଶିକ୍ଷା ତାଲିମ ପ୍ରତିଷ୍ଠାନରେ ନିଯୁକ୍ତ ୩୩୨ ସହକାରୀ ପ୍ରଫେସର ଏବଂ ୩୦୮ ଜଣ ଅଣଶିକ୍ଷକ କର୍ମଚାରୀ ମଧ୍ୟ ନିଯୁକ୍ତ ହୋଇଛନ୍ତି। ଏହା ବ୍ୟତୀତ ଗତ କିଛି ବର୍ଷ ମଧ୍ୟରେ ଅଣ-ସରକାରୀ ସହାୟକ କଲେଜଗୁଡ଼ିକରେ ୩୭୪୫ ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାରେ ନବନିଯୁକ୍ତ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉଚ୍ଚଶିକ୍ଷା ସହିତ ଆମର ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ କୌଶଳ କ୍ଷେତ୍ର ବେଶ୍ ଗୁରୁତ୍ୱ ବହନ କରେ। ରାଜ୍ୟ ସରକାର ଦକ୍ଷ ତଥା ସଶକ୍ତ ଓଡ଼ିଶା ଆଡକୁ ଏକ ପରିବର୍ତ୍ତନଶୀଳ ଯାତ୍ରା ଆରମ୍ଭ କରିଛନ୍ତି। ଏହି ନିଯୁକ୍ତି ଦକ୍ଷତା ବିକାଶ ପାଇଁ ୫-ଟି ଢାଞ୍ଚାର ପ୍ରତିବଦ୍ଧତାକୁ ସୂଚିତ କରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ରାଜ୍ୟରେ ୫-ଟି ପଦକ୍ଷେପକୁ ପ୍ରୟୋଗ କରି ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟ କରୁଛି। ଉଚ୍ଚଶିକ୍ଷାରେ ରାଜ୍ୟ ବଜେଟ୍ ୪୦୦୦ କୋଟିରେ ପହଞ୍ଚିଛି ଏବଂ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି ଯେ ସ୍କିଲ୍ଡ-ଇନ୍-ଓଡ଼ିଶା ପଦକ୍ଷେପ ଦକ୍ଷତା ବିକାଶ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିଛି। ସ୍କିଲ୍ଡ-ଇନ୍-ଓଡିଶା ଓ ମେକ୍ ଇନ୍-ଓଡିଶା ବର୍ତ୍ତମାନ ସାରା ଦେଶରେ ଗୁଞ୍ଜରଣ ସୃଷ୍ଟି କରିଛି। ନବନିଯୁକ୍ତ ସହକାରୀ ପ୍ରଫେସର ଡ. ଅଭିପ୍ସା ବଳ, ସହକାରୀ ଟ୍ରେନିଂ ଅଫିସର ପଙ୍କଜିନୀ ବେହେରା ଏବଂ ସହକାରୀ ଟ୍ରେନିଂ ଅଫିସର ସ୍ୱିଟୀ ଦାସ ସେମାନଙ୍କ ଅଭିଜ୍ଞତା ବାଣ୍ଟି ୫-ଟି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଯେଉଁଥିପାଇଁ ନିଯୁକ୍ତି ପ୍ରକ୍ରିୟା ନ୍ୟାୟପୂର୍ଣ୍ଣ, ଦକ୍ଷ ଏବଂ ସ୍ୱଚ୍ଛ ହୋଇଛି ବୋଲି ସେମାନେ କହିଛନ୍ତି।

### ୨୦୯୧ କୋଟିର...

ନୟାଗଡ଼ ରଣପୁରଠାରେ ଆୟୋଜିତ ଏହି ସଭାରେ ରଣପୁର ବିକାଶର ହିସାବ ଦେଇଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସେ କହିଛନ୍ତି ଯେ ସେ ଗତ ଜୁଲାଇ ୨୦ରେ ରଣପୁର ଆସିଥିଲେ। ଲୋକେ ତାଙ୍କୁ ୩୫୦ଟି ଦରଖାସ୍ତ ଦେଇଥିଲେ ଓ ଏଥିରୁ ୩୦୦ ଅଭିଯୋଗର ସମାଧାନ ହୋଇଛି। ବାକି ଅଭିଯୋଗର ଶୀଘ୍ର ସମାଧାନ ହେବ। ରଣପୁର ନିର୍ବାଚନମଣ୍ଡଳୀ ପାଇଁ ଗତ ୪ ମାସ ଭିତରେ ମୁଖ୍ୟମନ୍ତ୍ରୀ ୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୧୧୫ଟି ଧର୍ମାନୁଷ୍ଠାନ ଓ କମ୍ୟୁନିଟି ସେଣ୍ଟର ପାଇଁ ଲୋକେ ଅନୁରୋଧ କରିଥିଲେ। ଏଥିଲାଗି ମୁଖ୍ୟମନ୍ତ୍ରୀ ୧୦ କୋଟି ୧୫ ଲକ୍ଷ , ରଣପୁରର ଶ୍ରୀଜଗନ୍ନାଥ ମନ୍ଦିର ଲାଗି ୪ କୋଟି ୬୦ ଲକ୍ଷ ଟଙ୍କା ମଂଜୁର ହୋଇଛି। ମନ୍ଦିର କାମ ଚାଲିଛି ଓ ଏହା ଆସନ୍ତା ଜୁନ ସୁଦ୍ଧା ଶେଷ ହେବ। ସେହିପରି ମଣିନାଗ ମନ୍ଦିର ରୂପାନ୍ତର ଲାଗି ୩ କୋଟି, ତଳ ମଣିନାଗ ମନ୍ଦିର ଲାଗି ୨ କୋଟି, ଶରଣକୁଳର ଲଡୁବାବା ମନ୍ଦିର ଲାଗି ୫ କୋଟି, ରାଜସୁନାଖଳା କଲେଜର ରୂପାନ୍ତରଣ ପାଇଁ ୧ କୋଟି, ରଣପୁର ଡିଗ୍ରୀ କଲେଜର ରୂପାନ୍ତରଣ ପାଇଁ ୧ କୋଟି ମଞ୍ଜୁର ହୋଇଛି ବୋଲି ୫-ଟି ଅଧ୍ୟକ୍ଷ ସୂଚନା ପ୍ରଦାନ କରିଛନ୍ତି। ରଣପୁର ପୂର୍ବରୁ ଚିଲିକା ନିର୍ବାଚନମଣ୍ଡଳୀର ବାଣପୁରର ମା ଭଗବତୀଙ୍କ ପୀଠରେ ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ପାଣ୍ଡିଆନ।

ଏହି ଅବସରରେ ସେ ମା ଭଗବତୀଙ୍କ ଦର୍ଶନ ସହ ସେବାୟତମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ୩୩ କୋଟି ଟଙ୍କା ବିନିମୟରେ ଚାଲିଥିବା ମନ୍ଦିରର ରୂପାନ୍ତରୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ତାଙ୍କୁ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ସ୍ୱାଗତ କରିଛନ୍ତି। ଘଣ୍ଟ, ଘଣ୍ଟା, ମୃଦଙ୍ଗ ବଜାଇ ୫-ଟି ଅଧ୍ୟକ୍ଷଙ୍କୁ ଭଗବତୀଙ୍କ ମନ୍ଦିରରୁ ପଲଟଣ ପଡିଆ ପର୍ଯ୍ୟନ୍ତ ସାଧାରଣ ଜନତା ପାଛୋଟି ନେଇଥିଲେ। ପଲଟଣ ପଡିଆଠାରେ ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ସେଠାରେ ତାଙ୍କୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ, ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା, ଚିଲିକା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୌମ୍ୟଶଙ୍କର ଚକ୍ର ଓ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ସ୍ୱାଗତ କରିଥିଲେ। ୫-ଟି ଅଧ୍ୟକ୍ଷଙ୍କୁ ସାଂସଦ ମଙ୍ଗରାଜ ପାଇକଙ୍କ ପ୍ରତୀକ ଏକ ଢାଲ, ଖଣ୍ଡା ଓ ଶିରୋପା ପ୍ରଦାନ କରିଥିଲେ। ପଲଟଣ ପଡିଆରେ ଆୟୋଜିତ ସଭାରେ ବୀର ପାଇକ ମାଟିକୁ ପ୍ରଣାମ ଜଣାଇ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ତାଙ୍କ ଅଭିଭାଷଣ ରଖିଛନ୍ତି। ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଗତ ୪ମାସ ଭିତରେ ଚିଲିକା ନିର୍ବାଚନମଣ୍ଡଳିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ୯୦କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ମା ଭଗବତୀଙ୍କ ମନ୍ଦିରର ରୂପାନ୍ତରଣ ଲାଗି ୩୩କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଚନ୍ଦନେଶ୍ୱର ଶିବ ମନ୍ଦିରର ଉନ୍ନତି ପାଇଁ ୧କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଣପୁରର ଗୋଦବରୀଶ ମହାବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରି ତାର ଉନ୍ନୟନ ପାଇଁ ୨କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଲୁଗାଁ ମହାବିଦ୍ୟାଳୟର ଉନ୍ନତି ପାଇଁ ୧କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ରହିଥିବା ଡ୍ରେନ ଓ ରାସ୍ତା ପାଇଁ ୨୬କୋଟି ଟଙ୍କାର ଆକଳନ ପ୍ରସ୍ତୁତ ହୋଇଛି । ଖୁବ ଶୀଘ୍ର ଏହି ଅନୁଦାନ ମିଳିବ ବୋଲି ଶ୍ରୀ ପାଣ୍ଡିଆନ ବାଣପୁର ସଭାରେ ସୂଚନା ଦେଇଛନ୍ତି।

ଅପରପକ୍ଷେ ନିଜ ଅଭିଭାଷଣରେ ବିଏସ୍‌କେୱାଇ ନବୀନକାଡର୍ ପଞ୍ଜୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତା ଫେବୃଆରୀ ମାସରୁ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଲକ୍ଷ୍ମୀ ବସ ଗଡିବ ଓ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କର ଶାଖା ଖୋଲିବ। ସେହିଭଳି ହିତାଧିକାରୀଙ୍କ ଭତ୍ତା ବଢାଇବା ନେଇ ମୁଖ୍ୟମନ୍ତ୍ରୀ ବିଚାର କରୁଛନ୍ତି । ଖୁବଶୀଘ୍ର ଏନେଇ ଖୁସି ଖବର ମିଳିବ। ବାର୍ଦ୍ଧକ୍ୟ ଭତ୍ତାଠାରୁ ଭିନ୍ନକ୍ଷମ ଭତ୍ତା ଭଳି ସବୁ ଭତ୍ତା ବଢିବ ବୋଲି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ସେହିପରି ଅଙ୍ଗନବାଡି, ଆଶାକର୍ମୀ, ସ୍ୱଚ୍ଛସାଥୀ, ଜଳସାଥୀ ସମସ୍ତଙ୍କ ଭତ୍ତା ବୃଦ୍ଧି ହେବ ବୋଲି ସେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ଗତ ଅଗଷ୍ଟ ମାସରେ ବାଣପୁର ଆସିଥିଲେ। ସେତେବେଳେ ତାଙ୍କୁ ୪୭୦ଟି ଦରଖାସ୍ତ ମିଳିଥିଲା। ୪ମାସ ଭିତରେ ଏ ସବୁ ଦରଖାସ୍ତ ମଧ୍ୟରୁ ୪୦୦ଟି ଦରଖାସ୍ତର ସମାଧାନ ହେବା ସହ ଅର୍ଥ ମଞ୍ଜୁର ହୋଇଛି । ଆଜି ମଧ୍ୟ ଯେଉଁସବୁ ଦରଖାସ୍ତ ମିଳିଛି ତା ଭିତରେ ମନ୍ଦିର, ମସଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ଭିତ୍ତିକ ଯେଉଁ ଦରଖାସ୍ତ ଥିବ ତାକୁ ତୁରନ୍ତ ବିଚାରକୁ ନିଆଯିବ ଏବଂ ଆସନ୍ତା ୨୦ ତାରିଖ ସୁଦ୍ଧା ଦରଖାସ୍ତକାରୀମାନେ ଖୁସୀ ଖବର ପାଇବେ।

ଅପରପକ୍ଷେ ଚିଲିକା ନିର୍ବାଚନ ମଣ୍ଡଳିକୁ ମିଳିଥିବା ୯୦କୋଟିର ଅନୁଦାନକୁ ପ୍ରଥମ କିସ୍ତି ବୋଲି କହିଛନ୍ତି ପାଣ୍ଡିଆନ। ଭଲ କାମ କଲେ ପରବର୍ତ୍ତୀ କିସ୍ତି ମିଳିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବାଣପୁର ପରେ ସେ ରଣପୁରରେ ସାଧାରଣ ସଭାକୁ ସମ୍ବୋଧିତ ମଧ୍ୟ କରିଛନ୍ତି। ଏହାସହ ସେ ଖୋର୍ଦ୍ଧାସ୍ଥିତ ମା ଉଗ୍ରତାରା ଶକ୍ତିପୀଠର ବିକାଶମୂଳକ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି। ୩୨ କୋଟି ଟଙ୍କା ମୂଲ୍ୟରେ ଏହି ମନ୍ଦିରର ରୂପାନ୍ତରୀକରଣ କାର୍ଯ୍ୟ ଜାରି ରହିଛି। ଏହାସହ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଯଥା ବେଗୁନିଆଠାରେ ୧୦୦ ଶଯ୍ୟା ବିଶିଷ୍ଟ ସବ୍-ଡିଭିଜନ ହସ୍ପିଟାଲ, ଖୋର୍ଦ୍ଧାଠାରେ ଓଡ଼ିଆ ପାଇକ ଏକାଡେମୀ ଏବଂ ଅନୁସନ୍ଧାନ କେନ୍ଦ୍ର ଓ ଖୋର୍ଦ୍ଧା ପୌରପାଳିକାରେ ୮.୮୦ କୋଟି ମୂଲ୍ୟରେ ନିର୍ମିତ ହେଉଥିବା ୨୬୬ଟି କିଓସ୍କ ବିଶିଷ୍ଟ ୫ଟି ଭେଣ୍ଡିଂ ଜୋନ୍‌ର ସମୀକ୍ଷା ମଧ୍ୟ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟରେ ୫-ଟି ଅଧ୍ୟକ୍ଷ ଜିଲ୍ଲାଗସ୍ତ ସମୟରେ ଉପରୋକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଲୋକଙ୍କ ଦାବି, ଆପତ୍ତି ଅନୁଯାୟୀ ଏହି ସମସ୍ତ ପ୍ରକଳ୍ପ ହାତକୁ ନିଆଯାଇଛି। ୫-ଟି ଅଧ୍ୟକ୍ଷ ୩ଟି ପ୍ରମୁଖ ନଦୀଗର୍ଭ ଜଳାଶୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ ଗୁଡ଼ିକ ପାଣ୍ଡରା ଗ୍ରାମ ନିକଟରେ କୁଆକାଇ ନଦୀ ଉପରେ , ବସନ୍ତପୁର ଗ୍ରାମ ନିକଟ ଦୟା ନଦୀ ଉପରେ ଏବଂ ରାମଚନ୍ଦ୍ରପୁର ଗ୍ରାମ ନିକଟରେ କୁଶଭଦ୍ରା ନଦୀ ଉପରେ ନିର୍ମିତ ହେଉଛି। ଉପରୋକ୍ତ ୩ଟି ପ୍ରକଳ୍ପ ପାଇଁ ମୋଟ ୨୭୭ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାପରେ ଶ୍ରୀ ପାଣ୍ଡିଆନ୍ ବାଣପୁର ଗସ୍ତରେ ଯାଇ ସେଠାରେ ଥିବା ମିଶନ ଶକ୍ତି କାଫେର ପରିଚାଳନା ଦାୟିତ୍ୱରେ ଥିବା ଏସଏଚଜି ସଦସ୍ୟାଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାହକମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ଦେଉଥିବାରୁ ୫-ଟି ଅଧ୍ୟକ୍ଷ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହାପରେ ସେ ନୟାଗଡ ଜିଲ୍ଲାରେ କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପ୍ରକଳ୍ପ ଯଥା ୩୨୮ କୋଟି ଟଙ୍କାରେ ନିର୍ମାଣାଧିନ କୁସୁମୀ ବ୍ୟାରେଜ, ୧୭୨୮ କୋଟି ଟଙ୍କା ବିନିମୟରେ ବିଭିନ୍ନ ବ୍ଲକ ଏବଂ ଏନଏସିକୁ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ୩୧ କୋଟି ଟଙ୍କା ମୂଲ୍ୟରେ କଣ୍ଟିଲୋସ୍ଥିତ ନୀଳମାଧବ ମନ୍ଦିରର ବିକାଶମୂଳକ କାର୍ଯ୍ୟ, ପ୍ରମୁଖ ନିର୍ମାଣଧିନ ବ୍ରିଜ ଏବଂ ଜିଲ୍ଲାର ଅନ୍ୟ ମନ୍ଦିରର ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି।

### 'ସଫଳତା ପାଇଁ...

ପଢ଼ିବ ବୋଲି ଛାତ୍ରଛାତ୍ରୀଙ୍କୁ ସେ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ସେ ତାଙ୍କ ସହ ଆଇଏଏସ୍ ପାଇଥିବା ରାଜସ୍ଥାନର ଜଣେ ମହିଳା ବ୍ୟାଚମେଟଙ୍କ ଉଦାହରଣ ଦେଇଛନ୍ତି । ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ପରିବାର ଉଚ୍ଚଶିକ୍ଷାରୁ ବାରଣ କରି ବିବାହ କରିଦେଇଥିଲେ। ସେ କଲେଜରେ ନାମ ଲେଖାଇ ପାରି ନ ଥିଲେ। ମାତ୍ର ସେ ହାର ମାନି ନ ଥିଲେ। ପତ୍ରବିନିମୟ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ନିପଟ ମଫସଲରୁ ଆସିଥିବା ସତ୍ତ୍ୱେ ସେ ନିଜର ଅଧ୍ୟବସାୟ ଓ କଠୋର ପରିଶ୍ରମକୁ ପାଥେୟ କରି ଆଇଏଏସ୍ ପାଇଥିଲେ ବୋଲି ଶ୍ରୀ ପାଣ୍ଡିଆନ ଉଲ୍ଲେଖ କରି ଛାତ୍ରଛାତ୍ରୀଙ୍କୁ ସଫଳତା ପ୍ରାପ୍ତି ନିମନ୍ତେ ନିରନ୍ତର ପ୍ରୟାସ ଓ କଠୋର ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ ।

### ୧୭୧୪ କୋଟିର...

ହେବ ।ଟିଏସ୍ ବିଚ୍ ରିସର୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପୁରୀର ସିପସରୁବାଲିଠାରେ ଚାରି ତାରକା ହୋଟେଲ ସହ ସମ୍ମିଳନୀ କକ୍ଷ କରିବା ପାଇଁ ଅନୁମତି ମିଳିଛି। ୧୩୨.୧୬ କୋଟି ଟଙ୍କାରେ ଏହି ପ୍ରକଳ୍ପ ଦ୍ୱାରା ୨୫୦ ନିଯୁକ୍ତି ପାଇବେ। ହାଟେଲ୍ ରଶ୍ମି ପ୍ଲାଜା ଓପିସି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଝାରସୁଗୁଡ଼ାରେ ଏକ ଚାରିତାରକା ହୋଟେଲ ନିର୍ମାଣ ହେବ। ଏଥିରେ ୭୦.୭୪ କୋଟି ଟଙ୍କା ନିବେଶ ହେବ ଓ ୨୧୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ।

ଅନୁରୂପ ଭାବରେ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍ ପକ୍ଷରୁ ୧୧୦.୨୪ କୋଟି ଟଙ୍କା ବିନିଯୋଗରେ ଯାଜପୁରର କଳିଙ୍ଗନଗରଠାରେ ଅକ୍ଷୟଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ, ଯେଉଁଠାରେ ୬୦ ଜଣ ନିଯୁକ୍ତି ପାଇବେ। ଏସିକେମ୍ ରିମେଡି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୫୩ କୋଟି ଟଙ୍କା ନିବେଶରେ ଫାର୍ମାସିଟିକାଲ୍ କେନ୍ଦ୍ର ଖୋଲାଯିବ। ଏହାଦ୍ୱାରା ୧୬୩ ଜଣଙ୍କୁ ନିଯୁକ୍ତି ମିଳିବ। ବେଷ୍ଟ ପାୱାର ଇକ୍ୱିଇପ୍‌ମେଣ୍ଟ ଇଣ୍ଡିଆ ପକ୍ଷରୁ ଖୋର୍ଦ୍ଧାରେ ୫୨.୭୫ କୋଟି ଟଙ୍କା ବିନିଯୋଗରେ ବୈଦ୍ୟୁତିକ ସାରଞ୍ଜାମ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ ଏବଂ ଏଠାରେ ୩୫୦ ଜଣଙ୍କୁ କର୍ମ ନିଯୁକ୍ତି ମିଳିବ। ଓରିବେକ୍ ପକ୍ଷରୁ ୫୧.୮୦ କୋଟି ଟଙ୍କା ବିନିଯୋଗରେ କଟକଠାରେ ଏକ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରେ ୨୮୦ ଜଣଙ୍କୁ ନିଯୁକ୍ତି ମିଳିବ। ସନ୍ ଆଗ୍ରୋ ଫୁଡ୍‌ସ ପକ୍ଷରୁ ଯାଜପୁରରେ ୫୦.୪୩ କୋଟି ଟଙ୍କା ବିନିଯୋଗରେ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରିବ, ଏଥିରେ ୯୮ ଜଣଙ୍କୁ ନିଯୁକ୍ତି ମିଳିବ। ଏସ୍‌ଏମ୍‌ଭିଡି ପକ୍ଷରୁ ୬୧.୩୦ କୋଟି ଟଙ୍କା ବିନିଯୋଗରେ ଜଗତସିଂହପୁରଠାରେ ପ୍ଲାଷ୍ଟିକ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରେ ୨୧୫ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଟେକ୍ନୋ ଇଣ୍ଡିଆ ଖୋର୍ଦ୍ଧାରେ ୫୧ କୋଟି ଟଙ୍କା ବିନିଯୋଗରେ ପ୍ଲାଷ୍ଟିକ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ମିଳିବ। ମେଡିଏଡ୍ ମାର୍କେଟିଂ ସଂସ୍ଥା ପକ୍ଷରୁ ୫୦.୭୮ କୋଟି ଟଙ୍କା ବିନିଯୋଗରେ କଟକରେ ପ୍ଲାଷ୍ଟିକ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରେ ୭୫ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

### ନାବାଳିକାକୁ ଅପହରଣ...

ନାବାଳିକା ଜଣକ ମଙ୍ଗଳବାର ତାଙ୍କ ପ୍ରେମିକ କୁହାଯାଉଥିବା ଧରୁଆଡିହି ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହ ବୁଲୁଥିବା ଗ୍ରାମର କେତେକ ଲୋକ ଦେଖିଥିବା କହିଛନ୍ତି। ପରିବାର ଲୋକେ ତାଙ୍କୁ ପଚରାଉଚୁରା କରିବାରେ ସେ ଅପରାହ୍ନରେ ତାଙ୍କୁ କୁସ୍ତୁନା ନିକଟରେ ଛାଡ଼ି ଚାଲିଯାଇଥିବା କହିଥିଲେ। ନାବାଳିକାଙ୍କ ବଡ଼ଭାଇ ତାଙ୍କ ଭଉଣୀକୁ ଅପହରଣ ଓ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଆଇଆଇସି ବନ୍ଦନା ପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଏସଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ତଦନ୍ତ କରିଥିଲେ। ଝାରସୁଗୁଡ଼ାରୁ ପୁଲିସ ସାଇଣ୍ଟିଫିକ ଟିମ୍ ଆସି ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ପ୍ରାଥମିକ ତଦନ୍ତ ପରେ ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର ହୋଇଛି। ସୂଚନାଯୋଗ୍ୟ, ୨ ବର୍ଷ ପୂର୍ବେ ଉକ୍ତ ନାବାଳିକାଙ୍କୁ ଜଣେ ୧୭ ବର୍ଷୀୟ ନାବାଳକ ଅପହରଣ କରିନେଇଥିଲା। ପରିବାର ଲୋକେ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ସମ୍ପୃକ୍ତ ନାବାଳକକୁ ରାଉରକେଲାସ୍ଥିତ ବାଳସୁଧାର ଗୃହ ପଠାଇଥିଲା। ନାବାଳିକାର ପ୍ରେମିକ କୁହା ଯାଉଥିବା ଯୁବକ ଜଣକ ପୂର୍ବ ଅପହରଣ ମାମଲାର ଅଭିଯୁକ୍ତ ନାବାଳକର ବନ୍ଧୁ ବୋଲି ଜଣାପଡ଼ିଛି। ପୁଲିସ ବିଭିନ୍ନ ଦିଗ ପ୍ରତି ସତର୍କ ଦୃଷ୍ଟି ରଖି ତଦନ୍ତ ଜାରି ରଖିଛି।

### ଉନ୍ନତ ପ୍ରଶିକ୍ଷଣ...

ଗସ୍ତ ସମୟରେ ବିଭିନ୍ନ ସ୍ୱାସ୍ଥ୍ୟ ଶିକ୍ଷା ଅନୁଷ୍ଠାନକୁ ଯାଇଥିଲେ। ଛାତ୍ରବୃତ୍ତି ବୃଦ୍ଧି କରିବା ପାଇଁ ପିଲାମାନଙ୍କ ଦାବିକୁ ସେ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦାବିକୁ ମୁଖ୍ୟମନ୍ତ୍ରୀ ତୁରନ୍ତ ପୂରଣ କରିଥିବା ଶ୍ରୀ ପାଣ୍ଡିଆନ ପ୍ରକାଶ କରିଛନ୍ତି। ଏହାସହ ଏକାଗ୍ରତାର ସହ ଲୋକଙ୍କୁ ସେବା ପ୍ରଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଗତ ୩ ତାରିଖରେ ନର୍ସିଂ, ଡି ଫାର୍ମା, ଏ.ଏନ୍.ଏମ୍, କ୍ଲିନିକାଲ ସାଇକୋଲୋଜି ଆଦି ବିଷୟରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କ ଛାତ୍ରବୃତ୍ତି ବୃଦ୍ଧି କରିଛନ୍ତି।



ଇଲା ପଣ୍ଡା
୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

ଆମେ ପରସ୍ପରର ପରିପୂରକ ବୋଲି ଭୁଲି ଯାଇଥିବାରୁ ବିଶ୍ୱରେ ଶାନ୍ତି ବ୍ୟାହତ ହେଉଛି।
-ମଦର ଟେରେସା



ସକାଳ
THE SAKALA

## ମାଲକାନଗିରିରେ ବିମାନ ଘାଟି ପ୍ରତିଷ୍ଠା

# ବିକାଶର ବେଗ ଆହୁରି ବଢ଼ିବ

ଦୂରତ୍ୱର ହ୍ରାସ ବିକାଶର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚାବି। ଦୂରତ୍ୱ ଓ ପ୍ରତିକୂଳ ଭୌଗୋଳିକ ସ୍ଥିତି ଯଦି କୌଣସି ଅଞ୍ଚଳକୁ ଜାତୀୟ ବା ପ୍ରାଦେଶିକ ମୁଖ୍ୟସ୍ରୋତରୁ ଦୂରେଇ ରଖୁଥାଏ ସେ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ଓ ଯୋଗାଯୋଗ ବ୍ୟବସ୍ଥାର ଉପଯୋଗ କରି ସେ ଦୂରତ୍ୱର ଅବସାନ ଘଟାଇବା ପ୍ରଥମ କର୍ତ୍ତବ୍ୟ। ଓଡ଼ିଶା ଭଳି ରାଜ୍ୟ, ଯାହା ଏକଦା କଟକ, ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁର ଆଦି ଅଳ୍ପ କେତୋଟି ସହର ମଧ୍ୟରେ ମୌଳିକ ସୁବିଧା ସୁଯୋଗ ଦୃଷ୍ଟିରୁ ସୀମିତ ଥିଲା, ସେ ସ୍ଥିତି ଆଜି ଆଉ ନାହିଁ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟର ଦୂରଦୂରାନ୍ତ ଜିଲ୍ଲା ଓ ସହରଗୁଡ଼ିକୁ ପ୍ରାଦେଶିକ ରାଜଧାନୀ ସହିତ ଯୋଡ଼ିବାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରାଯାଉଛି। ସଡ଼କ, ରେଳ ଓ ଆକାଶ ପଥ ମାଧ୍ୟମରେ ସେ ସବୁକୁ ଯୋଡ଼ାଯାଉଛି। ଏହିକ୍ରମରେ ଗତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଦକ୍ଷିଣ ଉପାନ୍ତ ମାଓବାଦୀ ଅଧ୍ୟୁଷିତ ଓ ଅନଗ୍ରସର ମାଲକାନଗିରି ଜିଲ୍ଲାରେ ଏକ ବିମାନ ଘାଟିକୁ ଉଦ୍‌ଘାଟନ କରିଛନ୍ତି। ମୋଟ ୭୦ କୋଟି ଟଙ୍କା ବ୍ୟୟରେ ମାତ୍ର ୧୪ ମାସ ମଧ୍ୟରେ ଏହି ବିମାନ ବନ୍ଦରର ବିକାଶ କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକଳ୍ପର ନିର୍ମାଣ ଖର୍ଚ୍ଚ ରାଜ୍ୟ ସରକାରଙ୍କ ବହନ କରିଛନ୍ତି।

କହିବା ବାହୁଲ୍ୟ ଯେ ଭୁବନେଶ୍ୱରରୁ ମାଲକାନଗିରିକୁ ଟ୍ରେନ୍ ସଂଯୋଗ ଓ ଉତ୍ତମ ପ୍ରତ୍ୟକ୍ଷ ସଡ଼କ ସଂଯୋଗ ନାହିଁ। ଛ'ଶହ କମିରୁ ଅଧିକ ପଥ ଅତିକ୍ରମ କରିବାକୁ ବସ୍ ଓ ଅନ୍ୟ ଯାନରେ ୧୫ ରୁ ୧୬ ଘଣ୍ଟା ଲାଗିଯାଉଛି। ମୌଳିକ ସୁବିଧା ସୁଯୋଗ ଅଭାବରୁ ସେଠାକୁ ସରକାରୀ କର୍ମଚାରୀ, ଚିକିତ୍ସକ ଆଦି ସରକାରୀ କର୍ମଚାରୀ ଯିବାକୁ ଏକଦା ରାଜି ହେଉ ନଥିଲେ। ଖଣିଜ ଓ ବନ୍ୟ ସମ୍ପଦର ଉପଲବ୍ଧତା ସତ୍ତ୍ୱେ ଶିଳ୍ପପତି ଓ ନିବେଶକ ଏହି ଜିଲ୍ଲା ପ୍ରତି ମୁହଁ ବୁଲାଉଥିଲେ। ପର୍ଯ୍ୟଟକମାନେ ମଧ୍ୟ ଯିବାକୁ ଯଥେଷ୍ଟ ସୁଯୋଗ ପାଉ ନଥିଲେ। ଯେତେବେଳେ କୌଣସି ଏକ ଅଞ୍ଚଳ ଯୋଗାଯୋଗ ଦୃଷ୍ଟିରୁ ବିଚ୍ଛିନ୍ନ ହୋଇରହିଯାଏ ସେତେବେଳେ ସେହି ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ ପକ୍ରିୟା ଗୁରୁତର ଭାବେ ବ୍ୟାହତ ହୁଏ। ଏହାର ସୁବିଧା ସୁଯୋଗ ନେଇ ମାସବାଦୀଙ୍କ ଭଳି ଉଗ୍ରବାଦୀ ସଂଗଠନ ନିଜର ପ୍ରଭାବ ବିସ୍ତାର କରନ୍ତି, ଯାହା ଅବିଭକ୍ତ କୋରାପୁଟ୍ ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଥିଲା। ତେଣୁ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାଲକାନଗିରି ବିମାନ ବନ୍ଦରକୁ ୨୩୩ ଏକ ଜମି ଦିଆଯାଇଛି, ଯାହା ଉପରେ ବିମାନ ବନ୍ଦର ନିର୍ମାଣ କରାଯାଇଛି। ଏଥିରେ ରହିଛି ୧୬୨୦ ମିଟର ଦୈର୍ଘ୍ୟ ଓ ୩୦ ମିଟର ପ୍ରସ୍ଥ ବିଶିଷ୍ଟ ଏକ ରନ୍‌ୱେ। ଏହା ଭବିଷ୍ୟତରେ ମଧ୍ୟମ ଓ ବଡ଼ ବଡ଼ ବିମାନ ଚଳାଚଳର ଆବଶ୍ୟକତା ପୂରଣ କରିପାରିବ ନିଶ୍ଚୟ।

ଏକଦା ସମଗ୍ର ଅବିଭକ୍ତ କୋରାପୁଟ ଜିଲ୍ଲା ଥିଲା ସମ୍ପୂର୍ଣ୍ଣ ଅନଗ୍ରସର। ଏହାକୁ ସରକାରୀ କର୍ମଚାରୀଙ୍କ ପାଇଁ 'କଳାପାଣି' ଭାବେ ନିନ୍ଦିତ କରାଯାଉଥିଲା। ମାତ୍ର ଦୁଇଦଶନ୍ଧି ମଧ୍ୟରେ ସମଗ୍ର ଅବିଭକ୍ତ କୋରାପୁଟ୍ ଅଞ୍ଚଳର ଚିତ୍ର ବଦଳି ଯାଇଛି ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଜଳଭଣ୍ଡାରମାନଙ୍କର ସୃଷ୍ଟି ସହିତ ମାଲକାନଗିରି ଜିଲ୍ଲାର ବିଚ୍ଛିନ୍ନାଞ୍ଚଳ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳ ପାଲଟି ଯାଇଛି। ତା' ସହିତ ସବୁଦିନିଆ ପକ୍କା ରାସ୍ତା ମଧ୍ୟ ନିର୍ମାଣ ହେଉଛି। ସେଠାରୁ ମାଓବାଦୀଙ୍କ ଉପଦ୍ରବ ହଟିଛି ସ୍ୱାଭିମାନ ଅଞ୍ଚଳ ବିକାଶର ନୂଆ ଇତିହାସ ଲେଖୁଛି। କୋରାପୁଟ୍ ଜିଲ୍ଲାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ମେଡିକାଲ୍ କଲେଜ୍ ସ୍ଥାପନ ସହତ ତାହାକୁ ଦକ୍ଷିଣ ଓଡ଼ିଶାର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିଯାଇଛି। ନାଲ୍‌କୋ ଭଳି ବୃହତ୍ ଶିଳ୍ପ ଏହି ଅଞ୍ଚଳର ବିକାଶ ପ୍ରକ୍ରିୟାରେ ଗୋଟିଏ ଗୋଟିଏ ନୂଆ ଫର୍ଦ୍ଦ ଯୋଡ଼ିଛି। ବିମାନ ଯୋଗାଯୋଗ ପରେ ବିକାଶ ପ୍ରକ୍ରିୟା ଆହୁରି ଗତିଶୀଳ ହୋଇଛି। ପୂର୍ବରୁ କେରାପୁଟ୍‌ରୁ ଜୟପୁର ସମେତ କଳାହାଣ୍ଡିର ଉତ୍‌କେଳା, ଝାରସୁଗୁଡ଼ା, ରାଉରକେଲା ଓ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାରେ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ଏବେ ମୟୁରଭଞ୍ଜ, କେନ୍ଦୁଝର, ବଲାଙ୍ଗୀର ଓ ଅନୁଗୋଳ ଆଦିକୁ ବାୟୁ ପଥରେ ଯୋଡ଼ିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି।

ମାଲକାନଗିରି ବିମାନ ବନ୍ଦର ସେ ଆଖପାଖ ଅଞ୍ଚଳରେ ମାଓଦମନ ପାଇଁ ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ଓ ଯବାନଙ୍କ ସ୍ଥାନାନ୍ତର କରିବାରେ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାର ସଫଳ କାର୍ଯ୍ୟକାରିତା ଅଥବା ଶିଳ୍ପାୟନ ଓ ପର୍ଯ୍ୟଟନର ବିକାଶ ପ୍ରତ୍ୟେକ କାମରେ ବିଶେଷ ସହାୟକ ହେବ। ଯୋଗାଯୋଗ ଓ ଗମନାଗମନର ଏହି ଭିତ୍ତିଭୂମି ମାଲକାନାଗିରି ଅଞ୍ଚଳ ପାଇଁ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ମାତ୍ର ଦୁଇ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରୁ ମାଲକାନଗିରିରେ ପହଞ୍ଚି ହେବ। ଗୋଟିଏ ଗୋଟିଏ ଦୂରଦୃଷ୍ଟିସମ୍ପନ୍ନ ପ୍ରୟାସ ଇତିହାସର ଧାରା ବଦଳାଇ ଦେଇପାରେ। ମାଲକାଗଗିରି ବିମାନ ବନ୍ଦର ସେହିଭଳି ଗୋଟିଏ ପଦକ୍ଷେପ, ଯାହା ସେ ଜିଲ୍ଲା ଓ ଅଞ୍ଚଳରେ ବିକାଶର ପ୍ରଚୁର ସମ୍ଭାବନା ବହନ କରିଛି।

ଓଡ଼ିଶାରେ ଆୟ ଯଥେଷ୍ଟ ବଢ଼ିଛି। ଲୋକଙ୍କ ଜୀବନଧାରଣର ମାନରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ବିମାନ ଯାତ୍ରା ଆଉ ଏକ ବିଳାସ ହୋଇ ରହିନାହିଁ। ଗମନାଗମନରେ ଦୂରତ୍ୱର ଅବସାନ ଘଟାଇ ସମସ୍ତଙ୍କର ମୂଲ୍ୟବାନ ସମୟ ବଞ୍ଚାଉଛି ଏବଂ ବିକାଶର ନୂଆ ସୁଯୋଗ ସୃଷ୍ଟି କରୁଛି। ଅଳ୍ପକିଛି ଅଧିକ ଖର୍ଚ୍ଚରେ ମଣିଷ ଯଦି ଏତେ ସବୁ ସୁବିଧା ସୁଯୋଗ ପାଇବ, ସେଥିପାଇଁ ସେ ଆଦୌ କୁଣ୍ଠିତ ହେବ ନାହିଁ। ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଓ ବାୟୁ ସେବା ଓଡ଼ିଶାର ଦୂରତ୍ୱକୁ ସଙ୍କୁଚିତ କରିବା ସହିତ ଦୂରତ୍ୱର ଅବସାନ ଘଟାଉଛି। ବିକାଶର ଲାଭ ସମସ୍ତଙ୍କ ପାଖରେ ସମାନ ଭାବରେ ପହଞ୍ଚାଇବାର ମାର୍ଗ ଖୋଲି ଖୋଲି ଯାଉଛି। ଏବେ ରାଜ୍ୟରେ ଯେଉଁ ଦ୍ରୁତ ନିର୍ମାଣ, ଶିଳ୍ପାୟନ ଓ ବିକାଶର ପର୍ବ ଚାଲିଛି ତାହାର ବେଗ ଆହୁରି ତ୍ୱରାନ୍ୱିତ ହେଉ।

# ଭୂସ୍ୱର୍ଗ କାଶ୍ମୀରକୁ ବିସ୍ମୟ ରେଳସଂଯୋଗ



**ଜୟନ୍ତ ପଟ୍ଟନାୟକ**
**ଭୁବନେଶ୍ୱର, ମୋ: ୯୦୯୦୧ ୯୦୦୬୯**

ରାଜନୈତିକ ଇଚ୍ଛାଶକ୍ତି ଓ ଦୃଢ଼ ନେତୃତ୍ୱ, ଯୋଜନା ରୂପାୟନରେ ନିଷ୍ଠା କିପରି ଅସାଧ୍ୟ ସାଧନ କରିପାରେ ତାହା ପୁଣି ଥରେ ପ୍ରମାଣିତ ହୋଇଛି। ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି କରୁଥିବା ଭୌଗୋଳିକ ସ୍ଥିତି ମଧ୍ୟ ନତମସ୍ତକ ହୋଇଛି। ହିମାଳୟ ପାଦଦେଶର ଦୁର୍ଗମ, ଅଭେଦ୍ୟ ପର୍ବତ ଶ୍ରେଣୀ ମଧ୍ୟ ଦେଇ ଅନେକ ନଦୀ ପାହାଡ଼ ଡେଇଁ ଏବେ ଶ୍ରୀନଗରକୁ ରେଳ ଲାଇନ ଗଡ଼ିବାକୁ ଯାଉଛି।

ଜାମ୍ମୁକାଶ୍ମୀରର ପ୍ରଥମ ରେଳସଂଯୋଗ ଥିଲା ଜାମ୍ମୁ-ସିଆଲକୋଟ(ଅଧୁନା ପାକିସ୍ତାନରେ) ରେଳପଥ, ଯାହା ୧୮୯୭ମସିହାରେ ନିର୍ମାଣ ହୋଇଥିଲା। ଭାରତ ସ୍ୱାଧୀନ ହେବା ପରେ ଏହି ରେଳଲାଇନ ଆଉ ବ୍ୟବହାର ହେଲା ନାହିଁ। କିନ୍ତୁ ବାସ୍ତବରେ କାଶ୍ମୀରର ଅନ୍ୟ ସ୍ଥାନକୁ ରେଳ ଯୋଗାଯୋଗ ନିମନ୍ତେ ବ୍ରିଟିଶ୍ ସରକାର ପ୍ରୟାସ ଆରମ୍ଭ କରିଥିଲେ ୧୯୦୨ରେ ରାଓଲପିଣ୍ଡି(ଅଧୁନା ପାକିସ୍ତାନ)ରୁ ଶ୍ରୀନଗର ପର୍ଯ୍ୟନ୍ତ। କାରଣ କାଶ୍ମୀର ମଧ୍ୟ ଦେଇ ଜାମ୍ମୁରୁ ଦୁର୍ଗମ ପୀରପଞ୍ଜା ପର୍ବତଶ୍ରେଣୀ ଭେଦ କରି ଶ୍ରୀନଗର ରେଳସଂଯୋଗ ସମ୍ଭବ ନଥିଲା। ତତ୍କାଳୀନ କାଶ୍ମୀର ରାଜା ମଧ୍ୟ ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ବାହାର ରାଜ୍ୟ ଦେଇ ରେଳ ଯୋଗାଯୋଗ ନିମନ୍ତେ ସହମତ ନଥିଲେ। ତେଣୁ ଭାରତ ସ୍ୱାଧୀନ ହେବାର ୨୭ ବର୍ଷ ପରେ ୧୯୭୫ରେ ଯାଇ ନିର୍ମାଣ ହେଲା ପଠାନକୋଟ-ଜାମ୍ମୁ ରେଳଲାଇନ। କିନ୍ତୁ ଭାରତୀୟ ରେଳବାଇର ଉତ୍ତର ରେଳପଥ ଅନ୍ତର୍ଗତ ଏହି ରାସ୍ତାରେ ଜାମ୍ମୁକାଶ୍ମୀରକୁ ପ୍ରଥମ ରେଳ ଗଡ଼ିଲା ୨୦୦୫ରେ। ତା'ର ୯ ବର୍ଷ ପରେ ଜାମ୍ମୁ-କଟରା(ମାତା ବୈଷ୍ଣୋଦେବୀ) ରେଳ ଗଡ଼ିଲା ୨୦୧୪ ଅଗଷ୍ଟରେ। ଏହାପରେ ଶ୍ରୀନଗରକୁ ସିଧା ଟ୍ରେନ ସଂଯୋଗ ନିମନ୍ତେ ପ୍ରୟାସ ଜାରି ରହିଥିଲା। ଅନେକ ବାଧାବିଘ୍ନ ସତ୍ତ୍ୱେ ଉଧମପୁର ଶ୍ରୀନଗର ବାରାମୂଳା ରେଳ ଲିଙ୍କ୍ କାର୍ଯ୍ୟ ଆରମ୍ଭ ହେଲା ୨୦୦୨ରେ। ୨୦୦୭ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବାର ଆଶା ଥିଲେ ହେଁ ୨୦୨୩ରେ ଯାଇ ଏହି ଲକ୍ଷ୍ୟ ପୂରଣ ହେଲା। ତଥାପି ଏହି ରାସ୍ତାରେ ରେଳ ଗଡ଼ିବା ପାଇଁ ଆସନ୍ତା ମେ କିମ୍ବା ଜୁନ୍‌ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଏହାବାଦ୍ ବାରାମୂଳାଠାରୁ କୁପୱାରା ପର୍ଯ୍ୟନ୍ତ ରେଳଲାଇନ ସମ୍ପ୍ରସାରଣକୁ ମଞ୍ଜୁରୀ ମିଳିଛି। ଫଳରେ ଉଧମପୁର-କୁପୱାରା ସମ୍ପ୍ରସାରିତ ରେଳ ଲାଇନର ସମ୍ପୂର୍ଣ୍ଣ ଦୈର୍ଘ୍ୟ ହେବ ୩୧୯ କିମି, ଯାହା ପ୍ରଥମେ ଥିଲା ୨୭୨ କିମି।

ଏହି ରେଳ ଲାଇନ୍ ନିର୍ମାଣରେ ଅହେତୁକ ବିଳମ୍ବର କାରଣ ହେଲା ଦୁର୍ଭେଦ୍ୟ, ଦୁର୍ଗମ, ବନ୍ଧୁର, ଭଙ୍ଗୁର, ଭୂକମ୍ପପ୍ରବଣ ଭୌଗୋଳିକ ସ୍ଥିତି। ଏହାଛଡ଼ା ଏଥିପାଇଁ ଅତ୍ୟାବଶ୍ୟକ ଥିଲଶ ତରୁଣ ହିମାଚଳ ପାର୍ବତ୍ୟ ଅଞ୍ଚଳରେ ପ୍ରାୟ ୨୦୦ କିମି ଲମ୍ବର ୩୮ଟି ସୁଡ଼ଙ୍ଗ ବା ଟନେଲ ଓ ଶତାଧିକ ରେଳପୋଲ। ଏଭଳି ଅସମ୍ଭବକୁ ସମ୍ଭବ କରିପାରିଛି ଭାରତୀୟ ଓ ବିଦେଶୀ ଅତ୍ୟାଧୁନିକ ଜ୍ଞାନକୌଶଳର ସମ୍ମିଶ୍ରଣ। ଉଧମପର-ବାରାମୂଳା ରେଳଲାଇନ ସମ୍ପୂର୍ଣ୍ଣ ହେବା ନିମନ୍ତେ ଅହେତୁକ ବିଳମ୍ବ ହେତୁ ଏହାର ବ୍ୟୟ ଅତିମାତ୍ରାରେ ବଢ଼ି ୩୭, ୯୪୯ କୋଟିରେ ପହଞ୍ଚିଥିଲା। ଏହି ରେଳପଥର ୪ଟି ଡିଭିଜନ୍ ହେଲା ଉଧମପୁର-କଟରା(ଲେଗ୍ -୧-୨୫କିମି), କଟରା-ବନିହାଲ(ଲେଗ୍-୨-୧୧୧ କିମି), ବନିହାଲ-କାଜିଗୁଣ୍ଡ(ଲେଗ୍-୩-୧୮ କିମି) ଓ କାଜିଗୁଣ୍ଡ-ବାରାମୂଳା(ଲେଗ୍-୪-୧୧୮ କିମି)। ଏଥିରୁ ବନିହାଲ-ବାରାମୂଳା ମଧ୍ୟରେ ରେଳ ଚଳାଚଳ ଅବ୍ୟାହତ ଅଛି୨୦୦୮ରୁ। ସବୁଠୁ ଦୁର୍ଗମ ଉଧମପୁର-ବନିହାଲ ରେଳପଥ ଡିସେମ୍ବର ୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ରେଳଚଳାଚଳ ଅପେକ୍ଷାରେ। ମାତ୍ର ୫% ଗୁରୁତ୍ୱପୂର୍ଣ୍ଣ କାମ ବାକି ଅଛିସୱାଲକୋଟ(ଷ୍ଟେସନ) ପାଖରେ ବ୍ରିଜ-୭୦, ଟି୧୩ ଓ ଟି୧୪ ମଧ୍ୟରେ।

୧୯୯୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂହା ରାଓ କାଶ୍ମୀରକୁ ଭାରତୀୟ ରେଳ ମାନଚିତ୍ରରେ ଯୋଡିବାକୁ ଘୋଷଣା କରିବା ଓ ୨୦୦୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହାକୁ ଏକ ଜାତୀୟ ଯୋଜନାର ମାନ୍ୟତା ଦେବା ହିଁ ଏଇ ରେଳପଥ ନିର୍ମାଣର ମୂଳଭିତ୍ତି।

ଜାମ୍ମୁକାଶ୍ମୀରର ଚେନାବନଦୀ ଉପରେ ନିର୍ମିତ ଚେନାବ ରେଳପୋଲ ବିଶ୍ୱର ସର୍ବୋଚ୍ଚ ରେଳପୋଲର ମାନ୍ୟତା ପାଇଛି, ଯାହାର ଉଚ୍ଚତା ୩୫୯ମିଟର ବା ୧୧୭୮ଫୁଟ। ପ୍ୟାରିସର ଆଇଫେଲ ଟାୱାରଠାରୁ ଏହା ୩୫ ମିଟର ଅଧିକ ଉଚ୍ଚ। ଦୁର୍ଗମ ହିମାଳୟ ପାର୍ବତ୍ୟାଞ୍ଚଳର ପ୍ରତିକୂଳ ପରିବେଶ ଓ ପରିସ୍ଥିତିରେ ଚେନାବ ନଦୀ ଉପରେ ଜାମ୍ମୁକାଶ୍ମୀର ରେଇସି ଜିଲ୍ଲା ବକ୍କଲ ଓ କୌରୀ ମଧ୍ୟରେ ୧୩୧୫ ମିଟର ଲମ୍ବର, ୭୮୫ ମିଟର ଗମ୍ବୁଜାକାର ପୋଲ ନିର୍ମାଣ ଏକ ବୈଷୟିକ ବିସ୍ମୟ କହିଲେ ଅତ୍ୟୁକ୍ତି ହେବନାହିଁ। ଉତ୍ତରରେଳପଥ ନିମନ୍ତେ କୋଙ୍କଣ ରେଳ ପଥ ନିଗମ ଲିଃ, ଡିଆରଡିଓ ଓ ଆଫକନ୍ସ(ଭାରତର ୩ୟବୃହତ୍ତମ ନିର୍ମାଣ କମ୍ପାନୀ ପାଲୋନଜୀ ସାପୋରଜୀର ସହାୟକ ସଂସ୍ଥା)ର ମିଳିତ ଉଦ୍ୟୋଗରେ 'ଆଫକନ୍ସ' ଏହି ଚମତ୍କାର ନିର୍ମାଣର ବିଶ୍ୱକର୍ମା। ଏଥିରେ ସ୍ୱତନ୍ତ୍ର ବିସ୍ଫୋରଣ ନିରୋଧୀ ଷ୍ଟିଲ ବ୍ୟବହାର କରାଯାଇଛି। ଏହି ପୋଲର ଦୀର୍ଘ ଜୀବନକାଳ ୧୨୦ ବର୍ଷ ଭାବେ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ମଧ୍ୟ ସ୍ୱତନ୍ତ୍ର ନିର୍ମାଣ ଦ୍ରବ୍ୟ ସବୁ ବ୍ୟବହାର କରାଯାଇଛି। ଏହା ସଦାସର୍ବଦା ସୀମା ସୁରକ୍ଷା ବଳର ସ୍ୱତନ୍ତ୍ର ଦୃଷ୍ଟିରେ ରଖାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ରେଳପୋଲରେ ପବନର ବେଗ, ଚାପ, ଭୂକମ୍ପ ସୂଚନା, ବିଭିନ୍ନପ୍ରକାର ପାରିବେଶିକ ପ୍ରଭାବ ଓ ତାପମାତ୍ରା ମାପିବା ନିମନ୍ତେ ୧୦୦ରୁ ଅଧିକ ଯନ୍ତ୍ର ଖଞ୍ଜା ଯାଇଛି। ଏକପ୍ରକାର କଳଙ୍କି ନିରୋଧକ ରଙ୍ଗ ବ୍ୟବହାର କରାଯାଇଛି। ଏହି ପୋଲ ଘଣ୍ଟା ପ୍ରତି୨୬୦କିମି ବେଗରେ ପବନର ଚାପ ସମ୍ଭାଳିପାରିବ। ଗୁଣବତ୍ତା, ସୁରକ୍ଷା ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ନିର୍ମାଣ ସାମଗ୍ରୀ ମଧ୍ୟ ବ୍ୟବହୃତ ହୋଇଛି। ସବୁଦୃଷ୍ଟିରୁ ଉତ୍କୃଷ୍ଟ କରିବା ସକାଶେ ଏଥିରେ ଫିନଲ୍ୟାଣ୍ଡ, ଜର୍ମାନୀ ଓ ଭାରତୀୟ(ବାଙ୍ଗାଲୋରର ଭାରତୀୟ ବିଜ୍ଞାନ ସଂସ୍ଥା ଓ ଆଇଆଇଟି ଦିଲ୍ଲୀ) ଜ୍ଞାନକୌଶଳର ବ୍ୟବହାର କରାଯାଇଛି। କୌଣସିପ୍ରକାର କ୍ଷତି ସମ୍ଭାଳିବାକୁ ରେଳଲାଇନର ଉଭୟ ପାର୍ଶ୍ୱରେ ୨ଟି କରି ରେଳଧାରଣା(ବାହାର ଓ ଭିତର ରେଳ) ଲଗାଯାଇଛି।

ସେହି ଚେନାବର ଏକ ଉପନଦୀ ଅଞ୍ଜି ଉପରେ ରେଇସିଠାରେ ସ୍ଲୋଭାକିଆରେ ନିର୍ମିତ ୯୬ଟି କେବଲ ଲିଙ୍କ କରାଯାଇ କାଟରା(ଟି୨)ଓ ରେଇସି(ଟି୩)କୁ ଯୋଡୁଥିବା ଭାରତର ଓ ଭାରତୀୟ ରେଳବାଇର ପ୍ରଥମ କେବଲ ଷ୍ଟେ(ଭରସା) ରେଳପୋଲ ନିର୍ମାଣ କରାଯାଇଛି। ଏହା ଭୂମିଠାରୁ ୧୯୬ ମି.ଉଚ୍ଚରେ ରହିଛି, ଯାହାର ଲମ୍ବ ୪୭୩.୨୫ମିଟର। କେବଲ ଷ୍ଟେ ଗୁଡ଼ିକ ଅନେକ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ରେକର୍ଡ ୧୧ମାସ(ଜୁନ ୨୦୨୨ଠାରୁ ଏପ୍ରିଲ ୨୦୨୩)ମଧ୍ୟରେ ଲଗାଯାଇ ପାରିଲା। ହିନ୍ଦୁସ୍ତାନ ନିର୍ମାଣ କମ୍ପାନୀ ଦ୍ୱାରା ନିର୍ମିତ ଏହି ଏକମାତ୍ର କେବଲ ଷ୍ଟେବ୍ରିଜର ଅଟ୍ଟକଳ ପ୍ରାୟ ୫୦୦କୋଟି ଟଙ୍କା, ଯାହାଉପରେ ଅଗଷ୍ଟ୨୦୨୩ରେ ଟ୍ରେନର ଅଭ୍ୟାସ ଯାତ୍ରା ସମ୍ପନ୍ନ ହୋଇଛି।

ଏହିଭଳି ଶତାଧିକ ରେଳପୋଲ ଅତ୍ୟାବଶ୍ୟକ ଥିଲା ଏହି ବନ୍ଧୁର ଦୁର୍ଗମ ପାର୍ବାତ୍ୟାଞ୍ଚଳର ଉଧମପୁର-ଶ୍ରୀନଗର-ବାରାମୂଳା ରେଳ ଲିଙ୍କର ପ୍ରବର୍ତ୍ତନ ସକାଶେ ଯାହା ମଧ୍ୟରୁ ଏଇ ୨ଟି ହେଲା ଅନ୍ୟତମ ମୁଖ୍ୟ। ଛୋଟ ବଡ଼ ହୋଇ ୧୩କିମି ଲମ୍ବର ସର୍ବମୋଟ ୯୨୭ଟି ପୋଲ ଅଛି ଏଇ ଉଧମପୁର-ଶ୍ରୀନଗର-ବାରାମୂଳା ରେଳପଥରେ। ଏହି ରେଳଲାଇନରେ ୩୮ଟି ଛୋଟ ବଡ଼ ସୁଡ଼ଙ୍ଗ(୧୨୨ କିମି ଲମ୍ବ) ଓ ୮ଟି ନିର୍ଗମନ(ଜରୁରୀ ପରିସ୍ଥିତି ସକାଶେ)ସୁଡ଼ଙ୍ଗ(୬୬କିମି ଲମ୍ବ) ଏହିପରି ମୋଟ ୧୮୮ କିମିରେ ନିର୍ମାଣ ହୋଇଛି। ଜରୁରୀ ପରିସ୍ଥିତିରେ ସାଧାରଣ ସୁଡ଼ଙ୍ଗଗୁଡ଼ିକରୁ ବାହାରିବା ନିମନ୍ତେ ନିର୍ଗମନ (ଏସକେପ୍)ସୁଡଙ୍ଗଗୁଡ଼ିକ ସମାନ୍ତରାଳ ଭାବେ ନିର୍ମିତ ହୋଇଛି। ଭାରତରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟମାନର ନିର୍ଗମନ ସୁଡ଼ଙ୍ଗ ନିର୍ମିତ ହୋଇଛି ଏହି ରେଳପଥରେ। କଟରା-ବନିହାଲ, ୧୧୧କିମି ରେଳଲାଇନର ୮୭%, ଅର୍ଥାତ୍ ୯୭କିମି କେବଳ ସୁଡ଼ଙ୍ଗ। ଏହି ରେଳଲାଇନରେ ଅନେକ ବଡ଼ ବଡ଼ ସୁଡଙ୍ଗ ରହିଛି। ସେଥିରୁ ୫ଟିର ଦୈର୍ଘ୍ୟ ୮କିମିରୁ ଅଧିକ। ଅଧୁନା ନିର୍ମିତ ସୁଡ଼ଙ୍ଗ ମଧ୍ୟରୁ ପିର ପଞ୍ଜାଲ, ଟି୮୦(ପିର ପଞ୍ଜାଲ ପର୍ବତଶ୍ରେଣୀ ଅନ୍ତର୍ଗତ) ସୁଡ଼ଙ୍ଗ, ସର୍ବାଧିକ ଲମ୍ବା ପରିବହନ ସୁଡ଼ଙ୍ଗ ୧୧.୨୧୫ କିମି। କିନ୍ତୁ ବର୍ତ୍ତମାନ ନିର୍ମାଣର ଶେଷ ଅବସ୍ଥାରେ ପହଞ୍ଚିଥିବା ଟି୪୯/୫୦ ସୁଡ଼ଙ୍ଗ ୧୨.୭୫ କିମି ଦୈର୍ଘ୍ୟବିଶିଷ୍ଟ। ଏହାବ୍ୟତୀତ ଟି୫ ସୁଡ଼ଙ୍ଗର ଦୈର୍ଘ୍ୟ ୫.୯୫କିମି, ଟି୨ ସୁଡ଼ଙ୍ଗର ଦୈର୍ଘ୍ୟ ୫.୧ କିମି, ଟି୩ ସୁଡ଼ଙ୍ଗର ଦୈର୍ଘ୍ୟ ୯.୩୬ କିମି, ଟି୪୮ ସୁଡ଼ଙ୍ଗର ଦୈର୍ଘ୍ୟ ୧୦.୨କିମି।



ଏଥିମଧ୍ୟରୁ ୩.୨୦୯ କିମିର ଟି୧(ପରେ ଟି୩୩) ସୁଡ଼ଙ୍ଗ(କଟରା ଓ ରେଇସି ମଧ୍ୟରେ) ନିର୍ମାଣ ଅତିମାତ୍ରାରେ ଆହ୍ୱାନପୂର୍ଣ୍ଣ ଥିଲା। ଅତି କଠିନ ପ୍ରସ୍ତରସ୍ତର, ପାହାଡ଼ ଧସିବା ଓ କ୍ରମାଗତ ପାଣି ଲିକ୍ ହେବା ଏହାକୁ ଦୁଃସାଧ୍ୟ କରି ତୋଳିଥିଲା। ଅନେକ ବିଦେଶୀ ବିଶେଷଜ୍ଞଙ୍କ ସହାୟତାରେ କୋଙ୍କଣ ରେଳବାଇ ନିଗମ ଲିଃ ଦ୍ୱାରା ଏହାର ନିର୍ମାଣ ଏକବଡ଼ ସଫଳତା। ଟି୬ଠୁ ଟି୧୨ପର୍ଯ୍ୟନ୍ତ ୭.୯୬ କିମିର ୫ଟି ସୁଡ଼ଙ୍ଗ କାମ ଶେଷ ହୋଇଛି। ୨.୫କିମିର ଟି୭୭ ଓ ଟି୭୮ କାମ ମଧ୍ୟ ବାଲାଷ୍ଟଶୂନ୍ୟ ଟ୍ରେନଧାରଣା ସହିତ ଅନ୍ତିମ ପର୍ଯ୍ୟାୟରେ।

ଏହିସବୁ ଅତ୍ୟାବଶ୍ୟକ ସୁଡ଼ଙ୍ଗ ଓ ପୋଲ ନିର୍ମାଣ ସହିତ ତାଳଦେଇ ଏହି ରେଳଲାଇନକୁ ବିଦ୍ୟୁତୀକରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। କାରଣ ବିଦ୍ୟୁତ୍ ହେଲା ଅନ୍ୟ ପରିବହନ ମାଧ୍ୟମଗୁଡ଼ିକଠୁ କମ୍ ପ୍ରଦୂଷଣକାରୀ। କେବଳ ସେତିକିନୁହେଁ 'ସ୍ୱଚ୍ଛ ଭାରତ ଅଭିଯାନ' ଅନୁଯାୟୀ ଉଦଜାନ (ହାଇଡ୍ରୋଜନ) ଚାଳିତ ଟ୍ରେନ ଚଳାଇବାର ଯୋଜନା କରାଯାଉଛି। ଆହୁରି ମଧ୍ୟ ଶକ୍ତି ସଂରକ୍ଷଣ ନିମନ୍ତେ ସୌରଶକ୍ତି, ବର୍ଷାଜଳ ସଂରକ୍ଷଣ ଓ ଜଳ ଶକ୍ତିର ବିନିଯୋଗର ଯୋଜନା ଅଛି। ଆଗାମୀ ଦିନରେ ମଧ୍ୟ ସ୍ୱତନ୍ତ୍ର ନିର୍ମିତ 'ବନ୍ଦେ ଭାରତ' ଟ୍ରେନ ଚଳାଇବାର ପ୍ରସ୍ତାବ ରହିଛି, ଯାହାଦ୍ୱାରା କାଶ୍ମୀର ଘାଟି ଓ ଅବଶିଷ୍ଟ ଭାରତର ଜନସାଧାରଣଙ୍କ ମଧ୍ୟରେ ମନସ୍ତାତ୍ତ୍ୱିକ ଓ ସାମାଜିକ ସନ୍ତୁଳନ ବଜାୟ ରହିବ। ଏହି ଲାଇନରେ ଟ୍ରେନର ବେଗ ବଜାୟ ରଖିବା ନିମନ୍ତେ ଟ୍ରେନଲାଇନର ଦୁଇପଟେ ବାଡ଼, ସ୍ୱୟଂକ୍ରିୟ ଲେଭଲ କ୍ରସିଂ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ବ୍ୟବସ୍ଥା ଯୁଦ୍ଧକାଳୀନଭିତ୍ତିରେ ଗ୍ରହଣ କରାଯାଉଛି। ଏ ସମ୍ପନ୍ନ ହେଲେ କାଶ୍ମୀର ଉପତ୍ୟକା ସହିତ ଅବଶିଷ୍ଟ ଭାରତର ବାଣିଜ୍ୟ କାରବାର ଓ ପରିହବନ ତ୍ୱରାନ୍ୱିତ ହୋଇପାରିବ। ଆମଦେଶର ଐତିହାସିକ, ଭୌଗୋଳିକ, ଆର୍ଥିକ, ସାମାଜିକ ତଥା ଔଦ୍ୟୋଗିକ କ୍ଷେତ୍ରରେ ମଧ୍ୟ ନୂତନ ଦିଗନ୍ତ ସୃଷ୍ଟି ହେବ।

# ଯୁଦ୍ଧ ଓ ଶାନ୍ତି



**ମୋନାଲିସା ମହାପାତ୍ର**
ଖୋର୍ଦ୍ଧା, ମୋ: ୮୦୯୩୩୩୫୦୩୬

ଇତିହାସ ବହିରେ ଯୁଦ୍ଧ ଘଟଣାଗୁଡ଼ିକର କାରଣ ଓ ଫଳାଫଳ ସମ୍ପର୍କରେ ପଢ଼ିବା ବେଳେ ଆଖି ସାମ୍ନାରେ ନାଚି ଯାଏ ଧ୍ୱଂସର ଚିତ୍ର ଆଉ କାନରେ ବାଜି ଉଠେ ମଣିଷ ମାନଙ୍କର ବଞ୍ଚିବା ପାଇଁ ବିକଳ ଚିତ୍କାର! ଅତୀତରେ ସଂଘଟିତ ହୋଇଥିବା ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଭୟଙ୍କର ପରିଣତି ସମ୍ପର୍କରେ ବିଶ୍ୱବାସୀ ଅବଗତ ଅଛନ୍ତି। ତା ସହିତ ଇତିହାସର ନିବୁଜ କୋଠରି ମଧ୍ୟରେ ରହିଯାଇଛି ଏପରି ଆହୁରି କେତେକ ଲୋମହର୍ଷଣକାରୀ ଦୁର୍ଘଟଣାର କାହାଣୀ, ଯାହା ଆଜି କ୍ୱଚିତ ବିଶ୍ୱବାସୀ ଅବଗତ ଅଛନ୍ତି। ସେମାନଙ୍କ କାହାଣୀ ଯେକୌଣସି ରକ୍ତମାଂସଧାରୀ ପ୍ରାଣୀ ମନରେ ଶିହରଣ ଉଠିବ। ଦୟା, କ୍ଷମା ପରି ଦୈବୀଗୁଣ ଆପେ ଆପେ ଜାଗ୍ରତ ହୋଇଉଠିବ।

ସେହିପରି ଏକ କାହାଣୀ ହେଉଛି ଜର୍ମାନ୍‌ର ଝିଅ 'ଆନ୍ ଫ୍ରାଙ୍କ୍'ଙ୍କର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିଜ ପରିବାର ସହିତ ତାଙ୍କୁ ବନ୍ଦୀ ଭାବେ ଜୀବନ ବିତାଇବାକୁ ପଡ଼ିଥିଲା। ଅନେକ କଷ୍ଟ ସହିବା ପରେ ମଧ୍ୟ ମନରେ ଗୋଟେ ବଞ୍ଚିବାର ଆଶା ଥିଲା ଯେ ଯୁଦ୍ଧ ସରିବା ପରେ ପୁଣି ସବୁକିଛି ପୂର୍ବ ଭଳି ସଜାଡ଼ି ହୋଇଯିବ। କିନ୍ତୁ ଯୁଦ୍ଧ ଶେଷ ହେବା ବେଳକୁ ତାଙ୍କ ଜୀବନ ଦୀପ ଲିଭି ଯାଇଥିଲା। ସେଇ ଝିଅର ଦୋଷ କ'ଣ ଥିଲା? ବୋଧହୁଏ ଇହୁଦୀ ପରିବାରରେ ଜନ୍ମ ହେବା ଗୋଟେ ବଡ଼ ଅପରାଧ ଥିଲା। ତାଙ୍କର ଲିଖିତ ଡାଏରୀ, ଯାହା ପରବର୍ତ୍ତୀ ସମୟରେ 'ଦ ଡାଏରି ଅଫ୍ ଏ ୟଙ୍ଗ ଗର୍ଲ' ନାମକ ପୁସ୍ତକ ରୂପେ ପ୍ରକାଶିତ ହୋଇଛି, ସେଥିରୁ ତାଙ୍କ ଜୀବନ ସଂଘର୍ଷର ଲୋମଟାଙ୍କୁରା କାହାଣୀ ଲୋକଲୋଚନକୁ ଆସିଛି।

ପୁସ୍ତକଟିକୁ ପଢ଼ିଲେ ଅନୁଭବ ହେବ ଯେ, ଖୁବ୍ କମ୍ ବୟସରେ ଝିଅଟି ଜୀବନକୁ ବେଶୀ ଭଲରେ ବୁଝିଥିଲେ। ଇହୁଦୀ ଧର୍ମାବଲମ୍ବୀଙ୍କ ପାଇଁ କଠୋର ନୀତି ଆପଣାଇଥିବା, ବିଶ୍ୱବିଜୟୀ ହେବାର ସ୍ୱପ୍ନ ଦେଖିଥିବା ଜର୍ମାନୀ ଶାସକ ହିଟଲର୍ ମଧ୍ୟ ଶେଷରେ ପରାଜୟକୁ ସ୍ୱୀକାର କରିଥିଲେ। ଜାପାନର ହିରୋସୀମା ଓ ନାଗାସାକୀ ସହର ଉପରେ ହୋଇଥିବା ପରମାଣୁ ବୋମା ବିସ୍ଫୋରଣର ଭୟାବହତା ଆଜି ବି ସମସ୍ତଙ୍କ ମନରେ ଜୀବିତ ଅଛି। କିନ୍ତୁ ଏଭଳି ଅନେକ ଆନ୍ ଫ୍ରାଙ୍କର ଜୀବନ ସଂଘର୍ଷର ଭୟାବହତା ସବୁଦିନ ପାଇଁ ଅନ୍ଧାରରେ ରହିଗଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ବିଶ୍ୱଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ଗଠିତ ହେଲା। କିନ୍ତୁ ତତ୍କାଳୀନ ବିଶ୍ୱନାୟକମାନଙ୍କ ଏହି ଉଦ୍ୟମ କେତେ ସଫଳ ହୋଇଛି ଆଜି ସମଗ୍ର ବିଶ୍ୱବାସୀ ଦେଖୁଛନ୍ତି। ବିଶ୍ୱରେ ଶାନ୍ତି ତ ପ୍ରତିଷ୍ଠା ହେଲା ନାହିଁ, ବରଂ ଶାନ୍ତି ନାଁରେ ଆହୁରି ଅଧିକ ଯୁଦ୍ଧ ବିଭୀଷିକା ଦେଖିବାକୁ ମିଳିଲା।

ସେହିପରି ଦୀର୍ଘବର୍ଷର ପରାଧୀନତାର ବେଡ଼ିରୁ ମୁକୁଳି ଆମ ଦେଶ ସ୍ୱାଧୀନ ହେବାର ଖୁସି ସହିତ ବିଭାଜନର ଦୁଃଖ ବି ଦେଶବାସୀଙ୍କୁ ସହିବାକୁ ପଡ଼ିଥିଲା। ହିଂସା, ରକ୍ତପାତ ମଧ୍ୟରେ ଆଉ ଗୋଟିଏ ନୂତନ ରାଷ୍ଟ୍ର ପାକିସ୍ତାନ ସୃଷ୍ଟି ହେଲା। ଯେଉଁମାନେ ମିଳିମିଶି ଗୋଟିଏ ସ୍ଥାନରେ ବାସ କରୁଥିଲେ, ସେମାନଙ୍କ ମଧ୍ୟରେ ଘୃଣା, ଭେଦଭାବ ସୃଷ୍ଟି ହୋଇ ଚିର ଦିନ ପାଇଁ ପରସ୍ପରର ଶତ୍ରୁ ପାଲଟି ଗଲେ। ଭାରତ ବିଭାଜନର ଏତେ ବର୍ଷ ପରେ ବି ଦୁଇ ଦେଶ ମଧ୍ୟରେ ବିବାଦ ଲାଗି ରହିଛି। ଭାରତରୁ ଧର୍ମଭିତ୍ତିରେ ଅଲଗା ହୋଇ ଯେଉଁ ରାଷ୍ଟ୍ର ସୃଷ୍ଟି ହୋଇଥିଲା ତାହା ମଧ୍ୟ ଦୁଇଭାଗ ହୋଇଗଲା - ଗୋଟିଏ ପାକିସ୍ତାନ ଅନ୍ୟଟି ବାଂଲାଦେଶ।

ଅତୀତରେ ଏହିପରି ଅନେକ ଯୁଦ୍ଧ ଓ ହିଂସାର ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ଆମେ ସେଥିରୁ କିଛି ଶିକ୍ଷା ଗ୍ରହଣ କରିଛୁ ବୋଲି ମନେ ହୁଏ ନାହିଁ। ବାରମ୍ବାର ଇତିହାସର ପୁନରାବୃତ୍ତି ହେଉଛି। ଆଜି ମଧ୍ୟ ସମଗ୍ର ବିଶ୍ୱରେ ସେଇ ସମାନ ପ୍ରକାର ଘଟଣା ଘଟି ଚାଲିଛି। ବିଭିନ୍ନ ଦେଶ ଅସ୍ତ୍ରଶସ୍ତ୍ରକୁ ନେଇ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ଧର୍ମ ଓ ସମ୍ପ୍ରଦାୟକୁ ନେଇ ପରସ୍ପର ମଧ୍ୟରେ ଶତ୍ରୁତା ବଢ଼ି ଚାଲିଛି। ଦୀର୍ଘଦିନ ଧରି ରୁଷ୍-ୟୁକ୍ରେନ୍, ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ବିନା ଦୋଷରେ ଅନେକ ଲୋକ ନିଜର ସର୍ବସ୍ୱ ହରାଇ ଦୁଃଖ ଯନ୍ତ୍ରଣା ଭୋଗ କରୁଛନ୍ତି। ନିରୀହ ଶିଶୁମାନେ ଦଣ୍ଡ ପାଉଛନ୍ତି।

ଅଶାନ୍ତିର ବାତାବରଣ ସୃଷ୍ଟି କରି ଆମେ ଈଶ୍ୱରଙ୍କ ସୁନ୍ଦର ଦୁନିଆକୁ ନଷ୍ଟ କରି ଚାଲିଛୁ। ଆମେ କାହିଁକି ଶାନ୍ତିରେ ଜୀବନଯାପନ କରିବାକୁ ଚାହୁଁ ନାହୁଁ? କେତେକ ରାଜା ଯୁଦ୍ଧ, ହିଂସା, ରକ୍ତପାତକୁ ପରିତ୍ୟାଗ କରି ଶାନ୍ତିର ରାସ୍ତା ଆପଣାଇବା ଭଳି ଦୃଷ୍ଟାନ୍ତ ମଧ୍ୟ ଇତିହାସ ପୃଷ୍ଠାରେ ରହିଛି। ପ୍ରତିବର୍ଷ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିନକୁ 'ଅନ୍ତର୍ଜାତୀୟ ଅହିଂସା ଦିବସ' ରୂପେ ପାଳନ କରାଯାଉଛି। ହେଲେ ସେହି ମହାପୁରୁଷ ଯେଉଁ ସତ୍ୟ ଓ ଅହିଂସାର ମାର୍ଗ ଦେଖାଇଛନ୍ତି, ଆମେ ତାକୁ ଗ୍ରହଣ କରିପାରୁ ନାହୁଁ। ବିଶ୍ୱର ନେତୃବୃନ୍ଦ ଶାନ୍ତି, ସଦ୍‌ଭାବ, ଭ୍ରାତୃଭାବର ପ୍ରସାର ନିମନ୍ତେ ଉଚିତ୍ ପଦକ୍ଷେପ ଗ୍ରହଣ କରି ସେହି ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।

ବାସ୍ତବରେ, ଏହି ଉକ୍ତିଟି ସତ ଯେ, 'ଯୁଦ୍ଧରେ କେହି ବି ବିଜୟୀ ହୋଇ ନଥା'ନ୍ତି।' ସତରେ ଜଣେ ଅନ୍ୟ ଜଣକ ଶରୀରରୁ ରକ୍ତ ବୁହାଇ କେମିତି ବିଜୟର ମୁକୁଟ ପିନ୍ଧି ପାରିବ! ପୃଥିବୀ ପୃଷ୍ଠରେ ଯୁଦ୍ଧର ଗର୍ଜନ ନୁହେଁ, ଶାନ୍ତିର ସୁମଧୁର ସ୍ୱର ଶୁଭିବା ଦରକାର। କାରଣ ଶାନ୍ତି ହିଁ ସମସ୍ତଙ୍କ ହୃଦୟ ଜିତିପାରିବ। ଶାନ୍ତିର ଜୟଘୋଷ ହେଉ। ମାନବିକତାର ଜୟଘୋଷ ହେଉ। ଅହିଂସାର ଜୟଘୋଷ ହେଉ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com



ପ୍ରେମ ଅନ୍ଧ, ବୟସ, ଜାତି ଧର୍ମ କିଛି ମାନେନା, ଭଲ ପାଉଥିବା ମଣିଷକୁ ପାଇବାକୁ ସେ କିଛି ବି କରିପାରେ । ଏଭଳି କି ନିଜ ମନର ମଣିଷକୁ ନ ପାଇ କିଏ ଆତ୍ମହତ୍ୟା କରୁଥିବା ବେଳେ ଆଉ କେହି ଏକ ତରଫା ପ୍ରେମକରି ବିଫଳ ହୋଇ ପ୍ରେମିକାକୁ ବୀଭତ୍ସ ହତ୍ୟା କରୁଛି । ଏପରି ଏକ ଘଟଣା ଘଟିଥିଲା ୨୦୨୨ ମେ ୨୨ ରାତିରେ କୋରାପୁଟ ଜିଲ୍ଲା କୋଟପାଡ଼ ଥାନା ସୌରାକୁଡ଼ି ଗାଁରେ ।

କୋରାପୁଟରୁ ସୁବୋଧ କୁମାର ଚେଟ୍ଟୀ

## ଅଙ୍ଗନବାଡ଼ି ଦିଦିଙ୍କୁ ହତ୍ୟା ପଛର ରହସ୍ୟ

# ବ୍ୟର୍ଥ ପ୍ରେମିକର ବୀଭତ୍ସ କାଣ୍ଡ

ସୌରାକୁଡ଼ି ଗ୍ରାମର ଅଙ୍ଗନବାଡ଼ି କର୍ମୀ ୩୫ ବର୍ଷୀୟା ବାସନ୍ତୀ ସୌରାଙ୍କ ସ୍ୱାମୀ କାମ ଧନ୍ଦା ପାଇଁ ରାଜ୍ୟ ବାହାରେ ରହୁଥିବାବେଳେ ସେ କିନ୍ତୁ ୫ ବର୍ଷର ପୁଅ ଓ ଶାଶୂଙ୍କ ସହିତ ଗାଁରେ ରହୁଥିଲେ । ସ୍ୱାମୀ ଘରେ ରହୁ ନ ଥିବାର ସୁଯୋଗ ନେଇ ସେହି ଗ୍ରାମର ସନ୍ତୋଷ ସରାବୁ ନାମକ ଯୁବକ ବାସନ୍ତୀଙ୍କୁ ପ୍ରଥମେ ଏକତରଫା ପ୍ରେମ କରି ବସିଥିଲା । ପରେ ପ୍ରେମ ଜାଲରେ ଫସାଇବାକୁ କରିଥିଲା ଗୋଟିଏ ପରେ ଗୋଟିଏ ଯୋଜନା । ଏମିତି କି ବାସନ୍ତୀ ପାଇଁ ସନ୍ତୋଷ ଏକ ତରଫା ପାଗଳ ହୋଇ ଯାଇଥିଲା । ତେଣୁ ଅନେକ ସମୟରେ ସନ୍ତୋଷ ବାସନ୍ତୀ ଘରକୁ ଯିବାଆସିବା କରିବା, କୌଣସି ବାହାନାରେ କଥା ହେବା ସହ ପ୍ରେମ ନିବେଦନ କରୁଥିଲା । ତେବେ ସନ୍ତୋଷର ଏଭଳି ଆଚରଣକୁ ବାସନ୍ତୀ ଆଦୌ ପସନ୍ଦ କରୁ ନ ଥିଲେ । ଏମିତି କି ବହୁବାର ସନ୍ତୋଷର ଆଚରଣରେ କ୍ଷୁବ୍ଧ ହେବା ସହ ତା'ର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରି ଆସୁଥିଲେ । ହତ୍ୟାର କିଛି ମାସ ପୂର୍ବରୁ ସନ୍ତୋଷ ବାସନ୍ତୀଙ୍କୁ ମୋବାଇଲ୍ ଫୋନ ନମ୍ବରରେ ବିଭିନ୍ନ ପ୍ରକାର ଅଶ୍ଳୀଳ ମେସେଜ୍ ଓ ଫଟୋ ପଠାଇଥିଲା, ସେତେବେଳେ ଏହାକୁ ନେଇ ବାସନ୍ତୀ ମଧ୍ୟ ପୁଲିସର ଦ୍ୱାରସ୍ଥ ହୋଇଥିଲେ । ସନ୍ତୋଷ ଥାନାରେ ପୁଲିସ ଆଗରେ ବାସନ୍ତୀଙ୍କୁ ଭୁଲ ମାଗିବା ସହ ପୁନର୍ବାର ସେଭଳି ନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲା । ବାସନ୍ତୀର ବାରମ୍ବାର ପ୍ରେମ ନିବେଦନକୁ ପ୍ରତ୍ୟାଖାନା ଓ ଥାନାରେ ଦ୍ୱାରସ୍ଥ ହେବା ଘଟଣାକୁ ସହଜରେ ହଜମ କରିପାରିଲା ନାହିଁ ସନ୍ତୋଷ । ଏସବୁ ପରେ ତା'ର ଏକତରଫା ପ୍ରେମର ପାଗଳାମୀ ତାକୁ ଅଧିକ ଉଗ୍ର କରିପକାଇଲା । କ୍ରମେ ପ୍ରତିଶୋଧ ପରାୟଣ ହୋଇପଡ଼ିଲା ସନ୍ତୋଷ । ବାସନ୍ତୀଙ୍କୁ ସବୁଦିନ ପାଇଁ ଦୁନିଆରୁ ହଟାଇବାକୁ ବୀଭତ୍ସ ନିଷ୍ପତ୍ତି ସ୍ୱରୂପ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା ସନ୍ତୋଷ । ୨୦୨୨ ମେ ୨୨ ତାରିଖ ସନ୍ଧ୍ୟାରେ ବାସନ୍ତୀ ଘରକୁ ଯାଇ ଅତର୍କିତ ଭାବେ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲା ସନ୍ତୋଷ । ଗ୍ରାମବାସୀ ଓ ପରିବାର ଲୋକେ ଗୁରୁତର ଅବସ୍ଥାରେ ବାସନ୍ତୀକୁ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ସେଠାରେ ବାସନ୍ତୀକୁ ମୃତ ଘୋଷଣା କରିଥିଲେ । ସୂଚନା ପାଇ କୋଟପାଡ଼ ପୁଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ଆଇପିସି ଧାରା ୩୦୨ରେ ଏକ ମାମଲା (କେସ୍ ନଂ -୧୦୯/୨୨) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା ଏବଂ ୨୩ ତାରିଖରେ ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା ।

## କେମିତି ଧରାପଡ଼ିଲା ସନ୍ତୋଷ



ବାସନ୍ତୀକୁ ମରଣାନ୍ତକ ଆକ୍ରମଣ କରି ଅଭିଯୁକ୍ତ ସନ୍ତୋଷ ଘରୁ ଫେରାର ହୋଇ ଯାଇଥିବାବେଳେ ତାକୁ ଗିରଫ କରିବା ପୁଲିସ ପାଇଁ ଚାଲେଞ୍ଜ ହୋଇଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝିଙ୍କ ତତ୍ତ୍ୱାବଧାନରେ ତତ୍କାଳୀନ କୋଟପାଡ଼ ଥାନା ଅଧିକାରୀ ଶେଷଦେବ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ । ପୁଲିସ ବିଭିନ୍ନ ସ୍ଥାନରେ ସନ୍ତୋଷକୁ ଖୋଜୁଥିବା ସମୟରେ ସେ ଗାଁ ନିକଟ ଜଙ୍ଗଲରେ ଲୁଚି ରହିଥିବା ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ସୂଚନା ମିଳିଥିଲା । ପୁଲିସ ଜଙ୍ଗଲ ଚାରିଆଡୁ ଘେରି ୨୪ ତାରିଖରେ ସନ୍ତୋଷ ସରାବୁକୁ ଗିରଫ କରିଥିଲା । ଜେରା ସମୟରେ ଅଭିଯୁକ୍ତ ସନ୍ତୋଷ ସବୁ ଦୋଷ ସ୍ୱୀକାର କରିଥିବାବେଳେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅନ୍ୟ ପକ୍ଷରେ ସମ୍ପୃକ୍ତ ଅଙ୍ଗନବାଡ଼ି ଦିଦି ଆଦିବାସୀ ବର୍ଗ ଓ ଅଭିଯୁକ୍ତ ଜଣକ ପଛୁଆ ବର୍ଗର ହୋଇଥିବାରୁ ଅଭିଯୁକ୍ତ ବିରୁଦ୍ଧରେ ଜନଜାତିଙ୍କ ପ୍ରତି ଅତ୍ୟାଚାର ଧାରା ଲାଗୁ ହୋଇଥିବାବେଳେ ଏହାର ତଦନ୍ତ ଭାର ଏସ୍‌ଡିପିଓଙ୍କୁ ଦିଆ ଯାଇଥିଲା । ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ଜେଲରେ ଥିବାବେଳେ ହତ୍ୟା ସମ୍ପର୍କରେ ଯଥେଷ୍ଟ ପ୍ରମାଣ ଥିବାରୁ ଅଭିଯୁକ୍ତ ନିଶ୍ଚିତ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇବ ବୋଲି ତତ୍କାଳୀନ ଥାନା ଅଧିକାରୀ ଶେଷଦେବ ବେହେରା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# କାଳ ସାଜିଲା ଭାଉଜ ପ୍ରେମ




କୁହାଯାଏ, ପରକୀୟା ପ୍ରୀତିର ଅନ୍ତ ଅତ୍ୟନ୍ତ କରୁଣ । ଏହା ବିଭିନ୍ନ ସମୟରେ ପ୍ରମାଣିତ ହୋଇସାରିଛି । ଦେହର ବାସ୍ନା ଲୋଭରେ ପଡ଼ି ଆରମ୍ଭ ହୋଇଥାଏ ପରକୀୟା ପ୍ରୀତି । ଆଉ ଏଥିପାଇଁ ମନୁଷ୍ୟ ଯେତେବେଳେ ପିଶାଚ ସାଜେ ସେତେବେଳେ ନିଜର ରକ୍ତ ସମ୍ପର୍କୀୟଙ୍କ ପ୍ରତି ନିଷ୍ଠୁର ହେବାକୁ ପଛଘୁଞ୍ଚା ଦିଏ ନାହିଁ । ୨୦୧୧ମସିହାରେ ଏମିତି ଏକ ଘଟଣା ଘଟିଥିଲା ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ କାଳିଆବାଲି ଗ୍ରାମରେ । ଜଣେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ବ୍ୟକ୍ତି ଭାଉଜ ପ୍ରେମରେ ପଡ଼ି ନିଜର ଦୁଇ ପୁଅଙ୍କ ସମେତ ପତ୍ନୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲା ।

ବ୍ରହ୍ମପୁରରୁ ଶକ୍ତିଧର ରାଜଗୁରୁ

୨୦୧୧ ମେ ୩୦ତାରିଖ ଅର୍ଥାତ୍ ଆଜକୁ ୧୨ ବର୍ଷ ତଳର ଘଟଣା । ହଠାତ୍ ଖବର ପ୍ରସାରିତ ହେଲା କାଳିଆବାଲି ଗ୍ରାମରେ ତିନିଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ତାହାପୁଣି ଗୋଟିଏ ପରିବାରର । ହତ୍ୟାକାଣ୍ଡ ଏତେ ସୁପରିକଳ୍ପିତ ଓ ଯୋଜନାବଦ୍ଧ ଥିଲା ଯେ, ଘଟଣାଟି ଅତି ଜଘନ୍ୟ ଥିଲେ ମଧ୍ୟ ଏ ସମ୍ପର୍କରେ ପଡ଼ୋଶୀ କିମ୍ବା ଗ୍ରାମବାସୀ କେହି ସୁରାକ ମଧ୍ୟ ପାଇପାରି ନ ଥିଲେ । ହତ୍ୟାକାଣ୍ଡର ଅଭିଯୁକ୍ତ ତଥା ଭାରତୀୟ ବିରଳ ମୃତ୍ତିକାରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ବି. ହାଡିବନ୍ଧୁ ଦୋରା କାହାକୁ କିଛି ନ କହି ଦୀର୍ଘ ସମୟ ଧରି ଛତ୍ରପୁର ଥାନାରେ ନିଜେ ବସି ରହିଥିଲେ । ତତ୍କାଳୀନ ଥାନା ଅଧିକାରୀ ଦିଲ୍ଲୀପ ତ୍ରିପାଠୀ ହାଡ଼ିବନ୍ଧୁଙ୍କୁ ତାଙ୍କର ସମସ୍ୟା ସମ୍ପର୍କରେ ପଚାରିବା ପରେ ସେ ନିଜ ପରିବାରର ୩ଜଣଙ୍କୁ ହତ୍ୟାକରି ଦେଇଥିବା ନେଇ ସୂଚନା ଦେଇଥିଲେ । ହାଡ଼ିବନ୍ଧୁ ପିନ୍ଧିଥିବା ସାର୍ଟରେ ମଧ୍ୟ ରକ୍ତର ଛିଟା ଲାଗିଥିଲା । ତୁରନ୍ତ ଛତ୍ରପୁର ଥାନା ଅଧିକାରୀ ଦିଲ୍ଲୀପ ତ୍ରିପାଠୀ ଚମାଖଣ୍ଡି ଥାନା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଖ ବ ର ଦେଇଥିଲେ । ଚମାଖଣ୍ଡି ଥାନା ଅଧିକାରୀ ଓ ଟିମ୍ ଛତ୍ରପୁର ଥାନାରେ ପହଞ୍ଚି ହାଡ଼ିବନ୍ଧୁଙ୍କୁ କାବୁକରି ନେଇଥିଲେ । ହାଡ଼ିବନ୍ଧୁଙ୍କୁ ସାଙ୍ଗରେ ନେଇ ତାଙ୍କର କାଳିଆବାଲିସ୍ଥିତ ଘରକୁ ଯାଇ ଦେଖିବା ବେଳେ ସମଗ୍ର ଘର ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ତିନୋଟିଯାକ ଶବ ପୃଥକ କୋଠରିରେ ପଡ଼ିଥିଲା । ରାତିରେ ଶୋଇଥିବା ଅବସ୍ଥାରେ ନିଜ ସ୍ତ୍ରୀ ସମେତ ଦୁଇ ପୁଅଙ୍କୁ ଅତି ନିର୍ମମ ଭାବେ ହାଡ଼ିବନ୍ଧୁ ହତ୍ୟା କରିଥିବା ପୁଲିସ ଜାଣିବାକୁ ପାଇଥିଲା । ହାଡ଼ିବନ୍ଧୁର ବୟାନ ଅନୁଯାୟୀ ସେ ପ୍ରଥମେ ବଡ଼ପୁଅ ତଥା ପୁଲିସ କନେଷ୍ଟବଳ ବି. ଜଗନ୍ନାଥ ଦୋରାଙ୍କୁ ହତ୍ୟା କରିବା ପରେ ଅନ୍ୟ କୋଠରିରେ ଶୋଇଥିବା ହାଡିବନ୍ଧୁଙ୍କ ପତ୍ନୀ ବି. ନୀଳାମ୍ମା ଦୋରା ଓ ଅଷ୍ଟମ ଶ୍ରେଣୀରେ ପଢୁଥିବା ସାନ ପୁଅ ବି. ଭଗବାନ ଦୋରାକୁ ହତ୍ୟା କରିଥିଲା । ହେଲେ ଘରେ ଥିଲା ମୁକ ଓ ମାନସିକ ଭିନ୍ନକ୍ଷମ ଏକମାତ୍ର ଝିଅ ବି. ଜୟନ୍ତୀ ଦୋରା ଯାହାଙ୍କ ପ୍ରତି ଦୟା ଦେଖାଇ ଛାଡ଼ି ଦେଇଥିଲା ହତ୍ୟାକାରୀ ହାଡ଼ିବନ୍ଧୁ । ତିନିଜଣଙ୍କୁ ହତ୍ୟା କରିବା ପରେ ହାଡ଼ିବନ୍ଧୁ ଘରୁ ବାହାରିଯାଇ ଛତ୍ରପୁର ଥାନାରେ ପହଞ୍ଚିଥିଲା ।

ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ସମ୍ପର୍କୀୟ ଭାଉଜଙ୍କୁ ସହ ହାଡ଼ିବନ୍ଧୁଙ୍କର ଥିଲା ପ୍ରେମ ସମ୍ପର୍କ । ଯାହାକୁ ହାଡ଼ିବନ୍ଧୁଙ୍କ ପତ୍ନୀ ଓ ପିଲାମାନେ ବିରୋଧ କରୁଥିଲେ । ହାଡ଼ିବନ୍ଧୁ କିନ୍ତୁ ତାଙ୍କୁ ଘରକୁ ଆଣିବାକୁ ଜିଦ୍ ଧରି ଥିଲେ । ଫଳରେ ପରିବାର ସଦସ୍ୟଙ୍କ ସହିତ ହାଡ଼ିବନ୍ଧୁଙ୍କର ତିକ୍ତତା ବୃଦ୍ଧି ପାଇଥିଲା । ଶେଷରେ ପରିବାର ଲୋକଙ୍କୁ ରାସ୍ତାରୁ ହଟାଇ ଭାଉଜଙ୍କୁ ଘରକୁ ଆଣିବାକୁ ସ୍ଥିର କରିଥିଲେ ହାଡ଼ିବନ୍ଧୁ । ଯୋଜନାବଦ୍ଧ ଭାବେ ଘରେ ସମସ୍ତେ ଶୋଇଥିବା ସମୟରେ ଟାଙ୍ଗିଆ ବେଣ୍ଟ ସାହାଯ୍ୟରେ ଜଣଙ୍କ ପରେ ଜଣଙ୍କ ମୁଣ୍ଡକୁ ଶକ୍ତ ଆଘାତ କରି ସମସ୍ତଙ୍କୁ ଅତି ନିଷ୍ଠୁର ଓ ନିର୍ମମ ଭାବେ ହତ୍ୟା କରିଚାଲିଥିଲେ ହାଡ଼ିବନ୍ଧୁ । ହେଲେ ଏସବୁ ଘଟଣାକୁ ନୀରବ ହୋଇ ଦେଖୁଥିଲା ହାଡିବନ୍ଧୁଙ୍କ ମୁକ ଓ ମାନସିକ ଭିନ୍ନକ୍ଷମ ଝିଅ ବି. ଜୟନ୍ତୀ । ଛତ୍ରପୁର ଥାନାରୁ ହାଡ଼ିବନ୍ଧୁଙ୍କୁ ସାଙ୍ଗରେ ନେଇ ଯେତେବେଳେ ପୁଲିସ ଘରର ଦ୍ୱାର ଖୋଲିଥିଲା ସେତେବେଳେ ରକ୍ତ ଜୁଡୁବୁଡୁ ମରଶରୀରଗୁଡ଼ିକ ପାଖରେ ଅବାକ ହୋଇ ପଡ଼ି ରହିଥିଲେ ଝିଅ ବି. ଜୟନ୍ତୀ । ଘଟଣାରେ ପୁଲିସ ହାଡ଼ିବନ୍ଧୁଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଉଜ ସରସ୍ୱତୀ ଦୋରାଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ଚର୍ଚ୍ଚିତ ଟ୍ରିପଲ୍ ମର୍ଡର ମାମଲାରେ ଯଦିଓ କେହି ପ୍ରତ୍ୟକ୍ଷଦର୍ଶୀ ନ ଥିଲେ ତଥାପି ହାଡିବନ୍ଧୁଙ୍କ ସ୍ୱୀକାରୋକ୍ତି, ପାରିପାର୍ଶ୍ୱିକ ସ୍ଥିତି ଓ ପୁଲିସର ଦୃଢ଼ ତଦନ୍ତ ରିପୋର୍ଟ ବଳରେ ଜୁନ ୨୨ତାରିଖ ୨୦୧୫ମସିହାରେ ଅର୍ଥାତ୍ ଦୀର୍ଘ ୪ବର୍ଷର ବିଚାରଣା ପରେ ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା । ମାମଲାରେ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି କୋର୍ଟ ଅଭିଯୁକ୍ତ ବି. ହାଡିବନ୍ଧୁ ଦୋରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ପ୍ରମାଣ ଅଭାବରୁ ଭାଉଜଙ୍କୁ ଖଲାସ କରିଥିଲେ । ପରିବାରର ୩ଜଣ ସଦସ୍ୟଙ୍କ ହତ୍ୟା ଅଭିଯୋଗରେ ହାଡ଼ିବନ୍ଧୁ ଜେଲକୁ ଚାଲିଯିବା ପରେ ମାନସିକ ବିକୃତ ଝିଅ ବି. ଜୟନ୍ତୀ ଦୋରାଙ୍କୁ ତାଙ୍କ ଆଇ ଘରେ ଛାଡ଼ି ଦିଆଯାଇଥିଲା । ତେବେ କିଛି ମାସର ରହଣୀ ପରେ ସେଠାରେ ମାନସିକ ଚାପଜନିତ କାରଣରୁ ରୋଗାଗ୍ରସ୍ତ ହୋଇ ଜୟନ୍ତୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

## ଅଭୁଲା ଅପରାଧ



# ଶ୍ରୀଲଙ୍କା ଦଶା ଭୋଗିବ ମାଳଦ୍ୱୀପ

**ଭାରତ ଭଳି ଏକ ହିତାକାଂକ୍ଷୀ ରାଷ୍ଟ୍ରକୁ ବାଦ୍ ଦେଇ ମାଳଦ୍ୱୀପ ଏବେ ଚୀନ୍ ମୁହାଁ ହୋଇଛି। ଅତୀତରେ ମାଳଦ୍ୱୀପର ରାଷ୍ଟ୍ରମୁଖ୍ୟ ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ ଭାରତ ଗସ୍ତ କରିବାର ନଜିର ରହିଛି। କିନ୍ତୁ ପ୍ରଥମକରି ରାଷ୍ଟ୍ରପତି ମୋଇଜ୍ଜୁ କ୍ଷମତାକୁ ଆସିବା ପରେ ଏହି ଧାରାକୁ ଭାଙ୍ଗି ଚୀନ୍ ଗସ୍ତ କରିଛନ୍ତି। ଏଥିରୁ ଚୀନ୍ ପ୍ରତି ମାଳଦ୍ୱୀପ ସରକାରଙ୍କ ମୋହ କେତେ ତାହା ସ୍ପଷ୍ଟ ହୋଇଛି। କିନ୍ତୁ ଚୀନ୍ ମୋହରେ ପଡ଼ିଥିବା ମାଳଦ୍ୱୀପର ଅବସ୍ଥା ଯେ, ଆଗାମୀ ଦିନରେ ପାକିସ୍ତାନ ଏବଂ ଶ୍ରୀଲଙ୍କା ଭଳି ହେବ ଏହାର ଆଶଙ୍କାକୁ ଏଡାଇ ଦିଆଯାଇପାରୁ ନାହିଁ।**



## ଅଖଣ୍ଡ ଭାରତର ଅଂଶ ଥିଲା ମାଳଦ୍ୱୀପ

### ହଜାର ବର୍ଷ ତଳର ସମ୍ପର୍କ ଏବେ କଳଙ୍କିତ

ଯେଉଁମାନେ ନିଜ ଅତୀତ ଭୁଲି ନିଜକୁ ଅତ୍ୟନ୍ତ ଚାଲାକ ବୋଲି ଭାବି କାର୍ଯ୍ୟ କରନ୍ତି ତାହା ସେମାନଙ୍କ ନିର୍ବୋଧତାର ପରିଚୟ ଦେଇ ଥାଏ ବୋଲି କେବେ ନା କେବେ ପ୍ରମାଣିତ ହୋଇଛି। ମାଳଦ୍ୱୀପ କ୍ଷେତ୍ରରେ ମଧ୍ୟ ଏବେ ତାହା ହିଁ ଘଟୁଥିବା ଦେଖାଯାଇଛି। ମାଳଦ୍ୱୀପ ଆଜି ଭାରତ ଭଳି ପଡୋଶୀ ରାଷ୍ଟ୍ରକୁ ଭୁଲି ଚୀନ୍ ଭଳି ଏକ ଧୂର୍ତ୍ତ ଦେଶ ପଛରେ ଗୋଡାଇଛି। ଆଜି ଏଠାକାର ମୋଟ ଜନସଂଖ୍ୟାର ୯୭ ଭାଗ ମୁସଲମାନ ହୋଇଥିଲେ ମଧ୍ୟ ହଜାର ହଜାର ବର୍ଷ ତଳେ ମାଳଦ୍ୱୀପ ଅଖଣ୍ଡ ଭାରତର ଅଂଶ ହୋଇ ରହିଥିଲା। ଇତିହାସ ପାଠ୍ୟକ୍ରମ ପାଇଁ ପ୍ରତିଷ୍ଠିତ ଆମେରିକାର କୋଲବି କଲେଜ ପ୍ରଫେସର ଜନ୍ ହୋଗେନ୍‌ଡର୍ଣ୍ଣଙ୍କ ଅନୁସାରେ ମାଳଦ୍ୱୀପ ଶବ୍ଦ ସଂସ୍କୃତ ଭାଷା ମାଳା-ଦ୍ୱୀପରୁ ଉଦ୍ଭୃତ ହୋଇଛି। ଯାହାର ଅର୍ଥ ହେଉଛି ଦ୍ୱୀପ ମାଳା। ବୈଦିକ ଯୁଗରୁ ହିଁ ଏହି ଅଞ୍ଚଳ ମାଳଦ୍ୱୀପ ନାମରେ ପରିଚିତ ରହିଆସିଥିଲା ବୋଲି ସେ କହିଛନ୍ତି। ତାଙ୍କ ମତରେ ଏଠାକାର ଲୋକଙ୍କୁ ପୂର୍ବରୁ 'ଧିବେହିନ୍' ବୋଲି କୁହାଯାଉଥିଲା। ଧିବ ବା ଦ୍ୱୀପରେ ରହୁଥିବା ଲୋକଙ୍କୁ ହିଁ ଏହି ନାମରେ ସମ୍ବୋଧନ କରାଯାଉଥିଲା। ସେହିପରି ଆଲମା ସିହାବ୍ ଅଲଦିନ୍ ଅନୁସାରେ ପ୍ରଥମେ ମାଳଦ୍ୱୀପକୁ କାଳିବଙ୍ଗରୁ ଲୋକମାନେ ଆସି ବସବାସ କରିଥିଲେ। ସେମାନଙ୍କ ପୂର୍ବଜ ହିନ୍ଦୁ ଏବଂ ବୌଦ୍ଧ ଥିଲେ। ତେବେ ଭାରତକୁ ଇଂରେଜମାନଙ୍କ ଆଗମନ ପରେ ଏଠାକାର ମୂଳଭୂଖଣ୍ଡ ପରେ ଇଂରେଜମାନେ ବହୁ ଦ୍ୱୀପପୁଞ୍ଜକୁ ମଧ୍ୟ ନିଜ ଅକ୍ତିଆରକୁ ନେଇଥିଲେ। ଏହିକ୍ରମରେ ମାଳଦ୍ୱୀପ ମଧ୍ୟ ଇଂରେଜ ଶାସନତନ୍ତ୍ରରେ ସାମିଲ ହୋଇଯାଇଥିଲା। ତେବେ ୧୯୬୫ରେ ଏହି ଦ୍ୱୀପାଞ୍ଚଳ ସ୍ୱାଧୀନତା ହାସଲ କରିବା ପରେ ଭାରତ ହିଁ ଏହି କ୍ଷୁଦ୍ର ରାଷ୍ଟ୍ରର ସୁଖଦୁଃଖର ସାଥୀ ହୋଇ ରହିଆସିଛି। ଏଠାରେ ପ୍ରଥମେ ୧୯୭୮ରେ ନିର୍ବାଚନ ପରେ ଅବଦୁଲ ଗୟୁମ ଇବ୍ରାହିମ୍ ନାସିରଙ୍କୁ ହଟାଇ ରାଷ୍ଟ୍ରପତି ହୋଇଥିଲେ। ସେ ପ୍ରାୟ ୩୦ ବର୍ଷ ଧରି ମାଳଦ୍ୱୀପର ଶାସନ କ୍ଷମତାର ମଙ୍ଗ ଧରିଥିଲେ ମଧ୍ୟ ବହୁବାର ଷଡଯନ୍ତ୍ରକାରୀଙ୍କ ଶିକାର ହୋଇଥିଲେ। ତାଙ୍କୁ ଗାଦିଚ୍ୟୁତ କରିବାକୁ ୧୯୮୦,୧୯୮୩ ଏବଂ ଶେଷରେ ୧୯୮୮ରେ ଷଡ଼ଯନ୍ତ୍ର କରାଯାଇଥିଲା। ତେବେ ୧୯୮୮ରେ ଯେଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ସେତେବେଳେ ଗୟୁମ ଗାଦିଚ୍ୟୁତ ହେବାର ଶତପ୍ରତିଶତ ସମ୍ଭାବନା ଥିଲା। କିନ୍ତୁ ତାଙ୍କୁ ସୁରକ୍ଷା ଦେବାକୁ ସେ କରିଥିବା ଅନୁରୋଧର ମାତ୍ର ୧୦ ଘଣ୍ଟା ମଧ୍ୟରେ ଭାରତ ସରକାର ସେଠାକୁ ସେନା ପଠାଇ ଗୟୁମଙ୍କ ଗାଦି ସୁରକ୍ଷିତ ରଖିଥିଲେ। ଭାରତର ଏହି ବଡ଼ ପଣିଆକୁ ମାଳଦ୍ୱୀପର ସାଧାରଣ ଲୋକ ଭୁଲିପାରି ନାହାନ୍ତି ସତ, କିନ୍ତୁ ମୋଇଜ୍ଜୁଙ୍କ ଭଳି କିଛି କ୍ଷମତା ଏବଂ ଅର୍ଥ ପିପାସୁ ନେତା ଚୀନ୍ ଭଳି ରାଷ୍ଟ୍ରର କୋଳରେ ବସି ଦେଶକୁ ବିପଦଗାମୀ କରିବାକୁ ପଛାଉନାହାନ୍ତି ବୋଲି ଆନ୍ତର୍ଜାତିକ ମହଲରେ ଚର୍ଚ୍ଚା ଜୋର ଧରିଛି।



ମାଳଦ୍ୱୀପ-ଭାରତ ବିବାଦ ଏବେ କେବଳ ଏହି ଦୁଇ ଦେଶ ମଧ୍ୟରେ ସୀମିତ ହୋଇ ରହି ନାହିଁ। ବରଂ ଏହି ବିବାଦ ସହ ଏବେ ଇସ୍ରାଏଲ ଏବଂ ଚୀନ ମଧ୍ୟ ଯୋଡି ହୋଇଛନ୍ତି। କିନ୍ତୁ ଭାରତ ଭଳି ଏକ ବୃହତ ଏବଂ ପଡୋଶୀ ହିତାକାଂକ୍ଷୀ ରାଷ୍ଟ୍ର ସହ ମାଳଦ୍ୱୀପ ସରକାରଙ୍କ ଆଭିମୁଖ୍ୟ ଯାହା ରହିଛି ତାହା ଖୋଦ୍ ମାଳଦ୍ୱୀପ ପାଇଁ ହିଁ ସମସ୍ୟା ହେବାକୁ ଯାଉଛି ବୋଲି ସେଠାକାର ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ରାଜନୀତିକ ନେତାମାନେ ହୃଦୟଙ୍ଗମ କରିବା ଆରମ୍ଭ କରିଦେଇଛନ୍ତି। ସବୁଠାରୁ ବଡ଼ କଥା ହେଲା ଏହି ପ୍ରସଙ୍ଗକୁ ନେଇ ମାଳଦ୍ୱୀପର ବହୁ ସାଂସଦ, ପୂର୍ବତନ ମନ୍ତ୍ରୀ ଏବଂ ବିରୋଧୀ ଦଳର ନେତାମାନେ ବିସ୍ମୟ ପ୍ରକାଶ କରିଥିଲା ବେଳେ ରାଷ୍ଟ୍ରପତି ମହମ୍ମଦ ମୋଇଜ୍ଜୁଙ୍କ କୌଣସି ଅନୁଶୋଚନା ନାହିଁ। ବରଂ ଏହି ଘଟଣାର ଠିକ୍ ପର ଦିନ ସେ ସପତ୍ନୀକ ଚୀନ୍ ଗସ୍ତ କରିବା ସହିତ ଭାରତକୁ ଚ୍ୟାଲେଞ୍ଜ ଦେବା ଭଳି ପଦକ୍ଷେପ ନେଇଛନ୍ତି। ଏହି ବିବାଦ ଆରମ୍ଭ ହେବା ପରେ ଭାରତରେ ମାଳଦ୍ୱୀପ ବିରୋଧୀ ଟ୍ରେଣ୍ଡ ବଢିବା ସହିତ ମାଳଦ୍ୱୀପ ପର୍ଯ୍ୟଟନ ପାଇଁ ରହିଥିବା ବହୁ ସମ୍ଭାବନା ବ୍ୟାହତ ହୋଇଛି। ତେଣୁ ଚୀନ୍ ମାଳଦ୍ୱୀପକୁ ଚୀନ ଅଧିକରୁ ଅଧିକ ପର୍ଯ୍ୟଟକ ପଠାଉ ବୋଲି ରାଷ୍ଟ୍ରପତି ମୋଇଜ୍ଜୁ ଚୀନ୍ ରାଷ୍ଟ୍ରପତି ଜି ସିନ୍‌ପିଙ୍ଗଙ୍କୁ ଅନୁରୋଧ ଜଣାଇଛନ୍ତି। କିନ୍ତୁ କେବଳ ପର୍ଯ୍ୟଟନର କଥା ନୁହେଁ, ଭାରତ ଭଳି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ରାଷ୍ଟ୍ରକୁ ବାଦ୍ ଦେଇ ରାଷ୍ଟ୍ରପତି ମୋଇଜ୍ଜୁ ଏବେ ଚୀନ ପ୍ରତି ଯେଭଳି ମୋହ ଦେଖାଉଛନ୍ତି ତଦ୍ୱାରା ଆଗାମୀ ଦିନରେ ମାଳଦ୍ୱୀପରେ ଶ୍ରୀଲଙ୍କା ଭଳି ସ୍ଥିତି ଉତ୍ପନ୍ନ ହେବା ଆଶଙ୍କାକୁ ଏଡାଇ ଦିଆଯାଇପାରିବନି ବୋଲି ତଥାଭିଜ୍ଞ ମହଲ କହିଛନ୍ତି। ବାସ୍ତବରେ ଏସୀୟ ମହାଦେଶର ଦୁଇ ପ୍ରମୁଖ ଏବଂ ଜନବହୁଳ ରାଷ୍ଟ୍ର ଭାରତ ଏବଂ ଚୀନଙ୍କ ପ୍ରତି ଅନ୍ୟ ସବୁ ଛୋଟ ଛୋଟ ରାଷ୍ଟ୍ରମାନଙ୍କ ରାଜନୀତିକ ସମୀକରଣ ରହିଛି। କିନ୍ତୁ ଚୀନ୍‌ର ବିସ୍ତାରବାଦୀ ନୀତି ବିଗତ ଦିନରେ ଏହି ଅଞ୍ଚଳର ବହୁ ରାଷ୍ଟ୍ରଙ୍କ ସମସ୍ୟାରେ ପକାଇଥିବା ଦେଖାଯାଇଛି। ଅତୀତରେ ଚୀନ୍ ପ୍ରତି ମୋହିତ ହୋଇପଡ଼ିଥିବା ଶ୍ରୀଲଙ୍କାର ସ୍ଥିତି କେଉଁ ସ୍ତରରେ ପହଞ୍ଚିଥିଲା। ତାହା କାହାକୁ ଅଛପା ନାହିଁ। ଚୀନ୍‌ର ଋଣ ମୋହରେ ପଡ଼ି ତତ୍‌କାଳୀନ ଶ୍ରୀଲଙ୍କା ସରକାର ସେଠାକାର ବହୁ ବିମାନ ବନ୍ଦର, ଭିତ୍ତିଭୂମି ପ୍ରକଳ୍ପ ଏବଂ ପଣ୍ୟବନ୍ଦର ଚୀନ୍ ହାତରେ ଟେକି ଦେଇଥିଲା ବେଳେ ଦୀର୍ଘସୂତ୍ରରେ କପର୍ଦ୍ଦକ ଶୂନ୍ୟ ହୋଇ କାଙ୍ଗାଳ ହୋଇପଡ଼ିଥିଲା। ଦରଦାମ ବୃଦ୍ଧି ସହ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଏଠାରେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି କରିଥିଲା। ସ୍ଥିତି ଏଭଳି ହୋଇଥିଲା ଯେ, ଉତ୍ତ୍ୟକ୍ତ ଶ୍ରୀଲଙ୍କାବାସୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଘର ଜାଳି ଦେବାକୁ ପଛାଇ ନଥିଲେ। ସାମାଜିକ ଏବଂ ଅର୍ଥନୈତିକ ସଙ୍କଟରେ ଘାରି ହୋଇଥିବା ଶ୍ରୀଲଙ୍କା ଅର୍ଥ ପାଇଁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମଏଫ୍) ଠାରୁ ଆରମ୍ଭ କରି ବିଶ୍ୱବ୍ୟାଙ୍କ ପର୍ଯ୍ୟନ୍ତ ବହୁ ଆନ୍ତର୍ଜାତିକ ସଂସ୍ଥାଙ୍କ ଶରଣ ପଶିଥିଲେ ମଧ୍ୟ କେହି ବି ଠିକଣା ସମୟରେ ଶ୍ରୀଲଙ୍କା ପାଇଁ ଆଗକୁ ଆସି ନଥିଲେ। କିନ୍ତୁ ଏହି ବିପତ୍ତି ସମୟରେ ଶ୍ରୀଲଙ୍କା ଆଗରେ ଭାରତ ହିଁ ଛିଡା ହୋଇଥିଲା। ପେଟ୍ରୋଲ, ଡିଜେଲ ଏବଂ ଔଷଧ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଠାରୁ ଆରମ୍ଭ କରି ୪ ବିଲିୟନ ଡଲାରର ଋଣ ପର୍ଯ୍ୟନ୍ତ ଭାରତ ଶ୍ରୀଲଙ୍କାକୁ ସବୁକିଛି ଦେଇଥିଲା। ଯାହାକୁ ଆଜି ଶ୍ରୀଲଙ୍କାର ତୁଙ୍ଗ ନେତୃତ୍ୱ ସ୍ୱୀକାର କରିବା ସହିତ ଭାରତ ପ୍ରତି କୃତଜ୍ଞ ବୋଲି କହିଆସୁଛନ୍ତି। ଶ୍ରୀଲଙ୍କା ବ୍ୟତୀତ ଚୀନ୍ କବଳରେ ପଡ଼ି ପାକିସ୍ତାନର ସ୍ଥିତି ଆଜି କେଉଁ ସ୍ତରରେ ପହଞ୍ଚି ତାହା ମଧ୍ୟ ଅନ୍ୟ ଏକ ଉଦାହରଣ। ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର(ସିପେକ୍)ରେ ପାକିସ୍ତାନ ସାମିଲ ହୋଇ ଆଜି ଋଣ ଯନ୍ତାରେ ବୁଡ଼ି ରହିଛି। ଏଠି ମଧ୍ୟ ଶ୍ରୀଲଙ୍କା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆଜି ମାଳଦ୍ୱୀପ ସରକାର ଚୀନ୍ ସହ ସାମିଲ ହୋଇ ଯେଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଆଗାମୀ ଦିନରେ ଏହାର ଅବସ୍ଥା ଠିକ୍ ଏହି ଦୁଇ ରାଷ୍ଟ୍ରଙ୍କ ଭଳି ଯେ ନ ହେବ ତାହା ଚର୍ଚ୍ଚାର ବିଷୟ ହୋଇଛି। ଚୀନ୍ ଏବେ ଋଣ ଜାଲରେ ପଡ଼ି ମାଳଦ୍ୱୀପ ସରକାର ଭିତ୍ତିଭୂମି ବିକାଶ ନାମରେ ବହୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଚୀନ୍ ମାଳଦ୍ୱୀପରେ ଅତ୍ୟାଧୁନିକ ବିମାନ ବନ୍ଦର, ପଣ୍ୟବନ୍ଦର ସମେତ ବହୁ ହୋଟେଲ ଏବଂ ରିସର୍ଟ ପ୍ରତିଷ୍ଠା କରିବାକୁ ଯାଉଛି। କିନ୍ତୁ ଆଗାମୀ ଦିନରେ ମାଳଦ୍ୱୀପ ଚୀନ୍ କବଳରୁ ମୁକ୍ତ ହେବା କଷ୍ଟକର ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିବା ଆରମ୍ଭ କରିଛନ୍ତି।

## ଲାକ୍ଷାଦ୍ୱୀପକୁ ହଡ଼ପ କରିବାକୁ ଚାହୁଁଥିଲା ପାକିସ୍ତାନ

# ଷଡ଼ଯନ୍ତ୍ରକୁ ବିଫଳ କରିଥିଲେ ସର୍ଦ୍ଦାର ପଟେଲ



ଧର୍ମ ଆଧାରରେ ଭାରତଠାରୁ ବିଭାଜନ ହୋଇଥିବା ପାକିସ୍ତାନ ଦିନେ ଏହି ଲାକ୍ଷାଦ୍ୱୀପକୁ କବ୍‌ଜା କରିବାକୁ ପ୍ରୟାସ କରିଥିଲା। କିନ୍ତୁ ଏହି ଦେଶର କୁଟୀଳ ଚକ୍ରାନ୍ତକୁ ସ୍ୱାଧୀନ ଭାରତର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ମହାନ କୂଟନୀତିଜ୍ଞ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବିଫଳ କରି ଦେଇଥିଲେ। ସେ ଇସଲାମାବାଦର କୁଟୀଳ ଷଡ଼ଯନ୍ତ୍ରକୁ ସାକାର ହେବାକୁ ଦେଇ ନ ଥିଲେ। ପ୍ରଖର ବୁଦ୍ଧିମତା, ଦୂରଦର୍ଶୀ ଚିନ୍ତାଧାର ଏବଂ କଠୋର ନିଷ୍ପତ୍ତି ପାଇଁ ପ୍ରସିଦ୍ଧ ଲୌହ ମାନବ ସର୍ଦ୍ଦାର ପଟେଲ ଯଦି ନ ଥାନ୍ତେ ତେବେ ପର୍ଯ୍ୟଟନ ଏବଂ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଲାକ୍ଷାଦ୍ୱୀପ ଆଜି ଭାରତରେ ନ ଥାନ୍ତା। ଆରବ ସାଗରରେ ଥିବା ଏହି ଦ୍ୱୀପ ସହର ପାକିସ୍ତାନ କବ୍ଜାକୁ ଚାଲି ଯାଇଥାନ୍ତା। ଏହାକୁ ପ୍ରାୟ ସମ୍ପୂର୍ଣ୍ଣ ଭାବେ କବ୍‌ଜା ମଧ୍ୟ କରି ନେଇଥିଲା।

ବ୍ରିଟିଶ ଶାସନର ଅନ୍ତ ଘଟି ଭାରତ ବିଭାଜନ ହେବା ପରେ ବିଖଣ୍ଡିତ ଭାରତକୁ ଏକାଠି କରିବା ପାଇଁ ସର୍ଦ୍ଦାର ପଟେଲ ଲାଗି ପଡ଼ିଥିଲେ। ତାଙ୍କ କୂଟନୀତି ଯୋଗୁଁ ଶତାଧିକ ଗଡ଼ଜାତ ରାଜ୍ୟ ଭାରତରେ ମିଶିଥିଲେ। ତେବେ ମୁସଲିମ ବହୁଳ ଲାକ୍ଷାଦ୍ୱୀପକୁ ଭାରତରେ ମିଶାଇବା କଠିନ ଥିଲା। ଏହା ସହଜରେ ପାକିସ୍ତାନରେ ସାମିଲ ହୋଇଯିବ ବୋଲି ମନେ କରାଯାଇଥିଲା। ପାକିସ୍ତାନ ମଧ୍ୟ ଏହାକୁ ଅକ୍ତିଆର କରିବା ପାଇଁ ଯୋଜନା କରି ଦେଇଥିଲା। କିନ୍ତୁ ଦୂରଦ୍ରଷ୍ଟା ସର୍ଦ୍ଦାର ପଟେଲ ଲାକ୍ଷାଦ୍ୱୀପର ମହତ୍ତ୍ୱ ବୁଝି ପାରିଥିଲେ। ଦକ୍ଷିଣ ଭାରତୀୟ ମାଲାବାର ଉପକୂଳ ନିକଟରେ ଥିବା ଲାକ୍ଷାଦ୍ୱୀପକୁ ପାକିସ୍ତାନ ହାତକୁ ଚାଲିଯିବାକୁ ଦେଇ ନ ଥିଲେ। ପାକିସ୍ତାନ ଏହି ଦ୍ୱୀପକୁ ଅକ୍ତିଆର କରିବା ପାଇଁ ନିଜ ନୌସେନାକୁ ପଠାଇ ଥିଲା। ସର୍ଦ୍ଦାର ପଟେଲ ଏହା ଜାଣିବାପରେ ଦକ୍ଷିଣ ଭାରତରେ ମୁତୟନ ଅଧିକାରୀ ମୁଦାଲିୟର ଭ୍ରାତାଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ ଏବଂ ସୁରକ୍ଷାକର୍ମୀଙ୍କୁ ଧରି ଲାକ୍ଷାଦ୍ୱୀପରେ ପହଞ୍ଚିବାକୁ କହିଥିଲେ। ଏହି ଦ୍ୱୀପକୁ କବ୍ଜା କରିବା ପାଇଁ ପାକିସ୍ତାନ ନିଜ ଯୁଦ୍ଧ ଜାହାଜକୁ ପଠାଇ ଥିଲା। ରାମାସ୍ୱାମୀ ମୁଦାଲିୟର ମହୀଶୁରର ଶେଷ ତଥା ୨୪ ତମ ଦିୱାନ ଥିଲେ। ତାଙ୍କ ଭାଇ ଲକ୍ଷ୍ମଣ ସ୍ୱାମୀ ମୁଦାଲିୟର ଜଣେ ଡାକ୍ତର ଥିଲେ। କିନ୍ତୁ ଲାକ୍ଷାଦ୍ୱୀପରେ ପହଞ୍ଚିବା ଯୁଦ୍ଧରେ ଭାରତ ପାକିସ୍ତାନକୁ ହରାଇ ଦେଇଥିଲା। ପାକ୍ ସେନା ପହଞ୍ଚିବା ପୂର୍ବରୁ ଭାରତ ଦ୍ୱୀପରେ ତ୍ରିରଙ୍ଗା ଉଡ଼ାଇ ଥିଲା। ଏହି ଘଟଣା ପରେ ପାକିସ୍ତାନ ସେନାକୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। ୧୯୫୬ରେ ରାଜ୍ୟଗୁଡିକର ପୁନର୍ଗଠନ ହେବା ସମୟରେ ଲାକ୍ଷାଦ୍ୱୀପକୁ କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ଦିଆଯାଇଥିଲା। ୧୯୭୩ରେ ଏହାର ନାମ ଲାକ୍ଷାଦ୍ୱୀପ ରଖା ଯାଇଥିଲା। ଏହା ପୂର୍ବରୁ ଲକ୍କାଦ୍ୱୀଭ, ମିନିକାୟ, ଅମିନଦ୍ୱିଭ କୁହାଯାଉଥିଲା।

## ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର

# ଲାକ୍ଷାଦ୍ୱୀପ



ବ୍ରିଟେନରୁ ଇଟା ଆଣି ନିର୍ମାଣ କରିଥିଲେ ଇଂରେଜ...

ମାଳଦ୍ୱୀପ ସହ ବିବାଦ ବିବାଦ ମଧ୍ୟରେ ଭାରତର ଦ୍ୱୀପ ସହର ଲାକ୍ଷାଦ୍ୱୀପ ଚର୍ଚ୍ଚାରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପରେ ଇଣ୍ଟରନେଟରେ ଲାକ୍ଷାଦ୍ୱୀପ ସର୍ଚ୍ଚ ୩୪ ଶହ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ମୋଦୀ ଛାଡ଼ିଥିବା ଫଟୋ ଦେଖି ଦେଶବିଦେଶର ଅନେକ ପର୍ଯ୍ୟଟକ ଏହି କ୍ଷୁଦ୍ର କେନ୍ଦ୍ରଶାସିତ ଅଞ୍ଚଳକୁ ବୁଲିବାକୁ ଚାହୁଁଛନ୍ତି। ଏହା ଏବେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟି ଯାଇଛି। ଏ ସବୁ ଦେଖି ମାଳଦ୍ୱୀପ ସହ୍ୟ କରିପାରି ନାହିଁ। ଏହି କ୍ଷୁଦ୍ର ଇସ୍‌ଲାମିକ ଦେଶର ୩ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅପଶବ୍ଦ କହି ଅପମାନିତ କରିଛନ୍ତି। ଏହାକୁ ଭାରତୀୟମାନେ ସହଜରେ ଗ୍ରହଣ କରିନାହାନ୍ତି। ସମସ୍ତେ ମାଳଦ୍ୱୀପକୁ ବୟକଟ୍ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ପ୍ରସଙ୍ଗରେ ସେଲିବ୍ରିଟିଠାରୁ ସାଧାରଣ ନାଗରିକଙ୍କ ପର୍ଯ୍ୟନ୍ତ ସମସ୍ତେ ଏକଜୁଟ ହୋଇଛନ୍ତି। ମାଳଦ୍ୱୀପ ବଦଳରେ ସ୍ଥାନୀୟ ପର୍ଯ୍ୟଟନ କ୍ଷେତ୍ରକୁ ବୁଲିଯିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଘଟଣା ପରେ ମାଳଦ୍ୱୀପ ପାଇଁ ହୋଇଥିବା ଅନେକ ବୁକିଂ ମଧ୍ୟ ବାତିଲ ହୋଇଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ କାମ କରୁଥିବା କିଛି କମ୍ପାନୀ ମଧ୍ୟ ମାଳଦ୍ୱୀପ ପାଇଁ ବୁକିଂ କରିବେ ନାହିଁ ବୋଲି ସିଧାସଳଖ ମନା କରିଦେଇଛନ୍ତି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ସବୁଠି ମାଳଦ୍ୱୀପକୁ ସମାଲୋଚନା ଏବଂ ବୟକଟ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ବିବାଦ ଚାଲିଥିବାବେଳେ ଲାକ୍ଷାଦ୍ୱୀପ ବିଷୟରେ ଜାଣିବା ପାଇଁ ସମସ୍ତଙ୍କ ମନରେ କୌତୁହଳ ଲାଗି ରହିଛି। ମାଳଦ୍ୱୀପରେ ଥିବା ପର୍ଯ୍ୟଟନ ସ୍ଥଳଠାରୁ ଲାକ୍ଷାଦ୍ୱୀପ ଅନେକ ଗୁଣରେ ଭଲ ବୋଲି ପର୍ଯ୍ୟଟକ କହିଛନ୍ତି। ଏବେ ସାମାଜିକ ଗଣମାଧ୍ୟମରେ ଲାକ୍ଷାଦ୍ୱୀପର ଅତ୍ୟନ୍ତ ମନୋରମ ଚିତ୍ର ଘୂରି ବୁଲୁଛି। ଲୋକେ ଏହା ଦେଖି ଅଭିଭୂତ ହୋଇଯାଉଛନ୍ତି। ଲାକ୍ଷାଦ୍ୱୀପରେ ଜନସଂଖ୍ୟା ବହୁତ କମ୍। ଏଠାରେ ପ୍ରାୟ ୭୦ ହଜାର ଲୋକ ରହୁଛନ୍ତି। ୩୬ଟି ଛୋଟ ବଡ଼ ଦ୍ୱୀପ ଥିବା ଲାକ୍ଷାଦ୍ୱୀପର କ୍ଷେତ୍ରଫଳ ମାତ୍ର ୩୨.୬୯ ବର୍ଗ କିମି। କିନ୍ତୁ ଏହି ଦ୍ୱୀପ ପ୍ରାକୃତିକ ସୁନ୍ଦରତାରେ ଭରି ରହିଛି। ଭୌଗଳିକ ଦୃଷ୍ଟିରୁ ଏହାର ଅନେକ ମହତ୍ତ୍ୱ ରହିଛି। ଏହାକୁ ଆରବ ସାଗରରେ ଥିବା ଉଷ୍ମ ମଣ୍ଡଳୀୟ ଭୂସ୍ୱର୍ଗ ମଧ୍ୟ କୁହାଯାଏ। ପର୍ଯ୍ୟଟନ ମାନଚିତ୍ରରେ ଏହାର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଦ୍ୱୀପରେ ଅନେକ ବେଳାଭୂମି ରହିଛି, ଯାହା ଏ ପର୍ଯ୍ୟନ୍ତ ବି ଲୋକଲୋଚନକୁ ଆସିପାରି ନାହିଁ। ଏହା ସହିତ ଧଳା ବାଲିର ବେଳାଭୂମି, ପ୍ରବାଳ ଦ୍ୱୀପ, ସମୁଦ୍ର ଜୀବଙ୍କ କଙ୍କାଳ ଦ୍ୱୀପ, ଜୈବ ବିବିଧତାରେ ପରିପୂର୍ଣ୍ଣ ଅନେକ ଆକର୍ଷଣୀୟ କ୍ଷେତ୍ର ରହିଛି। ସଂସ୍କୃତ ଏବଂ ମଲାୟାଲମ ଭାଷାରେ ଲାକ୍ଷାଦ୍ୱୀପର ଅର୍ଥ ହେଉଛି 'ଏକ ଲକ୍ଷ ଦ୍ୱୀପ'। ଭାରତର ଏହି ସବୁଠାରୁ କ୍ଷୁଦ୍ର କେନ୍ଦ୍ରଶାସିତ ଅଞ୍ଚଳର ରାଜଧାନୀର ନାମ କବରତି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ଅନେକ ସୁବିଧା ରହିଛି। ଜଳକ୍ରୀଡ଼ା, କାଚର ବୋଟ୍, ପାରାଗ୍ଲାଇଡିଂ, ମାଛଙ୍କ ସହିତ ପହଁରିବା ଆଦିର ସୁବିଧା ଅଛି। ସ୍କୁବା ଡାଇଭିଂ କରି କଇଁଛ, ସାର୍କ ଆଦିକୁ ଦେଖିପାରିବେ। ବଙ୍ଗାରମ ଏହାର ଅନ୍ୟ ଏକ ଦ୍ୱୀପ। ଏଠାରେ ଲୋକ ରହୁନାହାନ୍ତି। ଏହାର ଆଖିର ଲୁହ ଭଳି। ସେହିପରି ମିନିକାୟ ଦ୍ୱୀପରେ ଏକ ଲାଇଟ ହାଉସ ରହିଛି। ବ୍ରିଟିଶ ଅମଳରେ ୧୮୮୫ରେ ଏହାକୁ ନିର୍ମାଣ କରାଯାଇଥିଲା। ଏହାର ଉଚ୍ଚତା ୧୬୨ ମିଟର। ଏହାର ନିର୍ମାଣ ପାଇଁ ଲଣ୍ଡନରୁ ଇଟା ଅଣା ଯାଇଥିଲା। ଏଠାକାର ଆଉ କିଛି ଦ୍ୱୀପକୁ ଯିବା ଉପରେ କଟକଣା ଲଗା ଯାଇଛି। ତେବେ ଲାକ୍ଷାଦ୍ୱୀପ ଯିବା ପାଇଁ ପ୍ରଥମେ ଅନୁମତି ନେବାକୁ ପଡ଼ିବ। କୋଚି ବିମାନବନ୍ଦରରୁ ଏଥିପାଇଁ ଅନୁମତି ମିଳିଯିବ।



# ଆଳି ରାଜମାତା ସୁଶ୍ରୀ ଦେବୀଙ୍କ ପରଲୋକ



**କଟକ, ୧୦।୧(ସମିସ):** ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବଙ୍କ ମା' ତଥା ପୂର୍ବତନ ସାଂସଦ ଆଳି ରାଜମାତା ସୁଶ୍ରୀ ଦେବୀଙ୍କର ବୁଧବାର ସ୍ଥାନୀୟ ବାଦାମବାଡ଼ିସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ବାରବାଟୀ-କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ୧୯୫୦ ମସିହାରେ ଅକ୍ଟୋବର ୧୦ ତାରିଖରେ ସୁଶ୍ରୀ ଦେବୀ ଜନ୍ମ ଗ୍ରହଣ କରିଥିଲେ। ୧୯୭୧ରେ ସେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୯୦ ମସିହାରେ ଜନତା ଦଳରୁ ଆଳି ନିର୍ବାଚନ ମଣ୍ଡଳୀରୁ ଲଢ଼ି କଂଗ୍ରେସର ଦୋଳଗୋବିନ୍ଦ ନାୟକଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ବିଧାୟକ ଭାବେ ରହିଥିଲେ। ଏହାପରେ ସେ ୨୦୦୨ରୁ ୨୦୦୮ ମସିହା ପର୍ଯ୍ୟନ୍ତ ରାଜ୍ୟସଭାର ସାଂସଦ ରହିଥିଲେ। ତାଙ୍କ ସ୍ୱାମୀ ଶରତ ଦେବ ସାଂସଦ ଓ ବିଧାୟକ ମଧ୍ୟ ଥିଲେ।

# ଗିରୀଶ ଚନ୍ଦ୍ର ଦାସ ହେଲେ ଜଗତସିଂହପୁର ଜିଲ୍ଲା ବିଜେଡି ସହ-ପର୍ଯ୍ୟବେକ୍ଷକ

## ୪ ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଭୁବନେଶ୍ୱର, ୧୦।୧(ସମିସ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏନେଇ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଗିରୀଶ ଚନ୍ଦ୍ର ଦାସଙ୍କୁ ଜଗତସିଂହପୁର ଜିଲ୍ଲାର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ବାଲିକୁଦା ନିର୍ବାଚନମଣ୍ଡଳୀ ପାଇଁ ମୀନକେତନ ଅମାତ, ଜଗତସିଂହପୁର ନିର୍ବାଚନମଣ୍ଡଳୀ ପାଇଁ ମନୋଜ କୁମାର ନାୟକ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ପାଇଁ ସୋଲାର ମିଶ୍ରଙ୍କୁ ନିଯୁକ୍ତି ମିଳିଛି। ସେହିପରି ପାରାଦ୍ୱୀପ ନିର୍ବାଚନମଣ୍ଡଳୀ ପାଇଁ ଡ. ସନ୍ତୋଷ ବେଜଙ୍କୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି।

■ ବେଆଇନ ବାଲି ଉତ୍ତୋଳନ ମାମଲା

# ଖଣି ବିଭାଗର ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

**କଟକ,୧୦।୧(ସମିସ):** ବେଆଇନ ବାଲି ଉତ୍ତୋଳନ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ମେସିନ ଦ୍ୱାରା ବାଲି ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ବିଜ୍ଞପ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉପରୋକ୍ତ ନୂତନ ବିଜ୍ଞପ୍ତି ଅନୁସାରେ ମେସିନ ଦ୍ୱାରା ବାଲି ଉତ୍ତୋଳନ ଉପରେ ରୋକ୍ ଲାଗିଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶାନ୍ତ କୁମାର ଦାସଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୧ରେ ହେବ ବୋଲି ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ପ୍ରକାଶଥାଉକି ଗତ ୨୦୨୩, ଡିସେମ୍ବର ୨୧ରେ ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୧୪ଟି ବାଲିଘାଟ ଲିଜ୍ ସାମୟିକ ଭାବେ ବାତିଲ କରାଯାଇଛି। କିନ୍ତୁ ସେହିଦିନ ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ତରଫରୁ ବାଲି ଉତ୍ତୋଳନ ଗାଇଡ୍‌ଲାଇନ୍ ସମ୍ପର୍କିତ ସାନି ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ହେଲେ ଏହି ନୂତନ ଗାଇଡ୍‌ଲାଇନ୍ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଯାଇନଥିଲା ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ।

# ଶୋଚନୀୟ ପରାଜୟ ଭୟରେ ଜୟନାରାୟଣଙ୍କର ବାଚଲାମୀ ବଢ଼ିଯାଇଛି: ରୋହିତ୍ ପୂଜାରୀ

**ଭୁବନେଶ୍ୱର,୧୦।୧(ସମିସ):** ସଭିଏଁ ଜାଣିଛନ୍ତି ଶ୍ରୀଯୁକ୍ତ ଜୟନାରାୟଣ ମିଶ୍ରଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। କଲିକତାରେ ଚିକିତ୍ସିତ ହେଉଥିଲେ। ନିର୍ବାଚନ ଆସିବାରୁ, ଚିକିତ୍ସା ଅଧାରୁ ପଳାଇ ଆସିଛନ୍ତି। ଅପରାଧିକ କାର୍ଯ୍ୟକଳାପ ପାଇଁ ଅତ୍ୟନ୍ତ ବଦନାମ ହୋଇଥିବା ଶ୍ରୀଯୁକ୍ତ ମିଶ୍ର ବେଶ୍ ଭଲ ଭାବେ ଜାଣିଛନ୍ତି ଆଗାମୀ ନିର୍ବାଚନରେ ସେ ବହୁତ ଖରାପ ଭାବେ ହାରିବେ। ସେଥିପାଇଁ ଚାନ୍ଦା ଯୋଗାଡ କରିବାକୁ ଖଣି ବ୍ୟବସାୟୀଙ୍କୁ ବ୍ଲାକମେଲ କରିବା ଭଳି ହୀନ ପ୍ରୟାସ ଆରମ୍ଭ କରିଦେଇଛନ୍ତି ବୋଲି ବିଜେଡି ବିଧାୟକ ଶ୍ରୀଯୁକ୍ତ ରୋହିତ୍ ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଶ୍ରୀଯୁକ୍ତ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ, ଆସନ୍ନ ଶୋଚନୀୟ ପରାଜୟ ଭୟରେ ଶ୍ରୀଯୁକ୍ତ ମିଶ୍ରଙ୍କର ବାଚଲାମୀ ଏବେ ପୁଣି ବଢ଼ିଯାଇଛି। ସେଥିପାଇଁ ଆକାଶରୁ ତୋଳିଆଣି ଫାଲତୁ କଥା କହିବାର ଧାରା ଆରମ୍ଭ କରିଛନ୍ତି। ସଚେତନ ସମ୍ବଲପୁରବାସୀ ସବୁ ଜାଣିଛନ୍ତି, କେହି ତାଙ୍କ ମିଛର ଜାଲରେ ପଡ଼ିବେନି ବୋଲି କଡା ପ୍ରତିକ୍ରିୟା ଦେଇ କହିଛନ୍ତି ଶ୍ରୀଯୁକ୍ତ ପୂଜାରୀ।

- **ନିର୍ବାଚନ ଭୟରେ ଅଧାରୁ ଚିକିତ୍ସା ଛାଡ଼ି ଡାକ୍ତରଖାନାରୁ ପଳାଇ ଆସିଛନ୍ତି**
- **ଚାନ୍ଦା ଯୋଗାଡ଼ ପାଇଁ ଖଣି ବ୍ୟବସାୟୀଙ୍କୁ ବ୍ଲାକ୍‌ମେଲ୍ ଭଳି ହୀନ ରାଜନୀତି କରୁଛନ୍ତି**

■ ହାଇକୋର୍ଟରେ ଦିବ୍ୟାଙ୍ଗଙ୍କ ସମସ୍ୟା

# ଭତ୍ତା ବଢ଼ି ନ ଥିବା ନେଇ ଆବେଦନକାରୀଙ୍କ ପ୍ରତିଜବାବ ଦାଖଲ

**କଟକ,୧୦।୧(ସମିସ):** ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ମୋଟ କ୍ୟାଡର୍ ପଦବୀର ୪ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାନଯିବା, ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆବେଦନକାରୀଙ୍କ ଦୁଇଟି ଦାବି ପୂରଣ ହୋଇଥିବାବେଳେ ବାକି ଦାବି ପୂରଣ ହୋଇନଥିବା ଜଣାପଡ଼ିଛି। ଏହି ମାମଲାରେ ପୂର୍ବରୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସତ୍ୟପାଠ ଦଖଲ କରାଯାଇଥିବା ବେଳେ ଆଜି ଆବେଦନକାରୀ ଏକ ପ୍ରତିଜବାବ ଦାଖଲ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଦୁଇ ସପ୍ତାହ ପରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଓଡ଼ିଶା ଦୃଷ୍ଟିହୀନ ସଂଘ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗଙ୍କୁ ସରକାରୀ ପଦ ପଦବୀରେ ଚାକିରି କ୍ଷେତ୍ରରେ ଦିଆଯାଉଥିବା ସଂରକ୍ଷଣ ନେଇ ସରକାର ସତ୍ୟପାଠରେ ଦେଇଥିବା ତଥ୍ୟ ତ୍ରୁଟିପୂର୍ଣ୍ଣ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସେହିପରି ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଦିବ୍ୟାଙ୍ଗଙ୍କୁ ଯଥେଷ୍ଟ କମ ମାସିକ ଭତ୍ତା ପ୍ରଦାନ କରାଯାଉଛି। ଏଣୁ ଏହାକୁ ବୃଦ୍ଧି କରାଯାଉ ବୋଲି ପ୍ରତିଜବାବରେ ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାୟୀ ସ୍ୱତନ୍ତ୍ର କମିସନ ଓ ଉପଦେଷ୍ଟା ପରିଷଦ ଗଠନ ପାଇଁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ପୁନର୍ଗଠନ ହୋଇସାରିଥିବା ନେଇ ସରକାର ସତ୍ୟପାଠ ଦେଇଥିଲେ। ପ୍ରକାଶଥାଉକି ୨୦୧୬ର ଦିବ୍ୟାଙ୍ଗଙ୍କ ଅଧିକାର ଆଇନ(ଆର୍‌ପିଡବ୍ଲୁଡି ଆକ୍ଟ) ଅନୁସାରେ ଦିବ୍ୟାଙ୍ଗଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉ ବୋଲି ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଛନ୍ତି।

# ଶିମିଳିପାଳ ଅଭୟାରଣ୍ୟରେ ନୂଆ ଅତିଥି



ଦୁଇ ବାଘ ଛୁଆଙ୍କ ବିଚରଣ ଫଟୋ ପୋଷ୍ଟ କଲେ ପିସିସିଏଫ୍

**ବାରିପଦା,୧୦।୧(ସମିସ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ଦୁଇ ନୂଆ ଅତିଥି ଆସିଛନ୍ତି। ଦୁଇ ବାଘ ଛୁଆ ଅଭୟାରଣ୍ୟରେ ବିଚରଣ କରୁଥିବା ବେଳର ଏକ ଫଟୋ ପିସିସିଏଫ ସୁଶାନ୍ତ ନନ୍ଦ ଦେଖି ବିମୋହିତ ହେବା ସହିତ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବିରଳ 'ମେଲାନିଷ୍ଟିକ' ପ୍ରଜାତିର କଳା ବାଘ ରହିଛନ୍ତି। ଉକ୍ତ ମେଲାନିଷ୍ଟିକ ପ୍ରଜାତିର ଟି୧୮ ନାମକ ବାଘ ସହ ଅନ୍ୟ ଏକ ସାଧାରଣ ପ୍ରଜାତିର ବାଘ ମଧ୍ୟରେ ସଂଯୋଗରୁ ଦୁଇଟି ଛୁଆ ଜନ୍ମ ହୋଇଛନ୍ତି। ସେଥିରୁ ଗୋଟିଏ ମେଲାନିଷ୍ଟିକ କଳା ବାଘ ଛୁଆ ହୋଇଥିବା ବେଳେ ଅନ୍ୟ ଗୋଟିଏ ସାଧାରଣ ବାଘ (ମହାବଳ) ଛୁଆ ବୋଲି ସୂଚନା ମିଳିଛି। ଅଭୟାରଣ୍ୟ ମଧ୍ୟରେ ନିଜର ପରିବାର ସହିତ ଦୁଇଟି ବାଘ ଛୁଆ ବିଚରଣ କରୁଥିବାବେଳେ ଟ୍ରାପ କ୍ୟାମେରାରେ ଏହି ଚିତ୍ର କଏଦ ହୋଇଛି। ଉକ୍ତ ଫଟୋକୁ ନେଇ ଶିମିଳିପାଳ ଅଭୟାରଣ୍ୟରେ କଳାବାଘର ବଂଶବୃଦ୍ଧି ପାଉଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିରଳ ମେଲାନିଷ୍ଟିକ୍ ବାଘ ଛୁଆଙ୍କ ପରିବାର ସହ ଭିଡିଓ ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ନିୟୋଜିତ ହେବା ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ଫଳରେ ଏହିପରି ବିରଳ ଦୃଶ୍ୟ ସମ୍ମୁଖକୁ ଆସିପାରିଛି। ସୂଚନା ଥାଉ କି, ସମଗ୍ର ଦେଶରେ ୧୦ଟି କଳାବାଘ ରହିଥିବା ବେଳେ ସମସ୍ତେ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଗତ ଡିସେମ୍ବରରେ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିମିଳିପାଳ ଅଭୟାରଣ୍ୟରେ ଥିବା ଉକ୍ତ ୧୦ଟି କଳା ବାଘ ଦେଶର ବିରଳ 'ମେଲାନିଷ୍ଟିକ' ପ୍ରଜାତିର। ୨୦୨୨ର ପାନ୍-ଇଣ୍ଡିଆ ବାଘ ଗଣନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଛନ୍ତି।


**AFFIDAVIT**

By virtue of an affidavit no CF-73/2024 dated 06/01/2024 sworn before the executive magistrate Bhubaneswar, I Srikanta Raul son of basanta Raul Jharpada Bhubaneswar here by declare that my certificate has been eaten by white ants. it's beyond recovery. it could be used for my further studies.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**


**PANCHAYAT SAMITI HIGHER SECONDARY SCHOOL,**
**KOMNA, DIST- NUAPADA**

**WALK - IN - INTERVIEW**

A walk-in-Interview will be held in the Panchayat Samiti Higher Secondary School, Komna (+2 College) as per the following schedule. Intending candidates having minimum 55% marks in the subject concerned at P.G level preferably with B.Ed, are required to walk in with Bio-data, one self attested photograph & all other essential documents along with certificates in original and photocopy.

**No TA DA will be admissible.**

**16.01.2024 - Lecturer/PGT-in-Political Science at 10.00 A.M.**

Sd/- Principal-sum-Secretary
P.S. Higher Secondary School, Komna

---

B-1595 Mail ID : - sepwdbalangir@gmail.com

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**BALANGIR (R&B) CIRCLE: BALANGIR**
**e - Procurement Notice**
**BID IDENTIFICATION No: CCE(R&B) BGR/45/ 2023-24**

Letter No.-57 Dtd. 06.01.2024

The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from "B" & "A" Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building Work
2. No. of tender : Building Work-04 No.
3. Tender Cost : Rs.10, 000/-
4. Class of Contractor : "B" & "A".
5. Date & Time of sale & Receipt of Bids : From Dt. 12.01.2024, 10.00 A.M. to Dt. 29.01.2024 up to 05.00 P.M.
6. Date of opening Bid : Dt. 30.01.2024 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

OIPR-34131/11/0049/2324

Chief Construction Engineer,
Balangir (R&B) Circle, Balangir.

---

B-1589

**GOVERNMENT OF ODISHA, "e" PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHODRHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**
Email: rbcirclekhurda@gmail.com

Bid Identification No. CCE-Khordha (R&B) Circle-39/2023-24 Memo No.-31 Dt. 04.01.2024

The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building works as detailed in the table below:

1. Nature of Work : Building Works
2. No of Work : 4Nos
3. Tender Cost : Rs.10000.00 (On-Line)
4. Class of Contractor : B& A Class
5. Available of Bid document in the Website : From 10.00 AM of Dt.11.01.2024 up to 05.00 PM of Dt.24.01.2024 up to 5.00 PM
6. Date of opening of Bid : Dt 25.01.2024 at11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR-34127/11/0049/2324

Chief Construction Engineer
Khordha (R&B) Circle, Khordha

---

O-2170 E-mail: eerw_ptng@yahoo.in Phone No – 06658-222121

GOVT OF ODISHA
OFFICE OF THE SUPERINTENDING ENGINEER,
RURAL WORKS DIVISION PATNAGARH
**e Procurement Notice**
IFB IDENTIFICATION NO. **EEPTNG- Online -12/2023-24**

| | | | |
|---|---|---|---|
| 1. | Name of work | : | Construction of Bridge-cum-Wire Adjacent & Buildings works |
| 2. | Total no of work | : | 05 (Five) Nos Bridge-cum-Wire Adjacent & 01 (One) Building works |
| 3. | Time for completion | : | 09 (Nine) Calendar month |
| 4. | Approximate estimated cost | | 60.95 Lakh to 95.48 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Patnagarh | EEPTNG-Online-12/2023-24 | 17.01.2024 at 11.00 AM | 30.01.2024 upto 5.00 P.M | 29.01.2024 upto 5.00 PM | 31.01.2024 at 11.000 A.M | The date will be intimated to the technically qualified bidders later |

- Further details can be seen from the website **www.tendersorissa.gov.in**
- Any Corrigendum/Addendum will be displayed in the above e tender website only.

OIPR-25154/11/0016/2324

Executive Engineer
R.W.Division, Patnagarh

---

B-1599

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, BALASORE**
**Phone : 9438660004, e-mail-eephbls@gmail.com**
NATIONAL COMPETITIVE BIDDING THROUGH e-Procurement (Online Mode)
Bid-Identification No.SEPHBLS-32 of 2023-24 dt.03.01.2024

**The Superintending Engineer, P.H. Division, Balasore on behalf of Governor of Odisha, invites Percentage Rate bids in Double cover system in ONLINE mode only.**

| Sl. No. | Name of the Work | Bid-Identification No. | Value of Work (Rs.Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|
| | | | | | From | To | | |
| 1 | Construction of Overhead Water Tank of 1.00 lakh ltr capacity inside Khanqua Sharif for Improvement of water supply to Khanqua Sharif area of Dhamnagar NAC | SEPHBLS-32 dt.03.01.2024 | 167.63 | 04 (Four) calendar month | 11:00 Hrs. of dt.10.01.2024 | 17:00 Hrs. of dt.25.01.2024 | 17:00 Hrs. Of 19.01.2024 | 11:00 Hrs Of 29.01.2024 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

**Name and Address of the officer inviting bid :- The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**

OIPR-13053/11/0019/2324

Superintending Engineer,
P.H. Division, Balasore

---

i-585

**OFFICE OF THE PANCHAYAT SAMITI, SADAR, KEONJHAR**
Phone : 06766-255494 E-Mail: ori-bkeonjhar@nic.in

RFP No: 01 -KEONJHAR SADAR (KJR/ 2023-2024) Date: 08.01.2024

**E- TENDER CALL NOTICE**
**No. 165 /Dev/ Dated. 08/01/2024**

**Catering Services (Preparation of food, serving/distribution of food and cleaning) to be provided for Youth Festival at Keonjhar**

**The Governor of Odisha, represented through the Block Development Officer, KeonjharSadar, Odisha**invites sealed proposals from eligible bidders for **"Catering Services to be provided for Youth Festival at Keonjhar"on dated 25.01.2024.**

Bidders fulfilling the prescribed eligibility criteria of the RFP can access and download the complete RFP Document and other details from **https://kendujhar.nic.in.**

The major events under the bid process are:

| Sr. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 09.01.2024 |
| 2 | Deadline for Submission of Pre-Proposal Query | From 10.01.2024 to 12.01.2024 |
| 3 | Issue of Pre-proposal Clarifications | 13.01.2024 via online mode on www.kendujhar.nic.in |
| 4 | Last Date for Submission of Bid | 17.01.2024 before 05.30 PM |
| 5 | Date of Opening of Technical Bid | 18.01.2024 at 11.00 AM |
| 6 | Date of Opening of Financial Bid | |

The proposal completes in all respects on- line must reach the undersigned by **Speed Post/Registered Post/ Courier or By Hand**only latest by 17**.01.2024before 05.30 PM**in a sealed envelope clearly mentioning on the top of it **"Catering Services to be provided for Youth Festival at Keonjhar".** The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.

The bidders have to participate online bidding only. Further the details can be be seen from the website (https://tendersodisha.gov.in) (www.kendujhar.nic.in). Any addendum/corrigendum/ cancellation of tender can also be seen in the website said only.

SIGNATURE OF
BLOCK DEVELOPMENT OFFICER

**Address for Submission of Proposal:**
**Block Development Officer,**
**Office of the Panchayat Samiti,**
**KeonjharSadar Block, Odisha – 758001**

OIPR-19123/11/0021/2324

---

**ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଯାଜପୁର** m-96

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଯାଜପୁରଙ୍କ ତରଫରୁ ଖାଲିଥିବା ପରିଚାରକ (Attendant) (ଗ୍ରୁପ୍-D) ପଦବୀ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟରତ ଗୋମିତ୍ର ମାନଙ୍କ ମଧ୍ୟରୁ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ, ଖାଲିଥିବା ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର.ସଂ | ବର୍ଗ | ସିଧାସଳଖ ନିଯୁକ୍ତି | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ ପଦବୀ |
| ୧) | SC (ଅନୁସୂଚୀତ ଜାତି) | ୦ | ୦ | ୦ |
| ୨) | ST (ଅନୁସୂଚୀତ ଜନଜାତି) | ୫ | ୨ | ୭ |
| ୩) | Unreserved (ଅଣସଂରକ୍ଷିତ) | ୧ | ୦ | ୧ |
| | ମୋଟ | ୬ | ୨ | ୮ |

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ / ପ୍ରାର୍ଥୀନି ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବା ଆବଶ୍ୟକ। ନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।

**(୧) ଯୋଗ୍ୟତା:**

(କ) (i) ପ୍ରାର୍ଥୀ / ପ୍ରାର୍ଥୀନି ଓଡିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ ବିଦ୍ୟାଳୟରୁ ମଧ୍ୟ ଇଂରାଜୀ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ।

(ii)ପ୍ରାର୍ଥୀ / ପ୍ରାର୍ଥୀନିଙ୍କର କ୍ରମାଗତ ଭାବେ ୩ (ତିନି) ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ-ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ) (NPCBB) କ୍ଷେତ୍ରରେ କାର୍ଯ୍ୟ କରିବାର ଅନୁଭୂତି ଥିବା ଆବଶ୍ୟକ।

(ଖ) ପ୍ରାର୍ଥୀ / ପ୍ରାର୍ଥୀନି ଭାରତର ନାଗରିକ ଓ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ।

(ଗ) ପ୍ରାର୍ଥୀ / ପ୍ରାର୍ଥୀନି ଓଡିଆ କହିପାରୁଥିବେ, ପଢି ପାରୁଥିବେ ଓ ଲେଖିପାରୁଥିବେ।

(ଘ) ପ୍ରାର୍ଥୀ / ପ୍ରାର୍ଥୀନିଙ୍କର ନୈତିକ ଉତ୍ତମ ଚରିତ୍ରଥିବା ଆବଶ୍ୟକ।

(ଙ) ପ୍ରାର୍ଥୀ / ପ୍ରାର୍ଥୀନିଙ୍କର ଏକାଧିକ ଜୀବିତ ସ୍ୱାମୀ/ସ୍ତ୍ରୀ ନ ଥିବେ।

(ଚ) (୦୧/୦୧/୨୦୨୪ ସୁଦ୍ଧା) ପ୍ରାର୍ଥୀ / ପ୍ରାର୍ଥୀନିଙ୍କ ବୟସ ୧୮ ବର୍ଷରୁ କମ୍ ଏବଂ ୫୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ।

(ଛ) ଜଣେ ଯୋଗ୍ୟ ଗୋମିତ୍ର ଅନ୍ୟ ଜିଲ୍ଲାରେ ମଧ୍ୟ ନିୟୋଜିତ ହେବା ପାଇଁ ନିଜର ସହମତି/ ସ୍ୱୀକୃତି ଦେଇପାରିବେ।

**୨. ଶାରୀରିକ ଦକ୍ଷତା:**

(କ) ପ୍ରାର୍ଥୀ / ପ୍ରାର୍ଥୀନିଙ୍କର ଉତ୍ତମ ମାନସିକ ଅବସ୍ଥା, ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ଥିବା ଆବଶ୍ୟକ ଏବଂ ସୁଚାରୁ ରୂପେ କାର୍ଯ୍ୟ ନିର୍ବାହରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସି ଶାରୀରିକ ଅକ୍ଷମତା ନ ଥିବା ଆବଶ୍ୟକ। ସ୍ୱାସ୍ଥ୍ୟଗତ ଡାକ୍ତରୀ ପରୀକ୍ଷାପରେ କୌଣସି ପ୍ରାର୍ଥୀ / ପ୍ରାର୍ଥୀନି ଉପରୋକ୍ତ ସର୍ତ୍ତାବଳୀକୁ ସନ୍ତୋଷ ଜନକ ଭାବେ ପୂରଣ କରୁନଥିଲେ, ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡିବେ।

(ଖ) ପ୍ରାର୍ଥୀ / ପ୍ରାର୍ଥୀନିଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚତା ୫' (ପାଞ୍ଚ ଫୁଟ) ରୁ କମ୍ ହୋଇନଥିବ। ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣସଂପ୍ରସାରିତ ଛାତି ମାପ ୩୦'' (ତିରିଶ ଇଞ୍ଚ) ହୋଇଥିବା ଆବଶ୍ୟକ। ମହିଳା ପ୍ରାର୍ଥୀନିଙ୍କ କ୍ଷେତ୍ରରେ ଛାତି ମାପ ଆବଶ୍ୟକ ନୁହେଁ।

(ଗ) ପ୍ରାର୍ଥୀ / ପ୍ରାର୍ଥୀନି ଉତ୍ତମ ରୂପେ ସାଇକେଲ ଚଳାଇ ପାରୁଥିବେ।

**୩. ଚୟନ ପ୍ରକ୍ରିୟା:**

(କ) ଜିଲ୍ଲା ଚୟନ କମିଟି ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ (ଗୋମିତ୍ର ପଦରେ କାର୍ଯ୍ୟ କରିଥିବା ଅନୁଭୂତି ତଥା ଶାରିରୀକ ଦକ୍ଷତା ପରୀକ୍ଷା ଦ୍ୱାରା) ପରିଚାରକ (Attendant) ପଦ ପାଇଁ ଚୟନ କରାଯିବ।

(ଖ) ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥୀନି ନ ମିଳନ୍ତି, ତାହେଲେ ସେହି ପଦବୀ ଉକ୍ତ ବର୍ଗର ଉପଯୁକ୍ତ ପ୍ରାର୍ଥୀ ମାନଙ୍କ ଦ୍ୱାରା ପୂରଣ କରାଯିବ।

(ଗ) ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True Copy) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟରେ ଡ଼ାକ ମାଧ୍ୟମରେ (Speed Post ବା courier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ। ଦରଖାସ୍ତ ପଠାଇବା ଲଫାପା ଉପରେ **"ଯୋଗ୍ୟ ଗୋମିତ୍ରଙ୍କ ଦ୍ୱାରା ପରିଚାରକ (Attendant) ପଦ ପାଇଁ ଦରଖାସ୍ତ"** ଉଲ୍ଲେଖ କରିବା ଆବଶ୍ୟକ।

ପ୍ରକାଶ ଥାଉକି, ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି।

ସ୍ୱା- ଶ୍ରୀନିବାସ କର
ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ
ଯାଜପୁର

**ଦରଖାସ୍ତ ଫର୍ମ**

ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଯାଜପୁର

ଫଟୋ ସଂଲଗ୍ନ କରାଯିବ

୧) ପ୍ରାର୍ଥୀ / ପ୍ରାର୍ଥୀନିଙ୍କ ନାମ :
୨) ପିତା / ସ୍ୱାମୀଙ୍କ ନାମ :
୩) ସ୍ଥାୟୀ ଠିକଣା : ଗ୍ରାମ........... ପୋଷ୍ଟ............ ଭାୟା...........ଜିଲ୍ଲା............ ପିନ୍............
୪) ଯୋଗାଯୋଗ ଠିକଣା : ଗ୍ରାମ........... ପୋଷ୍ଟ............ ଭାୟା...........ଜିଲ୍ଲା............ ପିନ୍............ ମୋବାଇଲ ନମ୍ବର.......................
୫) ଜାତୀୟତା :
୬) ଜନ୍ମ ତାରିଖ :
୭) ୦୧-୦୧-୨୦୨୪ ସୁଦ୍ଧା ପ୍ରାର୍ଥୀ / ପ୍ରାର୍ଥୀନିଙ୍କ ବୟସ:
୮) ଶିକ୍ଷାଗତ ଯୋଗ୍ୟତା :
୯) ଉଚ୍ଚତା : ଛାତି ଅଣସଂପ୍ରସାରିତ :
୧୦) ଜାତି (SC/ST/GEN) :
୧୧) ବିବାହିତ / ଅବିବାହିତ :
୧୨) ପୁରୁଷ / ସ୍ତ୍ରୀ :

ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ।

ସ୍ଥାନ:
ତାରିଖ: ଆବେଦନକାରୀଙ୍କ ସ୍ୱାକ୍ଷର

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର:-**

୧) ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ଆଗପେଟ ଆଟେଷ୍ଟେଡ୍ ହୋଇଥିବା ଦୁଇ ଗୋଟି ବର୍ତ୍ତମାନର ପାସପୋର୍ଟ ସାଇଜ ଫଟୋଗ୍ରାଫ୍ ହୋଇଥିବ। ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ୍ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ। ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ।
୨) ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଆଟେଷ୍ଟେଡ କପି।
୩) ବୟସ ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି।
୪) ସ୍ଥାନୀୟ ତହସିଲ୍‌ଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି।
୫) ବୈଧ ପରିଚୟ ପତ୍ରର ଆଟେଷ୍ଟେଡ୍ କପି।
୬) ଜାତିଗତ ପ୍ରମାଣ ପତ୍ର (SC/ST) ।
୭) ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେଉଁ ପ୍ରାର୍ଥୀ / ପ୍ରାର୍ଥୀନିଙ୍କ ସମ୍ପର୍କୀୟ ହୋଇନଥିବେ।
୮) ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥୀନି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଠାରୁ ହାସଲ କରିଥିବା କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷ ଓ ତଦୋର୍ଦ୍ଧ୍ୱ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି।
୯) ଅନ୍ୟ ଜିଲ୍ଲାରେ ଚାକିରୀ କରିବାର ସହମତି ପତ୍ର।

(ସବୁ ଆଟେଷ୍ଟେଡ୍ କପିରେ ପ୍ରାର୍ଥୀ ବା ପ୍ରାର୍ଥୀନି ନିଜେ ସ୍ୱାକ୍ଷର କରିବେ)

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ:- ୨୩.୦୧.୨୦୨୪**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ, ତାହା ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀ / ପ୍ରାର୍ଥୀନି ଡ଼ାକ ଦ୍ୱାରା ପଠାଇ ଥିବା ଦରଖାସ୍ତ ବିଳମ୍ବରେ ପହଂଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତ ଆବଶ୍ୟକ ପ୍ରମାଣ ପତ୍ର (attested copy) ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡ଼ିକ ନାକଚ ହୋଇଯିବ।

ସ୍ୱା- ଶ୍ରୀନିବାସ କର
ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ
ଯାଜପୁର

OIPR-52006/11/0002/2324

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com



## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଧନ ମିଳିବ। ଦାମ୍ପତ୍ୟଜୀବନ ମଧୁମୟ ହେବ। ଦୂରସ୍ଥାନ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ଅଯଥା ଖର୍ଚ୍ଚ କରନ୍ତୁନି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଘଟିବ। ପରିବାର ସହ ସମୟ ବିତାଇବେ। ଛାତ୍ରଛାତ୍ରୀ ଖେଳମନସ୍କ ହେବେ। ମହିଳାମାନେ ସାମାଜିକ କ୍ଷେତ୍ରରେ ସାମିଲ ରହିବେ। ଉଧାର ଟଙ୍କା ଫେରିପାଇବେ।

**ମିଥୁନ:** କଠିନ ପରିଶ୍ରମର ଫଳ ମିଳିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ରହିବ। ଗୁପ୍ତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ।

**କର୍କଟ:** ଅଚାନକ ଖୁସି ଖବର ପାଇବେ। ଆର୍ଥିକସ୍ଥିତି ମଜଭୁତ ରହିବ। ବ୍ୟବସାୟ ପାଇଁ ଦୂରସ୍ଥାନ ଯାତ୍ରା କରିପାରନ୍ତି। ନୂତନ ଜମି କ୍ରୟ କରିପାରନ୍ତି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ।

**ସିଂହ:** ଆଧ୍ୟାତ୍ମିକ ଚିନ୍ତାରେ ଦିନଟି କଟିବ। କର୍ମକ୍ଷେତ୍ରରେ କଠିନ ପରିଶ୍ରମ କରିବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ।

**କନ୍ୟା:** ବ୍ୟସ୍ତତା ଭିତରେ କାର୍ଯ୍ୟ ସମ୍ପନ୍ନ କରିବେ। ହଠାତ୍ ଦୂରଯାତ୍ରା କରିପାରନ୍ତି। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଗୁରୁଜନଙ୍କ ପୁରୁଣା ରୋଗ ସମସ୍ୟା ଚିନ୍ତା ବୃଦ୍ଧି କରିବ।

**ତୁଳା:** ଗୁରୁଜନଙ୍କଠାରୁ ଆଶୀର୍ବାଦ ପାଇବେ। ଅଚାନକ ଧନଲାଭର ଯୋଗ ରହିଛି। ଆର୍ଥିକ ସମୃଦ୍ଧି ପ୍ରାପ୍ତି ହେବ। ପରିବାର ସହ ଭ୍ରମଣଯୋଗ ରହିଛି। ରାଜନୀତିରେ ସକ୍ରିୟ ରହିବେ। ମାନସମ୍ମାନ ବୃଦ୍ଧି ପାଇବ।

**ବିଛା:** କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅର୍ଥ ସମସ୍ୟା ଦେଖାଦେଇପାରେ। ପାରିବାରିକ ସମସ୍ୟାକୁ ନେଇ ଚିନ୍ତିତ ରହିବେ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ।

**ଧନୁ:** କୋର୍ଟକଚେରୀ ମାମଲାରେ ପଡ଼ିପାରନ୍ତି। ନିଜ ଲୋକଙ୍କଠାରୁ ପ୍ରତାରିତ ହୋଇପାରନ୍ତି। ନୂତନ ବ୍ୟବସାୟ ପାଇଁ ଯୋଜନା କରିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର:** ଯୋଜନା ଅନୁସାରେ କାର୍ଯ୍ୟ କରିବେ । ମହିଳାମାନେ ଅବସାଦରେ ରହିବେ। ଉଧାର ଟଙ୍କା ଫେରିପାଇବେ। ଧୈର୍ଯ୍ୟ ରଖି କାର୍ଯ୍ୟ କରିବା ଭଲ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବ।

**କୁମ୍ଭ:** ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବରିଷ୍ଠ ଅଧିକାରୀଙ୍କ ସହଯୋଗ ପାଇ ଆଗେଇ ଯିବେ। ମହିଳାମାନେ ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ।

**ମୀନ:** ମାନସମ୍ମାନ ବୃଦ୍ଧି ହେବ। ଅଚାନକ ଖୁସି ଖବର ପାଇବେ। ନୂତନ ନିଯୁକ୍ତି ସୁଯୋଗ ରହିଛି। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଦିନରେ

- ୧୫୬୯-ପ୍ରଥମ ଲଟେରିର ଆରମ୍ଭ ଇଂଲଣ୍ଡରେ ହୋଇଥିଲା।
- ୧୯୨୨- ମଧୁମେହ ରୋଗୀଙ୍କୁ ପ୍ରଥମ ଥର ପାଇଁ ଇନ୍‌ସୁଲିନ୍ ଦିଆଗଲା।
- ୧୯୪୨- ଜାପାନ ମାଲୟେସିଆର ରାଜଧାନୀ କୁଆଲା ଲାମ୍ପୁର ଉପରେ କବ୍‌ଜା କଲା।
- ୧୯୬୬- ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଦେହାନ୍ତ।
- ୨୦୦୯- ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ସ୍ଲମ୍‌ଡଗ୍ ମିଲେନିୟର୍'କୁ ୬୬ତମ ଗୋଲ୍‌ଡେନ୍ ଗ୍ଲୋବ୍ ପୁରସ୍କାର।

## ଚଳନ୍ତା ନାଇଟ୍ କ୍ଲବ୍



ଆଜିର ଯୁବପିଢ଼ି ସାଙ୍ଗସାଥୀଙ୍କ ସହ ଟିକେ ହାଲ୍‌କା ମୁହୂର୍ତ୍ତ କଟାଇବାକୁ ନାଇଟ୍‌କ୍ଲବ୍, ପବ୍, ଡିସ୍କୋ, ଭଳି ସ୍ଥାନକୁ ଯିବାକୁ ପସନ୍ଦ କରୁଛନ୍ତି। ଏବେ ସୋସିଆଲ ମିଡିଆରେ ଏକ ଟ୍ରେନ୍‌ର ଭିଡିଓ ଭାଇରାଲ୍ ହେଉଛି, ଯେଉଁଥିରେ ଲୋକେ ଯାତ୍ରା କରିବା ସହ ନାଇଟ୍ କ୍ଲବ୍‌ର ମଜା ନେଇ ପାରୁଛନ୍ତି। ଏହି ଟ୍ରେନ୍ ଜର୍ମାନୀର ନୁନ୍‌ବର୍ଗରୁ ଚାଲିଥାଏ। ସଂଧ୍ୟାବେଳେ ଚାଲୁଥିବା ଟେକ୍ନୋ ଟ୍ରେନ୍ ନୁନ୍‌ବର୍ଗ ନନ୍‌ଷ୍ଟପ୍ ସାତ ଘଣ୍ଟା ଯାତ୍ରା କରିଥାଏ। ଏହି ଯାତ୍ରା ସମୟରେ ଯାତ୍ରୀଙ୍କୁ ଜର୍ମାନୀର ଗାଁଗୁଡ଼ିକୁ ଅତି ନିକଟରୁ ଦେଖିବାକୁ ସୁଯୋଗ ମିଳେ। ଏହି ଟ୍ରେନ୍ ସକାଳେ ମ୍ୟୁନିଚ୍‌ରେ ପହଞ୍ଚିଯାଏ। ତେବେ ସାତଘଣ୍ଟାର ଏହି ଯାତ୍ରାରେ ଲୋକେ ନାଚ,ଗୀତ ସାଙ୍ଗକୁ ଖାଦ୍ୟପେୟର ମଜାନିଅନ୍ତି । ଏହାକୁ ଏକ ଚଳନ୍ତା ପବ୍ କହିଲେ ଭୁଲ୍ ହେବ ନାହିଁ। ବାହାରର ମନୋରମ ଦୃଶ୍ୟ, ଚିକମିକ୍ ଲାଇଟ୍ ସହ ମନମତାଣିଆ ଗୀତ ଟ୍ରେନ୍ ଭିତରେ ପୂରାପୂରି ଏକ ଅଲଗା ମାହୋଲ ସୃଷ୍ଟି କରେ । ଯେତେବେଳେ ଏହି ଟ୍ରେନ୍ ସୁଡ଼ଙ୍ଗ ଓ ସେତୁ ଅତିକ୍ରମ କରେ ଯାତ୍ରୀମାନେ ଖୁସିରେ ଚିତ୍କାର କରିଥାନ୍ତି।

## ଫେବୃଆରୀରେ ରଶ୍ମିକା-ବିଜୟଙ୍କ ନିର୍ବନ୍ଧ!

ସାଉଥ୍ ଇଣ୍ଡଷ୍ଟ୍ରୀର ଏକ ଲୋକପ୍ରିୟ ଯୋଡ଼ି ହେଉଛନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା। ଏହି ସେଲିବ୍ରିଟି ପ୍ରେମୀ ଯୁଗଳ ପରସ୍ପରକୁ ଅନେକ ଦିନରୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି। କିନ୍ତୁ ଏଯାବତ୍ ସେମାନେ ସେମାନଙ୍କ ସମ୍ପର୍କକୁ ନେଇ ମୁହଁ ଖୋଲି କିଛି କହିନାହାନ୍ତି। କିଛିଦିନ ପୂର୍ବରୁ ଉଭୟ ନୂଆବର୍ଷ ଏକାଠି ପାଳିବା କଥା ମଧ୍ୟ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଥିଲା। ଏବେ ଏହି ପ୍ରେମୀ ଯୁଗଳଙ୍କର ବହୁତ ଜଲ୍‌ଦି ନିର୍ବନ୍ଧ ହେବ ବୋଲି କୁହାଯାଉଛି। ଫେବୃଆରୀ ଦ୍ୱିତୀୟ ସପ୍ତାହରେ ସେମାନଙ୍କର ନିର୍ବନ୍ଧ ଅନୁଷ୍ଠିତ ହେବ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଛି। 'ଗୀତା ଗୋବିନ୍ଦମ୍' ସୁଟିଂ ସେଟ୍‌ରେ ପ୍ରଥମେ ବିଜୟ ଓ ରଶ୍ମିକାଙ୍କର ଦେଖାସାକ୍ଷାତ ହୋଇଥିଲା। ଏହିଠାରୁ ହିଁ ସେମାନଙ୍କର ପ୍ରେମ ଆରମ୍ଭ ହୋଇଥିଲା। ଏହି ଫିଲ୍ମ ସେତେବେଳେ ସୁପରହିଟ୍ ହୋଇଥିଲା। ବିଜୟଙ୍କ କାମ କଥା କହିବାକୁ ଗଲେ ସେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଫ୍ୟାମିଲି ଷ୍ଟାର୍'କୁ ନେଇ ଚର୍ଚ୍ଚାରେ। ସେହିଭଳି ରଶ୍ମିକା 'ପୁଷ୍ପା-୨'ରେ ଦେଖାଯିବେ।



## ପତଳା ଦିଶିବା ପାଇଁ ପଲିଥିନ୍ ପରିଧାନ

ସମ୍ପ୍ରତି ପତଳା ଦିଶିବା ପାଇଁ ଲୋକେ ବହୁତ କିଛି ଉପାୟ ଆପଣାଉଛନ୍ତି। କିଏ ଜିମ୍ ଯାଉଛନ୍ତି ତ ଆଉ କିଏ ଡାଏଟ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ପତଳା ଦିଶିବା ପାଇଁ ଜଣେ ଯୁବତୀ ପ୍ୟାକିଂ ପାଇଁ ଉଦ୍ଦିଷ୍ଟ ର୍ୟାପିଂ ଜରିକୁ ନିଜ ଅଣ୍ଟାରେ ଗୁଡ଼ାଇ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏଭଳି ଏକ ବିଚିତ୍ର ଘଟଣା ଘଟିଛି ଚୀନ୍‌ରେ। ଏଠାକାର ଅଭିନେତ୍ରୀ ହୁଆଙ୍ଗ୍ ୟିଙ୍କୁ ବଲ୍ ଗାଉନ୍ ଡ୍ରେସ୍ ପିନ୍ଧି ଏକ ଫେଶନ ଶୋ'ର ରେଡ୍ କାର୍ପେଟ୍ ଉପରେ ଚାଲିବାର ଥିଲା, କିନ୍ତୁ ତାଙ୍କ ଓଜନ ଅଧିକ ଥିବାରୁ ସେ ଏହି ଡ୍ରେସ୍‌ରେ ଫିଟ୍ ହେଲେ ନାହିଁ। ଏହା ପରେ ସେ ପତଳା ଦିଶିବା ପାଇଁ ଅଣ୍ଟାରେ ପ୍ୟାକିଂ ପାଇଁ ବ୍ୟବହାର ହେଉଥିବା ପଲିଥିନ୍ ର୍ୟାପ୍‌କୁ ବ୍ୟବହାର କରିଥିଲେ। ସେ ପଲିଥିନ୍ ର୍ୟାପ୍‌ର ୧୦ ପରସ୍ତ ନିଜ ଅଣ୍ଟାରେ ଗୁଡ଼ାଇବା ପରେ ଶେଷରେ ହୁଆଙ୍ଗ ସେହି ଗାଉନ୍‌ରେ ଫିଟ୍ ହୋଇଥିଲେ। ହୁଆଙ୍ଗ ପତଳା ହେବା ପାଇଁ ପ୍ରଥମେ ସାମାଜିକ ଗଣମାଧ୍ୟମରେ ଲୋକଙ୍କଠାରୁ ପରାମର୍ଶ ଲୋଡ଼ିଥିଲେ। ତାଙ୍କ ସମସ୍ୟା ସମ୍ପର୍କରେ ଜାଣିବା ପରେ ଜଣେ ୟୁଜର୍ସ ହୁଆଙ୍ଗଙ୍କୁ ପତଳା ଦିଶିବା ପାଇଁ ପ୍ୟାକିଂ ପାଇଁ ବ୍ୟବହାର ହେଉଥିବା ପଲିଥିନ୍‌କୁ ପିନ୍ଧିବା ପାଇଁ କହିଥିଲେ। ଅବଶ୍ୟ ଏଥିରେ କିଛି ଅସୁବିଧାକୁ ସାମ୍ନା କରିବାକୁ ପଡ଼ିପାରେ ବୋଲି ବି ହୁଆଙ୍ଗଙ୍କୁ ସେ ସଚେତନ କରାଇଥିଲେ। ଶେଷରେ ସମ୍ପୃକ୍ତ ୟୁଜର୍ସଙ୍କ ପରାମର୍ଶ କ୍ରମେ ହୁଆଙ୍ଗ ପଲିଥିନ୍ ର୍ୟାପ୍‌ର ୧୦ ପରସ୍ତ ଅଣ୍ଟାରେ ଗୁଡ଼ାଇଥିଲେ। ଏହାଦ୍ୱାରା ତାଙ୍କ ଅଣ୍ଟା ଚିପି ହୋଇ ପତଳା ଦିଶିଲା ଏବଂ ସେହି ଡ୍ରେସ୍ ସେ ପିନ୍ଧିବାକୁ ସକ୍ଷମ ହୋଇଥିଲେ। ଅନ୍ୟପଟେ ହୁଆଙ୍ଗଙ୍କର ଏଭଳି ଉପାୟକୁ ଲୋକେ ପସନ୍ଦ କରି ନାହାନ୍ତି। ପଲିଥିନ୍ ର୍ୟାପ୍‌କୁ ଗୁଡ଼ାଇ ଅଣ୍ଟାକୁ ଚିପି ରଖିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବି ଦେଖା ଦେଇଥାଏ। ଏହା ଦ୍ୱାରା ରକ୍ତ ସଞ୍ଚାଳନ ପ୍ରଭାବିତ ହେବା ସହ ମୁଣ୍ଡବିନ୍ଧା, ପାଚନ ସମସ୍ୟା ଏପରିକି ଶ୍ୱାସକ୍ରିୟାରେ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ ବୋଲି ଡାକ୍ତର ଚେତାଇ ଦେଇଛନ୍ତି।



## ବକୁଳ ଅମାବାସ୍ୟା ଓ ଗଇଁଠା ପିଠାର ମହତ୍ତ୍ୱ



ବୃକ୍ଷ ପୂଜା ପରମ୍ପରାରେ ଆମ୍ବ ଗଛକୁ ପୂଜା କରିବାର ପର୍ବ ହେଉଛି ବଉଳ ବା ବକୁଳ ଲାଗି ଅମାବାସ୍ୟା। ଏହାର ଅନ୍ୟ ନାମ ବଉଳ ଅମାବାସ୍ୟା। ପୌଷ ମାସର ଅମାବାସ୍ୟା ବକୁଳ ଅମାବାସ୍ୟା ନାମରେ ଖ୍ୟାତ। ଏହି ଅମାବାସ୍ୟା ବେଳକୁ ଶୀତର ପ୍ରକୋପ କମି ଆସିଥାଏ, ଆମ୍ବ ଗଛରେ ବଉଳ ଅଙ୍କୁରିତ ହୋଇ ଋତୁରାଜ ବସନ୍ତକୁ ସ୍ୱାଗତ କରୁଥାଏ। ବଉଳ ବାସ୍ନା ବସନ୍ତକୁ ଆହ୍ୱାନ ଦେଇଥାଏ। ବକୁଳଲାଗି ଅମାବାସ୍ୟା ପ୍ରକୃତି ପୂଜାର ନିଦର୍ଶନ। ବଉଳର ବାସ୍ନା ଏହି ସମୟରେ ଜନମାନସକୁ ମନ୍ତ୍ରମୁଗ୍ଧ କରିଥାଏ। ବଉଳ ପୂଜା କରି,ବଉଳ ଯେ ଦିନେ ରସାଳ ଫଳ ସୃଷ୍ଟି କରିବ ଏହି ଭାବନାରେ ଜନଗଣ ଉଲ୍ଲାସିତ ହୋଇଥାନ୍ତି। ବକୁଳ ଅମାବାସ୍ୟା ଦିନ ଆମ୍ବ ଗଛକୁ ପୂଜା କରାଯାଏ। ଗୃହିଣୀମାନେ ପ୍ରଭାତରୁ ଆମ୍ବଗଛର ମୂଳକୁ ସଫାସୁତୁରା କରି, ଚାଉଳବଟାରେ ଚିତା ପକାଇ ସଜ୍ଜିତ କରନ୍ତି ଏବଂ ଦ୍ୱିପ୍ରହର ବେଳକୁ କ୍ଷୀର-ଗଇଁଠା ପିଠା କରି ଏହି ବୃକ୍ଷ ମୂଳରେ ପୂଜା କରିଥାଆନ୍ତି। ଶ୍ରୀମନ୍ଦିରରେ ବି ବକୁଳ ଲାଗି ନୀତି ଅନୁଷ୍ଠିତ ହୋଇଥାଏ। ନୀତି ଅବସରରେ ମହାପ୍ରଭୁଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ବଉଳ ଗଇଁଠା ଲାଗି କରାଯାଏ। ସକାଳ ଧୂପ ଉଠିଲା ପରେ ରୋଷ ଘରୁ ବଉଳ ଗଇଁଠା ଟାଟ ଶ୍ରୀଛାମୁକୁ ଆସି ପ୍ରସାଦଲାଗି ନୀତି ବଢ଼ିଥାଏ। ଷୋଡ଼ଶ ଉପଚାର ପରେ ଟେରା ଫିଟା ଯାଇ ଆଳତି କରା ଯାଇଥାଏ। ଟାଟ ଭିତରେ ଥାଇ ତିନି ବାଡ଼ରେ ବନ୍ଦାପନା ନୀତି ଅନୁଷ୍ଠିତ ହୁଏ। ଏହା ପରେ ଦକ୍ଷିଣ ଘରୁ ଶ୍ରୀ ନାରାୟଣ ରତ୍ନ ସିଂହାସନକୁ ବିଜେ କରନ୍ତି। ଶ୍ରୀଜୀଉଙ୍କ ଲାଗି ଆଜ୍ଞା ମାଳ ପାଇବା ପରେ ଶ୍ରୀନାରାୟଣ ସାଗରବିଜେ ପାଇଁ ପାଲିଙ୍କିରେ ବିଜେ କରିଥାନ୍ତି। ଏହା ପରେ ଅନ୍ୟାନ୍ୟ ଦୈନନ୍ଦିନ ନୀତି ବିଧି ମୁତାବକ ପାଳିତ ହୋଇଥାଏ। ଶ୍ରୀନାରାୟଣ ସାଗର ବିଜେ ନୀତି ସାରି ପୁନର୍ବାର ଦକ୍ଷିଣଘରକୁ ଫେରି ଆସନ୍ତି। ଅନ୍ୟପକ୍ଷରେ ବଉଳ ଅମାବାସ୍ୟା ଦିନ ଝିଅମାନେ ତାଙ୍କର ପ୍ରିୟ ସାଙ୍ଗମାନଙ୍କ ସାଙ୍ଗରେ 'ବଉଳ' ବସିବାର ପରମ୍ପରା ରହିଛି। ଏହିଦିନ ଝିଅମାନେ ପରସ୍ପରକୁ ବଉଳ ଖୁଆଇ ସବୁଦିନ ପାଇଁ ଏକ ସ୍ୱତନ୍ତ୍ର ସମ୍ପର୍କରେ ବାନ୍ଧି ହୁଅନ୍ତି। ବଉଳ ବସିବା ପରେ ଆଉ ନାଁରେ ନ ଡାକି ପରସ୍ପରକୁ 'ବଉଳ' ବୋଲି ସମ୍ବୋଧନ କରନ୍ତି। ଏହି ସମ୍ପର୍କରେ ଏକ ଅଦ୍ଭୁତ ନିବିଡ଼ତା ଥାଏ।



## ଘରକୁ ଦିଅନ୍ତୁ କ୍ଲାସି ଲୁକ୍

**ସାଧାରଣତଃ ମହିଳାମାନେ ଘର ସଜାଇବାରେ ସଉକ ରଖନ୍ତି। ସେହିପରି ଅନେକ ସମୟରେ ଟ୍ରେଣ୍ଡ ଅନୁସାରେ ଘର ଭିତରର ସାଜସଜ୍ଜାରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ନିଜ ଘରର ଭିତର ପାର୍ଶ୍ୱକୁ ଏକ ଆଧୁନିକ ଓ କ୍ଲାସି ଲୁକ୍ ଦେବାକୁ ଚାହୁଁଥିଲେ ଆପଣାନ୍ତୁ ଏହି ଉପାୟ।**

### ପ୍ରାକୃତିକ ସୁନ୍ଦରତା ପାଇଁ

ସାଧାରଣତଃ ଲୋକମାନେ ଘରକୁ ପ୍ରାକୃତିକ ଜିନିଷରେ ସଜାଇବାକୁ ଚାହାନ୍ତି । ସେଥିପାଇଁ କାଠ, ପଥର, ମାଟି ଓ ଗଛରୁ ନିର୍ମିତ ଉପକରଣରେ ଘରକୁ ସଜାଇପାରିବେ। ବର୍ତ୍ତମାନ ସମୟରେ ଭାଇବ୍ରାଣ୍ଟ ରଙ୍ଗ ଟ୍ରେଣ୍ଡରେ ରହିଛି । ତେଣୁ ଘରକୁ ସଜାଇବା ପାଇଁ ଏହି ରଙ୍ଗର ବ୍ୟବହାର କରିପାରିବେ । ଏହା ଦ୍ୱାରା ଘରେ ସର୍ବଦା ଖୁସିର ମାହୋଲ ରହିଥାଏ ।

### ରଷ୍ଟିକ୍ ଟେକ୍ସଚର୍

କାଠ, ମାଟି ଓ ଧାତୁ ନିର୍ମିତ ଜିନିଷ ବି ଏନେଇ ବ୍ୟବହାର କରିପାରିବେ। ତେବେ ଏହା ଘରକୁ ଆସୁଥିବା ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ଏକ ଭଲ ମାଧ୍ୟମ ହୋଇଥାଏ। ଆଜିକାଲି ଲୋକମାନେ ନିଜ ଘରକୁ ଖୁବ୍ ସୁନ୍ଦର ଭାବେ ସଜେଇବାକୁ ଚାହୁଁଛନ୍ତି । ତେଣୁ ସାଜସଜ୍ଜା ଉପକରଣ ସହ ଫର୍ଣ୍ଣିଚରର ମଧ୍ୟ ବିଶେଷ ଧ୍ୟାନ ଦେବା ଜରୁରୀ ।



ମୋ ହାଣ୍ଡିଶାଳରୁ...

**ପନୀର୍‌ରେ ଅନେକ ପ୍ରକାର ରାନ୍ଧଣା ବିଷୟରେ ଆମେ ଜାଣିଛେ। ତେବେ ଏହାକୁ ନେଇ ଅନ୍ୟତମ ରାନ୍ଧଣା ହେଉଛି 'ଆଫ୍‌ଗାନୀ ପନୀର୍ ମସଲା'। ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ କହିଛନ୍ତି ସିତୁ ମହାରଣା।**



## ଆଫ୍‌ଗାନୀ ପନୀର୍ ମସଲା

**ଆବଶ୍ୟକ ସାମଗ୍ରୀ:** ପନୀର୍- ୫୦୦ ଗ୍ରାମ, କଟା ପିଆଜ- ଏକ କପ୍, ଅଦା ରସୁଣ- ଅଳ୍ପ, ଧନିଆ ପତ୍ର- ଅଳ୍ପ କିଛି, କାଜୁ- ଅଧା କପ୍, ଦହି- ଅଧା କପ୍, ବଟର- ଦୁଇ ଚାମଚ, ଜୀରା ପାଉଡର- ଅଧା ଚାମଚ, ଧନିଆ ପାଉଡର୍- ଅଧା ଚାମଚ, ଗରମମସଲା- ଅଧା ଚାମଚ, ଗୋଲମରିଚ ଗୁଣ୍ଡ- ଅଧା ଚାମଚ, କଞ୍ଚା ଲଙ୍କା- ଦୁଇଟି, କସୁରି ମେଥି- ଅଧା ଚାମଚ, ଗୋଟା ଗରମ ମସଲା- ଅଳ୍ପ କିଛି, କ୍ରିମ୍- ଅଧା ଚାମଚ, ତେଲ- ଆବଶ୍ୟକତା ଅନୁସାରେ, ଲୁଣ- ସ୍ୱାଦ ଅନୁସାରେ ।



**ପ୍ରସ୍ତୁତି ପ୍ରଣାଳି:** ପ୍ରଥମେ କିଛି ପନୀର୍ ନେଇ ସେଥିରେ ଏକ ଚାମଚ ଅଦା ରସୁଣ ପେଷ୍ଟ, ଧନିଆପତ୍ର, ଗୋଲମରିଚ ଗୁଣ୍ଡ, ଅଳ୍ପ ଲୁଣ, ଓ ତେଲ ଦେଇ ଗୋଳାଇ ପନ୍ଦର ମିନିଟ୍ ରଖନ୍ତୁ । ଚୁଲିରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ ପନିର୍‌କୁ ଭାଜି ରଖନ୍ତୁ। ଏହାପରେ ଗ୍ରେଭି ତିଆରି କରିବା ପାଇଁ ଆଉ ଏକ ପ୍ୟାନ୍ ନିଅନ୍ତୁ । ସେଥିରେ ତେଲ ଦେଇ ପିଆଜ, ଦୁଇ ତିନୋଟି କଞ୍ଚାଲଙ୍କା, ଅଦା ରସୁଣ, ଧନିଆପତ୍ର ଓ କାଜୁ ପକାଇ ଭାଜନ୍ତୁ । ଅଳ୍ପ ଭାଜି ହୋଇଗଲା ପରେ ଏହାକୁ ଥଣ୍ଡା କରିବା ପାଇଁ ଛାଡ଼ିଦିଅନ୍ତୁ। ଏହାପରେ ସେଥିରେ ଦୁଇ ଚାମଚ ଦହି ପକାଇ ଗ୍ରାଇଣ୍ଡିଂ କରନ୍ତୁ । ଚୁଲିରେ କଡ଼େଇ ବସାଇ ବଟର ଦେଇ ସେଥିରେ ଗୋଟା ଗରମମସଲା ପକାନ୍ତୁ। ଏହା ପରେ ଧନିଆ ଗୁଣ୍ଡ, ଜିରା ଗୁଣ୍ଡ ଓ କସୁରି ମେଥି ଦେଇ ଭଲ ଭାବେ ଭାଜନ୍ତୁ । ପରେ ସେଥିରେ ମସଲାବଟା ଦେଇ ଦୁଇ ମିନିଟ୍ ଘୋଡ଼ାଇ ରଖନ୍ତୁ । ଢାଙ୍କୁଣୀ କାଢ଼ି ସେଥିରେ ଦୁଇ ଚାମଚ କ୍ରିମ୍, କଞ୍ଚାଲଙ୍କା ଓ କସୁରି ମେଥି ଲୁଣ ଦେଇ ଭଲ ଭାବେ କଷନ୍ତୁ । ଶେଷରେ ପନିର ପକାନ୍ତୁ । କିଛି ସମୟ ପରେ ଗରମ ସମଲା ଓ ଧନିଆପତ୍ର ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଆଫଗାନୀ ପନୀର୍ ମସଲା।'



## ସୁଶ୍ରୀ

## ବିତର୍କରେ ଆଳୁ-ବାଇଗଣ ବ୍ୟଞ୍ଜନ



**ସାଧାରଣତଃ ଗୃହିଣୀମାନେ ବିଭିନ୍ନ ପ୍ରକାର ପନିପରିବାକୁ ନେଇ ସୁସ୍ୱାଦୁ ରାନ୍ଧଣା ପ୍ରସ୍ତୁତ କରିଥାନ୍ତି। ଯେପରିକି ଆଳୁ-ବାଇଗଣକୁ ନେଇ ଭର୍ତ୍ତା, ଭଜା, ତରକାରି ଭଳି ଆହୁରି ଅନେକ ସ୍ୱାଦିଷ୍ଟ ଖାଦ୍ୟ ରାନ୍ଧିଥାନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ଏବେ ଆଳୁ-ବାଇଗଣ ତରକାରିକୁ ବିଶ୍ୱର ସବୁଠୁ ଖରାପ ଖାଦ୍ୟ ଭାବେ ସୂଚିତ କରାଯାଇଛି। ଯାହାକୁ ନେଇ ଏବେ ଖାଦ୍ୟପ୍ରେମୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଏହାକୁ ନେଇ ତର୍କବିତର୍କ ଚାଲିଛି। କିଛିଦିନ ତଳେ ଟେଷ୍ଟ ଆଟ୍‌ଲାସ୍ ପକ୍ଷରୁ ବିଶ୍ୱର ୧୦୦ଟି ସବୁଠାରୁ ଖରାପ ଖାଦ୍ୟର ତାଲିକା ପ୍ରକାଶ ପାଇଥିଲା । ଯେଉଁଥିରେ ୬୦ତମ ସ୍ଥାନରେ ଭାରତୀୟ ବ୍ୟଞ୍ଜନ ଆଳୁ ବାଇଗଣ ତରକାରି ସ୍ଥାନ ପାଇଛି । ଗୋଟେ ପଟେ ଆଳୁ-ବାଇଗଣକୁ ଖରାପ ଖାଦ୍ୟ କୁହାଯାଇଥିବା ବେଳେ ସେପଟେ ଏହା ହେଉଛି ଓଡ଼ିଆ ଘରର ପାରମ୍ପରିକ ବ୍ୟଞ୍ଜନ। ତେବେ ଆଳୁ-ବାଇଗଣ ନିକୃଷ୍ଟ ଖାଦ୍ୟ ତାଲିକାରେ ସାମିଲ ହେବା ପରେ ଗୃହିଣୀମାନେ ଏହି କଥାକୁ କିଭଳି ଭାବେ ଗ୍ରହଣ କରିଛନ୍ତି, ତାହାକୁ ନେଇ ଏହି ଉପସ୍ଥାପନା।**

### ଆଳୁ-ବାଇଗଣକୁ ଖରାପ ଖାଦ୍ୟ କହିବା ଅପମାନଜନକ



ବାଇଗଣ ମୋର ଅତି ପ୍ରିୟ ପରିବା। ବାଇଗଣ ଚେକି ଭଜା ହେଉ କି ବାଇଗଣ ଭର୍ତ୍ତା ବା ବାଇଗଣ ଆଳୁ ଓ ବଡ଼ି ବେସର ପାଟିକୁ ଖୁବ୍ ସୁଆଦିଆ ଲାଗେ । କଣ୍ଟେଇମୁଣ୍ଡି ବାଇଗଣ ସୁଆଦ ତ ନ କହିବା ଭଲ, ଯିଏ ଥରେ ଖାଇଛି ସେ ହିଁ କେବଳ ଏହାର ସୁଆଦ କହିପାରିବ। ଯେକୌଣସି ତରକାରି ଯଥା-ଡାଲମା, ମିକ୍ସ ତରକାରିରେ ବାଇଗଣ ନ ପଡ଼ିଲେ ଭଲ ଲାଗେନି। କିନ୍ତୁ ବାଇଗଣ ଆଳୁ ତରକାରିକୁ ନିମ୍ନମାନର ଖାଦ୍ୟ କହିବା ଅପମାନଜନକ କଥା। କାରଣ ପରିବା କଥା କହିଲେ ପ୍ରଥମେ ମନକୁ ଆସେ ଆଳୁ ଓ ବାଇଗଣ।

- ଗାୟତ୍ରୀ ମହାପାତ୍ର, ଭଦ୍ରକ

### ଓଡ଼ିଆଙ୍କୁ ବାଇଗଣ-ଆଳୁ ବ୍ୟଞ୍ଜନ ପସନ୍ଦ



କଥାରେ ଅଛି, ବାଇଗଣ ପୋଡ଼ାକୁ ପଖାଳ ଭାତ। ତେବେ କେବଳ ଆମ ଘରେ ନୁହେଁ, ପ୍ରତ୍ୟେକ ଓଡ଼ିଆଙ୍କ ବାଇଗଣ-ଆଳୁ ରାନ୍ଧଣା ଖୁବ୍ ପସନ୍ଦ। ଘରେ କିଛି ଥାଉ ବା ନ ଥାଉ ଆଳୁ, ବାଇଗଣ ଏବଂ ପିଆଜ ସବୁବେଳେ ମହଜୁଦ ରହିଥାଏ। ଲୋକଙ୍କ ରୁଚି ଅନୁସାରେ ଖାଦ୍ୟରେ ପରିବର୍ତ୍ତନ ହୋଇଥାଏ ।

ଦୂରଲତା ପରିଡ଼ା, ଜଗତସିଂହପୁର

### ବାଇଗଣ ବିନା ତରକାରି ସୁଆଦିଆ ଲାଗେନି



ବାଇଗଣ ଆମ ଖୋର୍ଦ୍ଧା ଜିଲ୍ଲାରେ ଅଧିକ ଚାଷ କରାଯାଏ। ପୂର୍ବରୁ ଚାଷୀମାନେ ଅନେକ ସମୟରେ ବାଇଗଣ ପୋଡ଼ା ସହ ପଖାଳ ଭାତ ଖାଇ କ୍ଷେତକୁ ଯାଇଥାନ୍ତି। ଘରେ ସନ୍ତୁଳା, ବାଇଗଣ ମସଲା ଆଦି ପ୍ରସ୍ତୁତ କରାଯାଏ । କାରଣ ବାଇଗଣ ବିନା ତରକାରି ସୁଆଦିଆ ଲାଗେ ନାହିଁ।

ଜୟନ୍ତୀ ସୁନ୍ଦରାୟ, ଡିହଖଲା, ଖୋର୍ଦ୍ଧା

## ଘରୋଇ ଉପାୟରେ ତ୍ୱଚାର ଯତ୍ନ

**ଶୀତଦିନେ ତ୍ୱଚାର ବିଶେଷ ଯତ୍ନ ନେବା ଜରୁରି। ସେଥିପାଇଁ ବଜାରରେ ବିଭିନ୍ନ ପ୍ରସାଧନ ସାମଗ୍ରୀ ଉପଲବ୍ଧ ରହିଥାଏ । ତେବେ ପ୍ରାକୃତିକ ଉପାୟରେ ଘରେ ମିଳୁଥିବା ସାମଗ୍ରୀକୁ ଉପଯୋଗ କରି ମଧ୍ୟ ତ୍ୱଚାର ଉପଯୁକ୍ତ ଯତ୍ନ ନେଇ ହେବ।**

- ବେସନରେ ଏକ ଚାମଚ ଦହି ଓ ଗୋଲାପ ଜଳ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ଚାରି ପାଞ୍ଚ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ମୁହଁ ଉଜ୍ଜ୍ୱଳ ଦିଶିଥାଏ।
- ତ୍ୱଚାରେ ଚମକ ଆଣିବା ପାଇଁ ଟମାଟୋ ରସକୁ ମୁହଁରେ ୫-୭ ମିନିଟ୍ ଲଗାଇ ରଖନ୍ତୁ । ପରେ ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।



# ଭାରସାମ୍ୟ ହରାଇ ବାଇକ ଆରୋହୀ ଗୁରୁତର

**ପାଇକମାଳ, ୧୦।୧ (ସମିସ) :** ପାଇକମାଳ ବ୍ଲକ ଜାମସେଠ ଭେରୁଆମୁଣ୍ଡା ରାସ୍ତାରେ ଥିବା ବୁଲାଣିରେ ଭୋର ସକାଳେ ଜଣେ ବାଇକ ଆରୋହୀ ଭାରସାମ୍ୟ ହରାଇ ପଡ଼ିଥିଲେ। ସୂଚନା ଅନୁଯାୟୀ ଛିନ୍ଦେଇକେଲା ଉପେନ୍ଦ୍ର ଧରୁଆ (୨୬) ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ସମ୍ପର୍କୀୟଙ୍କୁ ଖରାମାଳକୁ ଛାଡି ଯାଇ ରାତି ୯ଟାରେ ଫେରୁଥିବା ସମୟରେ ଭେରୁଆମୁଣ୍ଡା ଆମ ବଗିଚାର ନିକଟରେ ଥିବା ବୁଲାଣିରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହେବାରୁ ତାଙ୍କ ଗୋଡ଼ହାତ ଭାଙ୍ଗି ଯାଇ ରାତିସାରା ଗୁରୁତର ହୋଇ ପଡ଼ି ରହିଥିଲେ। ସକାଳେ କିଛି ଜାମସେଠ ଭେରୁଆମୁଣ୍ଡା ଯୁବକମାନେ ଘଟଣା ଜାଣି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗାଯୋଗ କରି ନୂଆପଡ଼ା ଡାକ୍ତରଖାନାକୁ ପଠାଇଥିଲେ ସେଠାରେ ଗୁରୁତର ଅନୁଭବ କରିବାରୁ ରାୟପୁର ଅଗ୍ରୱାଲ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ବିଧାୟକଙ୍କ ଦ୍ୱାରା କଲ୍ୟାଣ ମଣ୍ଡପ ଲୋକାର୍ପିତ

**ବରଗଡ଼, ୧୦।୧(ସମିସ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ପଥର୍ଲା ପଞ୍ଚାୟତ ସୟାଁ ଗ୍ରାମରେ ନବନିର୍ମିତ କଲ୍ୟାଣ ମଣ୍ଡପ ଲୋକାର୍ପିତ ହୋଇଯାଇଛି। ଗ୍ରାମବାସୀ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ



ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସ୍ଥାନୀୟ ସରପଞ୍ଚ ପ୍ରେମଲତା ସାହୁ ଯୋଗଦେଇ ବହୁ ଦିନର ଗ୍ରାମବାସୀଙ୍କ ଦାବିକୁ ବିଧାୟକ ଅନୁଦାନ ଦେଇ ପରିପୂର୍ଣ୍ଣ କରିଥିବାରୁ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବ୍ଲକ ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା

**ଅମ୍ବାଭୋନା, ୧୦।୧ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ପ୍ରକାଶପୁରସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଂଗଠନ କାର୍ଯ୍ୟାଳୟଠାରେ ବୁଧବାର ଦିନ ଅମ୍ବାଭୋନା ବ୍ଲକ ବରିଷ୍ଠ ନାଗରିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ସଦସ୍ୟମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ଅଧିକାର ନେଇ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ସଂଘକୁ ଅଧିକ କ୍ରିୟାଶୀଳ କରିବାକୁ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ସୁରେଶ ଚନ୍ଦ୍ର ପଧାନ, ଉପସଭାପତି ଭାବେ ଉପେନ୍ଦ୍ର ଦାଶ ଓ ରାଜେନ୍ଦ୍ର ଦେହେରୀ, ସମ୍ପାଦକ ସୋମନାଥ ବେହେରା, ସହ ସମ୍ପାଦକ ଅନ୍ତର୍ଯ୍ୟାମୀ ପଧାନ, କୋଷାଧ୍ୟକ୍ଷ ଋଷି ଚରଣ ନାଏକ ଓ ସଂଗଠନ ସମ୍ପାଦକ ଭାବେ କୁଞ୍ଜବିହାରୀ ବିଶ୍ୱାଳ ମନୋନୀତ ହୋଇଛନ୍ତି। ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି, ସମ୍ପାଦକ ସମେତ ଉପେନ୍ଦ୍ର ସାହୁ, ଟଙ୍କଧର ପଧାନ, ଜୟନାରାୟଣ ଅଗ୍ରୱାଲ, ମହେନ୍ଦ୍ର ଭୋଇ, ଶଶିଭୂଷଣ ପଧାନ, ଜୈମିନୀ ସାହୁ ପ୍ରମୁଖ ଅମ୍ବାଭୋନା ବ୍ଲକର ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମସ୍ତ ସଦସ୍ୟ ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ବାଗ ଙ୍କୁ ସଂଘର ଏକ ଅସ୍ଥାୟୀ କାର୍ଯ୍ୟାଳୟ ପାଇଁ ଗୃହ ଯୋଗାଇ ଦେବାକୁ ନିବେଦନ କରିଥିଲେ।

# ଆନନ୍ଦ ସ୍ମାରକୀ କ୍ରିକେଟ ଉଦ୍ୟାପିତ

**ପଦ୍ମପୁର, ୧୦।୧ (ସମିସ):** ପଦ୍ମପୁର ନିକଟସ୍ଥ କୁଡ଼ାସିଂହା ଠାରେ ୧୧ତମ ଆନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୁଠୁର୍ଲାକୁ ହରାଇ ସିଂହନପୁର ଚାମ୍ପିଅନ ହୋଇଛି। ମ୍ୟାଚ ପରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବ୍ୟବସାୟୀ ଆଶୁତୋଷ ଅଗ୍ରୱାଲ ମୁଖ୍ୟଅତିଥି ରୂପେ ଏବଂ କଂସର ଗ୍ରାମ ପଞ୍ଚାୟତର ସରପଞ୍ଚ ଆନନ୍ଦ ବେହେରା ନରେନ୍ଦ୍ର ମେହେର, ଲିଙ୍ଗରାଜ ମେହେର, ସମ୍ମାନୀତ ଅତିଥି ରୂପେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ନଗଦ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ସିଂହନପୁର ଦଳର ସୁମିତ ମ୍ୟାନ ଅଫ ଦି ମ୍ୟାଚ ଓ ମଣ୍ଟୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଆଜିର ମ୍ୟାଚରେ ରାଜେଶ, ଦିବ୍ୟ ଓ ଆଦିତ୍ୟ ଅମ୍ପାୟାରିଂ ଏବଂ ବିଜୟ ଓ ଦିଲୀପ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର କୃଷ୍ଣ ବରିହା, ପ୍ରଦୀପ ପୋଡ଼, ସରୋଜ ମେହେର, ପ୍ରକାଶ ମେହେର, ଆନନ୍ଦ ମେହେର, ସନାତନ ବରିହା, ଜଗବନ୍ଧୁ ବରିହା ଓ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍ୟାପିତ

**ଭେଡେନ, ୧୦।୧(ସମିସ):** ଭେଡେନବ୍ଲକ ରୁଷୁଡା ଗ୍ରାମ ପଞ୍ଚାୟତ ର ରୁଷୁଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରେ ୫ ଦିନ ଧରି ଚାଲିଥିବା ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉତଯାପିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଫକିରମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟଅତିଥି ଭାବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଜିଲ୍ଲାପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ପିଙ୍କି ବଡେଇ, ହରିଶଙ୍କର ବେହେରା ସଭାପତି ଭେଡେନ ପେକ୍ସ, ସୁରେନ୍ଦ୍ର କର୍ମି ସରପଞ୍ଚ ରୁଷୁଡା ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରୀମାନେ ପ୍ରସ୍ଥିକ ସଙ୍ଗୀତ ପରିବେଷଣ କରିବା ପରେ ଅଧ୍ୟାପକ ଅଜିତ ଭଏନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିମେଇ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ପାଇକମାଳ, ୧୦।୧(ସମିସ):** ପାଇକମାଳ ନୃସିଂହନାଥ ମନ୍ଦିର ପରିସରରେ ବୁଧବାର ୧୧ ଗୋଟି ଅର୍ପଣ ରଥକୁ ଦୀପ ଜାଳି ପୂଜାର୍ଚ୍ଚନା ପରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବିଜେଡି କର୍ମକର୍ତ୍ତା ସହ ବ୍ଲକ କର୍ମଚାରୀମାନେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥଲେ। ପାଇକମାଳ ବିଡ଼ିଓ ପ୍ରଫୁଲ୍ଲ କୁମାର ଓଦୁ ଦାଇତ୍ୱ ନେଇ ଦୁଇ ଦିନ ମଧ୍ୟରେ ଏହି ୧୧ଟି ରଥ ୨୨ଗୋଟି ପଞ୍ଚାୟତକୁ ଯାଇ ଘର ଘର ବୁଲିବ ବୋଲି ଜଣାଇଛନ୍ତି। ଅର୍ପଣ ରଥକୁ ଗାଁମାନଙ୍କରେ ରଥକୁ ପୂଜା କରି ଚାଉଳ ଓ ଗୁଆ ପ୍ରଦାନ କରୁଛନ୍ତି ଜଗନ୍ନାଥ ପ୍ରେମୀ। ଏହି ଚାଉଳ ଓ ଗୁଆକୁ କୌଣସି ଏକ ଜଗନ୍ନାଥ ମନ୍ଦିରରେ ରଖାଯାଇ ପରେ ଶ୍ରୀଜଗନ୍ନାଥ ମନ୍ଦିର ପୁରୀକୁ ପଠାଯିବ ବୋଲି ଜଣାପଡ଼ିଛି। ଗତ କିଛିଦିନ ପୂର୍ବରୁ ପୁରୀ ଜଗନ୍ନାଥ ମନ୍ଦିର ପ୍ରକଳ୍ପ ପରିକ୍ରମା ପାଇଁ ସେବାୟତମାନେ ନୃସିଂହ ନାଥ ମନ୍ଦିରକୁ ନିମନ୍ତ୍ରଣ ପତ୍ର ଦେବାକୁ ଆସିଥିଲେ।



# ଭଟଲିରେ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ

**ଭଟଲି, ୧୦।୧(ସମିସ):** ଆସନ୍ତା ଜାନୁଆରୀ ମାସ ୧୭ ତାରିଖ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ମହୋତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶା ଶ୍ରୀକ୍ଷେତ୍ର ଭଟଲି ଧାମରେ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ଏହି ଉତ୍ସବରେ ପ୍ରତ୍ୟକ୍ଷଭାବେ ଭକ୍ତଗଣ ଯୋଗ ନ ଦେଲେ ମଧ୍ୟ ପରୋକ୍ଷ ଭାବେ କିଭଳି ନିଜର ପ୍ରାର୍ଥନା ଶ୍ରୀ ଜଗନ୍ନାଥଙ୍କଠାରେ ଜଣାଇବେ ସେଥିପାଇଁ ଭଟଲି



ରେ ଚାରୋଟି ଅର୍ପଣ ରଥ ପରିଭ୍ରମଣ କରି ଭଟଲି ବ୍ଲକର ସମସ୍ତ ୧୬ଗୋଟି ପଞ୍ଚାୟତ ତଥା ସମସ୍ତ ଗାଁରେ ଭକ୍ତମାନଙ୍କଠୁ ଚାଉଳ ଓ ଗୁଆ ସଂଗ୍ରହ କରିବ ଏବଂ ଶ୍ରୀକ୍ଷେତ୍ର ପୁରୀଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଅର୍ପଣ କରାଯିବ ବୋଲି ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭିକ୍ଟର ସୋରେଙ୍ଗ ସୂଚନା ଦେଇଛନ୍ତି। ଏହି ଅବସରରେ ଭଟଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ପୂଜାର୍ଚ୍ଚନା କରି ତଥା ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ।

## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# 'ସାଂସ୍କୃତିକ, ସାମାଜିକ ବିକାଶରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବରଗଡ଼, ୧୦।୧(ସମିସ)**

ସାମ୍ପ୍ରତିକ ସମାଜର ସାଂସ୍କୃତିକ ଓ ସାମାଜିକ ବିକାଶ ସହିତ ସାମଗ୍ରିକ ବିକାଶରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ବରଗଡ଼ ସଦର ବ୍ଲକ ସରସରା ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆୟୋଜିତ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳକୃଷ୍ଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ପରିଚାଳନା କମିଟି ଅଧ୍ୟକ୍ଷ କରୁଣାକର ସାହୁ, ଅଧ୍ୟାପିକା ଦମୟନ୍ତୀ କର, ନୋଡାଲ ଅଫିସର ସଞ୍ଜୟ କୁମାର ପ୍ରଧାନ, ଅଧ୍ୟାପକ ଡାକ୍ତର ସାହୁ, ଆଶୀଷ ସାହୁ, ଯଶୋବନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୁରେନ୍ଦ୍ର ଭୋଇ, ସମୀର କାଣ୍ଡ ଖେଳ ପରିଚାଳନା କରିଥିଲେ।




# ଭଣ୍ଡାରପୁରୀରେ ଗଡ଼ିଲା ଅର୍ପଣ ରଥ

**ଝାରବନ୍ଧ, ୧୦।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଓଡ଼ିଶାର ପ୍ରତ୍ୟେକ ଗ୍ରାମର ଜଗନ୍ନାଥପ୍ରେମୀଙ୍କୁ ନିମନ୍ତ୍ରଣ ପୂର୍ବକ ପ୍ରତ୍ୟେକ ଘରରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ସଂଗୃହିତ ଚାଉଳ ଲୋକାର୍ପଣ ପବିତ୍ର ତିଥିରେ ପ୍ରସାଦର ରୂପ ନେବ। ତେଣୁ ପ୍ରତ୍ୟେକ ଗ୍ରାମକୁ ଅର୍ପଣ ରଥ ବୁଲିବ। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହା ଗର୍ବ ଓ ସୌଭାଗ୍ୟ ଅଟେ। ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରେ ଜଗନ୍ନାଥ ସଂସ୍କୃତି ପ୍ରେମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଝାରବନ୍ଧ ବ୍ଲକ ଭଣ୍ଡାରପୁରୀ ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଯିବା ପାଇଁ ଜଗନ୍ନାଥ ଅର୍ପଣ ରଥ ଗଡ଼ିବାର ଶୁଭାରମ୍ଭ ଜିଲ୍ଲା ପରିଷଦ ସନ୍ତୋଷ ବେହେରା କରିଛନ୍ତି। ସରପଞ୍ଚ କିରନ ବାଗ, ସମିତି ସଭ୍ୟା ଚନ୍ଦ୍ରମା ଭୋଇ, ଜିଆରଏସ ସନିଲାଲ ଧର୍ମଘାଟ, ପିଇଓ ଚମ୍ପୁଲାଲ ଲୁହାର ଓ ସମସ୍ତ ଗ୍ରାମବାସୀ ଭଜନକୀର୍ତ୍ତନ କରି ରଥକୁ ସ୍ୱାଗତ କରିଥିଲେ। ଅର୍ପଣ ରଥକୁ ଗ୍ରାମର ପ୍ରତ୍ୟେକ ପରିବାର ଘର ସମ୍ମୁଖରେ କଳସ ଦୀପ ଧୂପ ନୈବେଦ୍ୟ ରଖି ଅରୁଆ ଚାଉଳ, ଗୁଆ ଅର୍ପଣ କରୁଛନ୍ତି।

# ବିକାଶ ଲ' ସ୍କୁଲ୍‌ରେ ଆଇନ ସଚେତନତା ଶିବିର

**ବରଗଡ଼, ୧୦।୧(ସମିସ):** ବିକାଶ ଲ' ସ୍କୁଲରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ବିକାଶ ଲ' ସ୍କୁଲର ମିଳିତ ଆନୁକୂଲ୍ୟରେ 'ମୁକ୍ତ ଆଇନ୍ ସେବା' ସମ୍ବନ୍ଧରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିକାଶ ଲ' ସ୍କୁଲର ଅଧ୍ୟକ୍ଷ ବିକ୍ରମ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ସଂଯୋଜକ ଅଧ୍ୟାପକ ଶିବାନନ୍ଦ ସାହୁ ପରିଚାଳନା କରିଥିଲେ। ଶିବିରରେ ଅଧ୍ୟକ୍ଷ ପ୍ରଫେସର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଆଇନ ସଚେତନତାର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରଗଡ଼ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସମ୍ପାଦକ କମଳାକାନ୍ତ ରାଉତ ମୁଖ୍ୟବକ୍ତା ଭାବରେ ଯୋଗଦେଇ 'ମୁକ୍ତ ଆଇନ ସେବା' ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରତାପ କୁମାର ସାହୁ 'ଟ୍ରେଡିଙ୍ଗ୍ କ୍ରାଇମ୍' ଉପରେ ଆଲୋକପାତ କରିବା ସହ ତାର ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଶିବିରକୁ ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଉଚ୍ଚ ପ୍ରଶଂସା କରିଥିଲେ। ଆଡ୍‌ଭୋକେଟ୍ କିରଣ ମିଶ୍ର, ଆଡ୍‌ଭୋକେଟ୍ ଦେବାଶୀଷ ମିଶ୍ର, ଡିଏସପି ନିବେଦିତା ସୋରେନ୍, ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ପ୍ରତାପ କୁମାର ସାହୁ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ, ସୁଶୋଭିତା ଦାସ, ସାଗରିକା ବିଶ୍ୱାଳ ଓ ବିକାଶ ଲ' ସ୍କୁଲର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଜୈମିନି କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବରପାଲି, ୧୦।୧ (ସମିସ):** ବରପାଲି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ମୂକେଶ ମିରି, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ବିଜୟ କୁମାର ମାଲି, ଗଳା ମୁଖ କର୍ଣ୍ଣ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ କୁମାର ରାଉୱାଲା, ଭେଷଜ ବିଶେଷଜ୍ଞ ଡାକ୍ତର ଅବଧୂତ ପ୍ରଧାନ, ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ନେପାଳ ଦେୱାନ, ପ୍ରମୁଖଙ୍କ ଦ୍ୱାରା ଚିକିତ୍ସା ସେବାକାର୍ଯ୍ୟ ପରିଚାଳିତ ହୋଇଥିଲା। ଶିବିରରୁ ସମୁଦାୟ ଭିନ୍ନଭିନ୍ନ ବିଭାଗର ୯୦ଜଣ ସହାୟତା ପାଇଁ ପଞ୍ଜୀକରଣ ସହ ଆବେଦନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାଣ୍ଡେଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିନା ଥଇତ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀ ମେହେର ଯୋଗ ଦେଇଥିବା ବେଳେ ବ୍ଲକ ଭାରପ୍ରାପ୍ତ ସାମାଜିକ ସମୀକ୍ଷା ଅଧିକାରୀ ଆଲୋକ ଉର୍ମାଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ପାଇକମାଳ ହାଇସ୍କୁଲରେ ମାନ ନିର୍ଦ୍ଧାରଣ ଓ ପ୍ରଧାନଶିକ୍ଷକ ସମ୍ମିଳନୀ

**ପାଇକମାଳ, ୧୦।୧ (ସମିସ) :** ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ୩ୟ ପର୍ଯ୍ୟାୟ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଓ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରରେ ୧୫ ଟି କ୍ଲଷ୍ଟର ରେ ୧୦୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ୨୫ ଜଣ ପ୍ରଧାନ ଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ଅତିରିକ୍ତ ତହସିଲଦାର ପ୍ରତାପ ଚନ୍ଦ୍ର ପୁଝାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏବିଇଓ ଧଳେନ୍ଦ୍ର କୁମାର ବାରିକ ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧନକର୍ମୀ ଡୋଳାମଣି ମାହାର, ବିକାଶ ସ୍ୱାଇଁ, ରଞ୍ଜନ ବାଗ, ବୈଷ୍ଣବ ପଣ୍ଡା, ଚକ୍ରଧର ଅଜଗର, ଲିଙ୍ଗେଶ୍ୱର ମୁଟକିଆ, ରାମନାଥ ବାଗ, ନିରାକାର ପ୍ରଧାନ, ସୁଶାନ୍ତ ବରିହା, ମାଧବ ସାହୁ, ସନ୍ତୋଷ ମେହେର ଓ ଟେକରାଜ ପଟେଲ ପ୍ରମୁଖ ଶିବିର ରେପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ସୁଶାନ୍ତ ସାହୁ ମଞ୍ଚାସୀନ ଥିଲେ। ତ୍ରିଲୋଚନ ନାଏକ ଶିବିର ପରିଚାଳନା କରିଥିଲେ ଓ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବଳ ସାହୁ ସ୍ମାରକୀ ଫୁଟ୍‌ବଲ୍; ବୀରମହାରାଜପୁର ବିଜୟୀ

**ବରପାଲି, ୧୦।୧ (ସମିସ):** ବରପାଲି ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ସୁବଳ ସାହୁ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ପଞ୍ଚମ ଦିବସରେ ଉତ୍ତରାଖଣ୍ଡ



ସହ ବୀରମହାରାଜପୁର ଦଳ ମଧ୍ୟରେ ଖେଳ ହୋଇଥିଲା। ବୀରମହାରାଜପୁର ଦଳ ଚାରି ଗୋଲରେ ଅଗ୍ରଣୀ ହୋଇ ବିଜୟ ହାସଲ କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅତିଥି ଭାବରେ ଜିଲ୍ଲାପାଳ ମନୀଷା ବାନାର୍ଜି, ରାଜ୍ୟ ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଓ ସମିତି ସଭ୍ୟ ଗୋକୁଳ ପଧାନଙ୍କ ସମେତ ପରିଚାଳନା ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ସାଙ୍ଗଠାନିକ ସମ୍ପାଦକ ସୌରଭ ସାହୁଙ୍କ ସଭାପତିତ୍ୱରେ ଆଥଲେଟିକ ଏସୋସିଏସନ ସଭାପତି ଉପଗୁପ୍ତ ତ୍ରିପାଠୀ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅଶୋକ କୁମାର ପଣ୍ଡା ଓ ମଧୁ ମଙ୍ଗଳ ମିଶ୍ରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଚାଲିଥିଲା। ଆଜିକାର ଖେଳକୁ ଆଶିର୍ବାଦ କାନୁନଗୋ, ଶଶିକାନ୍ତ ଦାଶିଆ, ଜିତେନ୍ଦ୍ରିୟ ଥନାପତି, ଅନିଲ ଭୋଇ ଓ ମନୋଜ କୁମାର ସାହୁ ପରିଚାଳନା କରିଥିଲେ। ଆସନ୍ତାକାଲି ଗୁରୁବାର ଦ୍ୱିତୀୟ ସେମିଫାଇନାଲ ବୀରମହାରାଜପୁର ଓ କଲିକତା ହାୱାଡା ଦଳ ମଧ୍ୟରେ ଖେଳାଯିବ। ଏହି ଅବସରରେ ପୂର୍ବତନ ଫୁଟବଲ ଖେଳାଳୀ ବିଜୟ କୁମାର ମହାରଣାଙ୍କୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରିୟ ଓ ମାନପତ୍ର ପ୍ରଦାନ ମାଧ୍ୟମରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଇନ୍‌ରହ୍ୱିଲ୍ କ୍ଲବର ୧୦୦ ବର୍ଷ ପୂର୍ତ୍ତି ପାଳନ

**ବରଗଡ଼, ୧୦।୧(ସମିସ):** ବରଗଡ଼ରେ ଇନରହ୍ୱିଲ କ୍ଲବର ୧୦୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ସ୍ଥାନୀୟ ଗୋଶାଳାଠାରେ ଇନରହ୍ୱିଲ କ୍ଲବ ଅଫ ବରଗଡ଼ର ସଦସ୍ୟାମାନେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିବା ସହ କେକ୍ କାଟି ଉତ୍ସବ ପାଳନ କରିଥିଲେ। ଏ ଅବସରରେ ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ମମତା ପୁରୋହିତ, ସଭାନେତ୍ରୀ ସୁମନ ଅଗ୍ରୱାଲ, ସମ୍ପାଦିକା ଅସୀମା ବିଶୋୟୀ, ସନ୍ଧ୍ୟା ଅଗ୍ରୱାଲ, ଜ୍ୟୋତିଲୀନା ପଣ୍ଡା, ବୁଲବୁଲ ଜିନ୍ଦଲ, ଅଞ୍ଜନା ଦାଶ, ପ୍ରଜ୍ଞା ଉତ୍କଳିକା ମିଶ୍ର, ମନ୍ଦାକିନୀ ପତି, ପୂଜା ଅଗ୍ରୱାଲ, ପୁନମ ଅଗ୍ରୱାଲ, ନିତୁ ଅଗ୍ରୱାଲଙ୍କ ସମେତ ବହୁ ସଦସ୍ୟା ସାମିଲ ହୋଇଥିଲେ।



# ଜେଡି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ

**ବରପାଲି, ୧୦।୧ (ସମିସ):** ବରପାଲି ବ୍ଲକ କଦଳିପାଲି ଜଗବନ୍ଧୁ ଦାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠ ଦିନିଆ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ସଚେତନତା ସଭାକାଯ୍ର୍ୟ ପରିଚାଳିତ ହୋଇଥିଲା। କ୍ରୀଡା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ନେତୃତ୍ୱରେ ତାଲିମ୍ ଶିବିର ଶୁଭାରମ୍ଭ ହୋଇଥିଲା। ଜାନୁଆରୀ ୧୦ରୁ ୧୯ ତାରିଖ ଆଠ ଦିନ ପର୍ଯ୍ୟନ୍ତ ଆୟୋଜିତ ଶିବିରରେ ମାଷ୍ଟର ଟ୍ରେନର୍ ଭାବରେ ଜଗବନ୍ଧୁ ଦାସ ମହିଳା ସ୍ନାତକ ମହାବିଦ୍ୟାଳୟ ଛାତ୍ରୀ ରୂପାଲି ମେହେର, ଶୁଭସ୍ମିତା ବୁଧିଆ, ରେଣୁକା ଗହୀର ଏବଂ ଝୁମି ସେଠ ଯୋଗ ଦେଇଥିଲେ। ଅଧ୍ୟାପକ ସୁଧାଂଶୁ ଦାଶ, ସୁରେଶ ବାରିକ, ସୁନିଲ ବେହେରା, ରବୀନ୍ଦ୍ର ସାହୁ, ମିନତି ବାବୁ, ନିବେଦିତା ବେହେରା, ଅନ୍ତର୍ଯ୍ୟାମୀ ପଣ୍ଡା, ସୁରେନ୍ଦ୍ର ଦୀପ, ନିରଜ ସାହୁ, ପ୍ରଦୀପ ମିଶ୍ର, ପ୍ରକାଶ ନନ୍ଦ, ଆନନ୍ଦ ବେହେରା ଏବଂ କାଲୁ କୁମ୍ଭାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭିଏସ୍‌ଏସ୍ କ୍ରିକେଟ ଉଦ୍‌ଘାଟିତ; ଖଲିଆପାଲି ସେମିରେ

**ପଦ୍ମପୁର, ୧୦।୧ (ସମିସ):** ବୁଧାପାଲିଠାରେ ୧୩ତମ ଭିଏସଏସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ବୁଧବାର ଅନୁଷ୍ଠିତ ଉତ୍ସବରେ ଅଶୋକ ଦାଶ ମୁଖ୍ୟଅତିଥି ଏବଂ ଲୋକନାଥ ପଟେଲ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟିତ କରିଥିଲେ। ଆଜିର ଖେଳରେ ଖଲିଆପାଲି ଦଳ କ୍ୱାର୍ଟର ଫାଇନାଲରେ ଖଇରା ଦଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମ୍ୟାଚ ପରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଦୁଷ୍ମନ୍ତ ପଟେଲ ଅତିଥି ରୂପେ ଯୋଗଦେଇ ଖଲିଆପାଲି ଦଳର ସଞ୍ଜୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ବିକାଶ, ଗୁପ୍ତା, ବସୁ, ନୀଳ ଅମ୍ପାୟାରିଂ ଏବଂ ଅନୀଲ ଓ ଦିଲୀପ ଧାରାବିବରଣୀ ପ୍ରଦାନ କରିଥିଲେ। ଭିଏସଏସ କ୍ଲବର ମିଥୁନ, ଆଦିତ୍ୟ, ଦୁଷ୍ମନ୍ତ, ବାବୁ, ସମିର ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



# ବରଗଡ଼ର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା





**ବରଗଡ଼, ୧୦।୧(ସମିସ)**

ବରଗଡ଼ ସହରର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ବରଗଡ଼ ତଳିପଡ଼ାରେ ଅର୍ପଣ ରଥକୁ ସ୍ୱାଗତ କରାଯାଇଥିବା ବେଳେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ଟାଉନ ସଭାପତି କିଶୋର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଅର୍ପଣ ରଥକୁ ପ୍ରତ୍ୟେକ ଘର ସମ୍ମୁଖରେ ଝୋଟି ଅଙ୍କନ କରାଯାଇ ସ୍ୱାଗତ କରାଯିବା ସହ ଶ୍ରଦ୍ଧାଳୁମାନେ ଗୁଆ ଚାଉଳ ପ୍ରଦାନ କରିଥିଲେ। ସେହିପରି ୱାର୍ଡ ନମ୍ବର ୧ ନିଗମାନନ୍ଦ ବିହାର ଜୀରା କଲୋନୀରୁ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଅର୍ପଣ ରଥ ପୂଜା ଅର୍ଚ୍ଚନା ପରେ ବାହାରି ନିଗମାନନ୍ଦ ବିହାରର ମୁଖ୍ୟ ରାସ୍ତାରେ ପରିକ୍ରମା କରିଥିଲା। ଏହି ପରିକ୍ରମା ସମୟ ରେ ଶହ ଶହ ଜଗନ୍ନାଥ ପ୍ରେମୀ ଏକତ୍ରିତ ହୋଇ ଅର୍ପଣ ରଥକୁ ସ୍ୱାଗତ କରିବା ସହ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଏହି ଅବସର ରେ ହୁଳହୁଳି, ହରିବୋଲ ଓ ଶଙ୍ଖଧ୍ୱନିରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ କାଉନସିଲର ବେଦମତି ସେଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଦେବବ୍ରତ ପଟ୍ଟନାୟକ, ସୁମିତ ରଥ, ଗୀତା ପାଢ଼ୀ, ପ୍ରଦୀପ ମେହେର, ଚିତ୍ରସେନ ମେହେର, ବାଙ୍କାବିହାରୀ ସାହୁ, ଅର୍ଜୁନ ସେଟ୍, ଦଇତାରୀ ସାହୁ, ପଙ୍କଜିନୀ ମେହେରଙ୍କ ସମେତ ବହୁ ଜଗନ୍ନାଥ ଭକ୍ତ ଏହି ଅର୍ପଣ ଯାତ୍ରାରେ ସାମିଲ ହୋଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଥିଲେ।

### ପାଉଁଶ ପୋଖରୀ ଭାଙ୍ଗିବା ଘଟଣାରେ ନ୍ୟାୟାଳୟର ହସ୍ତକ୍ଷେପ

# ଓପିଜିସି ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା ରୁଜୁ

ଝାରସୁଗୁଡ଼ା, ୧୦।୧(ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବନହରପାଲିସ୍ଥିତ ଓପିଜିସି ପାଉଁଶ ପୋଖରୀ ଭଙ୍ଗା ମାମଲାରେ ଝାରସୁଗୁଡ଼ା ଏସ୍‌ଡିଜେଏମ୍‌ଙ୍କ ଅଦାଲତ ଓପିଜିସି ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା ଦାୟର କରି ତଦନ୍ତ କରିବାକୁ ବନହରପାଲି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଆସନ୍ତା ୨୪ ତାରିଖ ଭିତରେ ତଦନ୍ତ ରିପୋର୍ଟ ସମ୍ପୃକ୍ତ କୋର୍ଟରେ ଦାଖଲ କରିବାକୁ କହିଛନ୍ତି। ଏହାକୁ ଆଧାରକରି ବନହରପାଲି ପୁଲିସ ପକ୍ଷରୁ ମଙ୍ଗଳବାର ରାତିରେ ଏକ ମାମଲା ରୁଜୁ କରାଯାଇଛି। ବନହରପାଲି ଥାନାରେ ଓପିଜିସି ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ରାଉତଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଏକାଧିକ ଦଫାରେ ମାମଲା ଦାୟର ହୋଇଛି। ପ୍ରକାଶ ଥାଉକି ୨୦୨୩ ଡିସେମ୍ବର ୯ ତାରିଖରେ ଓପିଜିସି ପାଉଁଶ ପୋଖରୀ ସଂଖ୍ୟା ୩ର ବନ୍ଧ ଭାଙ୍ଗିଯିବା ଫଳରେ ଲଖନପୁର ବ୍ଲକ କୁମ୍ଭାରବନ୍ଧ ପଞ୍ଚାୟତ ଅନ୍ତର୍ଗତ ସରଧାପାଲି ଓ କଟାଟିକିରାର ୨୦୦ ଏକରରୁ ଅଧିକ ଚାଷ ଜମିରେ ପାଉଁଶ ମାଡ଼ିଯିବା ସହିତ ଏହି ପାଉଁଶ ପାଣି ସିଧାସଳଖ ହୀରାକୁଦ ନଦୀବନ୍ଧରେ ମିଶିଥିଲା। ଏହାକୁ ନେଇ ପରିବେଶ ସୁରକ୍ଷା ସଂଘ ପକ୍ଷରୁ ପ୍ରତିବାଦ କରାଯିବା ସହ ଓପିଜିସି ପରିଚାଳନା ନିର୍ଦ୍ଦେଶକଙ୍କ ନାମରେ ବନହରପାଲି ଥାନାରେ ମାମଲା ଦାୟର ସହିତ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ହେଲେ ପୁଲିସ ପକ୍ଷରୁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଫଳରେ ସଂଘ କର୍ମକର୍ତ୍ତା ଗତ ମାସ ୨୬ ତାରିଖରେ ଏସଡିଜେଏମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଗତ ୩ ତାରିଖରେ ନ୍ୟାୟାଳୟ ପ୍ରଥମେ ଏହି ମାମଲାର ବିଧିବଦ୍ଧ ତଦନ୍ତର ଆବଶ୍ୟକତା ଥିବା ହେତୁ ବନହରପାଲି ଥାନାରେ ଏତଲା ଦାୟର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓପିଜିସି ପାଉଁଶ ପୋଖରୀ ଭଙ୍ଗା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହା ବିଶେଷକରି ହୀରାକୁଦ ସଂଲଗ୍ନ ୩ଟି ଜିଲ୍ଲାବାସୀଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଥିଲା। ଗତ ୯ ତାରିଖ ସକାଳେ ପାଉଁଶ ପୋଖରୀ ଭାଙ୍ଗିଥିବା ବେଳେ ୩୨ ଘଣ୍ଟାରୁ ଅଧିକ କାଳ ଧରି ହଜାର ହଜାର ଗ୍ୟାଲନ ପାଉଁଶ ପାଣି ହୀରାକୁଦ ବନ୍ଧରେ ଯାଇ ମିଶିଥିଲା। ଯାହାଫଳରେ ଏହି ରାସାୟନିକ ପଦାର୍ଥ କାରଣରୁ ଜଳ, ମତ୍ସ୍ୟ ଓ ଉଦ୍ଭିଦ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିଲେ। ତେବେ ପାଉଁଶ ପୋଖରୀ ନିର୍ମାଣରେ ସବୁ ପ୍ରକାର ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ହୀରାକୁଦ ଜଳଭଣ୍ଡାର କ୍ଷେତ୍ରରେ ପ୍ରାୟ ୨୫୦ ଏକର ଜମିରେ ଏହି ପାଉଁଶ ପୋଖରୀ ନିର୍ମାଣ ହୋଇଛି ବୋଲି ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ ଅଭିଯୋଗ କରିଥିଲେ। ଏହାବ୍ୟତୀତ ଶ୍ରୀ ରାଓ କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଭାଙ୍ଗି ଯାଇଥିବା ପାଉଁଶ ପୋଖରୀର ପାଉଁଶଧାରଣ କ୍ଷମତା ପୂରଣ ହୋଇ ସାରିଥିବା ଓ ଦୁର୍ବଳ ଥିବା ସତ୍ତ୍ୱେ ପାଉଁଶ ଭର୍ତ୍ତି କରାଯାଉଥିଲା। ହେଲେ ଓପିଜିସି ମୁଖ୍ୟ ଜାଣିଶୁଣି ଅବହେଳା କରିବା ସହିତ ସମସ୍ତ ଦିଶା ନିର୍ଦ୍ଦେଶକୁ ଅଣଦେଖା କରିଥିବା ଅଭିଯୋଗ କରିଛନ୍ତି। ପାଉଁଶ ପୋଖରୀ ଭାଙ୍ଗିବା ପରେ ଯେଉଁ ଜମିରେ ପାଉଁଶ ପାଣି ଜମା ହୋଇ ରହିଥିଲା ସେ ଜମି ସବୁ ଦିନ ପାଇଁ ଉର୍ବରତା ହରାଇଲା। ଯାହାଫଳରେ ଚାଷୀଙ୍କର ୫୦ଲକ୍ଷ ଟଙ୍କାରୁ ଅଧିକ କ୍ଷତି ହୋଇଛି। ହେଲେ ଘଟଣାର ପୂର୍ବ ତାରିଖରେ ଉକ୍ତ ଜମି ଅଧିଗ୍ରହଣ କରିବା ପାଇଁ ପ୍ରକ୍ରିୟା ଚାଲିଥିଲା ବୋଲି ତଞ୍ଚକତା କରି ଏକ ଚିଠି କରାଇ ଦେଇଛନ୍ତି। ଯାହାକି ଖସିଯିବା ପାଇଁ ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ସେ କହିଛନ୍ତି। ତେବେ ଏହି ଘଟଣା ପରେ ପ୍ରଶାସନ ଓପିଜିସିରେ ନୂତନ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ସକାଶେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଓପିଜିସି ପରିଚାଳା ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା ରୁଜୁ ହେବାପରେ ସେ ଆଗୁଆ ହାଇକୋର୍ଟରେ ଜାମିନ ଆବେଦନ କରିଥିବା ଚର୍ଚ୍ଚା ଜୋର ଧରିଛି।

## ଲୋଇସିଂହ ପଞ୍ଚାୟତରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ବ୍ରଜରାଜନଗର, ୧୦।୧(ସମିସ):** ସମଗ୍ର ଓଡ଼ିଶାର ପୁରପଲ୍ଲୀ ଏବେ ଜଗନ୍ନାଥମୟ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଅଂଶୀଦାର ହେବା ପାଇଁ ଆବାଳବୃଦ୍ଧବନିତା ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରିବା ସହିତ ଗୁଆ ଓ ଅକ୍ଷତ ସଂଗ୍ରହ କରାଯାଇଛି। ଏହି ପରିପ୍ରେକ୍ଷୀରେ ଲୋଇସିଂହ ଗ୍ରାମପଞ୍ଚାୟତରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ପ୍ରଥମ ଦିନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ଲୋଇସିଂହ ଗ୍ରାମପଞ୍ଚାୟତର, ଲୋଇସିଂହ, ଠରକସପୁର, ନୂଆଁପଡ଼ା, ଖମନଟିକ୍ରା ଓ ଚାରଭାଟି ଗ୍ରାମ ପରିକ୍ରମା କରିଥିଲା। ବୁଧବାର ଦ୍ୱିତୀୟ ଦିବସରେ ଏହି ରଥ ବାରଖଣ୍ଡିଆ, କୋଇଲଗା, ସାଇମାଲ, ତିଳେଇମାଲ ଓ ନିକ୍ତିମାଲ ଆଦି ଗ୍ରାମ ପରିକ୍ରମା କରିଥିବା ବେଳେ ସମସ୍ତ ଗ୍ରାମର ଗ୍ରାମବାସୀ ଗୁଆ ଓ ଅକ୍ଷତ ଅର୍ପଣ କରିଥିଲେ। ମହାପ୍ରଭୁଙ୍କ ମହିମା ଗାନ ସହ ସଂକୀର୍ତ୍ତନ ମଣ୍ଡଳୀଙ୍କ ବାଦ୍ୟର ତାଳେତାଳେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ସମଗ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ ଏଥିରେ ରାଜ୍ୟର ପ୍ରତ୍ୟେକ ପରିବାର ଅଂଶୀଦାର ହେବାର ସୌଭାଗ୍ୟ ଅର୍ଜନ କରିବା ନେଇ ଗୁଆ ଓ ଅକ୍ଷତ ଅର୍ପଣ କରିଥିଲେ। ଲୋଇସିଂହ ଗ୍ରାମପଞ୍ଚାୟତରେ ଦୁଇଦିନ ଧରି ଅର୍ପଣ ରଥ ପରିକ୍ରମା କରିଥିବା ବେଳେ ଗୁରୁବାର ବଘିଆବେର୍ଣ୍ଣା, ବଲଙ୍ଗିବାହାଲ, ଭୋଇମୁଣ୍ଡା ଓ ଫଳସାଢ଼ିପା ଗ୍ରାମ ପରିକ୍ରମା କରିବ ବୋଲି ସୂଚନା ମିଳିଛି।



## ନୀଳାଚଳ କ୍ରିକେଟ୍ ପ୍ରତିଯୋଗିତାରେ ରତବ ଚାମ୍ପିଅନ୍

**ଦେବଗଡ଼, ୧୦।୧(ସମିସ):** ବାରକୋଟ ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ଠିଆନାଳ ଗ୍ରାମରେ ନିଳାଚଳ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଫାଇନାଲ ମ୍ୟାଚ୍‌ରେ ଅନୁଗୁଳ ଜିଲ୍ଲାର ଝିମିରିପାଲି କ୍ରିକେଟ କ୍ଲବକୁ ୯୧ ରନରେ ପରାସ୍ତ କରି ଦେବଗଡ଼ ଜିଲ୍ଲାର ରତବ କ୍ରିକେଟ କ୍ଲବ ଚାମ୍ପିଅନ୍ ହୋଇଛି। ଆଜିର ଫାଇନାଲ୍ ମ୍ୟାଚକୁ ଅମ୍ପାୟାର ଭାବେ ଘନଶ୍ୟାମ ପ୍ରଧାନ ଓ ପ୍ରନଭ କୁମାର ସାହୁ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ସୁଶାନ୍ତ କୁମାର ସାହୁ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ନୀଳାଚଳ କ୍ରିକେଟ୍ କ୍ଲବ୍‌ର ସଭାପତି ତିଳକରାଜ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌରପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗଦେଇ ଚାମ୍ପିଅନ ରତବ କ୍ରିକେଟ କ୍ଲବ୍ ଓ ରନର୍ସ ଅପ୍ ଝିମିରିପାଲି କ୍ରିକେଟ କ୍ଲବକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ହ୍ରିତିକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ଶେଖିକୁମାର ପ୍ରଧାନ, ଚିନ୍ମୟକୁମାର ପ୍ରଧାନ, ପ୍ରଣବ ସାହୁ, ତୁଷାର ସାହୁ, ନିଳାମ୍ବର ଗଡ଼ନାୟକ, ରିତିକ ସାହୁ ଓ ପ୍ରବୀଣ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।



## ‘ନୂଆ-ଓ’ କାର୍ଯ୍ୟକ୍ରମ ଅନ୍ତର୍ଗତ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଝାରସୁଗୁଡ଼ା, ୧୦।୧(ସମିସ):** ଜିଲ୍ଲାରେ ଦୁଇଦିନ ବ୍ୟାପି ଦୁଇଟି ସ୍ଥାନରେ ‘ନୂଆ-ଓ’ କାର୍ଯ୍ୟକ୍ରମ ଅନ୍ତର୍ଗତ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କବାଡ଼ି, ହକି, ଭଲିବଲ୍, ଫୁଟବଲ୍, ଖୋ-ଖୋ ଓ କ୍ରିକେଟ୍ ୬ଟି ପ୍ରତିସ୍ପର୍ଦ୍ଧାରେ ବିଜେତା ଓ ଉପ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ଏଚ୍ କଟପାଲିଠାରେ ଅନୁଷ୍ଠିତ ସମାରୋହରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଓ ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ ଏବଂ ଓଏସ୍‌ଏପି ପଡ଼ିଆଠାରେ ଅନୁଷ୍ଠିତ ସମାରୋହରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର ଓ ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଅତିଥି ଭାବରେ ଯୋଗଦେଇ ବିଜେତା ଓ ଉପ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ବିଜେତାଙ୍କୁ ୫୦ ହଜାର ଓ ଉପ ବିଜେତାଙ୍କୁ ୩୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବ୍ଲକ ଓ ପୌରପାଳିକାସ୍ତରରୁ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ ଜିଲ୍ଲାସ୍ତରରେ ଶ୍ରେଷ୍ଠ ଦଳମାନଙ୍କ ମଧ୍ୟରେ ଚୂଡ଼ାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୁଷ ଦଳ କ୍ରିକେଟ ମ୍ୟାଚ୍‌ରେ ଝାରସୁଗୁଡ଼ା ପୌରପାଳିକା ଦଳ ବିଜେତା ଓ ବ୍ରଜରାଜନଗର ପୌରପାଳିକା ଦଳ ଉପ ବିଜେତା ହୋଇଥିଲା। ସେହିପରି ମହିଳା ବର୍ଗ କ୍ରିକେଟ ମ୍ୟାଚ୍‌ରେ କୋଲାବିରା ବ୍ଲକ ବିଜେତା ଓ କିର୍ମିରା ବ୍ଲକ ଉପବିଜେତା ହୋଇଥିଲା। ପୁରୁଷ ଦଳ ହକିରେ ଲଇକେରା ବ୍ଲକ ବିଜେତା ଓ କିର୍ମିରା ବ୍ଲକ ଉପବିଜେତା, ମହିଳା ଦଳ ହକିରେ ଝାରସୁଗୁଡ଼ା ପୌରପାଳିକା ଦଳ ବିଜେତା ଓ ଲଖନପୁର ବ୍ଲକ ମହିଳା ଦଳ ଉପବିଜେତା ହୋଇଥିଲା। ସେହିପରି ପୁରୁଷ କବାଡ଼ିରେ ବ୍ରଜରାଜନଗର ପୌରପାଳିକା ଦଳ ବିଜେତା ଓ ଝାରସୁଗୁଡ଼ା ପୌରପାଳିକା ଦଳ ଉପବିଜେତା, କବାଡ଼ି ମହିଳା ଦଳରେ ବ୍ରଜରାଜନଗର ପୌରପାଳିକା ଦଳ ବିଜେତା ଓ କିର୍ମିରା ବ୍ଲକ ମହିଳା ଦଳ ଉପବିଜେତା ହୋଇଥିଲା। ଖୋ-ଖୋ ମହିଳା ଦଳରେ ଝାରସୁଗୁଡ଼ା ବ୍ଲକ ବିଜେତା ଓ କିର୍ମିରା ଉପବିଜେତା ଏବଂ ଖୋ-ଖୋ ପୁରୁଷ ଦଳରେ ଝାରସୁଗୁଡ଼ା ପୌରପାଳିକା ବିଜେତା ଓ କିର୍ମିରା ଉପବିଜେତା ହୋଇଥିଲା। ଭଲିବଲ୍ ମହିଳା ମ୍ୟାଚ୍‌ରେ ଲଖନପୁର ଦଳ ବିଜେତା ଓ ଝାରସୁଗୁଡ଼ା ପୌରପାଳିକା ଦଳ ଉପବିଜେତା, ପୁରୁଷ ଭଲିବଲରେ ଲଖନପୁର ବିଜେତା ଓ ବେଲପାହାଡ଼ ପୌରପାଳିକା ଦଳ ଉପବିଜେତା ହୋଇଥିଲା। ପୁରୁଷ ଫୁଟବଲ୍ ମ୍ୟାଚ୍‌ରେ ଝାରସୁଗୁଡ଼ା ପୌରପାଳିକା ଦଳ ବିଜେତା ଓ କିର୍ମିରା ଦଳ ଉପବିଜେତା ଏବଂ ମହିଳା ଫୁଟବଲରେ ଝାରସୁଗୁଡା ବ୍ଲକ ଦଳ ବିଜେତା ଓ ବ୍ରଜରାଜନଗର ପୌରପାଳିକା ଦଳ ଉପବିଜେତା ଆଖ୍ୟା ଅର୍ଜନ କରିଛନ୍ତି। କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ କ୍ରୀଡ଼ାପ୍ରେମୀମାନେ ସହଯୋଗ କରିଥିଲେ।




## ଭକ୍ତିଭାବରେ ଅର୍ପଣ ରଥକୁ ସ୍ୱାଗତ

**ଦେବଗଡ଼, ୧୦।୧(ସମିସ):** ଆସନ୍ତା ଜାନୁଆରୀ ୧୭ ତାରିଖରେ ହେବାକୁଥିବା ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବ୍ୟବହିତ ପୂର୍ବରୁ ଦେବଗଡ଼ ଜିଲ୍ଲାର ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଅର୍ପଣ ରଥ ପରିକ୍ରମା ସହ ମହାପ୍ରଭୂଙ୍କ ପାଇଁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗତ ୯ ତାରିଖ ଠାରୁ ଦେବଗଡ଼ ଜିଲ୍ଲାର ପୌରପରିଷଦ ସମେତ ତିନୋଟି ଯାକ ବ୍ଲକର ୭୦ଟି ପଞ୍ଚାୟତରେ ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ଏହି କ୍ରମରେ ଆଜି ପୂର୍ବାହ୍ନରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଓ ଦେବଗଡ଼ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ପୌରପରିଷଦ ଉପାଧ୍ୟକ୍ଷ ପରଜିତ୍ କୁମାର ଭୋଜ, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, କାଉନ୍‌ସିଲର ଧର୍ମେନ୍ଦ୍ର କୁମାର ଦେବତା, ମଧୁସୂଦନ ବାଘ, ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡା, ପିଙ୍କି ସାହୁ, ଏସ୍‌ଡିସିସି ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଇଂ. ଚିତ୍ତରଞ୍ଜନ ପ୍ରଧାନ, ଶୁକଦେବ ଭଞ୍ଜ ଓ ପୂର୍ବତନ କାଉନସିଲର ମାନସ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଭକ୍ତିଭାବରେ ଶଙ୍ଖ ଓ ଘଣ୍ଟ ବାଦ୍ୟ ସମେତ ସଂକୀର୍ତ୍ତନର ତାଳେ ତାଳେ ଉକ୍ତ ଅର୍ପଣ ରଥ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି ପୌରାଞ୍ଚଳର ୭ ଓ ୮ ନମ୍ବର ୱାର୍ଡ ପରିକ୍ରମା କରିଥିଲା। ଏହି ରଥ ପରିକ୍ରମା ସମୟରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା।



## ରାସ୍ତା ନିର୍ମାଣରେ ଟଙ୍କା ଆତ୍ମସାତ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଝାରସୁଗୁଡ଼ା, ୧୦।୧ (ସମିସ):** ମଚିଦା ପଞ୍ଚାୟତରେଜାତୀୟକର୍ମନିଯୁକ୍ତିଯୋଜନାରେ ନକଲି ଶ୍ରମିକମାନଙ୍କ ନାମରେ ଟଙ୍କା ହଡ଼ପ କରାଯାଇଥିବା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ଲଖନପୁର ବ୍ଲକ ଅନ୍ତର୍ଗତ ମଚିଦା ପଞ୍ଚାୟତରେ ପଞ୍ଚାୟତି ରାଜ ବିଭାଗ ପକ୍ଷରୁ ଜାତୀୟ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନାରେ ମଚିଦା ବଜାର ଠାରୁ ଧୁବାବେର୍ଣ୍ଣା ପର୍ଯ୍ୟନ୍ତ ସଡ଼କ ନିର୍ମାଣ କରାଯାଇଛି। ଏହି ରାସ୍ତାଟି ୬ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଇଛି। କିନ୍ତୁ ଏହି ରାସ୍ତା ନିର୍ମାଣରେ ନକଲି ଶ୍ରମିକଙ୍କ ନାମରେ ଟଙ୍କା ଉଠାଣ କରିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଯେଉଁମାନେ ପ୍ରକୃତ ମାଟି ଖୋଳିଛନ୍ତି ସେମାନଙ୍କୁ କମ୍ ଟଙ୍କା ଦେଇ ଏବଂ ମାଟି କାମ କରିନଥିବା ଶ୍ରମିକଙ୍କ ନାମରେ ଟଙ୍କା ଉଠାଣ କରାଯାଇଛି। କାମ ନକରି ଟଙ୍କା ନେଇଥିବା ଛଦ୍ମ ଶ୍ରମିକଙ୍କ ଉପରେ ମାମଲା କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିରେ ସମ୍ପୃକ୍ତ ଥିବା ବରିଷ୍ଠ ଅଧିକାରୀମାନଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ସେମାନେ ଦାବି କରିଛନ୍ତି।

## କୃଷକଙ୍କ ସମସ୍ୟା ନେଇ ୧୬ରେ କଂଗ୍ରେସର ଜିଲ୍ଲା ବନ୍ଦ ଡାକରା

**ଦେବଗଡ଼, ୧୦।୧(ସମିସ):** ଦେବଗଡ଼ ଜିଲ୍ଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ୧୬ ତାରିଖରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏନେଇ ଅନୁଷ୍ଠାନିକ ଭାବେ ସୂଚନା ଦେଇଛନ୍ତି ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ରମ। ଶିଳ୍ପବିହୀନ ଦେବଗଡ଼ ଜିଲ୍ଲାର ଚାଷୀମାନଙ୍କ ଜୀବନ ଜୀବୀକା ନିମନ୍ତେ ଧାନ ଚାଷ ଏକମାତ୍ର ପନ୍ଥା। ଧାନ ଚାଷ କରି ଗରିବ ଚାଷୀମାନେ ଗୁଜୁରାଣ ମେଣ୍ଟାଉଥିବା ବେଳେ ଧାନ ସଂଗ୍ରହ ସମୟରେ ମିଲର୍ସମାନେ ସେମାନଙ୍କୁ ଶୋଷଣ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଗତମାସ ୧୫ ତାରିଖ ଠାରୁ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିଲେ ହେଁ ପ୍ରାୟ ଏକ ମାସ ହେବ ଟୋକନ ପାଇଥିବା ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରାଯାଇନଥିବାରୁ ଟୋକନ ଅବଧି ଶେଷ ହେବାକୁ ବସିଛି। ଫଳରେ ଚାଷୀ ମହଲରେ ନୈରାଶ୍ୟ ଭାବ ପ୍ରକାଶ ପାଇଛି। ଏଣୁ ଏହାର ପ୍ରତିବାଦରେ ଆଗାମୀ ୧୬ ତାରିଖ ଦିନ ସମଗ୍ର ଦେବଗଡ଼ ଜିଲ୍ଲା ବନ୍ଦ କରାଯିବ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ତେବେ ଏହି ବନ୍ଦ ପାଳନରୁ ଅଗ୍ନିଶମ ଓ ସ୍ୱାସ୍ଥ୍ୟ ସେବା ଭଳି ସମସ୍ତ ପ୍ରକାର ଜରୁରୀ ସେବା ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ବାଦ ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଶେଷରେ ଜିଲ୍ଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ମଞ୍ଜୁଳ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ରିଆମାଳ ବ୍ଲକ କଂଗ୍ରେସ କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।




## ଓଡ଼ିଶା ମେଟାଲିକ୍ସ୍ କମ୍ପାନୀର ସମ୍ପ୍ରସାରଣ ପାଇଁ ଜନଶୁଣାଣି ଶିବିର

**ଝାରସୁଗୁଡ଼ା, ୧୦।୧ (ସମିସ) :** ଝାରସୁଗୁଡ଼ା ମରାକୁଟାସ୍ଥିତ ଓଡ଼ିଶା ମେଟାଲିକ୍ସ କମ୍ପାନୀର ସମ୍ପ୍ରସାରଣ ପାଇଁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମେଟାଲିକ୍ସ ତାର କାରଖାନାର ସମ୍ପ୍ରସାରଣ କରିବାକୁ ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ଆବେଦନ କରିଥିଲା। ଏହି ଜନଶୁଣାଣି ଶିବିରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପ ଜିଲ୍ଲାପାଳ ପ୍ରବୀର କୁମାର ନାଏକ, ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ହୀରଣ୍ୟ କୁମାର ନାଏକ ଉପସ୍ଥିତ ରହିଥିଲେ। ଏଥିରେ ଆଖପାଖ ଅଞ୍ଚଳର ୬ ଶହ ଗ୍ରାମବାସୀ ଯୋଗଦେଇ ଥିବାବେଳେ ସେଥିମଧ୍ୟରୁ ୬୫ ଜଣ ତାଙ୍କର ମତ ରଖିଥିଲେ। କେତେକ ଗ୍ରାମବାସୀମାନେ ଏହି ପ୍ରକଳ୍ପର ସମ୍ପ୍ରସାରଣକୁ ବିରୋଧ କରିଥିବାବେଳେ କେତେକ ସମର୍ଥନ କରିଥିଲେ। କମ୍ପାନୀ ପକ୍ଷରୁ ମରାକୁଟାଠାରେ ସମ୍ପ୍ରସାରଣ ହେବାକୁ ଥିବା ଓଡ଼ିଶା ମେଟାଲିକ୍ସ କାରଖାନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଣ ସବୁ ପଦକ୍ଷେପ ନିଆଯାଇଛି ସୂଚନା ଦେଇଥିଲେ। ଏଥିସହିତ ଏହି ଅଞ୍ଚଳରେ କଣ ସବୁ ବିକାଶ ମୂଳକ କାର୍ଯ୍ୟ କରାଯିବ ସେ ସମ୍ପର୍କରେ ମଧ୍ୟ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିଲା। ତେହେ ଏହି କମ୍ପାନୀର ସମ୍ପ୍ରସାରଣକୁ ବିରୋଧକରି କିଛିଦିନ ପୂର୍ବରୁ କେତେକ ଗ୍ରାମାବାସୀ ଜିଲ୍ଲାପାଳଙ୍କୁ ଭେଟି ଏହି ଜନଶୁଣାଣିକୁ ବାତିଲ କରିବାକୁ ଦାବି କରିଥିଲେ।



## କଂସର ସରକାରୀ ହାଇସ୍କୁଲ୍‌ରେ ବାର୍ଷିକ ଉତ୍ସବ

**ଦେବଗଡ଼, ୧୦।୧(ସମିସ):** ତିଳେଇବଣି ବ୍ଲକ କଂସର ପଞ୍ଚାୟତ ସଦର ମହକୁମାରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଅଧୀନସ୍ଥ କଂସର ସରକାରୀ ହାଇସ୍କୁଲରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ସଂସ୍କୃତ ଶିକ୍ଷକ ନବୀନ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ଜ୍ୟୋସ୍ନାରାଣୀ ମାଝୀ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାସହ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବାର୍ଷିରିକ କ୍ରୀଡ଼ାରେ ବରିଷ୍ଠ ବର୍ଗ ବାଳିକା ବିଭାଗରେ ଚାମ୍ପିଅନ୍ ହୋଇଥିବା ୧୦ମ ଶ୍ରେଣୀ ଛାତ୍ରୀ ଲଳିତା ଡାଙ୍ଗ, କନିଷ୍ଠ ବର୍ଗ ବାଳିକା ବିଭାଗରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁହାନୀ ସୁରୀନ, ବରିଷ୍ଠ ବର୍ଗ ବାଳକ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର ସିଦ୍ଧାନ୍ତ ସାହୁ ଓ କନିଷ୍ଠ ବର୍ଗ ବାଳକ ବିଭାଗରେ ଅଷ୍ଟମ ଶ୍ରେଣୀ ଛାତ୍ର ଅଭିରାମ ଭାଙ୍ଗରାଜ ଚାମ୍ପିଅନ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ସୁନୀତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ, ଶିକ୍ଷକ ରୋହିତ କୁମାର ସାହୁ, ଉଦ୍ଧବ ପ୍ରଧାନ, ଶିକ୍ଷୟିତ୍ରୀ ମଥୁରା ବେହେରା, ଜୟଶ୍ରୀ ଦେବତା ଓ ଲିଜା ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



### ପ୍ରଧାନପାଟ କପ୍: ସର୍ବ ଭାରତୀୟ ଫୁଟବଲ୍ ପ୍ରତିଯୋଗିତା

# ପ୍ରଧାନପାଟକୁ ହରାଇ ଫାଇନାଲ୍‌ରେ ଝାରସୁଗୁଡ଼ା

ଦେବଗଡ଼, ୧୦।୧(ସମିସ)

ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ପ୍ରଧାନପାଟ୍ କପ୍ ସର୍ବ ଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ପ୍ରଧାନପାଟ କ୍ଲବ୍‌କୁ ୨-୧ଗୋଲ୍‌ରେ ପରାସ୍ତ କରି ଝାରସୁଗୁଡାର ଆଦିବାସୀ ଫୁଟବଲ କ୍ଲବ୍ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି। ଆଜିର ମ୍ୟାଚକୁ ରେଫରୀ ଭାବେ ରାଜକୁମାର ମଣ୍ଡଳ, ଚନ୍ଦ୍ର କିସାନ, ନୀଳ ନାୟକ ଓ ସୌରଭ କୁମାର ନାୟକ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ଝାରସୁଗୁଡ଼ା ଆଦିବାସୀ ଫୁଟବଲ କ୍ଲବ୍‌ର ଖେଳାଳି ସୁଶାନ୍ତ ଜଗତ ମ୍ୟାନ ଅଫ୍ ଦ ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ପାଞ୍ଜିଆ ଭୋଇ ଓ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ଯୋଗଦେଇଥିଲେ। ଆୟୋଜକ ଏବଂ ଉଭୟ ଦଳର ଖେଳାଳୀମାନଙ୍କୁ ଅତିଥିମାନେ ଉତ୍ସାହିତ କରିବା ସହ ଝାରସୁଗୁଡ଼ା ଆଦିବାସୀ ଫୁଟବଲ କ୍ଲବ୍‌ର ଖେଳାଳି ସୁଶାନ୍ତ ଜଗତଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି (ଗୁରୁବାର) ରାଉରକେଲାର ୱାଇବିସି ଓ ସମ୍ବଲପୁର ଫୁଟବଲ କ୍ଲବ୍ ମଧ୍ୟରେ ପୁଲ୍ ‘ବି’ର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ପ୍ରଧାନପାଟ କ୍ଲବ୍‌ର ସଭାପତି ସୁବାସ ଚନ୍ଦ୍ର ଭୋଇ, ପ୍ରଧାନପାଟ କପ୍ ଆୟୋଜନ କମିଟିର ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବେହେରା, ପ୍ରଧାନପାଟ କ୍ଲବ୍‌ର ସମ୍ପାଦକ ସଞ୍ଜୀବ କୁମାର ନାଏକ, ସଦସ୍ୟ ଯୋଗେନ୍ଦ୍ର ସାହୁ, ମଚ୍ଛିନ୍ଦ୍ର ନାୟକ, ରୂପକ କୁମାର ମାଝୀ, ଶରତ ମେହେର, ଯୋଗେଶ ନାୟକ, ବାବୁଲୁ ଜେନା, ଜୟନାରାୟଣ ସାମଲ, ଦୀପକ ବେହେରା, ସନ୍ତୋଷ ଭୋଇ ଓ ଅଲେଖ ନାୟକଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଗତକାଲି ଭଳି ଆଜିର ମ୍ୟାଚ୍ ଦେଖିବା ପାଇଁ ମଧ୍ୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।



## ବୁର୍ଲାରେ ବିଜୁ ମହିଳା ଦଳର ସମାବେଶ

**ବୁର୍ଲା, ୧୦।୧(ସମିସ):** ବୁର୍ଲାସ୍ଥିତ ଗୁରୁଦ୍ୱାରା କଲ୍ୟାଣ ମଣ୍ଡପ ଠାରେ ବିଜୁ ମହିଳା ଜନତା ଦଳର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୨ ତାରିଖରେ ସମ୍ବଲପୁରରେ ହେବାକୁ ଥିବା '୫ ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ନାରୀ ନେତ୍ରୀ ମହାନଗର ଉପଦେଷ୍ଟା ଶାନ୍ତିଲତା କରଙ୍କ ନେତୃତ୍ୱରେ ରାଜ୍ୟ ମହିଳା ସମ୍ବଲପୁର ପର୍ଯ୍ୟବେକ୍ଷକ ମିନତି ଦେବତା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ରାକ୍ଷୀ ମୁଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଆଦିବାସୀ ସଂଘର ଉପଦେଷ୍ଟା ଏବଂ ସମ୍ବଲପୁର ଜିଲ୍ଲା ମହିଳା ବିଜୁ ଜନତା ଦଳର ଉପସଭାପତି ଅନିତା ଓରାମ, ଅନିତା ନାୟକ, କଳ୍ପନା ବେହେରା, ବୈଜୟନ୍ତୀ ପାଢ଼ୀ, ରୁନୁ ନାଏକ, ଲଳିତା କୁମାରି, ନର୍ମଦା ବିଶୋଇ, ସୁନିତା ସୁନା, ସୁନିତା ଛେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାକୁ ବୁର୍ଲା ବିଜେଡିର ବରିଷ୍ଠ ନେତା ପ୍ରଦୀପ କୁମାର ମିଶ୍ର, ନବ ରାଉତ, କିଶୋର ଦେବତା, ଗୌତମ ବେହେରା, ଶ୍ୟାମ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ଦେବତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



### ସମ୍ବଲପୁର ଏସ୍‌ଏମ୍‌ସିରେ ବୁଲିଲା ଅର୍ପଣ ରଥ

## ଗାଁ, ସହର ସବୁଠି ଆଧ୍ୟାତ୍ମିକ ପରିବେଶ

**ସମ୍ବଲପୁର, ୧୦।୧(ସମିସ)**

ଶ୍ରୀଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ସୁରକ୍ଷା, ପ୍ରଚାରପ୍ରସାର ଓଡ଼ିଶା ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ଅନ୍ୟତମ ଅଂଶବିଶେଷ। ଏହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୭ ତାରିଖ ଦିନ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ନିର୍ମିତ ଐତିହାସିକ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ଲୋକାର୍ପଣ କରିବେ। ଏହି ଐତିହାସିକ ମୁହୂର୍ତ୍ତରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସମଗ୍ର ରାଜ୍ୟରୁ ଶ୍ରଦ୍ଧାଳୁଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନିମନ୍ତେ ନିମନ୍ତ୍ରଣ କରିଛନ୍ତି। ଏହି ମୁହୂର୍ତ୍ତକୁ ଅଧିକ ଭାବପୂର୍ଣ୍ଣ କରିବା ପାଇଁ ବିବିଧ ସାଂସ୍କୃତିକ ଓ ପ୍ରଚାରଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମ ପଞ୍ଚାୟତ ଏବଂ ବ୍ଲକରୁ ସମସ୍ତ ଶ୍ରଦ୍ଧାଳୁଙ୍କ ଅଂଶଗ୍ରହଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଏହିକ୍ରମରେ ଶନିବାରଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ଏବଂ ବ୍ଲକରେ ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି

ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ। ଏହାକୁ ନେଇ ସମ୍ବଲପୁର ମହାନଗର ନିଗମ ବିଭିନ୍ନ ୱାର୍ଡ ଗୁଡିକରେ ଆଜି ମଧ୍ୟ ଅର୍ପଣ ରଥ ବୁଲିଛି। ରଥ ଆଗରେ ଭଜନ, କିର୍ତ୍ତନ୍ୟ, ଘଣ୍ଟ, ଶଙ୍ଖ, ବାଜା ବଜାଇ ପଡ଼ା ଗୁଡିରେ ସ୍ୱାଗତ କରାଯାଇଥିଲା। ମହିଳାମାନେ ଘର ସମ୍ମୁଖରେ ପୁର୍ଣ୍ଣ କଳସ ରଖି ପୁଜା ଅର୍ଚ୍ଚନା କରୁଥିଲେ। ଫୁଲ ଦୁବ ନଡିଆ ଦେଇ ପୁଜା କରୁଥିଲେ। ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ପାଇଁ ଅରୁଆ ଚାଉଳ, ଗୁଆ ଦେଉଥିଲେ। ଆଜି ୱାର୍ଡ ୩, ୯, ୧୫, ୨୪, ୨୭, ୩୨, ୩୯ର ଗ୍ରାମ ଓ ପଡ଼ା ଗୁଡିକ ରଥ ବୁଲିଥିଲା। ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହେଉଛି ଗାଁ ଠାରୁ ସହର। ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। ଶ୍ରୀମନ୍ଦିର ପରିକ୍ରମା ରଥକୁ ସ୍ୱାଗତ କରିବା ସହ ଶାନ୍ତି ଶୃଙ୍ଖଳାର ସହ ପରିକ୍ରମା କରାଇବା ପାଇଁ ଏସଏମସି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଯେପରି ଅଧିକରୁ ଅଧିକ ଜଗନ୍ନାଥପ୍ରେମୀ ସାମିଲ ହୋଇପାରିବେ। ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ପ୍ରତ୍ୟେକ ୱାର୍ଡରେ ହଜାର ହଜାର ଭକ୍ତମାନେ ଭବ୍ୟ ସ୍ୱାଗତ କରିଥିଲେ। ହରିବୋଲ, ହୁଳହୁଳି ଦେଉଥିଲେ। ସବୁଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିଲା। ଗ୍ରାମର ପ୍ରତ୍ୟେକ ପରିବାର ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁ ମାନେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ।







## ସୂଚନା, ଶିକ୍ଷା କ୍ଷେତ୍ରରେ ଲୋକକଳାର ପ୍ରୟୋଗ ହେବ

### ଜିଲ୍ଲାସ୍ତରୀୟ କଳାକାର କର୍ମଶାଳାରେ ମତ

**ସମ୍ବଲପୁର, ୧୦।୧(ସମିସ)** ରାଜ୍ୟ ସରକାରଙ୍କ ବିଭିନ୍ନ ହିତାଧିକାରୀ ଯୋଜନା ଗୁଡିକର ସୂଚନା ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ପହଞ୍ଚେଇବା ପାଇଁ ଲୋକକଳା ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମର ଦିନିକିଆ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଜିଲ୍ଲପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ସମସ୍ତ କଳାକାର ମାନଙ୍କୁ ଉତ୍ସାହିତ କରିବା ସହିତ ଲୋକକଳା ମାଧ୍ୟମରେ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର କରିବା ହେଉଛି ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ। ରାଜ୍ୟ ସରକାରଙ୍କ ବିଭିନ୍ନ ହିତାଧିକାରୀ ଯୋଜନା ଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବା ଜରୁରୀ। ଯାହା ଫଳରେ କି ଜନସାଧାରଣ ଯୋଜନାର ଲାଭ ପାଇ ପାରିବେ। ସମ୍ବଲପୁର ଜିଲ୍ଲାରେ ସମ୍ବଲପୁରୀ ନୃତ୍ୟ, ପରଭା ନୃତ୍ୟ, ଘୁଡୁକା ନୃତ୍ୟ, ସଞ୍ଚାର, ସମ୍ପ୍ରଦା, ପାଲା ଇତ୍ୟାଦି ଲୋକକଳାରେ ମାଧ୍ୟମରେ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର କରିବେ। ପୂର୍ବରୁ ସମସ୍ତ ବ୍ଲକ କଳା ସଂସ୍କୃତି ପରିଷଦର ଉପସଭାପତି, ବିଏସଏସଓ, , ଜିଲ୍ଲାର ନୋଡାଲ ଅଫିସର ମାନଙ୍କୁ ରାଜ୍ୟସରକାରଙ୍କର ମାର୍ଗଦର୍ଶିକା ଓ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ବିଷଦ ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହା ପରେ ବ୍ଲକ ସ୍ତରରେ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ତାଲିମ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଧବୀର କୁମାର ମହାନନ୍ଦ, ସହକାରୀ ଜିଲ୍ଲାପାଳ ରଫିକ ଅହମ୍ମଦ, କୃଷି ବିଭାଗରୁ ଟଙ୍କଧର ନାଗ ସମେତ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝୀ, ସମସ୍ତ ବ୍ଲକର ବିଏସଏସଓ, ବ୍ଲକ କଳା ସଂସ୍କୃତି ପରିଷଦର ଉପ ସଭାପତି ଏବଂ ପ୍ରମୁଖ କଳାକାର ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ମୋବାଇଲ ସହ ଟଙ୍କା ଚୋରି

ସମ୍ବଲପୁର, ୧୦।୧(ସମିସ):ସିନ୍ଦୁରପଙ୍କ ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ସିମେଣ୍ଟ ଦୋକାନରୁ ମୋବାଇଲ ସହ ଟଙ୍କା ଚୋରି ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଗୋପାଳ କୁମାର ପଣ୍ଡିତଙ୍କ ସିନ୍ଦୁରପଙ୍କରେ ଏକ ସିମେଣ୍ଟ ଦୋକାନ ରହିଛି। ସେଠାରେ ସିମେଣ୍ଟ ଦୋକାନର ଦୁଇଜଣ ମିସ୍ତ୍ରୀ ରାମଧାର ସା ଓ ଚିଣ୍ଟୁ ସା ରୁହନ୍ତି। ହେଲେ ଉଭୟ ମିସ୍ତ୍ରୀ ଗତକାଲି ରାତି ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଏକ ମୋବାଇଲ ସହ ୨ହଜାର ଟଙ୍କା ଚୋରି କରି ନେଇଥିବା ଗୋପାଳ ସଦର ଥାନାରେ ଅଭିଯୋଗ କରିଛନ୍ତି। ସଦର ପୁଲିସ ୦୦୦୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଖଣ୍ଡାଧରି ଭୟଭୀତ କଲେ ଦୁର୍ବୃତ୍ତ, କାବୁ କଲା ପୁଲିସ

**ବୁର୍ଲା, ୧୦।୧ (ସମିସ):** ସମ୍ବଲପୁର ବୁର୍ଲାଥାନା ବିଶ୍ୱବିଦ୍ୟାଳୟ ପରିସରରେ ଦୁର୍ବୃତ୍ତମାନେ ଖଣ୍ଡା ଧରି ଭୟଭିତ କରୁଥିଲେ। ଖବର ପାଇଁ ପୁଲିସ ଟିମ ପହଞ୍ଚି ଦୁର୍ବୃତ୍ତମାନଙ୍କୁ କାବୁ କରିଥିଲା। ଥାନାରେ ଅଟକ ରଖିଛି। ଖଣ୍ଡା ଜବତ କରିଛି। ମିଳିଥିବା ସୂଚନା ମୁତାବକ ଅପରାହ୍ନ ସମୟରେ ମହତାବ ନଗର ବବଲୁ କାଦିର ତାର ସହଯୋଗୀ ମାନେ ବିଶ୍ୱବିଦ୍ୟାଳୟ ପରିସରକୁ ଯାଇଥିଲେ। ଜମି କିଣା ବିକା ବିବାଦରେ ଟଙ୍କା ଲେଣ ଦେଣକୁ ନେଇ କାହା ସହିତ ଝଗଡ଼ା ହୋଇଥିଲା। ଭୟଭିତ କରିବା ପାଇଁ ଖଣ୍ଡା ବାହାର କରି ବୁଲାଇଥିଲେ। ଖବର ପ୍ରଚାର ହେବା ପରେ ଏସୟୁ ପକ୍ଷରୁ ପୁଲିସ ପାଖରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଏକ ର୍ୟାକେଟ୍ କାମ କରୁଛନ୍ତି। ବୁର୍ଲାର ସହର ସରକାରି ଜମି କିଣା ବିକାକୁ ନେଇ ବାରମ୍ବାର ଗଣ୍ଡଗୋଳ ହେଉଛି।

## ଖିଦ୍‌ମତ କମିଟିର ରୋଟି ବ୍ୟାଙ୍କ ପକ୍ଷରୁ କମ୍ବଳ ବଣ୍ଟନ

**ସମ୍ବଲପୁର, ୧୦।୧(ସମିସ):** ଖିଦମତ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଚାଲିଥିବା ରୋଟି ବ୍ୟାଙ୍କ ଆନୁକୂଲ୍ୟରେ ଗରିବମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ଯୋଗଦେଇ ଗରୀବ ଲୋକଙ୍କୁ କମ୍ବଳ ବଣ୍ଟନ କରିବା ସହ ଖାଇବା ବଣ୍ଟନ କରିଥିଲେ।ଏହା ସହ ସମସ୍ତଙ୍କ ଗହଣରେ ଏକାଠି ଖାଦ୍ୟ ଖାଇଥିଲେ। କମିଟିର ସଭାପତି ଫାରୁକ ରିଜୱା, ଓକିଲ ଖାନ, ଯାବେଦ ଖାନ, ବାବୁଲୁ ଭାଇ, ୟୁସୁଫ ଖାନ, ଭୋଲି ଶର୍ମା, ଶିବୁ ସ୍ୱାଇଁ, ଭଗତ ଶର୍ମା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



## ୧୩ରେ ରେଳବାଇ ଷ୍ଟାଡିୟମରେ ପୁଷ୍ପ ପ୍ରଦର୍ଶନୀ

**ସମ୍ବଲପୁର, ୧୦।୧(ସମିସ):** ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଚଳିତମାସ ୧୩ ଓ ୧୪ ତାରିଖରେ ରେଳବାଇ ଷ୍ଟାଡିୟମ, ସମ୍ବଲପୁର ଠାରେ ପୁଷ୍ପ ପ୍ରଦର୍ଶନୀ ଏବଂ ଶୀତକାଳୀନ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ଦିନ ସକାଳ ୧୧.୦୦ ଘଟିକାରେ ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ପୁଷ୍ପ ପ୍ରଦର୍ଶନୀ ସାଧାରଣ ଜନତାଙ୍କ ପାଇଁ ରାତ୍ର ୧୦.୦୦ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଉଭୟ ଦିନ ସନ୍ଧ୍ୟା ୬ଟାରୁ ୯ ଘ. ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଉଭୟ ଦିନରେ ପୁଷ୍ପ ପ୍ରଦର୍ଶନୀ ସମୟରେ ଫୁଡ୍‌ଷ୍ଟଲ ତଥା ଗେମିଂ ଜୋନ୍ ମଧ୍ୟ ଉପଲବ୍ଧ ରହିବ। ଏହି ପୁଷ୍ପ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ଫୁଲ ଏବଂ ପ୍ଲାଣ୍ଟ ଗୁଡ଼ିକ ପ୍ରଦର୍ଶିତ ହେବ। ରେଳବାଇର ବିଭିନ୍ନ ବିଭାଗ, ନର୍ସରୀ ଓ ଅନ୍ୟାନ୍ୟ ସଙ୍ଗଠନର ଅଂଶ ଗ୍ରହଣକାରୀମାନେ ସେମାନଙ୍କର ସଂଗ୍ରହକୁ ଏହି ପ୍ରଦର୍ଶନୀରେ ପ୍ରଦର୍ଶନ କରିବେ।



## ସମ୍ବଲପୁର ମହାନଗର ଶାଖା ପକ୍ଷରୁ ଜନଜାଗରଣ ବୈଠକ

**ସମ୍ବଲପୁର, ୧୦।୧ (ସମିସ):** ଉତ୍ତରପ୍ରଦେଶ ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଓ ପ୍ରଭୂଙ୍କ ପ୍ରାଣ ପ୍ରତିଷ୍ଠା ହେବ। ବହୁ ସଂଗ୍ରାମ, ଲଢେଇ, ବାଦ, ବିବାଦ, ନ୍ୟାୟିକ ଲଢେଇ ପରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ର ଆଦେଶ ପରେ ପ୍ରତିଷ୍ଠା ହେବାକୁ ଯାଉଛି। ଏହାକୁ ନେଇ ସମ୍ବଲପୁର ମହାନଗର ଶାଖା ପକ୍ଷରୁ ଆଜି ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ଶାଖାର ମୁଖ୍ୟ ସଂଯୋଜକ ଦାମୋଦର କରଙ୍କ ଅଧ୍ୟକ୍ଷତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ସହ ସଂଯୋଜକ ଡା.ପୁରୁଷୋତ୍ତମ ଅଗ୍ରୱାଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଶ୍ଚିମ ପ୍ରାନ୍ତର ପୁର୍ବତନ ସରସଂଘ ଚାଳକ ବିପିନ ବିହାରୀ ନନ୍ଦ ମୁଖ୍ୟ ଅତିଥି, ବିଶ୍ୱ ହିନ୍ଦୁ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଭାପତି ଡାକ୍ତର ରାଜ କୁମାର ବଡ଼ପଣ୍ଡା ସମ୍ମାନୀତ ଅତିଥି ଓ ଆର.ଏସ୍.ଏସ୍ ର ସମ୍ବଲପୁର ନଗର କାର୍ଯ୍ୟବାହା ରାମ କୃଷ୍ଣ ନାଏକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନ ଠାରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ର ୮୦ ରୁ ଉର୍ଦ୍ଧ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ଏହକୁ ନେଇ ଦେଶରେ ଉତ୍ସାହ ଦେଖିବାକୁ ମିଳିଛି। ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ଭବ୍ୟ ସହକାରେ ପାଳନ କରିବା ପାଇଁ ଶ୍ରୀରାମ ଜନ୍ମଭୂମି ତିର୍ଥ କ୍ଷେତ୍ର ପକ୍ଷରୁ ଦେଶ ବ୍ୟାପି ରାଜ୍ୟ, ଜିଲ୍ଲା, ମହାନଗର, ପଞ୍ଚାୟତ ସ୍ତରରେ ଶାଖାର ବ୍ୟବସ୍ଥା କରାଯିବା। ଲୋକଙ୍କୁ ଜାଗ୍ରତ ଓ ସଚେତନ କରାଯିବା, ଜାନୁୟାରୀ ୨୨ ଓ ତାର ପରବର୍ତ୍ତୀ କାର୍ଯ୍ୟକ୍ରମର ପରିଯୋଜନା ସମ୍ପର୍କରେ ଆଲୋଚନା ଅବଗତ କରାଯାଇଥିଲା। ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ବିଭିନ୍ନ ଧାର୍ମିକ, ସାମାଜିକ, ବ୍ୟବସାୟିକ, ରାଜନୈତିକ ଅନୁଷ୍ଠାନ ସମେତ ପ୍ରମୁଖ ବ୍ୟକ୍ତି ବିଶେଷ ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଅକ୍ଷତ ପ୍ରଦାନ କରି ନିମନ୍ତ୍ରଣ, ମନ୍ଦିର ସଫେଇ, ଘରେ ଘରେ ଦିପୋତ୍ସବ, ମନ୍ଦିର ମାନଙ୍କରେ ପୁଜା ପାଠ, ଭଜନ କୀର୍ତ୍ତନ, ପ୍ରସାଦ ବଣ୍ଟନ ଭଳି ସମସ୍ତେ ସାମିଲ ହେବାକୁ ମଞ୍ଚାସୀନ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ରେ ଆର୍ଟ ଅଫ ଲିଭିଂ ର ହିମାଂଶୁ ଜି ପ୍ରାରମ୍ଭିକ ଭଜନ ଗାନ କରିଥିବା ବେଳେ, ଶେଷରେ ମାରୱାଡ଼ି ଯୁବା ମଞ୍ଚ ଶକ୍ତି ଶାଖା ର ରେଣୁକା ଅଗ୍ରୱାଲ ଓ ସାଥିଗଣ ସାମୂହିକ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଭାରତ ବିକାଶ ପରିଷଦ ର ଶ୍ୟାମ ସୁନ୍ଦର ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ।



## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟାଙ୍କ ଧନକଉଡ଼ା ବ୍ଲକ ଗସ୍ତ

**ସମ୍ବଲପୁର, ୧୦।୧(ସମିସ):** ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଧନକୋଉଡ଼ା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ପ୍ରେମଶିଳା କେର୍କେଟା ଅଚାନକ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମ ଅନୁସାରେ ଧନକଉଡ଼ାରେ ଥିବା ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଏବଂ ଗ୍ରାମ ପଞ୍ଚାୟତ ପରିଦର୍ଶନ କରିଥିଲେ। ମଝିପାଲି ଅଙ୍ଗନୱାଡି, ଦେବେଇପାଲି ଅଙ୍ଗନୱାଡି, କାଂକ୍ଷିଡା ଅଙ୍ଗନୱାଡି, ପୀପଲପଡ଼ା ଅଙ୍ଗନୱାଡି, ଭାଲୁବାହାଲ ଅଙ୍ଗନୱାଡି ସହ ମଝିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭାଲୁବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେବେଇପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝୋରଘାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରର ପରିବେଶ ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ଅଙ୍ଗନୱାଡ଼ି କେନ୍ଦ୍ରର ଦୋଷ ତ୍ରୁଟିକୁ ସୁଧାରିବା ପାଇଁ ଉପଦେଶ ଦେଇଥିଲେ। ଏହିପରି ସ୍କୁଲ ଅଙ୍ଗନୱାଡି ପରିଦର୍ଶନ ଜାନୁଆରୀ ୨୩ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଦସ୍ୟା କହିଛନ୍ତି।



### ଫେବ୍ରୁଆରୀ ୧୧ରେ ମହାନଦୀ ହାଫ୍ ମାରାଥନ୍

## ସ୍ୱାସ୍ଥ୍ୟ, ସମ୍ପ୍ରଦାୟ; ମହାନଦୀ ପ୍ରତି ସାମୂହିକ ପ୍ରତିବଦ୍ଧତା ସୃଷ୍ଟି କରିବ

### ଟି-ସାର୍ଟ ଉନ୍ମୋଚିତ

**ସମ୍ବଲପୁର, ୧୦।୧(ସମିସ)**

ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ସହରରେ ଫେବୃଆରୀ ୧୧ ତାରିଖରେ 'ମହାନଦୀ ହାଫ୍ ମାରାଥନ୍'ର ଆୟୋଜନ କରାଯାଉଛି। ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍‌ର ଆୟୋଜିତ ହେଉଥିବା ଏହି ମାରାଥନ୍‌ରେ ଉତ୍କୃଷ୍ଟ ଆଥଲେଟିକ୍ ଏବଂ ସାମୂହିକ ବନ୍ଧୁତ୍ୱକୁ ଉତ୍ସାହିତ କରିବା ଯୋଜନା ହୋଇଛି। ଏହି ଅବସରରେ ଆଜି ତପସ୍ୱିନୀ ହଲରେ ଏକ ପ୍ରେସ୍ ମିଟ୍ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ, ସମ୍ବଲପୁର ଏସ୍‌ପି ମୁକେଶ ଭାମୁ, ଏସ୍‌ଏମ୍‌ସି କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ, ଟାଟା ଷ୍ଟିଲ୍‌ର ମୁଖ୍ୟ କ୍ରୀଡ଼ା ଅଧିକାରୀ ମୁକୁଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମାରାଥନ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ସହ ସ୍ୱାସ୍ଥ୍ୟ, ସମ୍ପ୍ରଦାୟ ଓ ମହାନଦୀ ପ୍ରତି ସାମୂହିକ ପ୍ରତିବଦ୍ଧତା ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ସମ୍ବଲପୁର କହିଛନ୍ତି। ମହାନଦୀର ଭାବନାକୁ ବର୍ଣ୍ଣନା କରି ସେ କହିଥିଲେ, ମହାନଦୀ ସର୍ବଦା ଗତିଶୀଳ ରହିଛି ସେମିତି ଆମେ ବି ଗତିଶୀଳ ହୋଇ ନିଜ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା। ମାରାଥନ୍ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ୩ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ମାରାଥନ୍ ପାଇଁ ଚାରିଟି ବର୍ଗ ଅଛି ଯଥା ୨୧ କିମି, ୧୦ କିମି, ୫ କିମି ଓ ୧ କିମି ଯେଉଁଠି ଜଣେ ନାମ ପଞ୍ଜୀକରଣ କରିପାରିବ। ୨୧ କିଲୋମିଟର ପାଇଁ ପଞ୍ଜୀକରଣ ଶୁଳ୍କ ୪୦୦ ଟଙ୍କା ଥିବାବେଳେ ଏଥିରେ୧୯ ବର୍ଷରୁ ଉର୍ଦ୍ଧ୍ୱ ବର୍ଗର ଅଂଶଗ୍ରହଣ କରିପାରିବେ। ସେହିପରି ୧୦ କିଲୋମିଟର ପାଇଁ ୩୦୦ ଟଙ୍କା ଓ ୧୯ ବର୍ଷରୁ ଅଧିକ ବୟସସୀମା, ୫ କିଲୋମିଟର ପାଇଁ ୧୫୦ ଟଙ୍କା ଏବଂ ୧୪ ବର୍ଷରୁ ୧୯ ବର୍ଷ ବୟସସୀମା ଏବଂ ୧ କିଲୋମିଟର ପାଇଁ ୧୦୦ ଟଙ୍କା ରହିଛି। ୧ କିମି ବର୍ଗରେ ଭବିଷ୍ୟତ ରନର ଅର୍ଥା ଛୋଟପିଲା ମାନେ ଭାଗନେଇପାରିବେ। ମାରାଥନ୍ ନେଲସନ ମଣ୍ଡେଲା ଛକରୁ ଆରମ୍ଭ ହୋଇ ବ୍ରିଜ୍ ପାର ହେବା ପରେ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ, ତା ପରେ ପୁଣି ଫେରି ବ୍ରିଜ୍ ଦେଇ ସମଲେଇ ମନ୍ଦିର ଆଡ଼କୁ ଲିଙ୍କ୍ ରୋଡ୍ ସହ ସଂଯୋଗ କରି ନେଲସନ ମଣ୍ଡେଲା ଛକକୁ ଫେରିବେ। ମାରାଥନ ପାଇଁ ଟି ସାର୍ଟ ମଧ୍ୟ ଉନ୍ମୋଚନ କରାଯାଇଛି। ମହାନଦୀ ହାଫ୍ ମାରାଥନ୍ କେବଳ ଏକ ଦୌଡ଼ ନୁହେଁ ଏହା ଫିଟନେସ୍, ଏକତା ଭାବନାର ଏକ ଉତ୍ସବ ବୋଲି ସଭାରେ ମତବ୍ୟକ୍ତ ହୋଇଛି।



## ଟାଉନ ହାଇସ୍କୁଲରେ ହସ୍ତଶିଳ୍ପ ଓ ବୟନଶିଳ୍ପ ପ୍ରଦର୍ଶନୀ

**ସମ୍ବଲପୁର, ୧୦।୧(ସମିସ):** ନୃସିଂହ ଗୁରୁ ଟାଉନ ଉଚ୍ଚ ବିଦ୍ୟାଳୟରେ ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ତରଫରୁ ଉନ୍ନୟନ କମିଶନର ହସ୍ତଶିଳ୍ପ ଓ ହସ୍ତଶିଳ୍ପ ସେବାକେନ୍ଦ୍ର, ଶାନ୍ତିନଗର ଆନୁକୂଲ୍ୟରେ ଏକ ତ୍ରିଦିବସୀୟ ହସ୍ତଶିଳ୍ପ ଓ ବୟନଶିଳ୍ପ ପ୍ରଦର୍ଶନୀ ତଥା ସଚେତନତା ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ନନ୍ଦ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମୀନା ମିଶ୍ର, ହିନ୍ଦୀ ଶିକ୍ଷୟିତ୍ରୀ ସ୍ମିତା ସାନ୍ୟାଲ ଏବଂ କ୍ରୀଡ଼ା ଶିକ୍ଷକ ରମେଶ କୁମାର ବେରିହା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଭାଗୀୟ ସହକାରୀ ନିର୍ଦ୍ଦେଶକ(ହସ୍ତଶିଳ୍ପ ) କୁମାରୀ ଶୈଳଜା ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ତତ୍ତ୍ୱାବଧାନ ଓ ପରିଚାଳନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଧାନ କାରୁକାର୍ଯ୍ୟ, ଚିତ୍ରକଳା, ବାଉଁଶ ଓ ବେତକାମ, ଏମ୍ବ୍ରୋଡେରୀ ଆଦି ପ୍ରଦର୍ଶନ ସହିତ ତାଲିମ ମଧ୍ୟ ଦିଆଯାଇଥିଲା। ତାଲିମ କାର୍ଯ୍ୟକ୍ରମରେ ଯଥା ଏମ୍ବ୍ରୋଡେରୀରେ ସୁଜାତା ବିଶ୍ୱାସ, ବେତ ଓ ବାଉଁଶ କାମ ପାଇଁ ମୀନା ପ୍ରଧାନ ଓ ସୁଜାତା ଦୁଆନ, ଧାନ କାରୁକାର୍ଯ୍ୟ ପାଇଁ ସୋନିକା ସେଠୀ ଓ ବିମଳା ମେହେର ପ୍ରମୁଖ ଯୋଗଦାନ କରିଥିଲେ।



# ଓଡ଼ିଶାରେ ଛତିଶଗଡ଼ କ୍ୟାଡର ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

## ଓଡ଼ିଶା ସରକାରଙ୍କ ପକ୍ଷରୁ ଥିଲା ଲକ୍ଷେ ଟଙ୍କାର ଇନାମ

**ମାଲକାନଗିରି,୧୦।୧(ସମିସ):** ମାଲକାନଗିରି ଜିଲ୍ଲାର ସୀମାବର୍ତ୍ତି ଅଞ୍ଚଳରେ ଥିବା ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ମାଓ ସଂଗଠନ ଆଜି ମଧ୍ୟ ବେଶ୍ ସକ୍ରିୟ ଥିବାବେଳେ ଏହି ସଗଠନରେ ମହିଳା ମାଓବାଦୀଙ୍କ ଉପରେ ଅତ୍ୟାଚାର ହେଉଥିବା ସହ ମାଓ ସଂଗଠନ ନିଜର ନୀତି ଆଦର୍ଶ ହରାଉଥିବା ନେଇ ଅଭିଯୋଗ କରିବା ସହ ସାଧାରଣ ଜୀବନଯାପନ ପାଇଁ ମାଲକାନଗିରି ଏସପି ନୀତିଶ ୱାଧୱାନିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଜଣେ ମହିଳା ମାଓବାଦୀ।

ସୂଚନା ଅନୁଯାୟୀ, ବୁଧବାର ଜିଲ୍ଲା ସୀମାନ୍ତକୁ ଲାଗି ରହିଥିବା ଛତିଶଗଡ଼ ରାଜ୍ୟରେ ସକ୍ରିୟ ଥିବା ଏହି ମହିଳା ମାଓବାଦୀ ମାଲକାନଗିରି ପୁଲିସ ନିକଟରେ ଆତ୍ମ ସମର୍ପଣ କରିଥିବାବେଳେ ମାଓ ସଂଗଠନକୁ ଲାଗିଛି ଏକ ବଡ଼ ଝଟକା। ଆଗଧାଡ଼ିର ଏହି ମହିଳା କ୍ୟାଡର ମାଓବାଦୀ ଜଣକ ହେଉଛନ୍ତି ରୋଶନୀ ଓରଫ ଉଙ୍ଗୀ ମାଡଭି। ରୋଶନୀଙ୍କ ଘର ଛତିଶଗଡ଼ର ଦାନ୍ତେୱାଡା ଜିଲ୍ଲା ପୁତଦାବ ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ମାଓ ସଂଗଠନରେ ୨୦୧୬ ମସିହାରେ ଯୋଗଦେଇଥିଲେ। ସଂଗଠନରେ ରହି ଛତିଶଗଡ଼ ଏବଂ ଓଡ଼ିଶାରେ ୨୧ରୁ ଊର୍ଦ୍ଧ୍ୱ ହିଂସାକାଣ୍ଡରେ ସେ ସାମିଲ ଥିଲେ। ବିଶେଷ କରି ୨୦୧୮ରେ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକରେ ଥିବା ଦଲଦଲି ପୁଲିସ-ମାଓବାଦୀ ଗୁଳିବିନିମୟ, ୨୦୧୯ରେ ଟେମୁରପାଲି ପଞ୍ଚାୟତ ଗୃହ ବିସ୍ଫୋରଣ, ୨୦୨୦ରେ ତୁଳସୀ ଘାଟି ଏନକାଉଣ୍ଟର, କିରମିଟି ଗ୍ରାମରେ




ଗ୍ରାମବାସୀଙ୍କୁ ମାଡ଼ ମାରିବା ଘଟଣା ସହ ତୁଳସୀ ଘାଟିରେ ଏନକାଉଣ୍ଟର, ୨୦୨୧ରେ ଛତିଶଗଡ଼ର ଦରଭା ଗୁଳିକାଣ୍ଡ ଭଳି ଘଟଣାରେ ସାମିଲ ଥିଲେ। ସେହିପରି ୨୦୨୨ରେ ମାଲକାନଗିରି ଜିଲ୍ଲାର ଦଲଦଲି ଗ୍ରାମର ଅନଦା ମାଡ଼ି ହତ୍ୟା ଘଟଣାରେ ମଧ୍ୟ ସେ ସାମିଲ ରହିଥିବାବେଳେ ତାଙ୍କ ନାମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ଇନାମ ମଧ୍ୟ ଘୋଷଣା କରାଯାଇଥିବା ଜଣାପଡ଼ିଛି। ମାଓ ସଂଗଠନ ନିଜର ନୀତି ଆଦର୍ଶରୁ ଓହରି ଯାଇଥିବାବେଳେ ଲୋକଙ୍କ ଉପରେ ଅତ୍ୟାଚାର କରିବା ସହ ବିକାଶରେ ବାଧା ସୃଷ୍ଟି କରୁଥିବାବେଳେ ମାଓ ସଂଗଠନରେ ଥିବା ଛୋଟ କ୍ୟାଡର ଓ ମହିଳା ମାଓବାଦୀଙ୍କ ଉପରେ ମଧ୍ୟ ଅତ୍ୟାଚାର କରୁଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଉଙ୍ଗୀ। ଏହି ସବୁ ଉଙ୍ଗୀଙ୍କ ମନରେ ମାଓ ସଂଗଠନ ପ୍ରତି ଅସନ୍ତୋଷ ଭାବ ସୃଷ୍ଟି କରିଥିବାବେଳେ ପୁଲିସ ପକ୍ଷରୁ ଯେଉଁଭଳି ମାଓ ଦମନ ପାଇଁ ଜାରିରହିଥିବା ଅପରେସନ ଏବଂ ରାଜ୍ୟ ସରକାଙ୍କ ମାଓବାଦୀ ଥଇଥାନ ନୀତିରେ ସେ ଆକୃଷ୍ଟ ହୋଇ ଆତ୍ମସମର୍ପଣ କରିଛନ୍ତି ବୋଲି ଏସପି ଶ୍ରୀ ୱାଧୱାନି କହିଛନ୍ତି। ଏହା ସହ ଉଙ୍ଗୀଙ୍କୁ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁଯାୟୀ, ଥଇଥାନ କରାଯିବ ବୋଲି ସେ ପ୍ରକାଶ କରିବା ସହ ପଥଭ୍ରଷ୍ଟ ହୋଇ ଯେଉଁମାନେ ବି ମାଓ ସଂଗଠନରେ ଅଛନ୍ତି, ସେମାନଙ୍କୁ ହିଂସାର ମାର୍ଗ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଏସପି ଆହ୍ୱାନ ଦେଇଛନ୍ତି।

‘ଦର୍ଶନ’ର ୨୧ତମ ସ୍ୱନକ୍ଷତ୍ର ଦିବସ ପାଳିତ

# ‘କଲମ ଯୁଗେ ଯୁଗେ ବଳବାନ’

**ଭୁବନେଶ୍ୱର,୧୦।୧(ସମିସ):** ‘ସାମ୍ବାଦିକମାନେ ଶ୍ରେଷ୍ଠ ସମାଜ ସଂସ୍କାରକ। ଖବର ପରିବେଷଣରେ ସାମ୍ବାଦିକମାନେ ସମାଜରେ କ୍ରାନ୍ତି ଆଣିବା ସହ କୁସଂସ୍କାର, ଅନ୍ଧବିଶ୍ୱାସ ଏବଂ ପ୍ରହଳିକା ବିରୁଦ୍ଧରେ ଲୋକଙ୍କ ଆଖି ଖୋଲିଦିଅନ୍ତି। ସତ୍ୟ, ନିର୍ଭିକତା, ଧର୍ମକୁ ପାଳନ କରି ସାମ୍ବାଦିକମାନେ ନିଜ ଧର୍ମରେ ବ୍ରତୀ ରହିଲେ ସମାଜର ବୃହତ୍ତର ସ୍ୱାର୍ଥ ସାଧନ ହୋଇଥାଏ।’ ଦୈନିକ ସମ୍ବାଦପତ୍ର ‘ଦର୍ଶନ’ର ୨୧ତମ ସ୍ୱନକ୍ଷତ୍ର ଓ ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏଭଳି ମତ ଦେଇଛନ୍ତି।




କସ୍ତୁରବା ନାରୀ ମହଲଠାରେ ଆୟୋଜିତ ୨୧ତମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ କହିଲେ ଯେ, କଲମର ବଳ ଯୁଗେ ଯୁଗେ ସବୁଠୁ ବଳବାନ। ସାମ୍ବାଦିକମାନେ ସମାଜର ବୃହତ୍ତର ସ୍ୱାର୍ଥସାଧନ ପାଇଁ ସେମାନଙ୍କ ଲେଖନୀ ଚାଳନାକୁ ଅଧିକ ସଶକ୍ତ କରିବା ଜରୁରୀ। ସମ୍ମାନିତ ଅତିଥି ରାଜ୍ୟସଭା ସାଂସଦ ସୁଲତା ଦେଓ କହିଲେ, ଏହି ଖବରକାଗଜ ଏକ ପ୍ରମୁଖ ସମ୍ବାଦପତ୍ର ରୂପେ ନିଜର ପରିଚୟକୁ ବେଶ୍ ସଶକ୍ତ କରିପାରିଛି। ଏହି ଅବସରରେ ‘ଦର୍ଶନ’ର ସମ୍ପାଦକ ବିଭୂତି ଭୂଷଣ ନାୟକ କହିଲେ, ସଫଳତାର ଅନ୍ୟ ନାମ ସଂଘର୍ଷ। ଓଡ଼ିଆଙ୍କ ବୀରତ୍ୱର ଗାଥା ସହୀଦ୍ ବାଜି ରାଉତଙ୍କ ଠାରୁ ଆରମ୍ଭ କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସତ୍ୟ ଓ ନ୍ୟାୟ ଯଜ୍ଞରେ ‘ଦର୍ଶନ’ର ପ୍ରତ୍ୟେକ ସାମ୍ବାଦିକ ଓ ଦର୍ଶନ ପରିବାରର ସମସ୍ତ ଶୁଭେଚ୍ଛୁ ମାନେ ଯେଭଳି ଜଣେ ପ୍ରମୁଖ ଯୋଦ୍ଧା ରୂପେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ତଥା ପ୍ରେସ୍ କାଉନସିଲ୍ ଅଫ ଇଣ୍ଡିଆର ସଭ୍ୟ ପ୍ରସନ୍ନ ମହାନ୍ତି କହିଲେ, କରୋନା ସମୟରେ ଓଡ଼ିଶା ସରକାର ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ବୋଲି ଘୋଷଣା କରିବା ସହ ସେମାନଙ୍କୁ ଆବଶ୍ୟକ କ୍ଷତିପୂରଣ ଯୋଗାଇଦେବା ବେଶ୍ ଉତ୍ସାହପୂର୍ଣ୍ଣ। ସେହିଭଳି ସାମ୍ବାଦିକଙ୍କ ସୁରକ୍ଷା ଓ ପେନ୍‌ସନ୍ ପାଇଁ ଅଧିକ ସଶକ୍ତ ନିୟମ ପ୍ରଚଳନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ତଥା ରାଜ୍ୟ ସୂଚନା କମିଶନର ପୂର୍ବତନ ସଦସ୍ୟ ଦିଲ୍ଲୀପ୍ ବିଶୋଇ କହିଲେ, ସାମ୍ବାଦିକମାନେ ସମ୍ମିଳିତ ଭାବେ ସେମାନଙ୍କ ସ୍ୱରକୁ ଶାଣିତ କରିବା ସହ ରାଜ୍ୟ ଓ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ମଧ୍ୟ ନିଜର ଲେଖନୀ ଚାଳନା କରିବା ଜରୁରୀ। ଦର୍ଶନର କାର୍ଯ୍ୟକାରୀ ସମ୍ପାଦିକା ପ୍ରଶମିତା ମହାନ୍ତି ‘ଦର୍ଶନ’ର ଅନୁଷ୍ଠାନର ସାମ୍ବାଦିକ ଓ ପାଠକ/ପାଠିକା ଓ ସବୁ ବର୍ଗର ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା ବ୍ୟକ୍ତିବିଶେଷ ଏବଂ ‘ଦର୍ଶନ’ର ବିଭିନ୍ନ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସୀମାନ୍ତରେ ବିପୁଳ ମାଓ ସାମଗ୍ରୀ ଜବତ



**ମାଲକାନଗିରି,୧୦।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ନକ୍ସଲମାନଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବହୁ ପରିମାଣର ଅସ୍ତ୍ର, ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୁକମା ଜିଲ୍ଲାର ଦନ୍ତେଶପୁରମ୍ ଏବଂ କୋରାଜୁଗଡ଼ା ମଧ୍ୟରେ ଥିବା ପାହାଡ଼ରେ ବହୁ ସଂଖ୍ୟାରେ ନକ୍ସଲ ଉପସ୍ଥିତ ଥିବା ସହ ବହୁ ମାଓ ସାମଗ୍ରୀ ଗଚ୍ଛିତ ଥିବା ଖବର ପାଇ ସୁକମା ପୁଲିସ୍, ଡିଆରଜି ଓ ବସ୍ତର ଫାଇଟର ଯବାନମାନଙ୍କ ଦ୍ୱାରା ଏକ ସର୍ଚ୍ଚ ଅପରେସନ କରାଯାଇଥିଲା। ସେଠାରେ ଯବାନମାନେ ପହଞ୍ଚିବା ବେଳକୁ ନକ୍ସଲମାନେ ସେଠାରୁ ପଳାଇ ଯାଇଥିବାବେଳେ ଯବାନମାନେ ଖୋଜାଖୋଜି କରିବା ସମୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ବିପୁଳ ସମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ଜବତ ସାମଗ୍ରୀ ମଧ୍ୟରେ ୩ଟି ବ୍ୟାରେଲ ଗ୍ରେନେଡ୍ ଲଞ୍ଚର ସହ ୧୮ଟି ସେଲ, ୧୨ଟି ବନ୍ଧୁକ, ୩୦ଟି ବୋମା, ବ୍ୟାଗ୍, ଲାଲ୍ କପଡ଼ା ଏବଂ ଅନ୍ୟାନ୍ୟ ଦୈନିକ ବ୍ୟବହାର ସାମଗ୍ରୀ ଜବତ କରାଯାଇଥିଲା। ଏହାପରେ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିବା ଜଣାପଡ଼ିଛି।

# ସ୍ୱଚ୍ଛ ଓ ନିରପେକ୍ଷ ଭାବେ ଚାଲିଛି ଏସ୍ଏସ୍ବି ଅଧ୍ୟାପକ ନିଯୁକ୍ତି

**ଭୁବନେଶ୍ୱର,୧୦।୧(ସମିସ):** ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍ଏସ୍ବି) ପକ୍ଷରୁ ଅଧ୍ୟାପକ ନିଯୁକ୍ତି ପରୀକ୍ଷା ଫଳରେ ଅସଙ୍ଗତି ନେଇ ଅଭିଯୋଗ ହୋଇଛି। ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ସାକ୍ଷାତକାର ସୂଚୀରେ ନାମ ନଥିବା ଜଣେ ଆଶାୟୀ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଆଶାୟୀଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ସ୍ୱଚ୍ଛତା ଓ ନିରପେକ୍ଷତାର ସହ ପରୀକ୍ଷା ପରିଚାଳନା ଏବଂ ଫଳ ପ୍ରକଶ କରାଯାଇଥିବା ଏସ୍ଏସ୍ବିର ସେକ୍ରେଟାରୀ ମଧୁସୁଦନ ମିଶ୍ର ପ୍ରକାଶ କରିଛନ୍ତି। ଶ୍ରୀ ମିଶ୍ରଙ୍କ କହିବା ଅନୁଯାୟୀ, ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ସମ୍ପୃକ୍ତ ଛାତ୍ରଙ୍କୁ ସଠିକ୍ ନମ୍ବର ମିଳିନଥିବା ମେଲ୍ ମାଧ୍ୟମରେ ଜଣାଇଥିଲେ। ଏହାକୁ ବିଚାର କରି ବୋର୍ଡ ପକ୍ଷରୁ ସଂଶୋଧିତ ମାର୍କ ପ୍ରଦାନ କରାଯାଇଛି। ଏହି ପ୍ରକ୍ରିୟାର ସମସ୍ତ ରେକର୍ଡ ମଧ୍ୟ ରଖାଯାଇଛି। ସମସ୍ତ ଆଶାୟୀଙ୍କ ସାକ୍ଷାତକାର ସୂଚୀ ଡିସେମ୍ବର ୧୯ ତାରିଖରେ ପ୍ରକାଶ ପାଇଥିବାବେଳେ ସମ୍ପୃକ୍ତ ଛାତ୍ରଙ୍କ ନାମ ୨୦ ତାରିଖ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ବୋର୍ଡ ପକ୍ଷରୁ ତାଙ୍କୁ ମେଲ୍ ମାଧ୍ୟମରେ ଅବଗତ କରାଯିବା ସହ ଫୋନ୍‌ରେ ମଧ୍ୟ ଅବଗତ କରାଯାଇଛି। ସମ୍ପୃକ୍ତ ଛାତ୍ର ୩୧ ତାରିଖରେ ମୌଖିକ ପରୀକ୍ଷା ଦେଇଥିବାର ଭିଡିଓ ମଧ୍ୟ ରେକର୍ଡ ହୋଇଛି। ଏଣୁ କୌଣସି ଅସଙ୍ଗତି ହୋଇନଥିବା ସେ ପ୍ରକାଶ କରିଛନ୍ତି। ୨୦ତାରିଖ ବିଜ୍ଞପ୍ତି ୱେବସାଇଟରେ ଅପଲୋଡ୍ କରାଯାଇନଥିବା ପ୍ରଶ୍ନରେ ସେ କହିଛନ୍ତି, ରକ୍ଷଣାବେକ୍ଷଣ କାମ ଚାଲୁଥିବାରୁ ପରବର୍ତ୍ତୀ ସମୟରେ ତାକୁ ଅପଲୋଡ କରାଯାଇଛି। କୌଣସି ଆଶାୟୀ ଯେପରି ସମସ୍ୟାର ସମ୍ମୁଖିନ ନହେବେ ସେଥିପାଇଁ ପ୍ରତିଟି ଅଭିଯୋଗକୁ ବୋର୍ଡ ପକ୍ଷରୁ ବିଚାର କରାଯାଉଥିବା ଶ୍ରୀ ମିଶ୍ର ରଖାଣ କରିଛନ୍ତି।

# ସର୍ବଭାରତୀୟ ସ୍ତରରେ ଭିମ୍ସାର୍ ଡାକ୍ତର ସମ୍ମାନିତ



**ଭୁବନେଶ୍ୱର,୧୦।୧(ସମିସ):** ନୂଆଦିଲ୍ଲୀସ୍ଥିତ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନ(ଏମ୍ସ)ଠାରେ ଦୁଇ ଦିନିଆ ଭାରତୀୟ ଚକ୍ଷୁ ଚିକିତ୍ସା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗର ପ୍ରଫେସର୍ ସ୍ୱପନ ସାମନ୍ତଙ୍କ ଦିଗଦର୍ଶନରେ ସଭାପତି ପ୍ରଫେସର୍ ଜୀବନ ସିଂହ ଟିଟ୍‌ୟାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ସ୍ଥାନରୁ ପ୍ରାୟ ୫ଶହ ଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ବୁର୍ଲା ଭିମସାରର ପୂର୍ବତନ ଅଧିକ୍ଷକ ପ୍ରଫେସର୍ ଡାକ୍ତର ଗୁଣସାଗର ଦାଶ, ଅଧ୍ୟକ୍ଷା ତଥା ଡିନ୍ ଜୟଶ୍ରୀ ବେହେରାଙ୍କୁ ମହାନ୍‌ଗୁରୁ (ଟିଚର୍ ଅଫ୍ ଦ’ ଟିଚର୍ସ) ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶର୍ମିଷ୍ଠା ବେହେରାଙ୍କୁ ବିଶିଷ୍ଟ ଶିକ୍ଷୟତ୍ରୀ ଭାବେ ସମ୍ମାନିତ କରାଯାଇଥିବାବେଳେ ଉପାଧ୍ୟୁତ୍ତର ଛାତ୍ରୀ ଲିହାଲିନ୍ ଓ ସୁଦୋଙ୍କୁ କଳିଙ୍ଗ ଦଳର ଭବିଷ୍ୟତର ଶିକ୍ଷୟତ୍ରୀ ଭାବେ ସର୍ବ ଭାରତୀୟସ୍ତରରେ ଦ୍ୱିତୀୟ ଶ୍ରେଷ୍ଠ ସମ୍ମାନରେ ଭୂଷିତ କରାଯାଇଥିଲା। ଏହି ସମ୍ମିଳନୀରେ ଓଡ଼ିଆ ଡାକ୍ତରମାନଙ୍କ ଗୁରୁତ୍ୱ ପରିଲକ୍ଷିତ ହୋଇଥିଲା।

# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- MATHEMATICS

### SECTION-A (1 Mark)

1. The distance between the points (acosθ + bsinθ, 0), and (0, asinθ − bcosθ) is
(a) $a^2+b^2$ (b) $a^2-b^2$ (c) $\sqrt{a^2+b^2}$ (d) $\sqrt{a^2-b^2}$
2. If one zero of the polynomial $(3x^2+8x+k)$ is the reciprocal of the other, then value of k is
(a) 3 (b) -3 (c) $\frac{1}{3}$ (d) $-\frac{1}{3}$
3. If 3x+4y : x+2y= 9:4, then 3x+5y : 3x−y is equal to
(a) 4:1 (b) 1:4 (c) 7:1 (d) 1:7
4. The value of k for which the system of linear equations x+2y=3, 5x+ky+7=0 is in consistent is
(a) $-\frac{14}{3}$ (b) $\frac{2}{5}$ (c) 5 (d) 10
5. If α and β are the zeroes of the polynomial $2x^2-13x+6$, then α+β is equal to
(a) -3 (b) 3 (c) $\frac{13}{2}$ (d) $-\frac{13}{2}$
6. The roots of the quadratic equation $x^2-0.04=0$ are
(a) ±0.2 (b) ±0.02 (c) 0.4 (d) 2
7. If the common difference of an AP is 5, then what is $a_{18}-a_{13}$?
(a) 5 (b) 20 (c) 25 (d) 30
8. $\Delta ABC$ is an equilateral triangle with each side of length 2p. If $AD\perp BC$ then the value of AD is
(a) $\sqrt{3}$ (b) $\sqrt{3}p$ (c) 2p (d) 4p
9. The base radii of a cone and a cylinder are equal. If their curved surface are as are also equal, then the ratio of the slant height of the cone to the height of the cylinder is
(a) 2:1 (b) 1:2 (c) 1:3 (d) 3:1
10. In figure, O is the centre of circle. PQ is a chord and PT is tangent at P which makes an angle of 50° with PQ, then ∠POQ is




(a) 130° (b) 90° (c) 100° (d) 75°
11. A tree casts a shadow 15 m long on the level of ground, when the angle of elevation of the sun is 45°. The height of a tree is
(a) 10m (b) 14m (c) 8m (d) 15m
12. The quadratic equation $2x^2-\sqrt{5}x+1=0$ has
(a) two distinct real roots (b) two equal real roots
(c) no real roots (d) more than 2 real roots
13. A sector is cut from a circular sheet of radius 100cm, the angle of the sector being 240°. If another circle of the area same as the sector is formed, then radius of the new circle is
(a) 79.5cm (b) 81.5cm (c) 83.4cm (d) 88.5cm
14. In a frequency distribution, the mid value of a class is 10 and the width of the class is 6. The lower limit of the class is
(a) 6 (b) 7 (c) 8 (d) 12
15. If a card is selected from a deck of 52 cards ,then the probability of its being a red face card is
(a) $\frac{3}{26}$ (b) $\frac{3}{13}$ (c) $\frac{2}{13}$ (d) $\frac{1}{2}$
16. If cos(α+β)=0, then sin(α-β) can be reduced to
(a) cos β (b) cos2β (c) sin α (d) sin 2α
17. The point P on x-axis equidistant from the points A(-1,0) and B (5,0) is
(a) (2,0) (b) (0,2) (c) (3,0) (d) (-3,5)
18. The point on the x-axis which is equidistant from the points A(-2,3) and B(5,4) is
(a) (0,2) (b) (2,0) (c) (3,0) (d) (-2,0)
19. Assertion: When a positive integer a is divided by 3, the values of remainder can be 0,1 or 2.
Reason: According to Euclid's Division Lemma a=bq+r, where $0\le r<b$ and r is an integer.
(a) Both assertion(A) and reason(R) are true and reason(R)is the correct explanation of assertion(A).
(b) Both assertion(A) and reason(R) are true but reason(R) is not the correct explanation of assertion (A).
(c) Assertion(A)is true but reason(R)is false.
(d) Assertion(A) is false but reason(R)is true.
20. Assertion: Sum of first 10 terms of the arithmetic progression -0.5, -1.0, -1.5, ................ 31.
Reason: Sum of n terms of an AP is given as $S_n=\frac{n}{2}[2a+(n-1)d]$ where a is the first term & d is the common difference.
(a) Both assertion(A) and reason(R) are true and reason(R)is the correct explanation of assertion(A).
(b) Both assertion(A) and reason(R) are true but reason(R) is not the correct explanation of assertion (A).
(c) Assertion(A)is true but reason(R)is false.
(d) Assertion(A) is false but reason(R)is true.

### SECTION-B (2 Marks)

21. In given figure, AB is the diameter of a circle with centre O and AT is a tangent. If ∠AOQ=58°, find ∠ATQ.




22. Find the value of cos2θ, if 2sin 2θ= $\sqrt{3}$
23. Find the mean of the following distribution:

| Class | 10-25 | 25-40 | 40-55 | 55-70 | 70-85 | 85-100 |
|---|---|---|---|---|---|---|
| Frequency | 2 | 3 | 7 | 6 | 6 | 6 |

### SECTION-C (3 Marks)

24. Which term of an AP $20, 19\frac{1}{4}, 18\frac{1}{2}, 17\frac{3}{4}$......... is the first negative term
25. A horse is tethered to one corner of a rectangular field of dimensions 70m × 52m, by a rope of length 21m. How much area of the field can it graze?
26. In the given figure, a chord AB of the circle with centre O and radius 10cm, that subtends a right angle at the centre of the circle. Find the area of the minor segment AQBP. Hence find the area of major segment ALBQA. (Use π=3.14)




### SECTION-D (5 Marks)

27. Determine graphically the coordinates of the vertices of triangle, the equations of whose sides are given by 2y−x=8, 5y−x=14 and y−2x=1.
28. Draw the graphs of the equations x−y+1=0 and 3x+2y−12=0. Determine the co-ordinates of the vertices of the triangle formed by these lines and the X-axis and shade the triangular region.
29. A hemispherical depression is cut from one face of a cubical block, such that diameter of hemisphere is equal to the edge of cube. Find the surface area of the remaining solid.
30. As observed from the top of a 100m high light house from the sea level, the angles of depression of two ships are 30° and 45°. If one ship is exactly behind the other on the same side of the light house, find the distance between the two ships [Use $\sqrt{3}$ =1.732]

### SECTION-E (4 Marks)

31. **Read the text carefully and answer the questions:**
Maximum Profit: A kitchen utensils manufacturer can produce upto 200 utensils per day. The profit made from the sale of these utensils can be modelled by the function P (x) =− 0.5x + 175x − 330, where P (x) is the profit in Rupees, and x is the number of utensils made and sold. Based on this model,



i. Find the y-intercept and explain what it means in this context.
ii. Find the x-intercepts and explain what they mean in this context.
iii. How many utensils should be sold to maximize profit?
32. **Read the text carefully and answer the questions:**
Double-six Dominos: It is a game played with the 28 numbered tiles shown in the diagram.



The 28 dominos are placed in a bag, shuffled, and then one domino is randomly drawn. Give the following answer.
i. What is the probability the total number of dots on the domino is three or less?
ii. What is the probability the total number of dots on the domino is greater than three?
iii. What is the probability the total number of dots on the domino does not have a blank half ?

*****

*All the Best...*

**ANSWER KEY**

1. (c) 2. (a) 3. (c) 4. (d) 5. (c) 6. (a) 7. (c) 8. (b) 9. (a) 10. (c)
11. (d) 12. (c) 13. (b) 14.(b) 15. (a) 16. (b) 17. (a) 18. (b) 19. (a) 20. (d)

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

**ଦକ୍ଷିଣ ଆଫ୍ରିକାରେ ଚତୁଃରାଷ୍ଟ୍ରୀୟ ହକି ପ୍ରତିଯୋଗିତା**

# ଭାରତୀୟ ଦଳରେ ଓଡ଼ିଶାରୁ ଅମିତ୍




## ହର୍ମନ୍ କ୍ରୁଇସ୍ ନୂଆ ହାଇପରଫର୍ମାନ୍ସ ଡାଇରେକ୍ଟର



ନେଦରଲାଣ୍ଡ୍ସର ହର୍ମନ କ୍ରୁଇସ୍ ହକି ଇଣ୍ଡିଆର ନୂଆ ହାଇପରଫର୍ମାନ୍ସ ଡାଇରେକ୍ଟର ଭାବେ ନିଯୁକ୍ତ ହୋଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଏକ ବିବୃତ୍ତିରେ ବୁଧବାର ଏହା କୁହାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏହି ସମୟ ମଧ୍ୟରେ ସେ ହକି ଇଣ୍ଡିଆର ଜାତୀୟ କନିଷ୍ଠ, ବରିଷ୍ଠ ସମେତ ପ୍ରଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ତଦାରଖ କରିବେ ବୋଲି ଜଣାପଡ଼ିଛି। ୬୮ ବର୍ଷୀୟ କ୍ରୁଇସ୍‌ଙ୍କ ନିକଟରେ ଦୁଇ ଦଶନ୍ଧିର ପ୍ରଶିକ୍ଷଣ ଅଭିଜ୍ଞତା ରହିଛି। ପୂର୍ବରୁ ସେ ଭାରତୀୟ ପୁରୁଷ ଓ କନିଷ୍ଠ ମହିଳା ହକି ଦଳର ପ୍ରଶିକ୍ଷକ ଭାବେ ବିଶ୍ୱକପ୍‌ର ପ୍ରସ୍ତୁତି ତଦାରଖ କରିଥିଲେ। ସଦ୍ୟତମ ଭାବେ ସେ ବେଲାରୁଷ ହକି ଦଳର ପ୍ରଶିକ୍ଷକ ଦାୟିତ୍ୱରେ ରହିଥିଲେ। 'ହକି ଇଣ୍ଡିଆର ବିଭିନ୍ନ ବରିଷ୍ଠ, କନିଷ୍ଠ ସମେତ ପ୍ରଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ସେ ତଦାରଖ କରିବେ। କ୍ରୁଇସ୍‌ଙ୍କୁ ତାଙ୍କ ନୂଆ ଭୂମିକା ଲାଗି ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି' ବୋଲି ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଡ. ଦିଲିପ ତିର୍କୀ କହିଛନ୍ତି।

ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁ ଥିବା ଆଗାମୀ ଚତୁଃରାଷ୍ଟ୍ରୀୟ ହକି ପ୍ରତିଯୋଗିତା ଲାଗି ବୁଧବାର ଭାରତୀୟ ପୁରୁଷ ହକି ଦଳ ଘୋଷଣା କରାଯାଇଛି। ହର୍ମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଘୋଷିତ ୨୬ ଜଣିଆ ଦଳରେ ୩ ଜଣ ଗୋଲରକ୍ଷକ ରହିଛନ୍ତି। ସେମାନେ ହେଲେ ପିଆର୍ ଶ୍ରୀଜେଶ, କ୍ରିଷନ ବାହାଦୂର ପାଠକ ଓ ପୱନ। ସେହିଭଳି ଏହି ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ଅଭିଜ୍ଞ ଅମିତ୍ ରୋହିଦାସଙ୍କୁ ସୁଯୋଗ ମିଳିଛି। ଜାନୁଆରୀ ୨୨ରୁ ଏହି ଚତୁଃରାଷ୍ଟ୍ରୀୟ ହକି ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଆୟୋଜକ ଦକ୍ଷିଣ ଆଫ୍ରିକା ସମେତ ଭାରତ, ଫ୍ରାନ୍ସ ଓ ନେଦରଲାଣ୍ଡ୍ସ ଦଳ ରହିଛି।

ଗତ ବର୍ଷ ଏଫ୍‌ଆଇଏଚ୍ ଶ୍ରେଷ୍ଠ ପୁରୁଷ ହକି ଖେଳାଳି ପୁରସ୍କାର ଜିତିଥିବା ହାର୍ଦ୍ଦିକ ସିଂହଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। କନିଷ୍ଠ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଅରଜିତ୍ ସିଂହ ହୁଣ୍ଡାଲ ଓ ବବି ସିଂହ ଧାମିଙ୍କୁ ବରିଷ୍ଠ ଦଳରେ ସୁଯୋଗ ମିଳିଛି। ଚଳିତ ବର୍ଷ ଅଲିମ୍ପିକ୍ସ ସମେତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏଥିପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଆମ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି ବୋଲି ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ କହିଛନ୍ତି।

### ଘୋଷିତ ଭାରତୀୟ ଦଳ

ପିଆର୍ ଶ୍ରୀଜେଶ, କ୍ରିଷନ ବାହାଦୁର ପାଠକ, ପୱନ (ସମସ୍ତେ ଗୋଲରକ୍ଷକ), ଜରମନପ୍ରୀତ୍ ସିଂହ, ଯୁଗରାଜ ସିଂହ, ଅମିତ୍ ରୋହିଦାସ, ହରମନପ୍ରୀତ୍ ସିଂହ (ଅଧିନାୟକ), ବରୁଣ କୁମାର, ସୁମିତ୍, ସଞ୍ଜୟ, ରବିଚନ୍ଦ୍ର ସିଂ ମୋଇରଙ୍ଗଥେମ (ସମସ୍ତେ ରକ୍ଷଣଭାଗ), ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ସମଶେର୍ ସିଂହ, ବିଷ୍ଣୁକାନ୍ତ ସିଂହ, ହାର୍ଦ୍ଦିକ ସିଂହ (ଉପ-ଅଧିନାୟକ), ମନପ୍ରୀତ୍ ସିଂହ (ସମସ୍ତେ ମଧ୍ୟକ୍ରମ ଖେଳାଳି), ମନଦୀପ୍ ସିଂହ, ଅଭିଷେକ, ସୁଖଜିତ୍ ସିଂହ, ଗୁର୍‌ଜାନ୍ତ ସିଂହ, ଲଳିତ କୁମାର ଉପାଧ୍ୟାୟ, ଆକାଶଦୀପ୍ ସିଂହ, ଅରଜିତ୍ ସିଂହ ଧୁମାଲ ଓ ବବି ସିଂ ଧାମି (ସମସ୍ତେ ଅଗ୍ରଭାଗ ଖେଳାଳି)।

# ସିଲଂ ଲାଜଂଙ୍କୁ ହରାଇଲା କେରଳ ବ୍ଲାଷ୍ଟର୍ସ




ଭୁବନେଶ୍ୱର, ୧୦।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ୪ର୍ଥ ସଂସ୍କରଣରେ କେରଳ ବ୍ଲାଷ୍ଟର୍ସ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ବି ମୁକାବିଲାରେ କେରଳ ବ୍ଲାଷ୍ଟର୍ସ ୩-୧ ଗୋଲରେ ଆଇ-ଲିଗ୍ ଦଳ ସିଲଂ ଲାଜଂଙ୍କୁ ପରାସ୍ତ କରି ୩ ପଏଣ୍ଟ ହାତେଇନେଇଛି। କଳିଙ୍ଗ ଷ୍ଟାଡିୟମ ପିଚ୍-୧ରେ ଅପରାହ୍ଣରେ ଅନୁଷ୍ଠିତ ଏହି ମ୍ୟାଚରେ କୱାମୀ ପେପରାହ ପ୍ରଥମାର୍ଦ୍ଧ ମଧ୍ୟରେ ୨ଟି ଗୋଲ୍ ଦେଇ ବ୍ଲାଷ୍ଟର୍ସଙ୍କୁ ଅଗ୍ରଣୀ ଦେଇଥିଲେ। ସେ ମ୍ୟାଚର ୧୫ ଓ ୨୭ତମ ମିନିଟ୍‌ରେ ଏହି ଦୁଇଟି ଗୋଲ୍‌ସ୍କୋର କରିଥିଲେ। ତେବେ ୩୦ତମ ମିନିଟ୍‌ରେ ରେହାନ ପାଉଲିନୋ ସିଲଂ ଲାଜଂ ପାଇଁ ଗୋଟିଏ ଗୋଲ୍ ଶୁଝିଦେଇଥିଲେ। ଏହାସତ୍ତ୍ୱେ ପ୍ରଥମାର୍ଦ୍ଧରେ କେରଳ ୨-୧ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୪୬ତମ ମିନିଟ୍‌ରେ ମହମ୍ମଦ ଆଇବେନ ଏକ ଗୋଲ୍ ଦେଇ କେରଳକୁ ୩-୧ରେ ଆଗୁଆ କରାଇଥିଲେ। ବଳକା ମିନିଟ୍‌ରେ ସିଲଂ ଲାଜଂ ମ୍ୟାଚକୁ ଫେରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଶେଷରେ ବ୍ଲାଷ୍ଟର୍ସ ୩-୧ ଗୋଲରେ ଜିତି ୩ ପଏଣ୍ଟ ସହ ଖାତା ଖୋଲିଛି।

**ଜାମସେଦପୁର-୨: ନର୍ଥଇଷ୍ଟ-୧:** ସେହିଭଳି ଦିବସର ୨ୟ ମ୍ୟାଚରେ ଦୁଇ ଆଇଏସ୍ଏଲ୍ ଦଳ ନର୍ଥଇଷ୍ଟ ୟୁନାଇଟେଡ୍ ଓ ଜାମସେଦପୁର ଏଫ୍‌ସି ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଜାମସେଦପୁର ୨-୧ ଗୋଲରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛି। ମ୍ୟାଚର ୮୮ତମ ମିନିଟ୍‌ରେ ଷ୍ଟିଭ ଆମ୍ବ୍ରି ଜାମସେଦପୁର ପାଇଁ ନିର୍ଣ୍ଣାୟକ ୨ୟ ଗୋଲ୍ ଦେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ଦିବସରେ ଗ୍ରୁପ୍-ଏ'ର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପଶ୍ଚିମବଙ୍ଗର ଦୁଇ ଦଳ ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ବିଜୟୀ ହୋଇଥିଲେ। ଜାନୁଆରୀ ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଆଇଏସ୍ଏଲ୍‌ର ୧୨ ଓ ଆଇ-ଲିଗ୍‌ର ୪ ଦଳ ସହ ମୋଟ୍ ୧୬ ଗୋଟି ଦଳ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ଏକମାତ୍ର ଦଳ ଭାବେ ଓଡ଼ିଶା ଏଫ୍‌ସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି।

## ଦୁଷ୍କର୍ମ ମାମଲାରେ ସନ୍ଦୀପଙ୍କୁ ଜେଲ୍

କାଠମାଣ୍ଡୁ,୧୦।୧(ଏଜେନ୍ସି): ବହୁ ଚର୍ଚ୍ଚିତ ଦୁଷ୍କର୍ମ ମାମଲାରେ ନେପାଳ ତାରକା କ୍ରିକେଟର ତଥା ଲେଗ୍‌ସ୍ପିନର ସନ୍ଦୀପ ଲାମିଚେନଙ୍କୁ ୮ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। କାଠମାଣ୍ଡୁ ଜିଲ୍ଲା କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ସନ୍ଦୀପଙ୍କ ଉପରେ ୩ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରାଯିବା ସହ ପୀଡିତାଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଡିସେମ୍ବରରେ କୋର୍ଟ ତାଙ୍କୁ ଏହି ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲା। ଏଥିସହ ଘଟଣା ସମୟରେ ପୀଡିତା ନାବାଳିକା ନ ଥିଲେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ତାଙ୍କ ବୟସ ୧୭ ବର୍ଷ ବୋଲି କୁହାଯାଉଥିଲା। କିନ୍ତୁ ଘଟଣା ଘଟିବା ସମୟରେ ପୀଡିତା ବୟସ ୧୮ ବର୍ଷ ଥିଲା ବୋଲି କୋର୍ଟ କହିଛନ୍ତି।

● ୧୪ ବର୍ଷରୁ କମ୍ କ୍ରିକେଟ ଲିଗ୍

## ପାରାମାଉଣ୍ଟ-ଏ ଚାମ୍ପିଅନ




ଭୁବନେଶ୍ୱର,୧୦।୧(ସମିସ): ଏଠାରେ ଖେଳାଯାଇଥିବା ପାରାମାଉଣ୍ଟ କପ୍ ୧୪ ବର୍ଷରୁ କମ୍ କ୍ରିକେଟ ଲିଗ୍‌ରେ ଆୟୋଜକ ପାରାମାଉଣ୍ଟ-ଏ ଦଳ ଚାମ୍ପିଅନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପାରାମାଉଣ୍ଟ ୧୭୬ ରନରେ ଏଲ୍‌ଏଲ୍‌ସିସିକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୨୬୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଏଲ୍‌ଏଲ୍‌ସିସି ୨୨.୨ ଓଭରରେ ୮୯ ରନକରି ଅଲଆଉଟ ପରାସ୍ତ ହୋଇଥିଲା। ପାରାମାଉଣ୍ଟର ପ୍ରନ୍ତିକ ପ୍ରିୟାଂଶୁ ନାୟକ ୧୨୭ ବଲ ଖେଳି ୧୭୯ ରନର ଶତକୀୟ ପାଳି ଖେଳିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦୁଇ ଫାଇନାଲିଷ୍ଟକୁ ବାଦ୍ ଦେଲେ ରାମେଶ୍ୱର ସ୍ପୋର୍ଟିଂ, ପାରାମାଉଣ୍ଟ-ବି, ପ୍ରଗତି ସ୍ପୋର୍ଟିଂ, ଓସ୍କାର ସ୍ପୋର୍ଟିଂ, ଏମ୍‌ସିସି, ଶହିଦ ସ୍ପୋର୍ଟିଂ ଦଳ ଅଂଶଗ୍ରହଣ କରିଥିଲେ। ପ୍ରନ୍ତିକ ଫାଇନାଲ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଭୁବନେଶ୍ୱର ଆଥଲେଟିକ ଆସୋସିଏସନ (ବିଏଏ) ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଫାଇନାଲ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଆଇଏଏସ ରଘୁନାଥ ମିଶ୍ର, ଓଏଏସ୍ କେସି ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପାରାମାଉଣ୍ଟ ସ୍ପୋର୍ଟିଂ ଅଧ୍ୟକ୍ଷ ପ୍ରତାପ ଜେନା ଓ ସମ୍ପାଦକ ଅଶୋକ ପାତ୍ର ଉପସ୍ଥିତ ଥିଲେ।

● ଉତ୍ତରାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଚେସ

## ସାଇନାଙ୍କ ନେତୃତ୍ୱରେ ଦିଲ୍ଲୀ ଚାମ୍ପିଅନ




ଭୁବନେଶ୍ୱର,୧୦।୧ (ସମିସ): ଓଡ଼ିଶା ଚେସ୍ ଖେଳାଳି ସାଇନା ସଲୋନିକାଙ୍କ ନେତୃତ୍ୱରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଉତ୍ତରାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚଳିତମାସ ୮ରୁ ୧୦ ତାରିଖଯାଏ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମିରାଣ୍ଡା ହାଉସ୍ କଲେଜରେ ପଢ଼ୁଥିବା ସାଇନାଙ୍କ ସହ ଆରୁଷି କୋଟୱାଲ, ତନିସ୍କ କୋଟିଆ, ଅଜିତା କ୍ରିଷ୍ଣାକୁମାର ଓ ପୂର୍ଣ୍ଣିମା ଗୁପ୍ତା ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରୁଥିଲେ। ଏହି ପ୍ରତିଯୋଗିତାରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ରୌପ୍ୟ ଓ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟକୁ କାଂସ୍ୟ ପଦକ ମିଳିଛି।

## ମହିଳା ଭଲିବଲ୍‌ରେ କିଟ୍‌ର ୨ୟ ବିଜୟ

ଭୁବନେଶ୍ୱର, ୧୦।୧ (ସମିସ): କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ମହିଳା ଭଲିବଲ୍ ଚାମ୍ପିଅନସିପ୍‌ର ୨ୟ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘରୋଇ କିଟ୍ ବିଶ୍ୱବିଦ୍ୟାଳୟ କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ୩-୨ ସେଟ୍‌ରେ ଲଭଲି ପ୍ରଫେସନାଲ ୟୁନିଭର୍ସିଟି (ପଞ୍ଜାବ)କୁ ପରାସ୍ତ କରିଛି। ପୂର୍ବରୁ ଉଦ୍‌ଘାଟନୀ ଦିବସରେ କିଟ୍ ୩-୦ ସେଟ୍‌ରେ ଗୁଜରାଟ ବିଦ୍ୟାପୀଠ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା।

# ଓଡ଼ିଶା ପେନ୍‌ଚକ ସିଲାଟ ଦଳକୁ ୬ ପଦକ

ଭୁବନେଶ୍ୱର, ୧୦।୧ (ସମିସ): ଡିଉରେ ଶେଷ ହୋଇଥିବା ବିଚ୍ ଗେମ୍ସ-୨୦୨୪ରେ ଅଂଶଗ୍ରହଣ କରି ଓଡ଼ିଶା ପେନ୍‌ଚକ୍ ସିଲାଟ୍ ଦଳ ପଦକ ସଫଳତା ହାସଲ କରିଛି। ପ୍ରଶିକ୍ଷକ ଶ୍ରୀଧର ସାହୁ ଓ ପ୍ରଦୀପ ମେହେରଙ୍କ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ୧୫ ଜଣିଆ ପେନଚକ୍ ସିଲାଟ୍ ଦଳ ୬ଟି ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛି। ୭୦ରୁ ୭୫ କିଗ୍ରା ବିଭାଗରେ ସୋନୁ ସେମଲିଆ ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ପୀହୁ ଦାସ (୬୦ରୁ ୬୫ କିଗ୍ରା), ଦୀପାଶୁ ବମେଲ (୬୫ରୁ ୭୦ କିଗ୍ରା), ସୋହିଲ ଗୁରୁଙ୍ଗ (ସୋଲୋ ଇଭେଣ୍ଟ), ପାୟଲ ତାଣ୍ଡି (୭୫ରୁ ୮୦ କିଗ୍ରା), ସୌର୍ଯ୍ୟ ପ୍ରତାପ ସିଂ ଚାଦେଲ (୫୦ରୁ ୫୫ କିଗ୍ରା) କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଓ ଜିତେନ୍ଦ୍ର କୁମାର ରାଉତ ରେଫରି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ରାଜ୍ୟ କ୍ରୀଡ଼ା ସଚିବ ଆର୍ ଭିନୀଲ କ୍ରିଷ୍ଣା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ପେନଚକ୍ ସିଲାଟ ଆସୋସିଏସନର ମୁଖ୍ୟ ପାର୍ଟନ ତଥା ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ ପ୍ରମୁଖ ପଦକ ବିଜୟୀ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ବିଚ୍ ଗେମ୍ସ-୨୦୨୪**



● ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦

## ମଧ୍ୟପ୍ରଦେଶକୁ ହରାଇ ସେମିରେ ଓଡ଼ିଶା

କଟକ,୧୦।୧(ସମିସ): ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ଦଳ ଆନ୍ଧ୍ରପ୍ରଦେଶକୁ ଭେଟିବ। କର୍ଣ୍ଣାଟକ ହୁବଳିସ୍ଥିତ ଜିମଖାନା ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧୦ ୱିକେଟରେ ମଧ୍ୟପ୍ରଦେଶକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଧ୍ୟପ୍ରଦେଶ ୧୦୪ ରନରେ ଅଲଆଉଟ ହୋଇଥିଲା। ରଚନା ଜେନା ୨, ଫୁଲ ସୋରେନ୍, ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ। ଜବାବରେ କୌଣସି ୱିକେଟ ନହରାଇ ୧୨.୩ ଓଭରରେ ଓଡ଼ିଶା ବିଜୟୀ ହୋଇଥିଲା। ଝିଲ୍ଲୀ ବିରୁଆ ୫୯ ଏବଂ ରଚନା ଜେନା ୩୯ ରନ କରିଥିଲେ।

## ତାମିଲନାଡୁଠାରୁ ଓଡ଼ିଶା ପରାସ୍ତ

**ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ**

କଟକ,୧୦।୧(ସମିସ): ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ ଟ୍ରଫିରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩୮ ରନରେ ତାମିଲନାଡୁଠାରୁ ପରାସ୍ତ ହୋଇଛି। ପୁଡୁଚେରୀର ସ୍ଲିମସ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଉଥିଲା। ଏହି ମ୍ୟାଚ୍‌ରେ ତାମିଲନାଡୁ ଟସ୍ ଜିତି ଅଧିନାୟିକା ଏସ୍ ଅନୁଷାଙ୍କ ୪୭ ରନ ସହାୟତାରେ ଦଳ ୮ ୱିକେଟ ହରାଇ ୧୩୮ ରନ କରିଥିଲା। ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ସର୍ବାଧିକ ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ଓଡ଼ିଶାର ୧୦୦ ରନରେ ଅଲଆଉଟ ହୋଇଥିଲା। ଅଧିନାୟିକା ମାଧୁରୀ ମେହେତା ୩୩ ରନ କରିଥିଲେ। ତାମିଲନାଡୁ ପକ୍ଷରୁ ଅଧିନାୟିକା ଅନୁଷା, ଏସ୍ ବି କୀର୍ଥାନା ଓ କେଏନ ରାମ୍ୟାଶ୍ରୀ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଚତୁର୍ଥ ମ୍ୟାଚରୁ ଓଡ଼ିଶାର ଏହା ଦ୍ୱିତୀୟ ପରାଜୟ। ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ଆସାମଠାରୁ ପରାସ୍ତ ହେବା ପରେ ମଣିପୁର ରେଳବାଇ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା।

## ଓଡ଼ିଶା ରଣଜୀ ଦଳରେ ହର୍ଷିତ ସାମିଲ

କଟକ,୧୦।୧(ସମିସ): ଚଳିତ ରଣଜୀ ଟ୍ରଫି ନିମନ୍ତେ ଗଠିତ ଓଡ଼ିଶା ଦଳରେ ହର୍ଷିତ ରାଥୋଡଙ୍କୁ ସାମିଲ କରାଯାଇଛି। ବାମହାତୀ ସ୍ପିନର ହର୍ଷିତ ଏବେ ଦଳରେ ନେଟ୍ସ ବୋଲର ଭାବେ ରହିଛନ୍ତି। ୧୫ଜଣିଆ ଦଳରେ ତାଙ୍କୁ ସାମିଲ କରାଯାଇଥିବାବେଳେ ଆସନ୍ତା ୧୨ରୁ ଗ୍ୱାଲିୟରରେ ହେବାକୁ ଥିବା ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇପାରନ୍ତି। ପୂର୍ବରୁ ୨୫ବର୍ଷୀୟ ହର୍ଷିତ ଲିଷ୍ଟ-ଏ ଏବଂ ଟି-୨୦ ଫର୍ମାଟରେ ରାଜ୍ୟ ବରିଷ୍ଠ ଦଳରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଏବେ ପ୍ରଥମଶ୍ରେଣୀ ଫର୍ମାଟରେ ତାଙ୍କୁ ପଦାର୍ପଣର ସୁଯୋଗ ମିଳିଛି।

● ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ

## ଫ୍ୟୁଚର ଭୁବନେଶ୍ୱର ସ୍କୁଲର ବିଜୟ







ଭୁବନେଶ୍ୱର, ୧୦।୧ (ସମିସ): ଡିଏଭି ପୋଖରୀପୁଟକୁ ୭ ୱିକେଟରେ ହରାଇ ଫ୍ୟୁଚର ଭୁବନେଶ୍ୱର ସ୍କୁଲ ଏଠାରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାରେ ବିଜୟୀ ହୋଇଛି। ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପୋଖରୀପୁଟ ସ୍କୁଲ ୬ ୱିକେଟରେ ୧୪୫ ରନ୍ କରିଥିଲା। ଜବାବରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ବିଜୟୀ ଦଳ ପକ୍ଷରୁ ୬୨ ରନ୍ କରି ଶେଷଯାଏ ଅପରାଜିତ ରହିଥିବା ଦୀପ୍ତାଂଶ ଦାସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ବୁଧବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ୬ ୱିକେଟରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସାଇ ଇଣ୍ଟରନ୍ୟାସନାଲ ୮ ୱିକେଟରେ ୧୩୪ ରନ୍ କରିଥିଲା। ଜବାବରେ କିଟ୍ ଇଣ୍ଟରନ୍ୟାସନାଲ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଓମ୍‌କାର ସର୍ବାଧିକ ୬୦ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। କିନ୍ତୁ ବୋଲିଂରେ ୧୨ ରନ୍ ଦେଇ ୪ଟି ୱିକେଟ ନେଇଥିବା ଦୁଷ୍ମନ୍ତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଦୁଇଟିକୁ ପଦ୍ମଚରଣ ରାଉତଙ୍କ ସହ ଉମାକାନ୍ତ ଓ ସନ୍ତୋଷ ଷଡଙ୍ଗୀ ପରିଚାଳନା କରିଥିଲେ।

● ଆଇଡବ୍ଲ୍ୟୁଏଲ୍

## ଓଡ଼ିଶା ଏଫ୍‌ସିର ଚତୁର୍ଥ ବିଜୟ

ଭୁବନେଶ୍ୱର,୧୦।୧(ସମିସ): ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ) ରେ ଓଡ଼ିଶା ଏଫ୍‌ସି ତା'ର ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛି। ବୁଧବାର ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲରେ ହୋପ୍ସ ଏଫସିକୁ ପରାସ୍ତ କରି କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଓଡ଼ିଶା ପାଇଁ ପ୍ୟାରୀ ଖାଖା ୪୪ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ୪ ମ୍ୟାଚ୍ ଖେଳି ୪ ବିଜୟ ସହ ଓଡ଼ିଶା ୧୨ ପଏଣ୍ଟ ହାସଲ କରି ତାଲିକା ଶୀର୍ଷରେ ରହିଛି। ଓଡ଼ିଶା ଗୋଲରକ୍ଷକ ଶ୍ରେୟା ହୁଡା ଦମ୍‌ଦାର ପ୍ରଦର୍ଶନ କରି ଓଡ଼ିଶାକୁ ଗୋଲ ବରଣ କରିବାରେ ରକ୍ଷା କରିଥିଲେ।

## ଅଡିଟ ଓ ଆକାଉଣ୍ଟସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ଭୁବନେଶ୍ୱର, ୧୦।୧ (ସମିସ): ସ୍ଥାନୀୟ ମହାଲେଖାକାର ଅଡିଟ -୨ ଆନୁକୂଲ୍ୟରେ ଏବଂ ଏ.ଜି. ରିକ୍ରିଏସନ କ୍ଲବ ସହଯୋଗରେ ଭାରତୀୟ ଅଡିଟ ଓ ଆକାଉଣ୍ଟସ ପୂର୍ବାଞ୍ଚଳ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ୨୦୨୩-୨୪ ବୁଧବାର ରେଳବାଇ ଇଣ୍ଡୋର ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟ କମିଟିର ଅଧ୍ୟକ୍ଷ ମହାଲେଖାକାର ବିଶ୍ୱନାଥ ସିଂହ ଜାଦୋନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଓଡ଼ିଶାର କ୍ରୀଡା ଓ ଯୁବ ସେବା ବିଭାଗ ମନ୍ତ୍ରୀ ତୁଷାର କାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ପ୍ରଧାନ ମହାଲେଖାକାର ଅଡିଟ -୧ କାର୍ଯ୍ୟାଳୟର ପ୍ରଧାନ ମହାଲେଖାକାର ରାଜକୁମାର, ପୂର୍ବତଟ ରେଳବାଇ ଅଡିଟର ମହାନିର୍ଦ୍ଦେଶକ କୁଲୱନ୍ତ ସିଂହ, ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ଶ୍ରୀରାଜ ଅଶୋକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏ. ଜି କାର୍ଯ୍ୟାଳୟର କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ବିହାର, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ଆସାମ, ତ୍ରିପୁରା, ମେଘାଳୟ, ମଣିପୁର, ସିକିମ, ମିଜୋରାମ ଏ.ଜି. ଓ ରେଳବାଇ ଅଡିଟ କାର୍ଯ୍ୟାଳୟର ଭୁବନେଶ୍ୱର, କୋଲକାତା ଏବଂ ଗୋରଖପୁରର ୧୫ଟି ପୁରୁଷ ଓ ମହିଳା ବ୍ୟାଡ଼ମିଣ୍ଟନ ଦଳ ଅଂଶଗ୍ରହଣ କରିଛନ୍ତି।

## ଆଜି ଭାରତ-ଆଫଗାନିସ୍ତାନ ପ୍ରଥମ ଟି-୨୦; ଖେଳିବେନି ବିରାଟ କୋହଲି

# ରୋହିତ ଓ ଯୁବ ଖେଳାଳିଙ୍କ ଉପରେ ନଜର

ମୋହାଲି, ୧୦।୧ (ଏଜେନ୍ସି): ଭାରତ ସହ ଭ୍ରମଣକାରୀ ଆଫଗାନିସ୍ତାନ ପ୍ରଥମଥର ଲାଗି ଏକ ଟି-୨୦ ସିରିଜ୍ ଖେଳିବାକୁ ଯାଉଛି। ଦୁଇ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ମୋହାଲିରେ ଗୁରୁବାରଠାରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ଭାରତୀୟ ଦଳ ଚୟନ ଚର୍ଚ୍ଚାରେ ରହିଥିଲାବେଳେ ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ୧୪ ମାସ ପରେ ଟି-୨୦ ଦଳରେ ସ୍ଥାନ ମିଳିଥିଲା। କିନ୍ତୁ ବ୍ୟକ୍ତିଗତ କାରଣରୁ ବିରାଟ କୋହଲି ପ୍ରଥମ ମ୍ୟାଚ୍ ଖେଳିବେ ନାହିଁ। ସେ ପରବର୍ତ୍ତି ଦୁଇଟି ମ୍ୟାଚ୍ ଖେଳିବେ ବୋଲି ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ କହିଛନ୍ତି। ଚଳିତବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଏହି ସିରିଜ୍‌ରେ ଉଭୟ ଖେଳାଳିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଯଦିଓ ଇଣ୍ଡିଆନ ପ୍ରିମିୟର ଲିଗ୍ ପ୍ରଦର୍ଶନକୁ ବିଚାରକୁ ନେଇ ବିଶ୍ୱକପ୍ ଲାଗି ଚୂଡାନ୍ତ ଦଳ ଚୟନ କରାଯିବ, ତଥାପି ଏହି ସିରିଜ୍‌ରେ ଭଲ ପ୍ରଦର୍ଶନ ରୋହିତ ଓ ବିରାଟଙ୍କ ଲାଗି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ତିଷ୍ଠି ରହିବାରେ ସହାୟକ ହେବ।

ଏହି ଦୁଇ ବରିଷ୍ଠ ଖେଳାଳିଙ୍କୁ ସାମିଲ କରିବାରେ ଦୁଇ ବିଶେଷଜ୍ଞ ଖେଳାଳି ତଥା ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବଙ୍କର ପରୋକ୍ଷ ସହଯୋଗ ରହିଛି। ଏହି ଦୁଇ ଖେଳାଳି ଆହତ ହେବା ପରେ ଟି-୨୦ କ୍ରିକେଟରେ ବିପଜ୍ଜନକ ଦଳ ଭାବେ ବିବେଚିତ ଆଫଗାନିସ୍ତାନକୁ ମୁକାବିଲା କରିବାକୁ ଏହି ବରିଷ୍ଠ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି। ଏମାନେ ଅନ୍ୟ ଯୁବ ଖେଳାଳିଙ୍କୁ ନେଇ କିପରି ପ୍ରଦର୍ଶନ କରିବେ ତାହା ଉପରେ ଦଳର ବିଶ୍ୱକପ୍ ଚୟନ ନିର୍ଭର କରିବ। ଯୁବ ଖେଳାଳିଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ତିଳକ ବର୍ମା, ରିଙ୍କୁ ସିଂ ଓ ୱିକେଟରକ୍ଷକ ଜିତେଶ ଶର୍ମାଙ୍କ ଉପରେ ନିଶ୍ଚିତ ନଜର ରହିବ। ସଞ୍ଜୁ ସାମସନଙ୍କୁ ଦ୍ୱିତୀୟ ୱିକେଟରକ୍ଷକ ଭାବେ ଦଳରେ ସାମିଲ କରାଯାଇଥିଲାବେଳେ ତାଙ୍କର ଖେଳିବା ସମ୍ଭାବନା କମ୍ ରହିଛି। ଭିନ୍ନ ଭିନ୍ନ କାରଣରୁ ଅନ୍ୟ ୩ ପ୍ରମୁଖ ଖେଳାଳି ଲୋକେଶ ରାହୁଲ, ଶ୍ରେୟସ ଆୟର ଓ ଇଶାନ କିଶାନଙ୍କୁ ଦଳରେ ସାମିଲ କରାଯାଇନାହିଁ। ବୋଲିଂରେ ୪ଜଣ ସ୍ପିନରଙ୍କୁ ସାମିଲ କରାଯାଇଥିଲେ ମଧ୍ୟ କୁଲଦୀପ ଯାଦବ ନଂ-୧ ଭାବେ ଖେଳିବେ। ତାଙ୍କ ସହ ଅକ୍ଷର ପଟେଲ, ରବି ବିଷ୍ଣୋଇ କିମ୍ବା ୱାଶିଂଟନ ସୁନ୍ଦରଙ୍କ ମଧ୍ୟରୁ ଜଣେ ପାର୍ଟନର ହେବେ। ହାର୍ଦ୍ଦିକଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ଶିବମ ଦୁବେଙ୍କୁ ଗୋଟିଏ କିମ୍ବା ଦୁଇଟି ମ୍ୟାଚ ଖେଳିବାକୁ ସୁଯୋଗ ମିଳିପାରେ। ଅର୍ଶଦୀପ ସିଂ, ଆଭେଷ ଖାନ୍ ଓ ମୁକେଶ କୁମାରଙ୍କ ଉପରେ ପେସ ବୋଲିଂ ଭାର ରହିବ।

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ସ୍ପୋର୍ଟ୍ସ-୧୮, ଜିଓ ସିନେମା**



ଭାରତ ଯଦିଓ ଏହି ସିରିଜ୍‌କୁ ସହଜରେ ଜିତିବ ବୋଲି ଆଶା କରାଯାଉଛି, ତଥାପି ଲଢୁଆ ଖେଳ ଲାଗି ଖ୍ୟାତି ଲାଭ କରିଥିବା ଆଫଗାନିସ୍ତାନଠାରୁ ବିପଦ ଆଶଙ୍କା ରହିଛି। ଏହି ଦଳ ଟି-୨୦ ଫର୍ମାଟରେ ଏକ ଲଢୁଆ ଦଳ। ଦଳର ମୁଖ୍ୟ ସ୍ପିନର ରଶିଦ୍ ଖାନ୍ ସିରିଜ୍‌ରୁ ବାଦ୍ ପଡ଼ିଥିଲେ ମଧ୍ୟ ଏହି ଦଳ ଭାରତ ଭଳି ଶକ୍ତିଶାଳୀ ଦଳକୁ ଟକ୍କର ଦେବାକୁ ସମର୍ଥ। ମୁଜୀବ-ଉର-ରହମନ, ନବୀନ ଉଲ ହକ୍ ଓ ଫଜଲହକ ଫାରୁକି ଦଳକୁ ଫେରିଥିବାରୁ ଦଳର ଶକ୍ତିବୃଦ୍ଧି ପାଇଛି। ଇବ୍ରାହିମ ଜଡ୍ରାନଙ୍କ ନେତୃତ୍ୱରେ ଦଳ କିଛି ଧମାକା କରିବ ବୋଲି ଆଶା କରାଯାଉଛି।

### ଖେଳାଳି ଦଳ

**ଭାରତ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା ଓ ସଞ୍ଜୁ ସାମସନ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଆଭେଷ ଖାନ୍ ଓ ମୁକେଶ କୁମାର।

**ଆଫଗାନିସ୍ତାନ:** ଇବ୍ରାହିମ ଜଡ୍ରାନ, (ଅଧିନାୟକ), ରହମନୁଲ୍ଲା ଗୁରବାଜ ଓ ଇକ୍ରାମ ଅଲ୍ଲୀଖୀଲ (ଉଭୟ ୱିକେଟ ରକ୍ଷକ), ହଜରତଉଲ୍ଲା ଜାଜାଇ, ରହମତ ଶାହ, ନଜିବୁଲ୍ଲା ଜଡ୍ରାନ, ମହମ୍ମଦ୍ ନବି, କରିମ ଜାନତ, ଆଜମତୁଲ୍ଲା ଓମରଜାଇ, ସରାଫୁଦ୍ଦିନ ଅଶ୍ରଫ, ମୁଜୀବ-ଉର-ରହମନ, ଫଜଲ ହକ୍ ଫାରୁକି, ଫରୀଦ ଅହମ୍ମଦ୍, ନବୀନ-ଉଲ-ହକ୍, ନୁର ଅହମ୍ମଦ୍, ମହମ୍ମଦ୍ ସଲୀମ୍, କାଏସ ଅହମ୍ମଦ୍, ଗୁଲବଦିନ ନାଏବ।

## ଆଜି ଅଲ୍ଟିମେଟ ଖୋ ଖୋ'ର ସେମି ଲଢ଼େଇ

# କ୍ରମାଗତ ଫାଇନାଲ ଲକ୍ଷ୍ୟରେ ଜଗରନଟ୍ସ

କଟକ, ୧୦।୧ (ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ' ଦ୍ୱିତୀୟ ସଂସ୍କରଣର ୨ଟି ଯାକ ସେମିଫାଇନାଲ ଗୁରୁବାର ଖେଳାଯିବ। ପ୍ରଥମ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଘରୋଇ ଓଡ଼ିଶା ଜଗରନଟ୍ସ ପ୍ରତିପକ୍ଷ ଗୁଜରାଟ ଜାଏଣ୍ଟସକୁ ଭେଟିବ। ଏହି ନକଆଉଟ ରାଉଣ୍ଡରେ ବିଜୟୀ ହୋଇ ଜଗରନଟ୍ସ କ୍ରମାଗତ ଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଚେନ୍ନାଇ କୁଇକ ଗନ୍ସ ଓ ଗତଥରର ଉପବିଜେତା ତେଲୁଗୁ ଯୋଦ୍ଧାସ ମଧ୍ୟରେ ଖେଳାଯିବ।

ଲିଗ ପର୍ଯ୍ୟାୟର ଅନ୍ତିମ ୪ଟି ଯାକ ମ୍ୟାଚରେ ବିଜୟ ସହ ଜଗରନଟ୍ସ ଦଳର ମନୋବଳ ଦୃଢ଼ ରହିଛି। ଗୁଜରାଟ ଜାଏଣ୍ଟସ ବିପକ୍ଷରେ ହେବାକୁ ଥିବା ସେମିଫାଇନାଲ ମ୍ୟାଚ୍ ରୋମାଞ୍ଚକ ହୋଇପାରେ। ଏହି ଦୁଇ ଦଳ ଲିଗ ରାଉଣ୍ଡରେ ଦୁଇଥର ମୁହାଁମୁହିଁ ହୋଇଛନ୍ତି। ପ୍ରଥମ ଥର ଜାଏଣ୍ଟସ ୫ ପଏଣ୍ଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମୁକାବିଲାରେ ଓଡ଼ିଶା ଜଗରନଟ୍ସ ପ୍ରତ୍ୟାବର୍ତ୍ତନ ପୂର୍ବକ ୩ ପଏଣ୍ଟରେ ବିଜୟୀ ହୋଇ ପ୍ରତିଶୋଧ ନେଇଥିଲା। ଚଳିତ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ପାଇଁ ୱାଜିର ଦୀପକ ସାହୁ, ଏମ.କେ ଗୌତମ ଓ ଦିଲ୍ଲୀପ ଖାଣ୍ଡଭିଙ୍କ ଭଳି ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ସମୟରେ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଘରୋଇ ସମର୍ଥକଙ୍କ ସମ୍ମୁଖରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଅଧିନାୟକ ଦୀପେଶ ମୋରେ କହିଛନ୍ତି, 'ଦଳର ଉତ୍ତମ ପ୍ରଦର୍ଶନ ନେଇ ଆମେ ଆଶାବାଦୀ ରହିଛୁ। ଲିଗ ପର୍ଯ୍ୟାୟର ଶେଷ ମୁକାବିଲାରେ ଜାଏଣ୍ଟସକୁ ପରାସ୍ତ କରିଥିଲୁ। ଏବେ ଚାପ ମୁକ୍ତ ହୋଇ ଖେଳିବାକୁ ଚାହୁଁ। ଘରୋଇ ଦର୍ଶକଙ୍କ ସମର୍ଥନ ଯୋଗୁଁ ସମସ୍ତ ଖେଳାଳିଙ୍କ ଖେଳିବା ଶୈଳୀ ସୁବିଧାଜନକ ହୋଇଛି'। ଯାହା ଫଳରେ ଜଗରନଟ୍ସ ଏହି ମ୍ୟାଚରେ ଫେଭରାଇଟ୍ ଟିମ୍ ଭାବେ ବିବେଚନା କରାଯାଉଛି। ସେମିରେ ଦଳ ବିଜୟୀ ହେବ ବୋଲି ଆଶା ରହିଛି।

## ଶୃଙ୍ଖଳାଗତ କାରଣରୁ ବାଦ୍ ପଡ଼ିଛନ୍ତି ଇଶାନ !

ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଶୃଙ୍ଖଳାଗତ କାରଣରୁ ଇଶାନ କିଶାନଙ୍କୁ ଭାରତୀୟ ଟି-୨୦ ଦଳରୁ ବାଦ୍ ଦିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। କିନ୍ତୁ ଏହି ରିପୋର୍ଟକୁ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଅସ୍ୱୀକାର କରିଛନ୍ତି। ଇଶାନ ଏହି ସିରିଜ୍ ଲାଗି ଉପଲବ୍ଧ ହେବେ ନାହିଁ ବୋଲି କହିଥିଲେ।

**BIJUPATTNAIK, VIKASH & BRILLIANT GROUP OF NURSING, PHARMACY & ALLIED MEDICAL TECHNOLOGY,**
DEBENDRAPUR, NEAR SBI ATM BARIPADA, MAYURBHANJ, ODISHA,
**MOB:-9438047436.7428867569**

**URGENTLY SPOT ADMISSION GOING ON**

(GOVERNMENT PERMITTED BY HEALTH & FAMILY WELFARE DEPARTMENT, BHUBANESWAR, RECOGNIZED BY ODISHA NURSES & MIDWIVES COUNCIL, BHUBANESWAR, APPROVED BY INDIAN NURSING COUNCIL, NEW DELHI AND ODISHA UNIVERSITY OF HEALTH SCIENCES)

ବିକାଶ ଚନ୍ଦ୍ର ସେଠୀ, ସମାଜସେବୀ

ସମାଜସେବୀ ବିକାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ଆରମ୍ଭ ତିନୋଟି ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝରରେ INSTITUTION ମାନ ଅଛି ଏଠାରେ ଓଡିଶାରେ ପ୍ରଥମ କରି ସର୍ବ ନିମ୍ନ ମୂଲ୍ୟ ରେ ଟ୍ରେନିଂ ନେବାର ସୁବିଧା ଯୋଗାଇ ଦିଆଯାଉଛି । ଏଣୁ ଯେଉଁ ଛାତ୍ରଛାତ୍ରୀ ମାନେ ଇଛୁକ ନିମ୍ନ COURSES ମାନଙ୍କରେ SPOT ADMISSION ହୋଇ ପାରିବେ ସାଥିରେ ସମସ୍ତ DOCUMENTS ନେଇ ଆସିବେ। ନିମ୍ନ ୱେବ ସାଇଟ ମାରି ଆପଣମାନେ କଲେଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇପାରିବେ । FIRST ADMISSION FEES- RS. 20,000/- (SC/ST ପିଲାମାନଙ୍କୁ ପ୍ରଥମେ କେବଳ RS. 10,000/- ଦେବାକୁ ପଡିବ) । ସମସ୍ତ ST ଏବଂ SC ପିଲାମାନଙ୍କ STIPENT ଟଙ୍କା ରେ ସମସ୍ତ ଖର୍ଚ୍ଚ ବହନ କରାଯିବ । ଏଣୁ STIPENT ଟଙ୍କାରେ ଛାତ୍ରଛାତ୍ରୀମାନେ ଟ୍ରେନିଂ ନେଇ ପାରିବେ। ଟ୍ରେନିଂ ସାରିଲା ପରେ ଅନୁଷ୍ଠାନ ତରଫରୁ campus ଦିଆଯାଏ ସେଠାରେ ଚାକିରୀ କଲେ ମାସକୁ RS.20,000/- ରୁ RS.40,000/- ଟଙ୍କା ଦରମା ମିଳିଥାଏ। INSTALMENT FACILITIES PAYMENT ର ସମସ୍ତ ସୁବିଧା ଅଛି । ସମାଜସେବୀ ବିକାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ TWENTY LAKHS ର STUDENTS INSURANCE ସୁବିଧା ଯୋଗାଇ ଦିଆଯିବ । www.bijubikashmedicalandnursing.com ୱେବ ସାଇଟ ମାରି ଦେଖନ୍ତୁ । SPOT ADMISSION LAST DATE - 31.01.2024

| NAME OF COURSE | QUALIFICATION | COURSE FEES & HOSTEL FEES |
|---|---|---|
| M.SC NURSING COURSE | B.SC NURSING PASS & P.B.B.SC NURSING PASS | RS.70,000/- YEARLY X Duration 2 YEARS |
| P.B.B.SC NURSING COURSE EXCLUDE HOSTEL FEE | GNM PASS, 12 TH /+2 PASS ANY STREAM | RS.50,000/- YEARLY X Duration 2 YEARS |
| B.SC NURSING COURSE | 12 TH /+2 SCIENCE PCBM /PCB(45%) | RS.70,000/- YEARLY X Duration 4 YEARS |
| BIJUPATTNAIK G.N.M COURSE | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| BIJUPATTNAIK A.N.M COURSE | 12 TH /+2 SCIENCE PCM / PCBM / PCB/ARTS | RS.50,000/-YEARLY X Duration 2 YEARS |
| DIPLOMA PHARMACY | 12 TH /+2 SCIENCE PCM / PCBM / PCB/ARTS | RS.70,000/- YEARLY X Duration 2 YEARS |
| B.SC OPTOMETRY(B.O) | 12 TH /+2 SCIENCE PCM / PCBM / PCB | RS.70,000/-YEARLY X Duration 4 YEARS |
| B.SC IN MEDICAL RADIATION TECH (B.M.R.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B. SC. IN MEDICAL LABORATORY TECH (B.M.L.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B.SC. IN OPERATION THEATRE (B.O.T.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B.SC. IN EMERGENCY MEDICINE TECH (B.E.M.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| CERTIFIED DIALYSIS TECHNICIAN (C.D.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 1 YEARS |
| CERTIFIED E.C.G. TECHNICIAN (C.E.C.G.T) | 12 TH /+2 SCIENCE PCM / PCBM / PCB | RS. 30,000/- 6MONTH |
| CERTIFIED COURSE IN FIRST AID (C.C.F.A) | 10TH PASS OR ABOVE | RS. 30,000/- 6MONTH |
| CERTIFIED WARD TECHNICIAN (C.W.T) | 10TH PASS OR ABOVE | RS. 30,000/- 6MONTH |

ALL FEE ARE INCLUDING :- COURSE FEES , TUITION FEES , WITH HOSTEL LODGING (BOARDING FEES, BOOK FEES, (UNIFORM BLAZER CLOTH) GOVT MEDICAL COLLEGE CLINICAL PRACTICAL TRAINING TRANSPORTATION BUS FEES,. AS PER OUR MANAGEMENT RULE.

1:-VIKASH INSTITUTION :- AT-REMUNA BHIMPURA CHAWK, BALASORE,
2:-BRILLIANT INSTITUTION :- GHUTUR, NEAR SATSANGH / GATE, KEONJHOR,
3:-BIJUPATTNAIK INSTITUTION:-DEBENDRAPUR, NEAR SBI ATM BARIPADA,MBJ




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର